# ଧରିତ୍ରୀ
DHARITRI

ରାୟଗଡ଼ା, ଗୁରୁବାର, ଅଗଷ୍ଟ ୫/୨୦୨୧ (୧୬ ପୃଷ୍ଠା) | Rayagada, Thursday, August 5/2021 | ★

୧୧ଶ ଭାଗ ୧୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ନୀରଜ ଚୋପ୍ରା ଫାଇନାଲରେ

ଭାରତର ନୀରଜ ଚୋପ୍ରା ଟୋକିଓ ଅଲିମ୍ପିକ୍ସ ପୁରୁଷ ଜାଭେଲିନ୍ ଥ୍ରୋ ଫାଇନାଲରେ ପ୍ରବେଶ କରିଛନ୍ତି।

୧୬

୧୪

## ଜଣେ ଝିଅ ପାଇଁ ଅଭିନେତା ସାଜିଥିଲେ କପିଲ

ଜଣେ ଝିଅ ପାଇଁ ଅଭିନୟ ଦୁନିଆକୁ ଆସିଥିଲେ କମେଡି କିଙ୍ଗ୍ କପିଲ ଶର୍ମା।।



# ସ୍ୱର୍ଣ୍ଣ ପାଇଁ ଲଢ଼ିବେ ରବି



ରବି କୁମାର ଦହିୟା

### ଟୋକିଓ ଅଲିମ୍ପିକ୍ସ

- ରେସଲିଂର ୫୭ କେଜି ବର୍ଗ ଫାଇନାଲରେ ରବି ଦହିୟା
- ପୁରୁଷ ଜାଭେଲିନ ଥ୍ରୋ ଫାଇନାଲରେ ନୀରଜ ଚୋପ୍ରା
- ବ୍ରୋଞ୍ଜ ପଦକ ପାଇଁ ଲଢ଼ିବେ ରେସଲର ଦୀପକ ପୁନିଆ
- ସେମିଫାଇନାଲରେ ହାରିଯିବାରୁ ମହିଳା ବକ୍ସର ଲଭଲିନା ବୋରଗୋହେନଙ୍କୁ ବ୍ରୋଞ୍ଜ ପଦକ
- ମହିଳା ହକି ଦଳ ସେମିଫାଇନାଲରେ ଆର୍ଜେଣ୍ଟିନାଠାରୁ ପରାସ୍ତ, ବ୍ରୋଞ୍ଜ ଲାଗି ଗ୍ରେଟ୍ ବ୍ରିଟେନ ସହ ଲଢ଼ିବ

ଚିବା(ଜାପାନ),୪।୮

ଭାରତୀୟ ରେସ୍‌ଲର ରବି କୁମାର ଦହିୟା ଟୋକିଓ ଅଲିମ୍ପିକ୍ସ ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛନ୍ତି। ବୁଧବାର ସେ ୫୭ କେ.ଜି. ବର୍ଗ ସେମିଫାଇନାଲରେ କାଜାଖସ୍ତାନର ନୁରିସ୍ଲାମ ସାନାୟେଭଙ୍କୁ ପରାସ୍ତ କରି ଫାଇନାଲ ଟିକେଟ ହାସଲ କରିଛନ୍ତି। ଭାରତର ଦ୍ୱିତୀୟ ରେସ୍‌ଲର ଭାବେ ଅଲିମ୍ପିକ୍ସ ଫାଇନାଲରେ ପ୍ରବେଶ କରିଥିବା ରବି ଏବେ ସ୍ୱର୍ଣ୍ଣ ପଦକ ପାଇଁ ଲଢ଼ିବେ। ଅନ୍ୟତମ ରେସ୍‌ଲର ଦୀପକ ପୁନିଆ ସେମିଫାଇନାଲରେ ପରାସ୍ତ ହୋଇଛନ୍ତି। ସେ ବ୍ରୋଞ୍ଜ ପଦକ ମୁକାବିଲାରେ ଅବତୀର୍ଣ୍ଣ ହେବେ। ପୁରୁଷ ଜାଭେଲିନ ଥ୍ରୋ ଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ନୀରଜ ଚୋପ୍ରା। ଯୋଗ୍ୟତା ପର୍ଯ୍ୟାୟରେ ସେ ୮୬.୬୫ ମିଟର ଥ୍ରୋ କରି ଅନ୍ୟ ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ଦେଇଛନ୍ତି। ଭାରତୀୟ ମହିଳା ବକ୍ସର ଲଭଲିନା ବୋରଗୋହେନ ୬୯ କେଜି ବିଭାଗ ସେମିଫାଇନାଲରେ ବିଶ୍ୱ ଚାମ୍ପିୟନ ବୁସେନାଜ ସୁର୍ମେନେଲିଙ୍କଠାରୁ ହାରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଭାରତୀୟ ମହିଳା ହକି ଦଳ ସେମିଫାଇନାଲରେ ଆର୍ଜେଣ୍ଟିନାଠାରୁ ୧-୨ ଗୋଲରେ ପରାଜିତ ହୋଇଛି। ଏହି ଦଳ ବ୍ରୋଞ୍ଜ ପଦକ ମୁକାବିଲାରେ ଗ୍ରେଟ୍ ବ୍ରିଟେନକୁ ଭେଟିବ।

ଦହିୟାଙ୍କ ପୂର୍ବରୁ ସୁଶୀଲ କୁମାର ଏକମାତ୍ର ଭାରତୀୟ ଭାବେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଗୋଲ୍ଡ ମେଡାଲ ବାଉଟ୍‌ରେ ପ୍ରବେଶ କରିଥିଲେ। ତେବେ ସେ ଫାଇନାଲରେ ପରାସ୍ତ ହୋଇ ☞ପୃଷ୍ଠା-୪

# 'ନ ମାନିଲେ ଲକ୍‌ଡାଉନ'

- ତୃତୀୟ ଲହର ପାଇଁ ସତର୍କ କରାଇଲେ ମୁଖ୍ୟମନ୍ତ୍ରୀ
- ସମସ୍ତଙ୍କ ସହଯୋଗ ଲୋଡ଼ିଲେ



ଭୁବନେଶ୍ୱର,୪।୮(ବ୍ୟୁରୋ)

ତୃତୀୟ ଲହର ସମ୍ପର୍କରେ ବୈଜ୍ଞାନିକ ଓ ବିଶେଷଜ୍ଞମାନେ ସତର୍କ କରି ସାରିଲେଣି। ବିଶ୍ୱର ବିଭିନ୍ନ ସ୍ଥାନରେ କୋଭିଡ୍‌ର ତୃତୀୟ ଲହର ଭୟଙ୍କର ହେବାରେ ଲାଗିଛି। ଏଭଳି ପରିସ୍ଥିତିରେ କୋଭିଡ୍ ନିୟମ ପାଳନରେ କୌଣସି ଢିଲା ଗୁରୁତର ବିପଦ ସୃଷ୍ଟି କରିପାରେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସତର୍କ କରାଇ ଦେଇଛନ୍ତି। ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ବୁଧବାର ସନ୍ଧ୍ୟାରେ ଏକ ଭିଡିଓ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅନ୍‌ଲକ୍ ପରେ କେତେକ ମାର୍କେଟରେ ଭିଡ଼ ବହୁମାତ୍ରାରେ ବଢୁଛି। ଏହା ଅତ୍ୟନ୍ତ ବିପଦପୂର୍ଣ୍ଣ। ଏହାଦ୍ୱାରା ଆମେ ନିଜର ତଥା ପ୍ରିୟଜନଙ୍କ ପାଇଁ ବିପଦକୁ ଆମନ୍ତ୍ରଣ କରୁଛୁ। ଆମେ କିଛି ଜାଣିବା ପୂର୍ବରୁ ସଂକ୍ରମଣ ବହୁଭାବରେ ବଢ଼ିଯାଇପାରେ। ତେଣୁ ସରକାର ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଛନ୍ତି। ଯଦି ଲୋକମାନେ କୋଭିଡ୍ ନିୟମକୁ ଠିକ୍ ଭାବରେ ପାଳନ ନ କରିବେ ତେବେ ପୁଣି ଥରେ ସମ୍ପୂର୍ଣ୍ଣ ଲକ୍‌ଡାଉନ ଘୋଷଣା କରିବାକୁ ସରକାର ବାଧ ହେବେ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯୁଦ୍ଧ ଏ ପର୍ଯ୍ୟନ୍ତ ସରିନାହିଁ। ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ କୋଭିଡ୍ କେସ୍ ବଢୁଛି। ଭୁବନେଶ୍ୱରରେ ସଂକ୍ରମଣ ସ୍ଥିର ଅବସ୍ଥାରେ ଅଛି। ଜୀବନ ଓ ଜୀବିକା ଉଭୟକୁ ଗୁରୁତ୍ୱ ଦେଇ ଓଡ଼ିଶା ଧୀରେ ଧୀରେ ଅନ୍‌ଲକ୍ ହେଉଛି । କିନ୍ତୁ ବିପଦ ଏ ପର୍ଯ୍ୟନ୍ତ ଦୂର ହୋଇନାହିଁ । କରୋନା ଭୂତାଣୁ ରୂପ ବଦଳାଇ ଗୁରୁତର ଆକ୍ରମଣର ଶକ୍ତି ତା'ର ରହିଛି। ତେଣୁ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା କରିବା, ଏହାଦ୍ୱାରା ହିଁ ଆମେ ତୃତୀୟ ଲହରର ଭୟାବହତାକୁ କମ୍ କରିଦେଇପାରିବା ବୋଲି ସେ କହିଛନ୍ତି।

ଦ୍ୱିତୀୟ ଲହରରେ କରୋନା ଭୂତାଣୁ କାହାରିକୁ ଛାଡ଼ି ନାହିଁ। ବୁଢ଼ାଠାରୁ ପିଲା ପର୍ଯ୍ୟନ୍ତ ସମସ୍ତେ ସଂକ୍ରମିତ ହୋଇଛନ୍ତି। ଟିକା କେବଳ ଗୁରୁତର ଅବସ୍ଥାରୁ ଆମକୁ ସୁରକ୍ଷା ଦେଉଛି। କିନ୍ତୁ ଟିକା ନେଲେ ମଧ୍ୟ ନିଜେ ସଂକ୍ରମିତ ହେବା ଏବଂ ଅନ୍ୟକୁ ସଂକ୍ରମିତ କରିବାର ଭୟ ରହୁଛି। ଦ୍ୱିତୀୟ ଲହରରେ ଅନ୍ୟ ☞ପୃଷ୍ଠା-୪

# ୧୬ରୁ ଶ୍ରୀମନ୍ଦିରରେ ଦର୍ଶନ



- ପ୍ରଥମ ୫ଦିନ କେବଳ ପୁରୀ ସହରବାସୀଙ୍କ ପାଇଁ
- ୨୩ରୁ ସର୍ବସାଧାରଣ କରିପାରିବେ ଦର୍ଶନ
- ମହାପ୍ରସାଦ କିଣିପାରିବେ, ମନ୍ଦିରରେ ସେବନ ମନା
- ଡବଲ୍ ଡୋଜ୍ ସାର୍ଟିଫିକେଟ୍ ନ ଥିଲେ ଆର୍‌ଟିପିସିଆର୍ ରିପୋର୍ଟ ବାଧ୍ୟତାମୂଳକ

ପୁରୀ ଅଫିସ,୪।୮

ପ୍ରାୟ ସାଢ଼େ ୩ମାସ ପରେ ଆସନ୍ତା ୧୬ରୁ ଭକ୍ତମାନେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନର ସୁଯୋଗ ପାଇବେ। ପ୍ରଥମ ୫ଦିନ ଅର୍ଥାତ୍ ୨୦ତାରିଖ ପର୍ଯ୍ୟନ୍ତ କେବଳ ପୁରୀ ସହରବାସୀଙ୍କ ପାଇଁ ଦର୍ଶନ ସୁବିଧା ମିଳିବ। ୨୧ ଓ ୨୨ତାରିଖ ଶନିବାର ଓ ରବିବାର ଦର୍ଶନ ବନ୍ଦ ରହିବା ସହ ୨୩ ତାରିଖରୁ ରାଜ୍ୟ ଓ ରାଜ୍ୟ ବାହାରର ଲୋକ ଶ୍ରୀମନ୍ଦିରରେ ଦର୍ଶନ କରିପାରିବେ। କରୋନା ଟିକାର ୨ ଡୋଜ୍ ନେଇଥିବା କିମ୍ବା ଦର୍ଶନ ପୂର୍ବର ୯୬ ଘଣ୍ଟା ମଧ୍ୟରେ ଆର୍‌ଟିପିସିଆର୍ ନେଗେଟିଭ୍ ରିପୋର୍ଟ ରଖିଥିବା ଲୋକଙ୍କୁ ଶ୍ରୀମନ୍ଦିର ମଧ୍ୟରେ ପ୍ରବେଶ କରିବାକୁ ଅନୁମତି ମିଳିବ। ସେହିଭଳି ୨୩ ତାରିଖରୁ ହେବାକୁ ଥିବା ସାଧାରଣ ଦର୍ଶନକୁ ୪ ସପ୍ତାହ ପର୍ଯ୍ୟନ୍ତ ଅନୁମତି ମିଳିଛି। ଏହାପରେ କରୋନାସ୍ଥିତିକୁ ଧ୍ୟାନ ଦିଆଯାଇ ପୁଣି ଥରେ ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶନାମା ☞ପୃଷ୍ଠା-୪




# ପ୍ରଶ୍ନପତ୍ର ଅଦଳବଦଳର ତଦନ୍ତ ନିର୍ଦ୍ଦେଶ

### ମାଟ୍ରିକ ଅଫ୍‌ଲାଇନ୍ ପରୀକ୍ଷା

ଭୁବନେଶ୍ୱର,୪।୮(ବ୍ୟୁରୋ)

ମାଟ୍ରିକ୍ ପରୀକ୍ଷାରେ ରେଗୁଲାର ପରୀକ୍ଷାର୍ଥୀଙ୍କୁ ଏକ୍ସରେଗୁଲାର ପ୍ରଶ୍ନପତ୍ର ମିଳିବା ଘଟଣାର ତଦନ୍ତ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ମାଟ୍ରିକ ପରୀକ୍ଷାରେ ରେଗୁଲାର ଛାତ୍ରୀଛାତ୍ରଙ୍କୁ ୨୦୧୪ର ଏକ୍ସ ରେଗୁଲାର ☞ପୃଷ୍ଠା-୪

# ୯ରୁ ଖୋଲିବ ବୈଷୟିକ ଶିକ୍ଷାନୁଷ୍ଠାନ

- କେବଳ ଶେଷବର୍ଷ ପିଲା ଆସିବେ
- ହଷ୍ଟେଲ ଖୋଲିବାକୁ ଅନୁମତି

ଭୁବନେଶ୍ୱର,୪।୮(ବ୍ୟୁରୋ)

କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ଦୀର୍ଘଦିନ ଧରି ବନ୍ଦ ଥିବା ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ଆସନ୍ତା ୯ ତାରିଖରୁ ଖୋଲିବ। ରାଜ୍ୟରେ ସଂକ୍ରମଣ କମିଥିବାରୁ ବୈଷୟିକ ଶିକ୍ଷାନୁଷ୍ଠାନ ଖୋଲିବାକୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ତେବେ କେବଳ ଶେଷବର୍ଷ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ଚିନ୍ତାର କାରଣ ଚାଇନା

# ଗାଁ ଦାଣ୍ଡରେ ସ୍ତ୍ରୀଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇଲେ

### ପାରିବାରିକ କଳହର ପରିଣତି

- ଏମ୍‌କେସିଜି ମେଡିକାଲରେ ପୀଡ଼ିତାଙ୍କ ବୟାନ ରେକର୍ଡ
- ସାଇଣ୍ଟିଫିକ ଟିମ୍‌ର ତଦନ୍ତ, ସ୍ୱାମୀ ଅଟକ

ଛତ୍ରପୁର,୪।୮(ଡି.ଏନ.ଏ.)

ପାରିବାରିକ କଳହକୁ ନେଇ ରାସ୍ତା ମଝିରେ ସ୍ତ୍ରୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି ସ୍ୱାମୀ। ଗଞ୍ଜାମ ଜିଲା ଆର୍ଯ୍ୟପଲ୍ଲୀ ମେରାଇନ ଥାନା ଅଧୀନ ସାନଆର୍ଯ୍ୟପଲ୍ଲୀ ଗ୍ରାମରେ ବୁଧବାର ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗୁରୁତର ଅବସ୍ଥାରେ ସ୍ତ୍ରୀ ବି.ଏରାମ୍ମାଙ୍କୁ ପ୍ରଥମେ ଛତ୍ରପୁର ହସ୍ପିଟାଲ ଓ ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ତାଙ୍କ ବୟାନ ରେକର୍ଡ କରିଛି। ସ୍ୱାମୀ ପେଟ୍ରୋଲ ଢାଳି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଥିବା ବି.ଏରାମ୍ମା କହିଛନ୍ତି । ଅଭିଯୁକ୍ତ ସ୍ୱାମୀ ବି.ମୁକୋଡୁଙ୍କୁ ପୋଲିସ ଅଟକ ରଖିଛି।

ସାନଆର୍ଯ୍ୟପଲ୍ଲୀ ଗ୍ରାମର ବି.ମୁକୋଡୁ ଓ ତାଙ୍କ ସ୍ତ୍ରୀ ବି.ଏରାମ୍ମାଙ୍କ ମଧ୍ୟରେ ପାରିବାରିକ କାରଣରୁ କିଛିଦିନ ହେବ ଅଶାନ୍ତି ଲାଗି ରହୁଥିଲା। ଉଭୟଙ୍କ ମଧ୍ୟରେ ଅଧିକାଂଶ ସମୟ ପାଟିତୁଣ୍ଡ ହେଉଥିଲା। ବି.ଏରାମ୍ମା କିଛି ଦିନ ହେଲା ତାଙ୍କର ୩ ଛୋଟ ପିଲାଙ୍କୁ ଧରି ସେହି ଗାଁରେ ତାଙ୍କ ବାପଘରେ ରହି ଆସୁଥିଲେ। ପ୍ରତିଦିନ ସେ ☞ପୃଷ୍ଠା-୪


**Kalinga Institute of Industrial Technology (KIIT)**
Deemed to be University (Established U/S 3 of UGC Act, 1956), Bhubaneswar, Odisha, India

Rank 1 MHRD ARIIA Among Self-Financing Institutes of India | Institution of Eminence



**KIITEE 2021**
PHASE-4 ONLINE EXAM DATES
17th,18th & 19th AUG 2021
Last Date to Apply 12th AUG 2021
**Apply Online**
through KIIT websites
www.kiitee.kiit.ac.in / www.kiit.ac.in

No Application / Examination Fee
Computer Based Online Test

**B.Tech (4 Years) in following branches of Engineering :**
Civil, Mechanical, Electrical, Electronics and Telecommunication, Computer Science, Information Technology, Electronics and Electrical, Electronics & Instrumentation, Mechanical (Automobile), Aerospace, Mechatronics, Electronics & Computer Science, Computer Science & Communication, Chemical Technology, Computer Science & Systems.

**ACADEMIC PROGRAMMES AVAILABLE**

**Bachelors Programmes**
- B.Tech (4 Yrs)
- B.Arch (5 Yrs)
- B.Tech (Lateral Entry) (3 Yrs)
- B.Sc. Nursing (4 Yrs)
- Bachelor of Design (Fashion / Textile) (4 Yrs)
- BA.LLB, BBA.LLB & B.Sc.LLB (5 Yrs)
- Bachelor of Film & Television Production (3 Yrs)
- BBA (3 Yrs)
- BCA (3 Yrs)
- B.Tech & M.Tech - Biotechnology (Dual Degree) (5 Yrs)
- B.Sc. Computer Science (3 Yrs)
- BA (Hons) in English / Economics / Sociology / Psychology (3Yrs)
- B.Com. (Hons) (3 Yrs)

**Super MBA Programmes**
- MBA in Business Analytics
- MBA in Healthcare Management
- MBA in Supply Chain Management
- MBA in Construction Management

**Masters Programmes**
- M.Sc Biotechnology (2 Yrs)
- M.Sc Applied Microbiology (2 Yrs)
- Master of Public Health (2 Yrs)
- Master of Hospital Administration (2 Yrs)
- Master of Mass Communication (Integrated) (5 Yrs)
- MA in English / Economics / Sociology / Psychology (2Yrs)
- M.Sc. Nursing (2 Yrs)
- MCA (2 Years)
- M.Tech. (2 Yrs)
- MA in Yoga Therapy (2 Yrs)
- M.Com. (2 Yrs)
- Integrated M.Sc. & Ph.D (Phy / Chem / Math) (5 Yrs)
- LLM (1 Yr)
- Integrated M.Tech & PhD (5 Yrs)
- M.Arch (2 Yrs)
- Master of Mass Communication (2 Yrs)
- MBA (2 Yrs)
- MBA-Rural Management (2 Yrs)
- MBA-(Agribusiness Management) (2 Yrs)
- Ph.D Programmes

Tier 1 Accreditation Washington Accord NBA | 24th Among Indian Universities Ranked by NIRF, Govt of India nirf | QS STARS | ISAS | NAAC A | IET | THE

**Campus Placement 2021 Highlights***
140 companies | Rs. 30 lakh highest CTC offered* | 4000+ job offers | 2500+ students (80%) already placed | 1600+ students with multiple job offers
*B.Tech Programme
Google play

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India, Ph: 8114373311/12/13/14, 0674 - 2742103, 2741747, Fax : 0674 - 2741465
Email: admission@kiit.ac.in, Websites: www.kiitee.kiit.ac.in & www.kiit.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.



## ଘନେଇଲା ଆଫଗାନ୍ ସଙ୍କଟ

ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନର ଭାଗ୍ୟାକାଶରେ ଘୋଟିଛି ଅନିଶ୍ଚିତତାର ଘନକଳା ବାଦଲ। ରାଜଧାନୀ କାବୁଲର ସ୍ୱୋର୍ଜ୍ଜ ଲାଉଞ୍ଜରୁ ଲୋଗାର ପ୍ରଦେଶର ଚାଷ ଜମି, ସବୁଠି ସମସ୍ତଙ୍କ ମୁହଁରେ ଗୋଟିଏ ପ୍ରଶ୍ନ: କ'ଣ ଘଟିବାକୁ ଯାଉଛି? କାହା ପାଖରେ ସନ୍ତୋଷଜନକ ଉତ୍ତର ନ ଥିବାରୁ ଦେଶକୁ ଆଉ ଶାନ୍ତି ଫେରିବନି ବୋଲି ଧରି ନେଇଛନ୍ତି ଅଧିକାଂଶ ଆଫଗାନ୍ ନାଗରିକ। ଏକ ଭ୍ରଷ୍ଟାଚାରୀ ସରକାର ଏବଂ କ୍ରମଶଃ ବଳ ଗୋଟାଉଥିବା ହିଂସ୍ର ତାଲିବାନର ରକ୍ତାକ୍ତ ସଂଘର୍ଷ ମଝିରେ ଫସିଯାଇଥିବା ଅବସ୍ଥାରେ ନିଜକୁ ଆବିଷ୍କାର କରିଛନ୍ତି ସେମାନେ। କାରଣ ଆତଙ୍କବାଦୀଙ୍କ ଦମନଲୀଳା ଭିତରେ ସରକାର ଲୋକଙ୍କ ଜରୁରୀ ଆବଶ୍ୟକତା ପୂରଣ କରିବାରେ ବିଫଳ। ଏହି ବିଫଳତା ପାଇଁ ରାଷ୍ଟ୍ରପତି ଅଶରଫ ଗନି ଆମେରିକୀୟ ସୈନ୍ୟଙ୍କ ଅଚାନକ ପ୍ରତ୍ୟାବର୍ତ୍ତନକୁ ଦାୟୀ କରିଛନ୍ତି। ୬ ମାସ ଭିତରେ ସ୍ଥିତି ନିୟନ୍ତ୍ରଣକୁ ଆସିଯିବ ବୋଲି ପାର୍ଲାମେଣ୍ଟରେ ସୋମବାର ଗନି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ଆମେରିକୀୟ ସେନା ପ୍ରତ୍ୟାହାର ସମ୍ପୂର୍ଣ୍ଣ ହେବାକୁ ଯାଉଥିବାବେଳେ ବିସ୍ତାରବାଦୀ ଚାଇନା ସଙ୍କଟ ଭିତରେ ବି ଖୋଜୁଛି ସୁଯୋଗ।

# ଅନିଶ୍ଚିତତା, ଅଚଳାବସ୍ଥା

## ଫେରୁଛନ୍ତି ଆମେରିକୀୟ ସୈନ୍ୟ, ବଳ ଗୋଟାଉଛି ତାଲିବାନ

ନୂଆଦିଲ୍ଲୀ/କାବୁଲ/ୱାଶିଂଟନ,୪।୮

ଆମକୁ ୨୦ ବର୍ଷ ଧରି ଚାଲିଥିବା ଯୁଦ୍ଧର ବହିକୁ ବନ୍ଦ କରିବାକୁ ପଡ଼ିବ। ୨୦୨୧ ଏପ୍ରିଲ ୧୪ରେ ଏମିତି ନ୍ୟୁଜ୍ ବ୍ରେକ୍ କରିଥିଲେ ବାଇଡେନ୍ ପ୍ରଶାସନର ବରିଷ୍ଠ ଜଣେ ଅଧିକାରୀ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଘୋଷଣା କରିଥିଲେ, ଆଫଗାନିସ୍ତାନରୁ ସମସ୍ତ ଆମେରିକୀୟ ସୈନ୍ୟଙ୍କୁ ପ୍ରତ୍ୟାହାର କରାଯିବ। ଏହି ପ୍ରକ୍ରିୟା ମେ ପହିଲାରୁ ଆରମ୍ଭ ହୋଇଥିବାବେଳେ ସେପ୍ଟେମ୍ବର ସୁଦ୍ଧା ଶେଷ ହେବ। ୯/୧୧ ଆତଙ୍କବାଦୀ ଆକ୍ରମଣର ବିଂଶ ବାର୍ଷିକୀ ପାଳନବେଳକୁ ଆଫଗାନିସ୍ତାନରୁ ସବୁ ସୈନ୍ୟ ଫେରିଆସିଥିବେ ବୋଲି ବାଇଡେନ୍ ହ୍ୱାଇଟ୍ ହାଉସ୍ ଟ୍ରିଟି ରୁମ୍‌ରୁ ବିଶ୍ୱକୁ ଜଣାଇଥିଲେ। ୨୦୦୧ ସେପ୍ଟେମ୍ବର ୧୧। ଏହି ଦିନ ମଧ୍ୟପ୍ରାଚ୍ୟ ଓ କେନ୍ଦ୍ରୀୟ ଏସିଆରେ ଦୀର୍ଘକାଳୀନ ଯୁଦ୍ଧ ଭିତରକୁ ଆମେରିକାକୁ ଟାଣି ନେଇଥିଲା ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ) ମୁଖ୍ୟାଳୟ ଏବଂ ପେଣ୍ଟାଗନ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଆମେରିକା ନିଜ ଆଭିମୁଖ୍ୟକୁ କଠୋର କରିଥିଲା। ଆମେରିକା ନେତୃତ୍ୱାଧୀନ ତାଲିବାନ ଘଉଡ଼ାଇବା ଅଭିଯାନ ଆରମ୍ଭ ହେବା ଦିନଠାରୁ ଆଫଗାନିସ୍ତାନର ପୁନଃପ୍ରତିଷ୍ଠା



### ଆତଙ୍କବାଦୀଙ୍କ ଦଖଲରେ ଅଧିକାଂଶ ଅଞ୍ଚଳ

ପାଇଁ ୱାଶିଂଟନ ୧ ଟ୍ରିଲିୟନ୍ ଡଲାର ଖର୍ଚ୍ଚ କରିସାରିଛି। ଯୁଦ୍ଧଭୂଇଁରେ ପ୍ରାୟ ୨,୪୦୦ ସୈନ୍ୟଙ୍କ ମୃତ୍ୟୁ ଘଟିଲାଣି। ଆଫଗାନ ସୈନ୍ୟଙ୍କ ସମେତ ନାଗରିକ ଓ ତାଲିବାନ ଆତଙ୍କବାଦୀଙ୍କ ମଧ୍ୟ ଜୀବନ ଯିବା ପରେ ୨,୫୦୦ ସର୍ଭିସ୍ ମେମ୍ବରଙ୍କୁ ଫେରାଇ ନେଉଛି ଆମେରିକା। ଏହି ସୁରକ୍ଷା ଉଦ୍ୟମରେ ସାମିଲ ହୋଇଥିବା ନାଟୋର ୭,୦୦୦ରୁ ଊର୍ଦ୍ଧ୍ୱ ସୈନ୍ୟ ମଧ୍ୟ ଆଫଗାନିସ୍ତାନରୁ ଫେରିବାରେ ଲାଗିଛନ୍ତି।

ତାଲିବାନ ଏଯାଏ ୧୯୩ରୁ ଅଧିକ ଜିଲା କେନ୍ଦ୍ର ଏବଂ ୧୯ ସୀମାନ୍ତ ଜିଲାକୁ ଦଖଲ କରିଥିବା ଆଫ୍‌ଗାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିସହ ତାଖର୍, କୁନ୍ଦୁଜ୍, ବଦାଖଶାନ, ହେରତ ଏବଂ ଫରହା ପ୍ରଦେଶରେ ଥିବା ୧୦ ବର୍ଡର ପଏଣ୍ଟକୁ ମଧ୍ୟ ଆତଙ୍କବାଦୀ ଅକ୍ତିଆରକୁ ନେଇସାରିଛନ୍ତି। ସମ୍ପୃକ୍ତ ଅଞ୍ଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବାରୁ ବ୍ୟବସାୟିକ କିମ୍ବା ଅନ୍ୟାନ୍ୟ ଯାତ୍ରା ହୋଇପାରୁନାହିଁ। ଆଫଗାନିସ୍ତାନର ଏକ ପ୍ରମୁଖ ନ୍ୟୁଜ୍ ଚ୍ୟାନେଲରେ ପ୍ରସାରିତ ରିପୋର୍ଟ ମୁତାବକ, କେବଳ ଜୁଲାଇରେ ତାଲିବାନ ୭୦ ଜିଲାକୁ ନିଜ କବ୍‌ଜାକୁ ନେଇଥିଲା। ତେବେ ସେଥିରୁ ୧୧ ଜିଲାକୁ ତାଲିବାନଠାରୁ ଛଡ଼ାଇ ଅଣାଯାଇଥିବା ଆଫଗାନ ସରକାର କହିଛନ୍ତି। କିନ୍ତୁ ବଦାଖଶାନ୍‌ର ୟଫ୍‌ତାଲ, ନିମୋର୍ଜର ଚଖାନସୁର, ଗଜନିର ମାଲିସ୍ତାନ, ହେଲମାଣ୍ଡର ଗର୍ମସିର୍ ଏବଂ ହେରାତ୍‌ର ଗୁଜାରା ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ତାଲିବାନ ଦଖଲ କରଛି। ୮୫ ପ୍ରତିଶତରୁ ଅଧିକ ଅଞ୍ଚଳ ନିଜ ଅକ୍ତିଆରକୁ ନେଇଥିବା ଗତ ୯ ତାରିଖରେ ଏହି ସଙ୍ଗଠନ ଘୋଷଣା କରିଥିଲା।

## ହିଂସା ପାଇଁ ଆମେରିକା ଦାୟୀ

ତାଲିବାନ ଆତଙ୍କବାଦୀଙ୍କ ଦ୍ୱାରା ହିଂସା ବୃଦ୍ଧି ପାଇଁ ଆମେରିକାକୁ ଦାୟୀ କରିଛନ୍ତି ଆଫଗାନିସ୍ତାନ ରାଷ୍ଟ୍ରପତି ଅଶରଫ୍ ଗନି। ସେ କହିଛନ୍ତି, ତାଲିବାନ କବ୍‌ଜାରୁ ପ୍ରାଦେଶିକ ସହରଗୁଡ଼ିକୁ ମୁକୁଳାଇବା ପାଇଁ ଆଫଗାନିସ୍ତାନ ସେନା ସଂଘର୍ଷ କରୁଥିବାବେଳେ ଆମେରିକା ନେତୃତ୍ୱାଧୀନ ସେନାକୁ ଶୀଘ୍ର ପ୍ରତ୍ୟାହାର କରାଯିବା କାରଣରୁ ଦେଶ ଅଶାନ୍ତ ହୋଇପଡ଼ିଛି। ତାଲିବାନ ଆତଙ୍କବାଦୀ ଲଶ୍କର ଗାହ୍, କାନ୍ଦାହାର ଏବଂ ହେରତକୁ ନିଜ କବ୍‌ଜାକୁ ନେଇସାରିଛନ୍ତି। ଫଳରେ ହଜାର ହଜାର ସଂଖ୍ୟାରେ ସାଧାରଣ ନାଗରିକ ଜୀବନ ବଞ୍ଚାଇବା ପାଇଁ ସେଠାରୁ ପଳାୟନ କରିଛନ୍ତି। ସୋମବାର ପାର୍ଲାମେଣ୍ଟରେ ଗନି



ଅଶରଫ୍ ଗନି

କହିଛନ୍ତି, 'ବାହାରୁ ଆମଦାନୀ ହୋଇଥିବା ଶୀଘ୍ର ଶାନ୍ତି ପ୍ରକ୍ରିୟା' କେବଳ ଦେଶରେ ଶାନ୍ତି ଆଣିବାରେ ବିଫଳ ହୋଇନାହିଁ, ଆଫଗାନିସ୍ତବାସୀଙ୍କ ମଧ୍ୟରେ ଏହା ସନ୍ଦେହ ଓ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। କିନ୍ତୁ ତାଙ୍କ ପ୍ରଶାସନ ଏବେ ତାଲିବାନ କବଳରୁ ପ୍ରାଦେଶିକ ରାଜଧାନୀ ତଥା ପ୍ରମୁଖ ସହରାଞ୍ଚଳର ସୁରକ୍ଷା ଉପରେ ଧ୍ୟାନ ଦେବ। ଲଶ୍କର ଗାହ୍ ହେଲମଣ୍ଡରେ ଆଫଗାନିସ୍ତାନ ବିପୁଳ ସୈନ୍ୟ ମୁତୟନ କରିବା ପରେ ସେଠାରେ ତାଲିବାନ ଆକ୍ରମଣ କରିଛି। ପାର୍ଲାମେଣ୍ଟରେ ଗନିଙ୍କ ମନ୍ତବ୍ୟର କିଛି ଘଣ୍ଟା ପରେ ତାଲିବାନ ଆତଙ୍କବାଦୀମାନେ ଉକ୍ତ ପ୍ରଦେଶରେ ଥିବା ସରକାରୀ ରେଡିଓ ଏବଂ ଟେଲିଭିଜନ ବିଲ୍ଡିଂକୁ ଦଖଲ କରିଛନ୍ତି। ହେଲମଣ୍ଡ ରାଜଧାନୀକୁ ତାଲିବାନ କବ୍‌ଜା କରିନେବା ଆଫଗାନିସ୍ତାନ ସରକାରଙ୍କ ପାଇଁ ଏକ ବଡ଼ କ୍ଷତି। ଆତଙ୍କବାଦୀମାନେ କ୍ରମାଗତ ଭାବେ କାନ୍ଦାହାର ଓ କାବୁଲର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକୁ ଟାର୍ଗେଟ କରି ରକେଟ ମାଡ଼ କରିବାରେ ଲାଗିଛନ୍ତି।

## ୭୨ ଘଣ୍ଟାରେ ୩୦୦ ଆତଙ୍କବାଦୀ ନିହତ



ନରସଂହାରରେ ମାତିଥିବା ତାଲିବାନକୁ ଅଟକାଇବା ପାଇଁ ଆଫଗାନ୍ ସେନା ପକ୍ଷରୁ ଜବାବୀ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହି କ୍ରମରେ ଏୟାର ଷ୍ଟ୍ରାଇକ୍ ଓ ପ୍ରତିଆକ୍ରମଣ ଯୋଗୁ ୭୨ ଘଣ୍ଟାରେ ୩ ଶହରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିପାତ ଓ ଶତାଧିକ ଆହତ ହୋଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିଶେଷକରି ଗଜ୍‌ନି, କାନ୍ଦାହାର, ହେରତ୍, ଫର୍‌ହା, ଜାଓଜ୍‌ଜାନ, ବଲ୍‌ଖ, ସମାନ୍‌ଗନ, ହେଲ୍‌ମାଣ୍ଡ, ତଖର୍, କୁନ୍ଦୁଜ୍, ବାଗ୍‌ଲାନ, କାବୁଲ, କାପ୍ସିଆ ପ୍ରଦେଶରେ ସାମରିକ ଅପରେଶନ ଚାଲିଛି। ନିହତଙ୍କ ମଧ୍ୟରେ ପାକିସ୍ତାନୀ ଆତଙ୍କବାଦୀ ମଧ୍ୟ ରହିଛନ୍ତି। ତାଲିବାନ ସହ ସଂଘର୍ଷରେ ଏପ୍ରିଲ ୧୪ରୁ ଏଯାଏ ୪,୦୦୦ରୁ ଊର୍ଦ୍ଧ୍ୱ ସୈନ୍ୟ ନିହତ ହୋଇଥିବାବେଳେ ୭,୦୦୦ରୁ ଅଧିକ ଆହତ ହୋଇଛନ୍ତି। ୧୬ ଶହରୁ ଅଧିକ ସୁରକ୍ଷାକର୍ମୀଙ୍କୁ ତାଲିବାନ ନିଜ ଅକ୍ତିଆରରେ ରଖିଛି।



## ଆମର କ'ଣ ହେବ

୨୦ ବର୍ଷ ପରେ ଆମେରିକାର ସେନା ପ୍ରତ୍ୟାହାର ଯୋଗୁ ଆଫଗାନ୍ ମହିଳାଙ୍କ ଶିକ୍ଷା ପୁଣି ଥରେ ବିପଦ ଭିତରକୁ ଠେଲି ହୋଇଯାଇଛି। ତାଲିବାନର ଶକ୍ତି ବୃଦ୍ଧି ସହ କଠୋରପନ୍ଥୀମାନଙ୍କ ଫତ୍‌ୱା ଫେରିବ ବୋଲି ଆଫଗାନ ମହିଳାମାନେ ଆତଙ୍କିତ ହୋଇଯାଇଛନ୍ତି। କାରଣ ଆତଙ୍କବାଦୀମାନେ ପୂର୍ବ ଭଳି ବନ୍ଧୁକ ମୁନରେ ସେମାନଙ୍କ ଅଧିକାର ଓ ସ୍ୱାଧୀନତା ଛଡ଼ାଇବାରେ ଲାଗିଛନ୍ତି। ସରକାରଙ୍କ କ୍ଷମତାକୁ ତାଲିବାନ ଅପହରଣ କରୁଛି। ଉଭୟ ପକ୍ଷଙ୍କ ଲଢ଼େଇ ଭିତରେ ମୋର ଭବିଷ୍ୟତ କ'ଣ ହେବ ବୋଲି ଆଫଗାନିସ୍ତାନ ପ୍ରଶ୍ନ କରୁଛି। ଆମେରିକା ଆଫଗାନିସ୍ତାନରେ ବିଲିୟନ ବିଲିୟନ ଡଲାର ଖର୍ଚ୍ଚ କରିଥିଲେ ମଧ୍ୟ ସେଠାରେ ଦାରିଦ୍ର୍ୟ ହାର ୫୨% ରହିଥିବା ବିଶ୍ୱବ୍ୟାଙ୍କ ପକ୍ଷରୁ କୁହାଯାଇଛି। ତେବେ ଆମେରିକା ହଟିବା ପରେ ଦେଶକୁ ଆହୁରି ଦାରିଦ୍ର୍ୟ ଓ ଅରାଜକତା ଫେରିବ ବୋଲି ଅଧିକାଂଶ ଆଫଗାନ୍ ଆଶଙ୍କା କରୁଛନ୍ତି।

## ବାଇଡେନ୍‌ଙ୍କ ଆଭିମୁଖ୍ୟ



ଏକ ଦଶନ୍ଧି ତଳେ ଅଲ୍-କାଏଦା ମୁଖିଆ ଓସାମା ବିନ୍ ଲାଡେନ୍‌ଙ୍କୁ ଆମେରିକା ନିପାତ କରିବା ପରେ ଆମ ଉଦ୍ଦେଶ୍ୟ ସାଧିତ ହୋଇଥିଲା। କିନ୍ତୁ ବିଶ୍ୱବ୍ୟାପୀ ଆତଙ୍କବାଦୀ ଆକ୍ରମଣ ଆଶଙ୍କା ଦୃଷ୍ଟିରୁ ଆଫଗାନିସ୍ତାନରୁ ଆମେରିକା ସେନାକୁ ପ୍ରତ୍ୟାହାର କରାଯାଇ ନ ଥିଲା। ଏବେ ପ୍ରତ୍ୟାହାର ସମ୍ପର୍କିତ ନିଷ୍ପତ୍ତି ଅନ୍ତର୍ଜାତୀୟ ସହଯୋଗୀଙ୍କୁ ଜଣାଇ ଦିଆଯାଇଛି। ଦୀର୍ଘତମ ଯୁଦ୍ଧକୁ ଶେଷ କରିବା ସମୟ ଆସିଛି। ଆମେରିକୀୟ ସୈନ୍ୟଙ୍କ ଘରବାହୁଡ଼ା ସମୟ ଉପନୀତ ବୋଲି ସେନା ପ୍ରତ୍ୟାହାର ଘୋଷଣା ଅବସରରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଥିଲେ। ଏହି ପ୍ରକ୍ରିୟା ଅଗଷ୍ଟ ୩୧ରେ ଶେଷ ହେବାକୁ ଯାଉଥିବାବେଳେ ସେଠାରେ ଆମେରିକୀୟ ମଧ୍ୟ ଅସୁରକ୍ଷିତ ବୋଲି ବାଇଡେନ୍ ପ୍ରଶାସନ ବୁଝିସାରିଛି। ତେଣୁ ଆଫଗାନିସ୍ତାନରୁ ନିଜ ସାମାଜିକ କାର୍ଯ୍ୟକର୍ତ୍ତା, ଖବରଦାତାମାନଙ୍କୁ ଫେରାଇ ଆଣିବାକୁ ସୋମବାର ଆମେରିକା ନିଷ୍ପତ୍ତି ନେଇଛି। ଏହାବାଦ୍ ସେଠାରେ କାର୍ଯ୍ୟରତ ଆମେରିକୀୟ ନ୍ୟୁଜ୍ ଏଜେନ୍ସିର କର୍ମଚାରୀ, ସହାୟତା ଓ ବିକାଶ ସଂସ୍ଥା ଏବଂ ଆମେରିକା ତରଫରୁ ପାଣ୍ଠି ପାଉଥିବା ଅନ୍ୟାନ୍ୟ ରିଲିଫ୍ ଗୋଷ୍ଠୀକୁ ଶରଣାର୍ଥୀ ମାନ୍ୟତା ଦେବାକୁ ଆମେରିକା ଏହାର ପରିସରକୁ ବ୍ୟାପକ କରୁଛି ବୋଲି ପରରାଷ୍ଟ୍ର ବିଭାଗ ପକ୍ଷରୁ କୁହାଯାଇଛି। ଆମେରିକା ସରକାରରେ ଥିବା ବର୍ତ୍ତମାନ ଓ ପୂର୍ବତନ କର୍ମଚାରୀ ଏବଂ ନାଟୋ ମିଲିଟାରୀ ଅପରେଶନରେ ସାମିଲ ଥିବା ଲୋକେ ମଧ୍ୟ ଏଥିପାଇଁ ଶରଣାର୍ଥୀ ଯୋଗ୍ୟ ହେବେ ବୋଲି ବାଇଡେନ୍ ସରକାର ସ୍ପଷ୍ଟ କରିଛନ୍ତି।

## ବଢ଼ିଲା ଭାରତର ଚିନ୍ତା

ଆମେରିକୀୟ ସୈନ୍ୟ ପ୍ରତ୍ୟାହାର ଏବଂ ଆଫଗାନିସ୍ତାନରେ ତାଲିବାନ ଆତଙ୍କବାଦୀଙ୍କ ପୁନରୁତ୍‌ଥାନ ଭାରତ ପାଇଁ ଚିନ୍ତାର କାରଣ ସାଜିଛି। ୧୯୯୦ ଦଶକର ଶେଷ ଭାଗରେ ତାଲିବାନ ନିୟନ୍ତ୍ରିତ ଆଫଗାନିସ୍ତାନରେ ଏହି ସଙ୍ଗଠନ ଆତଙ୍କବାଦୀମାନଙ୍କୁ ପାଣ୍ଠି ସଂଗ୍ରହ ପାଇଁ ଆଶ୍ରୟ ଦେଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଭାରତରେ ଏକାଧିକ ଆକ୍ରମଣ ପାଇଁ ଦାୟୀ କରାଯାଉଥିବା ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଏବଂ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ସଦସ୍ୟ। ୧୯୯୯ ଡିସେମ୍ବରରେ ଏକ ଭାରତୀୟ ବିମାନକୁ ଅପହରଣ କରି କାନ୍ଦାହାର ନେଇଯାଇଥିବା ଆତଙ୍କବାଦୀମାନଙ୍କ ସହ ତାଲିବାନର ସମ୍ପର୍କକୁ ମଧ୍ୟ ଭାରତୀୟ ଅଧିକାରୀମାନେ ମନେରଖିଥିବେ। ଆଫଗାନିସ୍ତାନ ମାଟିକୁ ଭାରତ ବିରୋଧୀ ଆତଙ୍କବାଦ ପାଇଁ ବ୍ୟବହାର ନ କରିବା ଲାଗି ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ବଜାୟ ରଖିବାକୁ ନୂଆଦିଲ୍ଲୀ ପ୍ରୟାସ ଜାରି ରଖିଛି। ଏହାସତ୍ତ୍ୱେ ତାଲିବାନ କବ୍‌ଜାରେ ଥିବା ଅଞ୍ଚଳ ପୁନର୍ବାର ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟିଥିବାରୁ ଭାରତର ମୁଣ୍ଡବ୍ୟଥା ବଢ଼ିଯାଇଛି। ତାଲିବାନର ଶକ୍ତି ବୃଦ୍ଧି ଭାରତ ପାଇଁ କେବଳ କୁଟନୈତିକ ସ୍ତରରେ ନୁହେଁ, ବରଂ ୨୦ ବର୍ଷରେ ଡ୍ୟାମ୍, ରାସ୍ତା, ବାଣିଜ୍ୟ ଆଦି ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପରେ ନିବେଶ ହୋଇଥିବା ୩ ବିଲିୟନ ଡଲାର ପ୍ରତି ମଧ୍ୟ ବିପଦ ହୋଇ ଉଭାହୋଇଛି।

### 'ଆତଙ୍କବାଦୀ କ୍ୟାମ୍ପ୍ ଫେରିବାକୁ ଦିଆଯିବ ନାହିଁ'

ଆଫଗାନିସ୍ତାନର ସାମ୍ପ୍ରତିକ ସ୍ଥିତି ଜାତିସଂଘ ସୁରକ୍ଷା ପରିଷଦ(ୟୁଏନ୍‌ଏସ୍‌ସି)ର ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କ ପାଇଁ ଚିନ୍ତାଜନକ। କିନ୍ତୁ ସେଠାରେ ଆତଙ୍କବାଦୀଙ୍କ କ୍ୟାମ୍ପ୍ ଫେରିବାକୁ ଦିଆଯାଇପାରିବ ନାହିଁ। ଏପରି ସ୍ଥିତି ଲାଗିରହିଲେ ଏହାର ସିଧାସଳଖ ପ୍ରଭାବ ଭାରତ ଉପରେ ପଡ଼ିବ ବୋଲି ଅଗଷ୍ଟ ମାସ ପାଇଁ ୟୁଏନ୍‌ଏସ୍‌ସିର ରାଷ୍ଟ୍ରଦୂତ ଅଧକ୍ଷ ଥିବା ଟି. ଏସ୍. ତିରୁମୂର୍ତ୍ତି ସୋମବାର ଜାତିସଂଘ ମୁଖ୍ୟାଳୟରେ କହିଛନ୍ତି। ଆଫଗାନିସ୍ତାନରେ ନିହତଙ୍କ ସଂଖ୍ୟା ଗତ ଜାନୁୟାରୀ-ଏପ୍ରିଲ ତୁଳନାରେ ମେ-ଜୁନ୍‌ରେ ବୃଦ୍ଧି ପାଇଛି। ଖୁବ୍‌ଶୀଘ୍ର ଏ ଦିଗରେ ସୁରକ୍ଷା ପରିଷଦ ପଦକ୍ଷେପ ନେବ। ଆଫଗାନିସ୍ତାନରେ ସ୍ଥିରତା ସହ ଏକ ସ୍ଥାୟୀ ସରକାର ସହ ଶାନ୍ତି ଓ ସୁରକ୍ଷା ଦିଗରେ ଗୁରୁତ୍ୱ ଦିଆଯାଉ ବୋଲି ଭାରତ ସବୁବେଳେ ଚାହେଁ।



ଟି. ଏସ୍. ତିରୁମୂର୍ତ୍ତି



ଆଫଗାନିସ୍ତାନର କାମଚଳା ପ୍ରତିରକ୍ଷାମନ୍ତ୍ରୀଙ୍କୁ ଟାର୍ଗେଟ କରି କାବୁଲରେ ମଙ୍ଗଳବାର ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା। ଭଗ୍ନାବଶେଷରେ ବୁଧବାର ଜଣେ ଆଫଗାନ ସୁରକ୍ଷା କର୍ମୀ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୦,୦୬,୨୮,୩୭୯ | ୪୨,୬୫,୧୮୮ | ୧୮,୦୭,୯୭,୦୧୮ |
| ଭାରତ | ୩,୧୮,୧୦,୪୬୬ | ୪,୨୬,୩୧୯ | ୩,୦୯,୬୬,୫୬୬ |
| ଓଡ଼ିଶା | ୯,୮୨,୧୮୧ | ୬୧୬୮(+୫୩) | ୯,୬୩,୬୧୮ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୧୫ତମ ଶ୍ରାଦ୍ଧ ଦିବସ ଅବସରରେ ବୁଧବାର ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଦସ୍ୟ ଏବଂ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ରାଜଭବନ ନିକଟ ଏଲ୍ଆଇସି ଛକଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।



ଉତ୍କଳ ସମ୍ମିଳନୀର ସଦସ୍ୟମାନେ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

# ମହିଳା ହକି ଦଳର ମନୋବଳ ବଢ଼ାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୮(ବ୍ୟୁରୋ)



## ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଲେ

ଟୋକିଓ ଅଲିମ୍ପିକ୍ସ ସେମିଫାଇନାଲରେ ଭାରତୀୟ ମହିଳା ହକି ଦଳ ଆର୍ଜେଣ୍ଟିନାଠାରୁ ୨-୧ ଗୋଲରେ ପରାସ୍ତ ହୋଇଛି। ହାରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ଟିମ୍ର ମନୋବଳ ବଢାଇଛନ୍ତି। ସେମିରେ ଖୁବ୍ ସାହସିକତାର ସହ ମହିଳା ଟିମ୍ ପ୍ରଦର୍ଶନ କରିଛି ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି। ମହିଳା ଦଳର ପ୍ରଦର୍ଶନ ଖୁବ୍ ଉତ୍ସାହଜନକ ଥିଲା। ଆଗାମୀ ଦିନ ପାଇଁ ମୁଖ୍ୟମନ୍ତ୍ରୀ ଟିମ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେମିରେ ହାରିବା ପରେ ଏବେ ବ୍ରୋଞ୍ଜ ପଦକ ପାଇଁ ଟିମ୍ ଖେଳିବ।

ସୂଚନାଯୋଗ୍ୟ ମୁଖ୍ୟମନ୍ତ୍ରୀଙ୍କ ହକି ପ୍ରତି ଭଲପାଇବା ଯୋଗୁ ୨୦୧୮ ପରଠାରୁ ରାଜ୍ୟ ସରକାର ଉଭୟ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ ରହି ଆସିଛନ୍ତି। ଓଡ଼ିଆ ପୁରୁଷ ଓ ମହିଳା ଖେଳାଳି ଭାରତୀୟ ଦଳରେ ସାମିଲ ହୋଇ ଓଡ଼ିଆ ଜାତିକୁ ସମଗ୍ର ବିଶ୍ୱରେ ଗର୍ବିତ କରିଛନ୍ତି। ଦୀର୍ଘ ଦଶନ୍ଧି ଧରି ମୁଖ୍ୟମନ୍ତ୍ରୀଙ୍କ କ୍ରୀଡ଼ା ପ୍ରତି ପ୍ରତିବଦ୍ଧତା, ହାଇପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା ଏବଂ ହକି ଭିତ୍ତିଭୂମି ସୁଦୃଢ଼ୀକରଣ ଆଦି ଏହି ସଫଳତା ଆଣିବାରେ ସହାୟକ ହୋଇପାରିଛି। ଓଡ଼ିଶା ୨୦୧୮ରେ ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରିଥିବା ବେଳେ ୨୦୨୩ରେ ଭୁବନେଶ୍ୱର ଓ ରାଉରକେଲାରେ ହକି ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ବିଶ୍ୱକପ୍ ପାଇଁ ପ୍ରସ୍ତୁତି ମଧ୍ୟ ଜୋରସୋରରେ ଚାଲିଛି। ତୃଣମୂଳସ୍ତରରୁ ଖେଳାଳି ଚୟନ ସହ ଅନ୍ତର୍ଜାତୀୟ ସ୍ତରର କୋଚ୍ମାନଙ୍କୁ ନେଇ ଯେଉଁ ତାଲିମ କାର୍ଯ୍ୟକ୍ରମ ଚାଲୁରହିଛି ସେ ସବୁର ସକାରାତ୍ମକ ପ୍ରଭାବ ଏବେ ଦେଖିବାକୁ ମିଳୁଛି।

# ‘ମହିଳାଙ୍କ ଆଦର୍ଶ ନନ୍ଦିନୀ’

**ନନ୍ଦିନୀ ଶତପଥୀଙ୍କ ୧୫ତମ ଶ୍ରାଦ୍ଧ ଦିବସ**
- ପ୍ରତିମୂର୍ତ୍ତି ଥିବା ଛକର ନାମ ହେଉ ‘ନନ୍ଦିନୀ ଦେବୀ ଛକ’
- ସୁରେନ୍ଦ୍ର ଛୋଟରାୟଙ୍କୁ ନନ୍ଦିନୀ ଶତପଥୀ ସ୍ମୃତି ସମ୍ମାନ

ଭୁବନେଶ୍ୱର,୪।୮(ବ୍ୟୁରୋ)

ଓଡ଼ିଶାର ପ୍ରଥମ ତଥା ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୧୫ତମ ଶ୍ରାଦ୍ଧ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା ସଭାପତିତ୍ୱ କରି ନନ୍ଦିନୀ ଦେବୀ ଏକାଧାରରେ ଜଣେ ନାରୀ ନେତ୍ରୀ, ଲେଖିକା ଓ ସାମ୍ବାଦିକା ବୋଲି କହିବା ସହ ତାଙ୍କ ପ୍ରତିମୂର୍ତ୍ତି ଥିବା ଛକର ନାମ ‘ନନ୍ଦିନୀ ଦେବୀ ଛକ’ ଭାବେ ନାମିତ କରାଯିବାକୁ ଅନୁରୋଧ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ନନ୍ଦିନୀ ଶତପଥୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଡ. ଦ୍ୱାରିକା ନାଥ ମହାନ୍ତି, ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ଯୁଗ୍ମସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ସେହିପରି ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ସେଠାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇ ମହିଳାଙ୍କ ସର୍ବକାଳୀନ ଆଦର୍ଶ ଭାବେ ନନ୍ଦିନୀ ଶତପଥୀ ପ୍ରେରଣାର ସ୍ରୋତ ପାଲଟିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ସଂସ୍କୃତି ଅନୁସଚିବ ଲକ୍ଷ୍ମୀଧର ବେହେରା ଉପସ୍ଥିତ ରହି ମାଲ୍ୟାର୍ପଣ କରିବା ସହ ନନ୍ଦିନୀଙ୍କ ବହୁମୁଖୀ ବ୍ୟକ୍ତିତ୍ୱର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅଭିଯାନ ପକ୍ଷରୁ ପାଲା ସଂସ୍କୃତିର ସାଧକ ତଥା ଗାୟକ ଆହ୍ଲାଦ ସୁରେନ୍ଦ୍ର ଛୋଟରାୟଙ୍କୁ ନନ୍ଦିନୀ ଶତପଥୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଙ୍ଗଠନର ସଂଯୋଜକ ନାରାୟଣ ଓଝା, ବରିଷ୍ଠ ସଦସ୍ୟ ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅସିତ୍ ଦାସ, ସିତାଂଶୁ ଶେଖର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଉକ୍ତ ସ୍ଥାନରେ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି। ସାମ୍ମୁଖ୍ୟର ଆବାହକ ରବିନାରାୟଣ ନନ୍ଦ, ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ରାଜ୍ୟ କମିଟି ସଦସ୍ୟ ଡ. ଜୀବନ ଦୀକ୍ଷିତ, ଦେବରାଜ ସେନାପତି, ଜିଲା କର୍ମକର୍ତ୍ତା ସତ୍ୟବ୍ରତ ଜେନା, ମନୋରଞ୍ଜନ ନାୟକ, ବୈକୁଣ୍ଠ ଭୋଇ, ଦେବଯାନୀ ଦାସ ଏବଂ ବାବା ପଞ୍ଚଦେବ ପ୍ରମୁଖ ନନ୍ଦିନୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଓଡ଼ିଶାର ଜଣେ ଅଗ୍ରଣୀ ନାରୀନେତ୍ରୀ ଭାବେ ସେ ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରି ରାଜ୍ୟର ବହୁବିଧ ଉନ୍ନତି କରିପାରିଥିବାରୁ ତଥା ତାଙ୍କର କଳା, ସାହିତ୍ୟ ଓ ସଂସ୍କୃତି ପ୍ରତି ସ୍ୱତନ୍ତ୍ର ଅବଦାନ ନିମନ୍ତେ ସେ ଉତ୍କଳୀୟ ଜନମାନସରେ ଚିରସ୍ମରଣୀୟ ହୋଇ ରହିଛନ୍ତି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ୧୪ ସ୍ଥାନରେ ହେବ ଆର୍‌ଟି-ପିସିଆର୍ ଟେଷ୍ଟ ଲାବ୍

ଭୁବନେଶ୍ୱର,୪।୮(ବ୍ୟୁରୋ)

ରାଜ୍ୟରେ ଏବେ କରୋନା ଦ୍ୱିତୀୟ ଲହରର ଭୟାବହତା ଥିବା ବେଳେ ଚଳିତ ମାସ ଶେଷ ଆଡ଼କୁ ତୃତୀୟ ଲହର ଆସିବ ବୋଲି ହାଇଦ୍ରାବାଦ ଓ କାନପୁର ଆଇଆଇଟି ଚେତାବନୀ ଦେଇଛି। ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ଏ ନେଇ ସରକାର ସଚେତନ ଅଛନ୍ତି। ତୃତୀୟ ଲହର ପ୍ରଭାବ ରୋକିବାକୁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି। ଏଥିଲାଗି ଦୁଇଟି ଜିନିଷ ଆବଶ୍ୟକ। ପ୍ରଥମତଃ ରୋଗୀ ଚିହ୍ନଟ ସହ ସର୍ଭେଲାନ୍ସ ଜାରି ରଖିବା ଏବଂ ଦ୍ୱିତୀୟରେ ଗୁରୁତରଙ୍କର ଠିକ୍ ଭାବେ ଚିକିତ୍ସା କରାଯିବା। ରାଜ୍ୟ ସରକାର ଏହି ଦୁଇଟି ଦିଗ ସହ ଟିକାକରଣ ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ସେହିପରି ରାଜ୍ୟର ଆଉ ୧୪ଟି ସ୍ଥାନରେ ଆର୍‌ଟି-ପିସିଆର୍ ଟେଷ୍ଟ ଲାବ ସ୍ଥାପନ କରାଯିବ ବୋଲି ସେ ବୁଧବାର ସୂଚନା ଦେଇଛନ୍ତି। ରାଜ୍ୟରେ କରୋନାଜନିତ ମୃତ୍ୟୁ ବୃଦ୍ଧିକୁ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ଏବେ ଯେଉଁ ମୃତ୍ୟୁ ତଥ୍ୟ ରହୁଛି, ତାହା ପୁରୁଣା ତଥ୍ୟରୁ ଅଡିଟେଡ୍ ହୋଇଆସୁଛି। ଯେତେବେଳେ ମହାମାରୀ ଶେଷ ହେବ, ସେତେବେଳେ ହିଁ ବାସ୍ତବ ମୃତ୍ୟୁ ହାର ଜଣାପଡ଼ିବ।

ଅନ୍ୟପକ୍ଷରେ ରାଜ୍ୟରେ ଦୈନିକ ସଂକ୍ରମଣ ହାର ପୁଣି ୨% ଊର୍ଦ୍ଧ୍ୱଗାମୀ ହୋଇଛି। ଗତ ୨୪ଘଣ୍ଟାରେ ୬୫,୨୦୯ ନମୁନା ପରୀକ୍ଷା କରାଯାଇଥିବା ବେଳେ ୧,୩୧୫ ପଜିଟିଭ୍ ବାହାରିଛନ୍ତି। ଫଳରେ ସଂକ୍ରମଣ ହାର ୨.୦୨%ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୪୧୩ ଓ କଟକରୁ ୧୯୮ଜଣ ରହିଛନ୍ତି। ବାକି ସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଶହେ ତଳକୁ ରହୁଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୯,୮୨,୧୮୧କୁ ବୃଦ୍ଧି ପାଇଛି। ରାଜ୍ୟରେ ଆଉ ୬୬ଜଣଙ୍କ କରୋନାଜନିତ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଫଳରେ ରାଜ୍ୟରେ ଏହି ମୃତ୍ୟୁ ସଂଖ୍ୟା ୬,୧୬୮କୁ ବୃଦ୍ଧି ପାଇଛି। ବୁଧବାର ଆଉ ୧,୬୩୦ ରୋଗୀ କରୋନାରୁ ସୁସ୍ଥ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ଆରୋଗ୍ୟଙ୍କ ସଂଖ୍ୟା ୯,୬୩,୬୧୮ରେ ପହଞ୍ଚିଛି। ବର୍ତ୍ତମାନ ୧୨,୨୪୨ ସକ୍ରିୟ ରୋଗୀ ରହିଛନ୍ତି।

# ଖୋଳତାଡ଼ କରିବ ଇଡି

**ବିରଞ୍ଚି ସାହୁଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

**ବେଆଇନ ଅର୍ଥ କାରବାରର ତଦନ୍ତ ହେବ**

ଭୁବନେଶ୍ୱର,୪।୮(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇଥିବା ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍ଏସ୍ସି) ସଦସ୍ୟଙ୍କ ପ୍ରାଇଭେଟ ସେକ୍ରେଟାରି (ପିଏସ୍) ବିରଞ୍ଚି ନାରାୟଣ ସାହୁଙ୍କ ବେଆଇନ ଅର୍ଥ କାରବାରର ଗୁମର ଖୋଲିବ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଏବେ ଇଡି ଏହି ମାମଲାର ତଦନ୍ତ କରିବ। କିଭଳି ଭାବେ ବିରଞ୍ଚି ସାଢେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଗଚ୍ଛିତ କଲେ ଏବଂ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ସେନେଇ ଖୋଳତାଡ଼ କରାଯିବ। ବିରଞ୍ଚିଙ୍କ ନାମରେ ଏକ ମାମଲା ରୁଜୁ କରାଯାଇଛି ଓ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯିବ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ମାଧବ ଚନ୍ଦ୍ର ମିଶ୍ର ବୁଧବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେହିପରି ଭିଜିଲାନ୍ସ ପକ୍ଷରୁ ମଧ୍ୟ ତଦନ୍ତ ଜାରି ରହିବ। ବିରଞ୍ଚିଙ୍କ ଏତେ ଟଙ୍କା ଠୁଳର ମୁଖ୍ୟ ଉଦ୍ଦେଶ୍ୟ କ’ଣ, ଏହା ପଛରେ ଚାକିରି ରାକେଟ ସମ୍ପୃକ୍ତ କି ନାହିଁ ପ୍ରଭୃତି ବିଭିନ୍ନ ବିଷୟରେ ତାଙ୍କୁ ପଚରାଉଚରା କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



ବିରଞ୍ଚି ନାରାୟଣ ସାହୁ

ସୂଚନାଯୋଗ୍ୟ, ଅଧିକ ତଥ୍ୟ ହାସଲ ଉଦ୍ଦେଶ୍ୟରେ ବିରଞ୍ଚିଙ୍କୁ ଭିଜିଲାନ୍ସ ମଙ୍ଗଳବାରଠାରୁ ୪ଦିନିଆ ରିମାଣ୍ଡରେ ନେଇଛି। ଚାକିରି ପାଇଥିବା ଓ ଚାକିରି ପାଇଁ ଆବେଦନ କରିଥିବା ବ୍ୟକ୍ତି ବିରଞ୍ଚିଙ୍କୁ କେତେ ଟଙ୍କା ଦେଇଛନ୍ତି ଏବଂ ଏହି ଆର୍ଥିକ କାରବାରରେ କେହି ବଡ ଅଧିକାରୀ ସାମିଲ ଅଛନ୍ତି କି ନାହିଁ ସେ ସଂକ୍ରାନ୍ତରେ ଭିଜିଲାନ୍ସ ଅନୁସନ୍ଧାନ ଜାରି ରଖିଛି। ଏହି କ୍ରମରେ ମଙ୍ଗଳବାର ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନଙ୍କ କାର୍ଯ୍ୟାଳୟରେ ଦ୍ୱିତୀୟ ଥର ଭିଜିଲାନ୍ସ ପକ୍ଷରୁ ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଜୁଲାଇ ୩୧ରେ ବିରଞ୍ଚିଙ୍କ ଭୁବନେଶ୍ୱର ନୀଳାଦ୍ରିବିହାରସ୍ଥିତ ବାସଭବନ ଓ କଟକର ଶ୍ୱଶୁର ଘର ସମେତ ୬ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରି ମୋଟ ୩ କୋଟି ୫୧ଲକ୍ଷ ଓ ୫୧ହଜାର ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଥିଲା। ଏହା ତାଙ୍କ ଆୟର ୨୬୮% ଅଧିକ ବୋଲି କୁହାଯାଇଥିଲା। ଏ ନେଇ ମାମଲା ନଂ. ୧୬/୨୧ ରୁଜୁ କରି ଭିଜିଲାନ୍ସ ତଦନ୍ତ ଜାରି ରଖିଛି। ବିରଞ୍ଚି ମୁଖ୍ୟ ଅଭିଯୁକ୍ତ ଥିବାବେଳେ ତାଙ୍କ ସ୍ତ୍ରୀ, ଶଢ଼ୁ ଏବଂ ଅନ୍ୟ କେତେଜଣ ସହଯୋଗୀ ଥିବା ଦର୍ଶାଇ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି।

# ୧୦ରୁ ଖୋଲିବ ପ୍ଲାନେଟାରିୟମ୍

**ଭୁବନେଶ୍ୱର,୪।୮(ବ୍ୟୁରୋ)**ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ, ବୁର୍ଲାସ୍ଥିତ ଡ. ଏପିଜେ ଅବଦୁଲ କଲାମ ପ୍ଲାନେଟାରିୟମ୍ ଏବଂ ଖଣ୍ଡପଡ଼ାସ୍ଥିତ ପଠାଣି ସାମନ୍ତ ସଂଗ୍ରହାଳୟ ଆସନ୍ତା ୧୦ ତାରିଖରୁ ଖୋଲାଯିବ। ସମସ୍ତ ଅନୁଷ୍ଠାନରେ କୋଭିଡ୍ କଟକଣା ପାଳନ କରାଯିବ। ପ୍ରବେଶ ପଥରେ ଥର୍ମାଲ ସ୍କାନିଂ ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ହେବ। ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମ ଶନିବାର ଓ ରବିବାର ବ୍ୟତୀତ ଅନ୍ୟ ସବୁଦିନ ଖୋଲା ରହିବ। ବୁର୍ଲାସ୍ଥିତ ଡ. ଏପିଜେ ଅବଦୁଲ କଲାମ ପ୍ଲାନେଟାରିୟମ୍ ଏବଂ ଖଣ୍ଡପଡ଼ାସ୍ଥିତ ପଠାଣି ସାମନ୍ତ ସଂଗ୍ରହାଳୟ ସୋମବାର ବ୍ୟତୀତ ଅନ୍ୟ ଦିନ ଖୋଲା ରହିବ। ପ୍ରବେଶ ପାଇଁ କୋଭିଡ୍ ଟିକାକରଣ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ।






# ବନ୍ୟା ଜଳ ଛାଡ଼ିଲା ରେଙ୍ଗାଲି




**କଣିହାଁ,୪।୮(ଡି.ଏନ୍.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମ୍ରୁ ବୁଧବାର ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଛି। ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଡ୍ୟାମ୍ର ଗୋଟିଏ ଗେଟ୍ ଖୋଲାଯାଇଥିବା ସୂଚନା ମିଳିଛି। ଅଧୀକ୍ଷଣ ଯନ୍ତ୍ରୀ ଅଜିତ ଜେନା କହିଛନ୍ତି, ରେଙ୍ଗାଲି ଡ୍ୟାମ୍ର ସର୍ବୋଚ୍ଚ ଜଳଧାରଣ କ୍ଷମତା ୧୨୩.୫୦ ମିଟର। ବୁଧବାର ପୂର୍ବାହ୍ନ ୧୧ଟା ସୁଦ୍ଧା ଡ୍ୟାମ୍ର ଜଳସ୍ତର ୧୧୯.୮୨ ମିଟରରେ ପହଞ୍ଚିଥିଲା। ଫଳରେ ପୂର୍ବାହ୍ନ ୧୧ଟା ୧୦ରେ ଡ୍ୟାମ୍ର ୭ନଂ. ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ଅପରାହ୍ନ ୪ଟା ସୁଦ୍ଧା ଡ୍ୟାମ୍ର ଜଳସ୍ତର ୧୧୯.୮୪ ମିଟର ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୧୦୪୫.୧୩ ଘନ ମିଟର ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ ଓ ଖୋଲାଯାଇଥିବା ଗୋଟିଏ ଗେଟ୍ ଦେଇ ମୋଟ ୧୪୮୦.୭୫ ଘନମିଟର ବନ୍ୟା ଜଳ ନିଷ୍କାସିତ ହେଉଛି। ଡ୍ୟାମ୍ ଗେଟ୍ ଖୋଲିବା ସମୟରେ ମୁଖ୍ୟଯନ୍ତ୍ରୀ ପ୍ରଭାକର ବେହେରା, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସନ୍ତୋଷ କୁମାର ମହାପାତ୍ର, ଉପଖଣ୍ଡ ଅଧିକାରୀ ଶଙ୍କରାନନ୍ଦ ରଣା, ସହକାରୀ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ବେହେରା, ଜ୍ୟୋତିରଞ୍ଜନ ସିଂ, କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମଣ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

# ଫେକ୍ ଆଇଏଏସ୍ଙ୍କ ଫଟୋ ଭାଇରାଲ

**ମୁଖ୍ୟମନ୍ତ୍ରୀଙ୍କ ନାଁରେ ଶୁଭେଚ୍ଛା ବାର୍ତ୍ତା, ଥାନାରେ ମାମଲା ରୁଜୁ**

**ଦାରିଙ୍ଗବାଡ଼ି,୪।୮(ଡି.ଏନ୍.ଏ.):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଜଣେ ଯୁବକ ଆଇଏଏସ୍ ପାଇଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। କେବଳ ସେତିକି ନୁହେଁ, କେହି ଜଣେ ମୁଖ୍ୟମନ୍ତ୍ରୀଙ୍କ ଫେକ୍ ଟୁଇଟର୍ ଆକାଉଣ୍ଟ ଖୋଲି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଇଥିବା ଫଟୋ ମଧ୍ୟ ଭାଇରାଲ୍ ହେଉଛି। ଫଟୋରେ ଥିବା ବ୍ୟକ୍ତି ଜଣକ ବୁଧବାର ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଏହାକୁ ରଖିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ସତ୍ୟାସତ୍ୟ ଜାଣିବା ପାଇଁ ତାଙ୍କ ସହ ଯୋଗାଯୋଗ କରିବାରେ ସେ ଆଇଏଏସ୍ ପାଇ ନ ଥିବା କହିଛନ୍ତି। ତାଙ୍କର ୟୁପିଏସ୍ସି ପରୀକ୍ଷା କ୍ଲିୟର ହୋଇ ନ ଥିବା ଜଣାଇଥିଲେ। ଏ ନେଇ କନ୍ଧମାଳ ଏସ୍ପି ବିନୀତ ଅଗ୍ରୱାଲଙ୍କ ସହ ଯୋଗାଯୋଗ କରିବାରୁ ଫୁଲବାଣୀ ଟାଉନ ଥାନାରେ ଏ ସମ୍ପର୍କରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା କହିଛନ୍ତି।

**ଆଜିର ମନ୍ତବ୍ୟ**
"ପେଗାସସ୍ ଉପରେ ଆଲୋଚନା ଦାବି କରୁଥିବା ୬ ଏମ୍‌ପିଙ୍କୁ ରାଜ୍ୟ ସଭାରୁ ନିଲମ୍ବନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ମାମଲାରେ ପରାଜୟ ସ୍ୱୀକାର କରିଛନ୍ତି। **-ଅଭିଷେକ ବାନାର୍ଜୀ, ଟିଏମ୍‌ସି ନେତା**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହା ମନ କେଉଁଠି**
**ଓଲେଇ ମନ ହାଣ୍ଡି ପାଖରେ**
**ବୋହୂ ମନ ଯାଇ ଭିତର ଘରେ ।**

ଇପ୍‌ସିତ ପଦାର୍ଥ ଉପରେ ମନଧ୍ୟାନ। ଯିଏ ଖାଦ୍ୟଲୋଭି ତା'ର ମନ ସବୁବେଳେ ଖାଦ୍ୟ ଉପରେ ରହିଥାଏ। ସେହିପରି ନୂଆ କରି ବାହାହୋଇ ଆସିଥିବା ଭୁଆଶୁଣୀ ବୋହୂର ମନ ତା' ମନର ମଣିଷ ପାଖରେ ବନ୍ଧା ରହିଥାଏ। ପ୍ରେତ୍ୟେକ ବ୍ୟକ୍ତିଙ୍କ ପସନ୍ଦ ଓ ରୁଚି ସ୍ୱତନ୍ତ୍ର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାହାକୁ ଦେଖିଲେ କିସ ପରି**
**ଆମକୁ ଦେଖିଲେ ବିଷ ପରି ।**

କିଛି ବ୍ୟକ୍ତିଙ୍କ ଭିତରେ ଅହୀନକୁଳ ସମ୍ପର୍କ ରହିଥାଏ। ଜଣଙ୍କ ଛାଇ ପଡ଼ିଲେ ଅନ୍ୟଜଣଙ୍କ ନାହି ଡେଇଁଥାଏ। ଜଣଙ୍କର ଉପସ୍ଥିତି ଅନ୍ୟଜଣଙ୍କ ପାଇଁ ଅସହ୍ୟ ବୋଧ ହେଉଥିବା ସ୍ଥଳେ, ମୁହାଁମୁହିଁ ହୋଇଗଲେ ମୁହଁ ଅମିଳା କରି ଚାଲିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ

# ଆନ୍ଧ୍ର ଶ୍ରମିକ ମୃତ୍ୟୁ ଘଟଣାର କାରଣ ଖୋଜିବ କଂଗ୍ରେସ

ଗୁଣପୁର,୪।୮(ଡି.ଏନ୍.ଏ.)

ଦାଦନ ଖଟିବାକୁ ଯାଇଥିବାବେଳେ ଆନ୍ଧ୍ର ପ୍ରଦେଶର ଗୁଣ୍ଟୁର ଜିଲା ଲଙ୍କାଭାନିଦିବାଠାରେ ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳର ୫ ଶ୍ରମିକଙ୍କ ମୃତ୍ୟୁ ଘଟଣାକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ତତ୍ପରତା ଦେଖିବାକୁ ମିଳିଛି। ଶ୍ରମିକମାନଙ୍କ ମୃତ୍ୟୁର ପ୍ରକୃତ କାରଣ ଅନୁସନ୍ଧାନ ନିମନ୍ତେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କଂଗ୍ରେସର ୬ ଜଣିଆ ରାଜ୍ୟସ୍ତରୀୟ ଅନୁଧ୍ୟାନ କମିଟି ଗଠନ କରାଯାଇଛି। ନବରଙ୍ଗପୁରର ପୂର୍ବତନ ଏମ୍‌ପି ତଥା ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି କମିଟିର ଅଧ୍ୟକ୍ଷ ଏବଂ ରାୟଗଡ଼ା ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା ଆବାହକ ରହିଛନ୍ତି। ସେହିପରି ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ, ପୂର୍ବତନ ବିଧାୟକ ନିମାଇଁ ସରକାର, ପୂର୍ବତନ ସାଧାରଣ ସମ୍ପାଦକ ଅଜିତ ଦାସ ଏବଂ ସରୋଜ କୁମାର ପାତ୍ର ସଭ୍ୟ ରହିଛନ୍ତି। ଏହି ରାଜ୍ୟସ୍ତରୀୟ କମିଟି ଗୁଣପୁର ବ୍ଲକ ଭୀମପୁର ପଞ୍ଚାୟତ ଝୁମ୍ପାପୁର, ଫୁଲପୁଟି ଏବଂ ଗୁଣପୁର ସହର ମୋତିଲାଲ ନଗର ଅଞ୍ଚଳ ସମେତ ଦୁର୍ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ ଶ୍ରମିକମାନଙ୍କ ମୃତ୍ୟୁର ପ୍ରକୃତ କାରଣ ନେଇ ତଥ୍ୟ ସଂଗ୍ରହ କରିବା ସହ ୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବ ବୋଲି ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାରୁ...

### ସ୍ୱର୍ଣ୍ଣ ପାଇଁ ଲଢ଼ିବେ ....

ରୌପ୍ୟ ପଦକ ଜିତିଥିଲେ। ଦହିୟା ଏବେ ପଞ୍ଚମ ରେସ୍‌ଲର ଭାବେ ଅଲିମ୍ପିକ ପଦକ ହାସଲ କରିବା ନିଶ୍ଚିତ ହୋଇଛି। ହରିୟାଣାର ନହରି ଗ୍ରାମର ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିବା ଦହିୟା ଇଭେଣ୍ଟରେ ଚତୁର୍ଥ ସିଡ୍ ମାନ୍ୟତା ପାଇଥିଲେ। ସେ ସାନାୟେଭଙ୍କ ବିପକ୍ଷରେ ୨-୯ରେ ପଛରେ ପଡ଼ିଥିଲେ। କିନ୍ତୁ ଏହାପରେ ଦହିୟା ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଡବଲ ଲେଗ୍ ଆଟାକ କରି ବିଜୟୀ ହୋଇଥିଲେ। ଗୋଟିଏ ମିନିଟ ପୂର୍ବରୁ ସେ ବାଜି ମାରିନେଇଥିଲେ।

ଏହା ମୋ ପାଇଁ ଏକ ବଡ଼ ସଫଳତା ବୋଲି ବିଜୟ ପରେ ଦହିୟା କହିଛନ୍ତି। ତେବେ କାର୍ଯ୍ୟ ଶେଷ ହୋଇନାହିଁ। ସ୍ୱର୍ଣ୍ଣ ପଦକ ଜିତିବା ମୋର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି। ଗୁରୁବାର ଫାଇନାଲ ବାଉଟ୍‌ରେ ସେ ଏବେକାର ବିଶ୍ୱ ଚାମ୍ପିୟନ ରୁଷିଆର ଜାଭୁର ଉଗୁଏଭଙ୍କୁ ଭେଟିବେ। ପୂର୍ବରୁ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ସେ ଉଗୁଏଭଙ୍କଠାରୁ ପରାସ୍ତ ହୋଇଥିଲେ। ପ୍ରଥମେ ବୃହତ୍ ବ୍ୟବଧାନରେ ପଛରେ ପଡିଥିଲେ ମଧ୍ୟ ଦହିୟା ହତୋତ୍ସାହ ହୋଇ ନ ଥିଲେ। ସେ ମାନସିକ ଦୃଢ଼ତାର ପରିଚୟ ଦେଇ ମୁକାବିଲାକୁ ନିଜ ଅକ୍ତିଆରକୁ ନେଇଥିଲେ। ପ୍ରଥମ ପିରିୟଡ ଶେଷ ସୁଦ୍ଧା ଦହିୟା ୨-୧ରେ ଅଗ୍ରଣୀ ହୋଇଥିଲେ। କିନ୍ତୁ ସାନାୟେଭ ପୂର୍ଣ୍ଣ ପ୍ରସ୍ତୁତିର ସହ ଦହିୟାଙ୍କ ବାମ ଗୋଡକୁ ଆଟାକ କରିଥିଲେ ଓ ୬ ପଏଣ୍ଟ ହାସଲ କରି ନେଇଥିଲେ। ତେବେ ଏହାର ଗୋଟିଏ ମିନିଟ୍ ପରେ ସେ ମୁକାବିଲାର ପଟ ପରିବର୍ତ୍ତନ କରିଥିଲେ। ଦହିୟା ପ୍ରଥମ ମୁକାବିଲାରେ କଲମ୍ବିଆର ଟାଇଗ୍ରେରୋସ ଉରବାନୋଙ୍କୁ ୧୩-୨ର ହରାଇଥିଲେ। ଏହାପରେ ସେ ବୁଲଗେରିଆର ଜର୍ଜି ଭାଲେଣ୍ଟିନୋଭ ଭାନଗେଲୋଭଙ୍କୁ ୧୪-୪ରେ ହରାଇଥିଲେ।

ଦିଲ୍ଲୀର ଛତ୍ରସାଲ ଷ୍ଟାଡିୟମରେ ଦହିୟା ଅଭ୍ୟାସ କରୁଥିଲେ। ଏହି ଷ୍ଟାଡିୟମରେ ଅଭ୍ୟାସ କରି ସୁଶୀଲ କୁମାର ଓ ଯୋଗେଶ୍ୱର ଦତ୍ତ ମଧ୍ୟ ଅଲିମ୍ପିକ ପଦକ ହାସଲ କରିଥିଲେ। କୋଚ୍ ସତ୍‌ପାଲ ସିଂ ଦହିୟାଙ୍କ ପ୍ରଦର୍ଶନକୁ ଐତିହାସିକ ବୋଲି କହିଛନ୍ତି। ୮ ଅଙ୍କ ପଛରେ ରହି ଦହିୟା ଯେଉଁଭଳି ଭାବେ ପ୍ରତ୍ୟାବର୍ତ୍ତନ କଲେ ତାହା ପ୍ରଶଂସନୀୟ ବୋଲି ସେ କହିଛନ୍ତି। ସେ ସ୍ୱର୍ଣ୍ଣ ପଦକ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି। ପୂର୍ବରୁ ଦହିୟା କାଜାଖସ୍ତାନର ଅଲମାଟିରେ ଓ ୨୦୨୦ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ୨୦୧୯ରେ ନୁର ସୁଲତାନରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ୨୦୧୮ରେ ବୁକାରେଷ୍ଟରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ରୌପ୍ୟ ଓ ୨୦୧୫ରେ ବିଶ୍ୱ ଜୁନିୟର ରେସ୍‌ଲିଂରେ ମଧ୍ୟ ରୌପ୍ୟ ପଦକ ଜିତିଥିଲେ।

ପୂର୍ବରୁ କେ.ଡି. ଯାଦବ ପ୍ରଥମ ଭାରତୀୟ ରେସ୍‌ଲର ଭାବେ ୧୯୫୨ ହେଲସିଙ୍କି ଅଲିମ୍ପିକ୍ସରେ ପଦକ ହାସଲ କରିଥିଲେ। ସେ ବ୍ରୋଞ୍ଜ ପଦକ ହାସଲ କରି ଭାରତର ପ୍ରଥମ ବ୍ୟକ୍ତିଗତ ଅଲିମ୍ପିକ୍ସ ପଦକ ବିଜେତା ସାବ୍ୟସ୍ତ ହୋଇଥିଲେ। ଏହାପରେ ସୁଶୀଲ କୁମାର ୨୦୦୮ ବେଜିଂ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହାର ୪ ବର୍ଷ ପରେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସେ ରୌପ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ସୁଶୀଲ ଭାରତର ପ୍ରଥମ ଆଥ୍‌ଲେଟ ଭାବେ ଦୁଇଟି ଅଲିମ୍ପିକ୍ସ ପଦକ ହାସଲ କରିବାର ବିରଳ ସଫଳତା ପାଇଥିଲେ। ବର୍ତ୍ତମାନ ମହିଳା ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁ ଦ୍ୱିତୀୟ ଭାରତୀୟ ଖେଳାଳିଭାବେ ଦୁଇଟି ଅଲିମ୍ପିକ ପଦକ ହାସଲ କରି ସୁଶୀଲଙ୍କ ସମକକ୍ଷ ହୋଇଛନ୍ତି। ୨୦୧୨ ଅଲିମ୍ପିକ୍ସରେ ଅନ୍ୟତମ ରେସ୍‌ଲର ଯୋଗେଶ୍ୱର ଦତ୍ତ ମଧ୍ୟ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହାପରେ ମହିଳା ରେସ୍‌ଲର ସାକ୍ଷୀ ମଲିକ ୨୦୧୬ ରିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ। ଭିନେଶ ଫୋଗତ ଓ ବଜରଙ୍ଗ ପୁନିଆ ମଧ୍ୟ ରେସ୍‌ଲିଂରେ ପଦକ ହାସଲ କରିବାର ସମ୍ଭାବନା ରହିଛି।

### ୧୬ରୁ ଶ୍ରୀମନ୍ଦିରରେ ...

ଜାରି କରିବ। ଜନ୍ମାଷ୍ଟମୀ ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଅସମ୍ଭବ ଭିଡ଼ ହେଉଥିବାରୁ କୋଭିଡ୍‌ସ୍ଥିତିକୁ ପ୍ରାଥମିକତା ଦିଆଯାଇ ଏହି ଦିନ ଶ୍ରୀମନ୍ଦିର ବନ୍ଦ ରଖାଯିବ। ବୁଧବାର ଛତିଶା ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନର ମିଳିତ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ୍ କୁମାର କହିଛନ୍ତି। ସକାଳ ୭ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ହେବ। ଶନିବାର ଓ ରବିବାର ଶଟ୍‌ଡାଉନ ଥିବା ଯୋଗୁ ଶ୍ରୀମନ୍ଦିରରେ କେବଳ ନୀତିକାନ୍ତି ହେବ ମାତ୍ର ସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରଦ୍ଧାଳୁଙ୍କ ଯାଞ୍ଚ ପାଇଁ କିଓସ୍କୋ ବ୍ୟବସ୍ଥା ଲାଗୁ ହେବ। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ଦର୍ଶନର ବ୍ୟବସ୍ଥା ହେବ। ଭୋଗ ଓ ଦୀପ ଭଳି ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିବ। ମହାପ୍ରସାଦ ସେବନ ଶ୍ରୀମନ୍ଦିର ପରିସରରେ ହୋଇପାରିବ ନାହିଁ। ଶ୍ରଦ୍ଧାଳୁ ଆନନ୍ଦବଜାରରୁ ମହାପ୍ରସାଦ କେବଳ କିଣିପାରିବେ। ସେହିଭଳି ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀଙ୍କୁ କୋଭିଡ୍ କଟକଣା ମାନିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଯଥାସମ୍ଭବ ସାମାଜିକ ଦୂରତ୍ୱ, ମାସ୍କ ଓ ସାନିଟାଇଜର ବ୍ୟବହାର କରିବାକୁ କୁହାଯାଇଛି। ରଥଯାତ୍ରା ସମୟରେ ନିୟୋଜିତ ଥିବା ସମସ୍ତ ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀମାନଙ୍କ ପୁଣି ଥରେ ଆସନ୍ତା ୮, ୯ ଓ ୧୦ ତାରିଖରେ କୋଭିଡ୍ ଟେଷ୍ଟ ହେବ। ସମ୍ପୃକ୍ତ ବ୍ୟକ୍ତିମାନେ ସଂକ୍ରମିତ ହୋଇଥିବା ଆଶଙ୍କା ଥିବାହେତୁ ପୁଣି ଥରେ ଟେଷ୍ଟିଂ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ପୂର୍ବରୁ ସେବାୟତଙ୍କ କୋଭିଡ୍ ଟେଷ୍ଟ ସାରିବା ପାଇଁ ଜୋରସୋରରେ ଉଦ୍ୟମ ହେଉଛି। ଏବେ ପ୍ରାୟତଃ ୯୦ ପ୍ରତିଶତ ସେବାୟତ ଓ ପରିବାର ସଦସ୍ୟମାନେ କରୋନା ଟିକା ନେଇ ସାରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ଶତପ୍ରତିଶତ ସଦସ୍ୟଙ୍କୁ କୋଭିଡ୍ ଡବଲ୍ ଡୋଜ୍ ଟିକା ଦେବା ପାଇଁ ପ୍ରୟାସ କରିବ। ଯାହାଦ୍ୱାରା ସାଧାରଣ ଦର୍ଶନ ବେଳକୁ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟକୁ ନେଇ କୌଣସି ଆଶଙ୍କା ରହିବ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ୍ କୁମାର କହିଛନ୍ତି। ଏସବୁ ବାଦ୍ ରାଜ୍ୟ ସରକାରଙ୍କ ଅଗଷ୍ଟ ଗାଇଡଲାଇନ୍‌ରେ ଧାର୍ମିକ ଅନୁଷ୍ଠାନ ସମ୍ବନ୍ଧିତ ସମସ୍ତ ନିର୍ଦ୍ଦେଶନାମାକୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟକାରୀ କରିବ ବୋଲି କୁହାଯାଇଛି। ନୀଳାଦ୍ରି ଭକ୍ତ ନିବାସଠାରେ ବୁଧବାର ସନ୍ଧ୍ୟାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୁରୀ ଜିଲାପାଳ, ଏସ୍‌ପି, ନୀତି ପ୍ରଶାସକ, ଉନ୍ନୟନ ପ୍ରଶାସକ, ଛତିଶା ନିଯୋଗ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ। ମହାପ୍ରଭୁଙ୍କ ଅପାର କରୁଣାରୁ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ଆରମ୍ଭ ହେବାକୁ ଯାଉଛି ବୋଲି ବରିଷ୍ଠ ସେବାୟତ ତଥା ଛତିଶା ନିଯୋଗ ସଦସ୍ୟ ରଜତ ପ୍ରତିହାରୀ କହିଛନ୍ତି । ଶ୍ରୀମନ୍ଦିର ପ୍ରଶାସନର ଏଭଳି ନିଷ୍ପତ୍ତିକୁ ସବୁ ମହଲରୁ ସ୍ୱାଗତ କରାଯାଇଛି। ପ୍ରକାଶ ଯେ, କରୋନାର ୨ୟ ଲହରର ସଂକ୍ରମଣକୁ ଦେଖି ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥା ଗତ ଏପ୍ରିଲ ୨୪ତାରିଖରୁ ବନ୍ଦ ରହିଛି।

### ୯ରୁ ଖୋଲିବ ବୈଷୟିକ...

ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାନୁଷ୍ଠାନ ଖୋଲିବ ବୋଲି କୁହାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ପିଲାଙ୍କ ନିମନ୍ତେ ପଦକ୍ଷେପ ନିଆଯାଇପାରେ ବୋଲି ଆଲୋଚନା ହେଉଛି। କରୋନା ଗାଇଡ୍‌ଲାଇନ୍ ପାଳନ ସହ ଶିକ୍ଷାନୁଷ୍ଠାନ ଖୋଲିବାକୁ ନିର୍ଦ୍ଦେଶ ରହିଛି। ଛାତ୍ରୀଛାତ୍ରଙ୍କ ପାଇଁ କୋଭିଡ୍ ନେଗେଟିଭ ରିପୋର୍ଟ ବାଧ୍ୟତାମୂଳକ ହେବ। ରାଜ୍ୟର ବିଭିନ୍ନ ସ୍ଥାନ ତଥା ରାଜ୍ୟ ବାହାରୁ ମଧ୍ୟ ଛାତ୍ରୀଛାତ୍ର ଆସିବାକୁ ଥିବାରୁ ବୈଷୟିକ ଶିକ୍ଷାନୁଷ୍ଠାନ ସହ ହଷ୍ଟେଲ ମଧ୍ୟ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଶିକ୍ଷାନୁଷ୍ଠାନ ଖୋଲାଯିବା ପୂର୍ବରୁ ଶ୍ରେଣୀଗୃହ, ଲାବୋରେଟୋରି ଓ ହଷ୍ଟେଲକୁ ସାନିଟାଇଜ କରାଯିବ। ଏନେଇ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ନିୟନ୍ତ୍ରଣରେ ଆସୁଥିବା ସମସ୍ତ ଇଞ୍ଜିନିୟରିଂ, ଡିପ୍ଲୋମା, ପଲିଟେକ୍‌ନିକ୍ ଏବଂ ଆଇଟିଆଇ କଲେଜକୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷାନୁଷ୍ଠାନକୁ ସାନିଟାଇଜ କରିବା ସହ କରୋନା କଟକଣା ମାନି ପାଠ ପଢ଼ାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ କଣ୍ଟେନ୍‌ମେଣ୍ଟ ଜୋନରେ ରହୁଥିବା ଶିକ୍ଷକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ ଓ କଲେଜକୁ ଆସିବେ ନାହିଁ। ମାସ୍କ ପିନ୍ଧିବା ବାଧ୍ୟତାମୂଳକ ହେବା ସହ ହାତ ସାନିଟାଇଜ କରାଯାଉଛି କି ନାହିଁ, ତାହା ନିଶ୍ଚିତ କରାଯିବ। ସାମାଜିକ ଦୂରତା ବଜାୟ ରଖିବା ସହ ଅଧିକ ଛାତ୍ରୀଛାତ୍ର ଥିଲେ ସେମାନଙ୍କୁ ଦୁଇଟି ବ୍ୟାଚ୍‌ରେ ବିଭକ୍ତ କରାଯିବ। ଛାତ୍ରୀଛାତ୍ର ବା କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଲେ ସେମାନଙ୍କୁ ସଙ୍ଗରୋଧରେ ରହିବା ପାଇଁ ହଷ୍ଟେଲରେ ବ୍ୟବସ୍ଥା କରାଯିବ। ସୂଚନାଯୋଗ୍ୟ, ଅଗଷ୍ଟ ଅନ୍‌ଲକ୍‌ରେ ସରକାର ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଖୋଲିବାକୁ ଅନୁମତି ଦେଇଥିଲେ।

### ପ୍ରଶ୍ନପତ୍ର ଅଦଳବଦଳର ...

ପ୍ରଶ୍ନପତ୍ର ଏବଂ ଏକ୍ସ ରେଗୁଲାର ପିଲାଙ୍କୁ ରେଗୁଲାର ପ୍ରଶ୍ନପତ୍ର ମିଳିଥିଲା। କଟକସ୍ଥିତ ସେକେଣ୍ଡାରି ବୋର୍ଡ ହାଇସ୍କୁଲରେ ହେଉଥିବା ଅଫ୍‌ଲାଇନ୍ ମାଟ୍ରିକ୍ ପରୀକ୍ଷାରେ ଏଭଳି ବିଭ୍ରାଟ ଦେଖିବାକୁ ମିଳିଥିଲା। ଏଭଳି ତ୍ରୁଟି ଜଣାପଡ଼ିବା ପରେ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପିଲାଙ୍କୁ ଅତିରିକ୍ତ ୧ଘଣ୍ଟା ସମୟ ଦିଆଯାଇଥିଲା। କିନ୍ତୁ ସେତେବେଳକୁ କେତେଜଣ ପିଲା ପ୍ରଥମ ପେପର ପରୀକ୍ଷା ଦେଇସାରିଥିଲେ। ଏଥିପାଇଁ ପିଲାଙ୍କୁ ହଲ୍‌ରେ ୩ଘଣ୍ଟାରୁ ଅଧିକ ସମୟ ବସିବାକୁ ପଡ଼ିଥିଲା। ଏଭଳି ତ୍ରୁଟିର ଶିକାର ହୋଇଥିବା ପାଖାପାଖି ୨୦ ଜଣ ପରୀକ୍ଷାର୍ଥୀ ସେମାନଙ୍କୁ ନ୍ୟାୟ ଦେବାକୁ ବୋର୍ଡ ସମ୍ପାଦକଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି। ଘଟଣା ସମ୍ପର୍କରେ ମନ୍ତ୍ରୀ ଜାଣିବା ପରେ ଏହାର ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନଙ୍କ ପାଇଁ ଏଭଳି ଭୁଲ ହୋଇଛି ଆବଶ୍ୟକ ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କୁହାଯାଇଛି।

### ଗାଁ ଦାଣ୍ଡରେ ସ୍ତ୍ରୀଙ୍କୁ ପେଟ୍ରୋଲ ...

କାମ କରିବାକୁ ବାହାରକୁ ଯାଇଥାନ୍ତି। ବୁଧବାର ସକାଳେ ବି. ଏରାମ୍ମା କାମ ପାଇଁ ବାହାରକୁ ଯାଉଥିବା ବେଳେ ଗ୍ରାମର ଗାନ୍ଧୀଛକ ନିକଟରେ ସ୍ୱାମୀ ବି.ମୁକୋଡୁ ପେଟ୍ରୋଲ ଧରି ତାଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ସେ ଉକ୍ତ ପେଟ୍ରୋଲ ଏରାମ୍ମାଙ୍କ ଉପରକୁ ଫିଙ୍ଗି ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଏରାମ୍ମାଙ୍କୁ ଉଦ୍ଧାରକରି ଡାକ୍ତରଖାନା ପଠାଇଥିଲେ। ତାଙ୍କ ଶରୀରରେ ୪୦ରୁ ୫୦ ପ୍ରତିଶତ ପୋଡ଼ି ଯାଇଛି। ଖବରପାଇ ଛତ୍ରପୁର ଥାନା ଅଧିକାରୀ, ମେରାଇନ ପୋଲିସ ପହଞ୍ଚି ଅଭିଯୁକ୍ତ ବି. ମୁକୋଡୁଙ୍କୁ କାବୁ କରିବା ସହ ମେରାଇନ ଥାନାରେ ଅଟକ ରଖିଛନ୍ତି। ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ଯାଇ ତଦନ୍ତ କରିଛି। ସେଠାରୁ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ବି.ଏରାମ୍ମାଙ୍କ ବାପାଙ୍କ ଏତଲାକ୍ରମେ ନଂ.୩୬/୨୧ରେ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଛି। ପାରିବାରିକ ଅଶାନ୍ତିରୁ ଏପରି ଘଟଣା ଘଟିଥିବା ପୋଲିସ ଅନୁମାନ କରୁଛି।

### 'ନ ମାନିଲେ ...

ରାଜ୍ୟଗୁଡ଼ିକରେ ଯେଉଁଭଳି ଅବସ୍ଥା ହୋଇଥିଲା ସେ ପରିସ୍ଥିତି ଓଡ଼ିଶାରେ ଘଟି ନାହିଁ। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କର କଠିନ ପରିଶ୍ରମ ଯୋଗୁ ଓଡ଼ିଶା ଆଜି ଭଲ ସ୍ଥିତିରେ ଅଛି । ଡାକ୍ତରମାନେ ଆମର ସୁରକ୍ଷା ପାଇଁ ଦିନରାତି କାମ କରୁଛନ୍ତି। ସେମାନଙ୍କ ତ୍ୟାଗକୁ ସମ୍ମାନ ଜଣାଇ ଆମକୁ ଦାୟିତ୍ୱପୂର୍ଣ୍ଣ ବ୍ୟବହାର କରିବାକୁ ହେବ। ଦ୍ୱିତୀୟ ଲହର ମୁକାବିଲାରେ ଜନସାଧାରଣ ଯେପରି ପ୍ରଶାସନକୁ ସହଯୋଗ କଲେ, ସେଥିପାଇଁ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। 'ଆପଣଙ୍କ ପ୍ରିୟଜନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ନିରାପଦ ଭାବରେ ଜୀବନଜୀବିକା ଯେପରି ଆଗକୁ ବଢ଼ିଚାଲିବ ସେଥିରେ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ଭାଗ୍ୟଭାବକୁ ଦେଖୁଥିବାରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟମ୍ଭାବୀ। ଯେଉଁ ପରିସ୍ଥିତି ହେଉନା କାହିଁକି ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ମାତ୍ର କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମଧ୍ୟ ଶିଥିଳତା ଦେଖାଦେବ।

**ବୃଷ**
କର୍ମସ୍ଥାନ ପ୍ରଭାବଶାଳୀ ହେତୁ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ**
ଧନାଧିପତିଙ୍କ ପୃଷ୍ଠଦେଶରେ ରାହୁ ରହିବା ଯୋଗୁ ବିଭିନ୍ନ ଅଭାବ ଅନଟନ ମାନସିକ ଶାନ୍ତିକୁ ନଷ୍ଟ କରିପାରେ। ପାରିବାରିକ ସମସ୍ୟା ବଳିଯାଉଥିବାରୁ ମନର ଦୁଃଖକୁ ଲୁଚାଇ ରଖି ବନ୍ଧୁଙ୍କ ସହ କଥା ହେବାକୁ ପଡ଼ିବ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। କିନ୍ତୁ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**କର୍କଟ**
କର୍ମାଧିପତି ସହ ଶୁକ୍ରଙ୍କ ସଂଯୋଗ ପ୍ରଭାବରୁ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ। ପ୍ରଶାସନିକ ସ୍ତରରେ ଏପରିକି ଶିଳ୍ପ, ବାଣିଜ୍ୟରେ ମଧ୍ୟ ପ୍ରତିବନ୍ଧକ ଦୂରେଇଯିବ। ଅବଶ୍ୟ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଆକସ୍ମିକ ସ୍ଥାନାନ୍ତର ସୂଚନା ମନକୁ ଭାରାକ୍ରାନ୍ତ କରିପାରେ।

**ସିଂହ**
ନିମ୍ନାଭିମୁଖୀ ଶୁକ୍ରଙ୍କ ଯୋଗୁ କର୍ମ କ୍ଷେତ୍ରରେ ଆହ୍ୱାନ ବ୍ୟତିରେକେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ପାରିବାରିକ ସ୍ତରରେ ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବନ୍ଧୁମାନଙ୍କୁ ମଧୁର ବାକ୍ୟ କହି ନିଜର କାର୍ଯ୍ୟ ହାସଲ କରିନେବେ। କିନ୍ତୁ ପାରିବାରିକ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**କନ୍ୟା**
ଲାଭ ଭାବରେ ବୁଧାଦିତ୍ୟ ଯୋଗ ହେତୁ ଆପଣଙ୍କ କାର୍ଯ୍ୟ ସର୍ବଜନ ପ୍ରଶଂସିତ ହେବ। ଅତି ନିକଟତର ବନ୍ଧୁଙ୍କ ସହ ଆପଣଙ୍କର ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି। ପୂର୍ବରାଗ ଶୁଝାଇବାକୁ ଯାଇ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ନିର୍ମାଣ, ଯୋଗାଯୋଗ, ସଂଗଠନ, ପ୍ରଶାସନ କ୍ଷେତ୍ର ସମସ୍ୟା ମୁକ୍ତ ରହିବ।

**ତୁଳା**
ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରେ ବୁଧ ଥିବାରୁ କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚିତ ହୋଇପାରନ୍ତି। ଅବଶ୍ୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅଶାନ୍ତି କାରଣରୁ ଅନ୍ୟମନସ୍କ ରହିବାର ସୂଚନା ରହିଛି।

**ବିଛା**
ଧର୍ମାଧିପ ଦୁଃସ୍ଥାନରେ ଥିବାରୁ ଆଜିର କାମଗୁଡ଼ିକ ବହୁ ଝିନ୍‌ଝଟ୍‌ରେ ସମ୍ପନ୍ନ ହେବ। ଆନୁଷ୍ଠାନିକ କିମ୍ବା ମାଙ୍ଗଳିକ କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ସହ ଆଲୋଚନା କରିପାରନ୍ତି। କର୍ମଭାବସ୍ଥ ମଙ୍ଗଳ ପ୍ରଭାବରେ ଜମିଜମା ବିବାଦର ଅବସାନ ଘଟିବ। ଶତ୍ରୁତା ପଥରୋଧ କରୁଥିବାର ସନ୍ଦେହ କରି ଅନ୍ୟମନସ୍କତାରୁ କେତେକ ଭୁଲ୍ କରିପାରନ୍ତି।

**ଧନୁ**
ଶନିଙ୍କ କ୍ରୂରଦୃଷ୍ଟି ଚତୁର୍ଥଭାବରେ ରହୁଥିବାରୁ ଆଜି ପାରିବାରିକ, ଲୋକସମ୍ପର୍କ, ଯାନବାହନ କ୍ଷେତ୍ରରେ ସତର୍କତା ଜରୁରୀ। ମୂଳା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ଶିକ୍ଷା, ପରୀକ୍ଷା, ସନ୍ତାନ, ଆଲୋଚନା,ଲେଖାପଢ଼ା କ୍ଷେତ୍ରରେ ଉନ୍ନତମାନର ଶୁଭଫଳ ପାଇବେ।

**ମକର**
ଅଷ୍ଟମଭାବରେ ଚତୁର୍ଥାଧିପତିଙ୍କ ଅବସ୍ଥିତି ହେତୁ ପରିବାରରେ ଅଶାନ୍ତି ଉପୁଜିପାରେ। ତଥାପି କଳା, ସାହିତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ନୂତନ ବନ୍ଧୁସମ୍ପର୍କ ସ୍ଥାପନ ତଥା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଆଜିର ଯାତ୍ରା, ଅର୍ଥନୀତି, ପ୍ରେସ୍, ପବ୍ଲିକେସନ, ରପ୍ତାନିବାଣିଜ୍ୟ ପ୍ରଭୃତିରେ ସଫଳତା ନିଶ୍ଚିତ ମିଳିବ।

**କୁମ୍ଭ**
କର୍ମକ୍ଷେତ୍ରରେ କେତୁ ଥିବାରୁ ସତର୍କତାରେ କାମ ନ କଲେ ଖାଲରେ ପଡ଼ିବାକୁ ପଡ଼ିବ। ଅବଶ୍ୟ ଆପଣ ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇପାରନ୍ତି। ନୀଚ ମନୋଭାବସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। ସ୍ୱାସ୍ଥ୍ୟସମସ୍ୟା ଅନେକାଂଶରେ ନିୟନ୍ତ୍ରଣାଧୀନ ରହିବ।

**ମୀନ**
ସ୍ୱଗୃହାଭିମୁଖୀ ବୃହସ୍ପତି ହେତୁ ଟେନ୍‌ସନ ପିଛା ଛାଡ଼ିବ ନାହିଁ। ବନ୍ଧୁଙ୍କ ପରାମର୍ଶକୁ ପାଥେୟ କଲେ ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପାରିବାରିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ରାଜନୈତିକ ସ୍ଥିତି ପ୍ରତି କୌଣସି ସମସ୍ୟାର ସୁରାକ ପାଇ କୂଟନୀତି ବଳରେ କାର୍ଯ୍ୟ ସାଧନ କରିପାରନ୍ତି।

# ସମସ୍ୟା ସମାଧାନ, ଉନ୍ନୟନ କାର୍ଯ୍ୟକୁ ଅଗ୍ରାଧିକାର ପ୍ରତିଶ୍ରୁତି

**କୁଡୁମୁଲୁଗୁମ୍ମା,୪।୮(ଡି.ଏନ୍.ଏ.):** ଖଇରପୁଟ ବିଡିଓ ହୃଦୟ ରଞ୍ଜନ ସାହୁ କୁଡୁମୁଲୁଗୁମ୍ମା ହାଟପଦାକୁ ପରିଦର୍ଶନରେ ଆସି ସମସ୍ୟା ବୁଝିଛନ୍ତି। ସ୍ଥାନୀୟ ଲୋକେ ପରିମଳ, ରାସ୍ତାଘାଟ, ଷ୍ଟ୍ରିଟ୍ ଲାଇଟ, ପାନୀୟ ଜଳ ଆଦି ସମସ୍ୟା ଭୋଗୁଥିବା ଜଣାଇବା ସହ ନୂତନ ପିଣ୍ଡି ନିର୍ମାଣ ନିମନ୍ତେ ଦାବି କରିଥିଲେ। ବିଡିଓ ନିଜେ ହାଟପଦାରେ ଜମା ହୋଇଥିବା ଅଳିଆ ଆବର୍ଜନା ଓ ଏହାର ଦୁର୍ଗନ୍ଧକୁ ଉପଲବ୍ଧି କରିବା ସହ ତୁରନ୍ତ ସମସ୍ୟାର ସମାଧାନ ଓ ଅଞ୍ଚଳର ଉନ୍ନୟନ କାର୍ଯ୍ୟକୁ ପ୍ରାଥମିକତା ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।


# classifieds Everyday
0674-2580101, 2549302




**SALE**

ଜଟଣୀ Railwaystation ହାଟ ବଜାରରେ (ଘରବାରି ସ୍ଥିତିବାନ, ପଟ୍ଟା) ଜାଗା ଉପରେ ୨ବଖରା ଆଜବେଷ୍ଟସ୍ ଘର ଥାଇ ତୁରନ୍ତ ବିକ୍ରିହେବ। Owner-9437011120. D-70881

**Flat, Duplex, Simplex near Phulnakhara, Patia Bigbazar, Bhubaneswar (Bank finance available). 8249363553, 9437677099.** D-70876

ଭୁବନେଶ୍ୱର ଲିଙ୍ଗିପୁରଛକ, ପୁରୀ bypassରୁ 200mtr. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି boundary ପ୍ଲଟ୍, ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ @20,40,000/-ରେ ମିଳୁଛି। 7978998868. D-70874

Bhubaneswar Smartcity area Ghangapatna Mouza 30ft. road, electricity, borewell ସହ ସ୍ଥିତିବାନ plot ପୋଜେସନ୍ ଥାଇ ମିଳୁଛି। Owner. 9090963952. D-70865

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300mtr ଦୂରତାରେ 30ft. ରାସ୍ତାଥାଇ ପ୍ଲଟ ମିଳୁଅଛି। 7848882166.** D-70875

ଭୁବନେଶ୍ୱର ଭରତପୁର GA plot ପାଖରେ revenue ରୋଡ୍ ଇଲେକ୍ଟ୍ରିସିଟି ସୁବିଧା ଥାଇ boundary plot @14,40,000/-ରେ ନେଇ ତୁରନ୍ତ ଘର କରନ୍ତୁ। 7978998868. D-70873

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Biggest commercial Hub (Grand Bazar) ସମ୍ମୁଖ NH-16ରୁ ଅଳ୍ପଦୂରରେ** ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। **9078699286.** D-70880

ଭୁବନେଶ୍ୱର ଜଟଣୀଗେଟ୍‌ରୁ 500mtr ଦୂରତାରେ sqft. 250/-, 450/-, Adyanta/ Getam/ BEC Collegeକୁ ଲାଗି sqft. 270/- ପ୍ଲଟ୍ ପୋଜେସନ ସହ ମିଳୁଛି। 7894433357, 9437607388. D-70877

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200 Sq.ft. 2,80,000/-, ନଖରା ତ୍ରିନାଥବଜାର Sq.ft. 150/- (outright) 9348232008. D-70883

Gharabari plot for sale at Nakhara 700 meter distance from NH-5, Grand Bazar per Sq.ft. @ 1400/-, details contact: 9937253888, 9438664354. D-71124

ଭୁବନେଶ୍ୱର ଚନ୍ଦକା, ପିତାପଲ୍ଲୀ ରାସ୍ତାର ମଝିରେ ବିକାଶ ସ୍କୁଲ ପାଖରେ ଘରବାଡ଼ି ପ୍ଲଟ 2400 Sq.ft. 15,60,000/- (20 Plot available), Lipsa - 9938016295. D-70884

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Swarna SPA newly open positively health benefits with expert therapist. 9556978408. D-70595

Take wellness relax massage ladies/ gents therapist 800/-, 7008773793, 8018656899. D-59999

Refreshing your mind, your body with tha best therapy at Lotus Spa. 8018891951. D-70466

Newly open Sairkupa Panchakarma Spa positively health benefits with expert. 8984068077. D-21263

## AFFIDAVIT

By affidavit I, Gyanjit Rout, Son of Nikhila Charan Rout, Aadhaar No. 575523039529, At: Nuapada, P.O.- Balarampur, Dist.- Kendujhar declared that my name and address wrongly mentioned as State rule of Gujarat. Name: Rout Gyanjit Nikhila Charan, Son of Rout Nikhila Charan Gobind Chndra, Mother's Name: Rout Pritimanjari Nikhila Charan in my Passport No. K0905256, File No. AHDZ98618911, Gyanjit Rout and Rout Gyanjit Nikhila Charan are one and same. D-21257

By virtue of an affidavit before Executive Magistrate, BBSR. My correct name is Sudhanshu Bala Sahoo as per my Aadhaar Card No. 651768288617 and Legalheir No. E-LHC/2020/79827, but in the RoR bearing Khata No. 223 of Mouza: Prataprudrapur No.2, my name has wrongly been recorded as Tuni Sahoo instead of Sudhanshu Bala Sahoo. D-70726

## କୃତିତ୍ୱ



କଟକ ଜଗତପୁରରେ ଅବସ୍ଥିତ Sai Integrated Public Schoolର ଛାତ୍ର ଅତନୁ ସୁପ୍ରଭାନୁ ମହାନ୍ତି, CBSE ମାଟ୍ରିକ ପରୀକ୍ଷାରେ ୯୩% ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପଛରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହଯୋଗ, ଗୁରୁଜନମାନଙ୍କର ଆଶୀର୍ବାଦ ତଥା ମାତ: ସୁଦେଷ୍ଣା ନାୟକ, ପିତା: ପୃଥ୍ୱୀରାଜ ମହାନ୍ତିଙ୍କ ପ୍ରେରଣା ରହିଛି। ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। D-21259

**ସବୁ ଟ୍ରେନ କୋଚରେ ଲାଗିବ ସିସିଟିଭି**

**ନୂଆଦିଲ୍ଲୀ :** ଟ୍ରେନରେ ସବୁ କୋଚ୍‌ରେ ସିସିଟିଭି ଲଗାଇବା ଲାଗି ରେଳ ମନ୍ତ୍ରଣାଳୟ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ଏହା ମଧ୍ୟରେ ଇଏମ୍‌ୟୁ ଏବଂ ପାସେଞ୍ଜର ଟ୍ରେନ ମଧ ସାମିଲ ରହିଛି। ବର୍ତ୍ତମାନ ସୁଦ୍ଧା ଟ୍ରେନଗୁଡିକରେ ୪ ହଜାରରୁ ଉର୍ଦ୍ଧ୍ୱ ସିସିଟିଭି କ୍ୟାମେରା ଲଗାଯାଇଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକସଭାରେ ସୂଚନା ଦେଇଛନ୍ତି।

# ପ୍ରଡକ୍ଟରେ ଭିନ୍ନତା ଦେଇଛି ନୂଆ ପରିଚୟ

**ବ୍ୟଞ୍ଜନ ପ୍ରସ୍ତୁତି ବେଳେ ମସଲାକୁ ଗୁରୁତ୍ୱ ଦିଆଯାଇଥାଏ। ମସଲା ଯୋଗାଣ କ୍ଷେତ୍ରକୁ ନୂଆ ନୂଆ କମ୍ପାନୀ ଏବେ ପ୍ରବେଶ କରୁଛନ୍ତି। ପିୟୋର ସ୍ପାଇସ ମସଲା ଓ ଶୁଖିଲା ଖାଦ୍ୟ ସାମଗ୍ରୀ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା କ୍ଷେତ୍ରରେ 'ହୋମ୍‌ଫିଲ୍‌ସ' ବର୍ତ୍ତମାନ ଏକ ଲୋକପ୍ରିୟ ବ୍ରାଣ୍ଡ୍ ହୋଇପାରିଛି। ଦିବ୍ୟ ମଲ୍‌ଟିଗ୍ରେନ୍ସ ପ୍ରାଇଭେଟ ଲିମିଟେଡ ଏହା ଅଧୀନରେ ପରିଚାଳିତ। ମସଲା ଶିଳ୍ପରେ ଦୀର୍ଘ ୩୫ ବର୍ଷର ଅଭିଜ୍ଞତା ଥିବା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ବିଚିତ୍ରାନନ୍ଦ ସେନାପତି କୁହନ୍ତି, ମସଲା କ୍ଷେତ୍ରରେ ମୁଖ୍ୟତଃ ସ୍ୱାଦିଷ୍ଟ ଓ ଗୁଣାତ୍ମକମାନ ବଜାୟ ରଖିବା ଜରୁରୀ। ପ୍ରଡକ୍ଟର ଗୁଣବତ୍ତା ଓ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉଥିବାରୁ ଖୁବ୍ କମ୍ ଦିନରେ ଗ୍ରାହକଙ୍କ ଭଲ ପାଇବା ସାଉଣ୍ଟିବା ସହ ନୂଆ ପରିଚୟ ପାଇପାରିଛୁ। କମ୍ପାନୀର କାର୍ଯ୍ୟଶୈଳୀ ଏବଂ ବିଭିନ୍ନ ଯୋଜନାକୁ ନେଇ ସେନାପତିଙ୍କ ସହ 'ଧରିତ୍ରୀ'ର ଆଳାପ।**



ବିଚିତ୍ରାନନ୍ଦ ସେନାପତି

**ଧରିତ୍ରୀ ଆଳାପ**

**୧–ଓଡ଼ିଶା ମସଲା ଶିଳ୍ପକୁ କିପରି ଦେଖୁଛନ୍ତି। ଆପଣଙ୍କ ପ୍ରଡକ୍ଟର ଚାହିଦା କିଭଳି ରହିଛି?**
ଉତ୍ତର– ଓଡ଼ିଶା ଏକ ସଂସ୍କୃତି ସମ୍ପନ୍ନ ରାଜ୍ୟ। ଏଠାରେ ମସଲାର ଚାହିଦା ବେଶ୍ ଭଲ ରହିଛି। ସବୁ ସମୟରେ ଗୃହିଣୀମାନେ ମସଲାକୁ ଗୁରୁତ୍ୱ ଦେଇଥାନ୍ତି। ମସଲାରେ ଔଷଧୀୟ ଗୁଣ ମଧ୍ୟ ରହିଛି। ଗୁଣବତ୍ତାଯୁକ୍ତ ମସଲାକୁ ଲୋକମାନେ ପସନ୍ଦ କରିଛନ୍ତି। ରାଜ୍ୟରେ ଆମ 'ହୋମଫିଲସ' ବ୍ରାଣ୍ଡ୍ ଆଶାତୀତ ରେସପନ୍ସ ପାଇଛି। ସ୍ୱାଦିଷ୍ଟ ଓ ଗୁଣବତ୍ତା ଦୃଷ୍ଟିରୁ ଅନ୍ୟ ମସଲା ବ୍ରାଣ୍ଡ୍ ତୁଳନାରେ ଏହା ଭିନ୍ନତା ବଜାୟ ରଖିଛି। ଗ୍ରାହକ ଆମ ବ୍ରାଣ୍ଡକୁ ଭଲ ପାଇବା ଦେଇଛନ୍ତି। ଗୁଣବତ୍ତାକୁ ଗ୍ରାହକଙ୍କ ସ୍ୱୀକୃତି ମିଳିଛି।

**୨–ଆପଣଙ୍କ କେଉଁ ସାମଗ୍ରୀର ଚାହିଦା ସର୍ବାଧିକ?**
ଉତ୍ତର– ହୋମ୍‌ଫିଲ୍‌ସର ସମସ୍ତ ପ୍ରଡକ୍ଟର ଚାହିଦା ଭଲ ରହିଛି। ପ୍ରିମିୟମ ବର୍ଗରେ ଆମ ପ୍ରଡକ୍ଟ ଉପଲବ୍ଧ। ଆମର ସବୁ ମସଲା ମୁଖ୍ୟତଃ ଗୃହିଣୀମାନଙ୍କର ପସନ୍ଦର ମସଲା ପାଲଟିଛି। ସୁପରଫୁଡସ ଓ ବ୍ଲେଣ୍ଡେଡ ସ୍ପାଇସେସ୍‌ଗୁଡିକର ବଜାର ଚାହିଦା ସର୍ବାଧିକ।
୩–ଅନ୍ୟ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ କିପରି ଦେଖୁଛନ୍ତି। ଆପଣଙ୍କର ବଜାର ନୀତି କ'ଣ ରହିଛି?
ଉତ୍ତର– ବ୍ୟବସାୟ ପାଇଁ ବଜାର ସମସ୍ତଙ୍କର ବୋଲି ଆମେ ଭାବିଥାଉ। ମସଲାର ଗୁଣବତ୍ତା ସହ ସ୍ୱଚ୍ଛତା ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ। ଅନ୍ୟଠାରୁ ଭଲ କରିବା ପାଇଁ କୌଣସି ମନ୍ଦ ଚିନ୍ତାଧାରା ନ ରଖିବା ଆବଶ୍ୟକ। ଗ୍ରାହକଙ୍କ ନିକଟତର ହେବା ପାଇଁ ବିଭିନ୍ନ ଯୋଜନା ଆପଣାଉଛୁ। ଆମର ପ୍ରଡକ୍ଟ ଅନ୍ତର୍ଜାତୀୟ ବଜାରରେ କିପରି ଅଧିକ ମାତ୍ରାରେ ପହଞ୍ଚିବ ସେ ଦିଗରେ ଅଗ୍ରସର ହେଉଛୁ।

**୪–କାରବାର ବୃଦ୍ଧି ପାଇଁ ଯୋଜନା କ'ଣ ?**
ଉତ୍ତର– ମହାମାରୀ ସ୍ଥିତି ସ୍ୱାଭାବିକ ହେଲେ ଆଉ ଏକ ୟୁନିଟ୍ କଟକର ରାମଦାସପୁରଠାରେ ସ୍ଥାପନ ଲକ୍ଷ୍ୟ ରଖାଯାଇଛି। ପଶ୍ଚିମବଙ୍ଗ ଓ କର୍ଣ୍ଣାଟକର ପ୍ରମୁଖ ସହରରେ ନୂତନ ବ୍ୟବସାୟର ଶୁଭାରମ୍ଭ କରିବାକୁ ଯାଉଛୁ। ଓଡ଼ିଶାର ୩୦ ଜିଲା ସମେତ ବିହାର, ଝାଡ଼ଖଣ୍ଡ ଏବଂ ନେପାଳରେ ଆମ ପ୍ରଡକ୍ଟ ପହଞ୍ଚି ପାରିଛି।

**୫–ମସଲା ଶିଳ୍ପ ପାଇଁ ସରକାର କିଭଳି ସହାୟତା ପ୍ରଦାନ କରୁଛନ୍ତି?**
ଉତ୍ତର– ମସଲା ଶିଳ୍ପ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ରହିଛି। ମସଲା ଶିଳ୍ପକୁ ସରକାର ସହାୟତା ଦେଉଛନ୍ତି। ଏମ୍‌ଏସ୍‌ଏମ୍‌ଇ ଅଧୀନରେ ବିଭିନ୍ନ ସହଯୋଗ ମିଳୁଛି। ସୁଲଭ ମୂଲ୍ୟରେ ଶିଳ୍ପର ବିକାଶ ପାଇଁ ସମସ୍ତ ସହାୟତା ସରକାର ଦେଉଛନ୍ତି। ବର୍ତ୍ତମାନ ସମୟରେ ନେଇ ଆଣି ଥୋଇପାରିଲେ ଭଲ। ନ ହେଲେ ନିଜ ଉଦ୍ୟମରେ ଯାହା କରିହେବ।

**୬– କିପରି ଗ୍ରାହକଙ୍କ ନିକଟତର ହେଲେ?**
ଉତ୍ତର– ଆମର ବଜାର ଅଂଶ ୫%ରୁ ଅଧିକ ହେବ। ଦେଶର ବିଭିନ୍ନ ପ୍ରାନ୍ତକୁ ହିସାବକୁ ନେଲେ ବଜାର ଅଂଶ ଅଧିକ ରହିବ। ଅନ୍ୟ ମସଲା ବ୍ରାଣ୍ଡ ସବୁ ଅନେକ ବର୍ଷ ଧରି କାରବାର କରୁଛନ୍ତି। ଆମକୁ ବଜାରରେ ଅଧିକ ଅଂଶ ହାସଲ ପାଇଁ କିଛି ସମୟ ଲାଗିବ। ହୋମ୍‌ଫିଲ୍‌ସର ଚାହିଦା ପ୍ରତି ବର୍ଷ ବୃଦ୍ଧି ପାଉଛି। ଫଳରେ ବଜାର କାରବାର ୩୦ରୁ ୩୫% ରହୁଛି। ଆମେ ଗୁଣବତ୍ତା ଓ ପରିମାଣରେ କୌଣସି ସାଲିସ କରି ନ ଥାଉ। ଉନ୍ନତମାନର ମସଲା ସାଙ୍ଗକୁ ସ୍ୱାସ୍ଥ୍ୟଭିତ୍ତିକ ପ୍ୟାକେଜିଂ ଆପଣାଇଛୁ।

**୭–ହୋମ୍‌ଫିଲ୍ସ ଲୋକପ୍ରିୟତାର ଶ୍ରେୟ କାହାକୁ ଦେବେ?**
ଉତ୍ତର– ବ୍ରାଣ୍ଡ ପ୍ରତି ଭଲ ପାଇବା ଯୋଗୁ ଆମେ ଗ୍ରାହକଙ୍କ ନିକଟତର ହୋଇପାରିଛୁ। ଫଳରେ ବହୁ କମ୍ ଦିନ ମଧ୍ୟରେ ଘରୋଇ ଓ ଅନ୍ତର୍ଜାତୀୟ ବଜାରରେ ନୂଆ ପରିଚୟ ପାଇପାରିଛୁ। କମ୍ପାନୀର ନିର୍ଦ୍ଦେଶକ ବାଣୀକଣ୍ଠ ଦଳାଇଙ୍କ ସମେତ ଓ ହୋମ୍‌ଫିଲ୍‌ସର ପରିବାର ସହ ଜଡ଼ିତ ବ୍ୟବସାୟୀ ଓ ଗ୍ରାହକଙ୍କ ଯୋଗୁ ଏସବୁ ସମ୍ଭବ ହୋଇଛି। ଏହି ସଫଳତାର ଶ୍ରେୟ ଭଗବାନ, ଆମର କଠିନ ପରିଶ୍ରମ ଓ ନିଷ୍ଠାପରତାକୁ ଦେବୁ।

**୮–ପାର୍ବଣରେ କ'ଣ ସବୁ ଅଫର ଦେବେ?**
ଉତ୍ତର– ଓଡ଼ିଶାରେ ପାର୍ବଣ ପାଇଁ କମ୍ପାନୀ ବିଭିନ୍ନ ଯୋଜନା ଓ ଅଫର ପ୍ରସ୍ତୁତ କରିଛି। କୋଭିଡ୍ ସ୍ଥିତିକୁ ଲକ୍ଷ୍ୟ ରଖି ଆଗାମୀ ଯୋଜନା ଘୋଷଣା କରାଯିବ।

**୯–କରୋନା ସ୍ଥିତିରେ କାରବାର କିଭଳି ରହିଛି?**
ଉତ୍ତର– ଗତ ୧୫ ମାସ ହେବ କୋଭିଡ୍–୧୯ କାରବାରକୁ ମାନ୍ଦା କରିଦେଇଛି। କଟକଣା ଯୋଗୁ ଉଭୟ ଉତ୍ପାଦନ ଏବଂ କାରବାର ପ୍ରଭାବିତ ରହିଛି। କାରବାର ଏକ ଘଡିସନ୍ଧି ସମୟ ଦେଇ ଗତି କରୁଛି। ଭଲ ସମୟକୁ ଅପେକ୍ଷା ରହିଛି। ସ୍ଥିତି ସ୍ୱାଭାବିକ ହେଲେ କାରବାର ବଢ଼ିବ ବୋଲି ଆଶାବାଦୀ ଅଛୁ।

**୧୦–ଆଗକୁ କିପରି ପ୍ରସ୍ତୁତ ହେଉଛନ୍ତି?**
ଉତ୍ତର– କୋଭିଡ୍‌ର ପ୍ରଥମ ଲହରରେ ସମସ୍ୟା ରହିଥିଲା। ୨ୟ ଲହର ବେଳେ ମସଲା ଶିଳ୍ପ ଖୋଲା ଥିଲେ ମଧ୍ୟ ଅନ୍ୟ ସମସ୍ତ ସୁବିଧା ବନ୍ଦ ରହିଥିଲା। ନିୟମ ଅନୁସାରେ ୩୦% କର୍ମଚାରୀଙ୍କୁ ନେଇ କାମ କରିବା କଷ୍ଟକର ଥିଲା। ଯାତ୍ରୀ ପରିବହନ ସେବା ବନ୍ଦ ଯୋଗୁ ଶ୍ରମିକ ଓ କର୍ମଚାରୀ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ମନରେ ମହାମାରୀ ଭୟ ଥିଲେ ମଧ୍ୟ କଟକଣା ମଧ୍ୟରେ କାମ କରିବା ସହ ଚାହିଦା ପୂରଣ ପାଇଁ ଶତ ଚେଷ୍ଟା ଜାରି ରଖିଛୁ। ଗ୍ରାହକ, କର୍ମଚାରୀ, ଅଂଶୀଦାର, ଶ୍ରମିକଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେଉଛୁ।

**– ଅଭୟ ଦାଶ**

# 'ସିବିଆଇ, ଏସ୍ଆଇଟି ତଦନ୍ତ ହେଉ'

**ଏସିଏଫ୍ ସୌମ୍ୟ ମୃତ୍ୟୁ ଘଟଣା**

■ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସୌମ୍ୟଙ୍କ ସମ୍ପର୍କୀୟ

■ଜଣେ ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ଅଙ୍ଗୁଳି ନିର୍ଦ୍ଦେଶ



ଭୁବନେଶ୍ୱର, ୪।୮ (ବ୍ୟୁରୋ)

ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟ ରଞ୍ଜନ ମହାପାତ୍ରଙ୍କ ମୃତ୍ୟୁକୁ ଇତିମଧ୍ୟରେ ୨୩ରୁ ଉର୍ଦ୍ଧ୍ୱ ଦିନ ବିତିଗଲାଣି। ମାତ୍ର ଏପର୍ଯ୍ୟନ୍ତ ତାଙ୍କ ମୃତ୍ୟୁର ରହସ୍ୟ ଉପରୁ ପରଦା ହଟୁନାହିଁ। ଏପରି ସ୍ଥିତିରେ ପୋଲିସର ତଦନ୍ତ ନେଇ ସୌମ୍ୟଙ୍କ ପରିବାର ଲୋକେ ପ୍ରଶ୍ନ ଉଠାଇଛନ୍ତି। ପୋଲିସ ନିରପେକ୍ଷ ଭାବେ ତଦନ୍ତ କରୁ ନ ଥିବା ଏବଂ ଅଭିଯୁକ୍ତମାନଙ୍କୁ ଧରିବାରେ ବିଳମ୍ବ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ବୁଧବାର ସୌମ୍ୟଙ୍କ ଭାଇ ଓ ସମ୍ପର୍କୀୟମାନେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ପୋଲିସ ଜାଣିଶୁଣି ତଦନ୍ତ ପ୍ରକ୍ରିୟାରେ ବିଳମ୍ବ କରୁଥିବାବେଳେ କ୍ଷମତାଶାଳୀ ବ୍ୟକ୍ତିଙ୍କ ପ୍ରଭାବରେ ଅଭିଯୁକ୍ତମାନଙ୍କୁ ଖସିଯିବାରେ ସାହାଯ୍ୟ କରୁଛି। ଏପରି କି ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ପୋଲିସ କ୍ଲିନଚିଟ୍ ମଧ୍ୟ ଦେଇଛି। ତେଣୁ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସିବିଆଇ କିମ୍ବା ଏସ୍ଆଇଟିକୁ ମାମଲା ହସ୍ତାନ୍ତର କରାଯାଉ। ଆବଶ୍ୟକ ପଡ଼ିଲେ ହାଇକୋର୍ଟଙ୍କ ଜରିଆରେ ଏହାର ତଦନ୍ତ କରାଯାଉ ବୋଲି ସୌମ୍ୟଙ୍କ ସମ୍ପର୍କୀୟ ଭାଇ ମାନସ ରଞ୍ଜନ ପାଢ଼ୀ ଦାବି କରିଛନ୍ତି। ଏପରି କି ଜଣେ ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ତଦନ୍ତ ବିଳମ୍ବ ହେଲେ ଦୋଷୀଙ୍କୁ ପ୍ରମାଣ ନଷ୍ଟ ପାଇଁ ଅଧିକ ସମୟ ମିଳିବ ବୋଲି ପାଢ଼ୀ କହିଛନ୍ତି। ଏହାପରେ ସୌମ୍ୟଙ୍କ ପରିବାର ଲୋକେ ପୋଲିସ ମହାନିର୍ଦ୍ଦେଶକଙ୍କ କ୍ୟାମ୍ପ ଅଫିସକୁ ଯାଇ ଅଭିଯୋଗପତ୍ର ଦେଇଥିଲେ। ଏହା ପୂର୍ବରୁ ମଧ୍ୟ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୁକ୍ତମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ ନିମନ୍ତେ ଦାବି କରିଥିଲେ।

# 'ନବୀନ ନିବାସ ଆଗରେ ଆତ୍ମାହୁତି ଦେବୁ'

ଖଇରା,୪।୮ (ଡି.ଏନ.ଏ)

ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟ ରଞ୍ଜନ ମହାପାତ୍ରଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାର ୨୩ ଦିନ ବିତିଯାଇଥିବା ବେଳେ ପୋଲିସର ତଦନ୍ତ ଦିଗହରା ବୋଲି ସୌମ୍ୟଙ୍କ ମା' ତୁଳସୀ ମହାପାତ୍ର ଅଭିଯୋଗ କରିଛନ୍ତି। ନ୍ୟାୟ ପାଇବା ଆଶା କ୍ଷୀଣ ବୋଲି ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ଯଦି ନ୍ୟାୟ ନ ମିଳେ ପୁଅ ମୃତ୍ୟୁର ଦୁଃଖ ଭୁଲିବାକୁ ନବୀନ ନିବାସ ଆଗରେ ଆତ୍ମାହୂତି ଦେବେ ବୋଲି କହିଛନ୍ତି। ବୋହୂ ବିଦ୍ୟାଭାରତୀର ପୂର୍ବରୁ ପ୍ରେମିକ ଥିବା ଏବଂ ତା ଜାତକରେ ବୈଧବ୍ୟ ଯୋଗ ଥିବା ବିଷୟ ଯଦି ଜାଣିଥାନ୍ତୁ ତେବେ କେବେ ହେଲେ ପୁଅକୁ ସେଠାରେ ବାହାଘର କରାଇ ନ ଥାନ୍ତୁ। ଝିଅର ମା' ବାପା ମଧ୍ୟ ସବୁକିଛି ଜାଣିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି।

ସୌମ୍ୟଙ୍କ ବଡ଼ଭାଇ ରଞ୍ଜନ ମଧ୍ୟ ଅଧିକାରୀମାନଙ୍କ ନିଷ୍କ୍ରିୟତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ନ୍ୟାୟ ପାଇଁ ସେ ସିସିଏଫ୍, ପୋଲିସ ଡିଜି, ଏସ୍‌ପି, ସ୍ଥାନୀୟ ବିଧାୟକଙ୍କ ସମେତ ବହୁ ଅଧିକାରୀଙ୍କୁ ଭେଟିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଅଭିଯୋଗ କରିଥିଲେ। ହେଲେ ଯେଉଁ ଆଶା ନେଇ ଏହା କରିଥିଲେ ତାହା ପୂରଣ ହେଲା ନାହିଁ ବୋଲି ସେ କହିଛନ୍ତି। ବାପା ଅଭିରାମ ମହାପାତ୍ର ଡିଏଫ୍‌ଓଙ୍କ କ୍ଲିନଚିଟକୁ ନେଇ ଜଙ୍ଗଲ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ସମ୍ପୃକ୍ତି ଥିବା ପ୍ରସଙ୍ଗ ଉଠାଇଛନ୍ତି। ମନ୍ତ୍ରୀଙ୍କ ଚାପରେ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରାଙ୍କୁ ଗିରଫ କରାଯାଉ ନ ଥିବା ସେ କହିଛନ୍ତି। ପୁଅକୁ ନ୍ୟାୟ ପାଇଁ ପାରୁ ପର୍ଯ୍ୟନ୍ତ ସଂଘର୍ଷ ଜାରି ରଖିବେ ବୋଲି ଅଭିରାମ କହିଛନ୍ତି।

# ୬ ଯାଏ ବର୍ଷା

**ଭୁବନେଶ୍ୱର,୪।୮ (ବ୍ୟୁରୋ)–**ରାଜ୍ୟରେ ଆସନ୍ତା ୬ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ। ବିଶେଷକରି ଉତ୍ତର ଓଡ଼ିଶା ଓ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୫ତାରିଖ ଦିନ ଉତ୍ତର ଓଡ଼ିଶାର ଅଧିକାଂଶ ଅଞ୍ଚଳ ଓ ଦକ୍ଷିଣ ଓଡ଼ିଶାର କିଛି ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁରରେ ପ୍ରବଳ ବର୍ଷା ହେବ। ସେଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି କଳାହାଣ୍ଡି, ନୂଆପଡ଼ା, ବରଗଡ଼, ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଦେଓଗଡ଼ରେ ଝଡ଼ବର୍ଷା ସହ ବଜ୍ରପାତ ହେବାର ଆଶଙ୍କା ରହିଛି। ୬ତାରିଖରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବ। ୯ ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ୯ ପର୍ଯ୍ୟନ୍ତ ମୁଖ୍ୟ ବିଚାରପତିଙ୍କ କୋର୍ଟ ବର୍ଜନ

କଟକ ଅଫିସ,୪।୮

**ହାଇକୋର୍ଟରେ ସିଧାପ୍ରସାରଣ ପ୍ରସଙ୍ଗକୁ ବିରୋଧ**

■ଉପସ୍ଥିତ ଆଇନଜୀବୀଙ୍କୁ କାରଣ ଦର୍ଶାଅ ନୋଟିସ

ହାଇକୋର୍ଟରେ ବିଭିନ୍ନ ମାମଲାର ସିଧାପ୍ରସାରଣକୁ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ବିରୋଧ ଜାରି ରହିଛି। ଆସନ୍ତା ୯ ପର୍ଯ୍ୟନ୍ତ ମୁଖ୍ୟ ବିଚାରପତିଙ୍କ କୋର୍ଟକୁ ଆଇନଜୀବୀଙ୍କ ପକ୍ଷରୁ ବର୍ଜନ କରାଯାଇଥିବା ବୁଧବାର ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ସ୍ଥିର ହୋଇଛି। ଏଥିସହ ଯେଉଁ ଆଇନଜୀବୀମାନେ ମୁଖ୍ୟ ବିଚାରପତିଙ୍କ କୋର୍ଟରେ ଉପସ୍ଥିତ ରହିଛନ୍ତି, ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଓକିଲ ସଂଘ ସମ୍ପାଦକ ଡ. ଜେ.କେ. ଲେଙ୍କା ସୂଚନା ଦେଇଛନ୍ତି। ସଂଘ ସଭାପତି ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଉପସଭାପତି ଦେବୀପ୍ରସାଦ ଦାଶଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଗତ ୨୮ରେ ହାଇକୋର୍ଟରେ ବିଭିନ୍ନ ମାମଲାର ସିଧାପ୍ରସାରଣ କରାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ପରଦିନ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିକୁ ବିରୋଧ କରାଯାଇ ମୁଖ୍ୟ ବିଚାରପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଦର୍ଶାଯାଇଥିଲା, ପ୍ରୋସିଡିଂର ସିଧାପ୍ରସାରଣ କରାଯିବା ନିଷ୍ପତ୍ତି ତରବରିଆ ଭାବେ ନିଆଯାଇଛି। ଏହାଦ୍ୱାରା ଖରାପ ପ୍ରଭାବ ଉଭୟ ବିଚାରପତି ଓ ଆଇନଜୀବୀଙ୍କ ଉପରେ ପଡିବ। ଏହି ନିଷ୍ପତ୍ତି ପୂର୍ବରୁ ହାଇକୋର୍ଟ ବାର୍ ଆସୋସିଏଶନ ସଦସ୍ୟମାନଙ୍କ ମତାମତ ନେବାର ଥିଲା। ଏଥିପାଇଁ ଉଚ୍ଚ ଡାଟା ସମ୍ପନ୍ନ ସୁରକ୍ଷା ଓ ଗୋପନୀୟତାର ଆବଶ୍ୟକତା ରହିଛି। ଭିତ୍ତିଭୂମି ଓ ହାଇସ୍ପିଡ୍ ଇଣ୍ଟରନେଟ୍ ବିନା ଏହା ସମ୍ଭବ ନୁହେଁ। ଏଭଳି କ୍ଷେତ୍ରରେ କୋର୍ଟ ତୃତୀୟ ପକ୍ଷ ଦ୍ୱାରା ପରିଚାଳିତ ହେଉଥିବା ସଫ୍ଟୱେର ଉପରେ ନିର୍ଭର କରି ସିଧା ପ୍ରସାରଣ କରିବା ସହଜ ହେବନାହିଁ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି।

**କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍**
**ଇନ୍‌ସଲ୍‌ଭେନ୍ସି ଏବଂ ବ୍ୟାଙ୍କ୍ରପ୍ସି କୋଡ୍, ୨୦୧୬ ଅଧୀନରେ**
**ପରିସମାପନାଧୀନ କେଭିକେ ନୀଳାଚଳ ପ୍ରାଇଭେଟ୍ ଲିମିଟେଡ୍‌ର**
**ବିକ୍ରୟ ନୋଟିସରେ ନିଲାମ ବିଡ୍ ଆହ୍ୱାନ କରୁଛନ୍ତି**
**ଇ-ନିଲାମର ତାରିଖ ଓ ସମୟ : ୬ ଅକ୍ଟୋବର, ୨୦୨୧ ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୫ ଘଟିକା**

ପରିସମାପନାଧୀନ ମେସର୍ସ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍‌ର ଚାଲୁ ବ୍ୟବସାୟ ଭିତ୍ତିରେ ତଥା "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ", "ଯେପରି ଅଛି ଯାହା ଅଛି ଭିତ୍ତିରେ", "ସେଠାରେ ଯାହା ବି ଅଛି ଭିତ୍ତିରେ", ଏବଂ "ବିନା ଅବଲମ୍ବନ ଭିତ୍ତିରେ" ପରିସମ୍ପତ୍ତିଗୁଡ଼ିକର ବିକ୍ରୟର ଇ-ନିଲାମ।

| ଇ-ନିଲାମର ତାରିଖ | ବ୍ୟବସାୟ/ପରିସମ୍ପତ୍ତିର ପ୍ରକୃତି | ସଂରକ୍ଷିତ ମୂଲ୍ୟ (ଆଇଏନ୍‌ଆର୍) | ଅମାନତ ଜମା ରାଶି (ଆଇଏନ୍‌ଆର୍) | ବୃଦ୍ଧିଶୀଳ ବିଡ୍ ପରିମାଣ (ଆଇଏନ୍‌ଆର୍) |
|---|---|---|---|---|
| ୬ ଅକ୍ଟୋବର ୨୦୨୧ | ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ | ୧,୦୩,୪୧,୦୦,୦୦୦ (ଏକଶହ ତିନି କୋଟି ଏକଚାଳିଶ ଲକ୍ଷ ଟଙ୍କା ମାତ୍ର) | ୩,୫୦,୦୦,୦୦୦ (ତିନିକୋଟି ପଚାଶ ଲକ୍ଷ ଟଙ୍କା ମାତ୍ର) | ୫୦,୦୦,୦୦୦ (ପଚାଶ ଲକ୍ଷ ଟଙ୍କା ମାତ୍ର) |

ଇ-ନିଲାମର ନିୟମ ଓ ସର୍ତ୍ତାବଳୀ:
୧. ପରିସମ୍ପତ୍ତି, ସମ୍ପତ୍ତି ଇତ୍ୟାଦିର ବର୍ଣ୍ଣନା ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜରେ ପ୍ରଦାନ କରାଯାଇଛି।
୨. ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ସମ୍ବଳିତ ସମ୍ପୂର୍ଣ୍ଣ ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ: www.kgsip.com, www.kvknilachalpower.com, https://right2vote.in ଇ-ମେଲ୍: kvknilachalkgs2019@gmail.com
୩. ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ ନିମନ୍ତେ ଇ-ନିଲାମ ୬ ଅକ୍ଟୋବର, ୨୦୨୧ ଦିନ ସଞ୍ଚାଳନ ହେବ।
୪. କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଅଫର(ଗୁଡ଼ିକୁ) ଗ୍ରହଣ କରିବା, ଖାରଜ କରିବା କିମ୍ବା ଇ-ନିଲାମକୁ ମୁଲତବୀ/ସ୍ଥଗିତ ରଖିବା/ବାତିଲ କରିବା ଅଥବା ଯେକୌଣସି ପର୍ଯ୍ୟାୟରେ ନିଲାମ ପ୍ରକ୍ରିୟାରୁ ଯେକୌଣସି ସମ୍ପତ୍ତି କିମ୍ବା ତାହାର ଅଂଶକୁ ପ୍ରତ୍ୟାହାର କରିବାର ନିରଙ୍କୁଶ ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ।

ରାଜେନ୍ଦ୍ର ପ୍ରସାଦ ଟାକ - ପରିସମାପକ
ଆଇବିବିଆଇ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ–୦୦୧/ଆଇପି–ପି୦୦୫୨୬/୨୦୧୭–୧୮/୧୦୯୫୧
କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ୩/୧୫, ୪ର୍ଥ ମହଲା, ଆସଫ ଅଲି ରୋଡ୍, ନୂଆଦିଲ୍ଲୀ–୧୧୦୦୦୨
ଇମେଲ୍ ଆଇଡି kvknilachalkgs2019@gmail.com,
ଯୋଗାଯୋଗ ନମ୍ବର: ୦୧୧-୪୧୪୨୬୨୬୨, ୦୧୧-୨୩୨୭୭୬୭୭, ୯୩୧୩୧୦୨୫୫୨

# ବାହାରୁ ଆସିଲେ ଆବଶ୍ୟକ ନାହିଁ ନେଗେଟିଭ୍ ରିପୋର୍ଟ

ଭୁବନେଶ୍ୱର,୪।୮ (ବ୍ୟୁରୋ)

ଏଣିକି ବାହାର ରାଜ୍ୟରୁ ଓଡ଼ିଶାକୁ ଆସିଲେ କୋଭିଡ୍ ନେଗେଟିଭ୍ ରିପୋର୍ଟ କିମ୍ବା ଟିକାକରଣ ପ୍ରମାଣପତ୍ର ଆବଶ୍ୟକ ନାହିଁ। ଓଡ଼ିଶାକୁ ଆସୁଥିବା ଲୋକଙ୍କ ପାଇଁ ଲାଗୁ କରାଯାଇଥିବା ଏହି ପ୍ରତିବନ୍ଧକକୁ ରାଜ୍ୟ ସରକାର ହଟାଇ ଦେଇଛନ୍ତି। ବର୍ତ୍ତମାନ ଠାରୁ ଓଡ଼ିଶାକୁ ଆସୁଥିବା ଲୋକଙ୍କୁ କୋଭିଡ୍ ୧୯ ନେଗେଟିଭ୍ ରିପୋର୍ଟ କିମ୍ବା ଟିକାକରଣ ପ୍ରମାଣପତ୍ର ପ୍ରସ୍ତୁତ କରିବାକୁ ପଡ଼ିବ ନାହିଁ। ଏ ନେଇ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍‌ସି) ପ୍ରଦୀପ କୁମାର ଜେନା ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଓଡ଼ିଶାକୁ ଆସିବାକୁ ହେଲେ ରାପିଡ୍ ଆଣ୍ଟିଜେନ ଟେଷ୍ଟ (ଆର୍‌ଏଟି) କିମ୍ବା ଆର୍‌ଟି–ପିସିଆର୍ ନେଗେଟିଭ୍ ରିପୋର୍ଟ କିମ୍ବା ଟିକାକରଣ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଥିଲା। ଏ ନେଇ ମେ' ୩ରେ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହି ନିର୍ଦ୍ଦେଶନାମାକୁ ବୁଧବାର ରାଜ୍ୟ ସରକାର ପ୍ରତ୍ୟାହାର କରିନେଇଛନ୍ତି। ପୂର୍ବ ନିର୍ଦ୍ଦେଶାବଳୀ ଅନୁଯାୟୀ, ଯଦି କୌଣସି ବ୍ୟକ୍ତି ଏହି ରିପୋର୍ଟ କିମ୍ବା ସାର୍ଟିଫିକେଟ୍ ବିନା ଆସନ୍ତି, ତେବେ ତାଙ୍କ ପାଇଁ ୭ଦିନ ଇନ୍‌ଷ୍ଟିଚ୍ୟୁଶନାଲ କ୍ୱାରାଣ୍ଟାଇନ କିମ୍ବା ହୋମ୍ କ୍ୱାରାଣ୍ଟାଇନ ବାଧ୍ୟତାମୂଳକ ଥିଲା।

**State Health Assurance Society,**
**Health & Family Welfare Department, Govt. of Odisha**
**Bhubaneswar- 751007, District- Khorda (Odisha)**
**Phone No.- 0674-2620500, Email ID:hr.recruitmentshas@gmail.com**

Adv. No. 05/2021 Date: 05.08.2021

**WALK-IN-INTERVIEW**

No.E-300:- Walk-in-interview will be conducted as scheduled below for the post of Claim Panel Doctors (Part Time) under State Health Assurance Society, Odisha on contract basis for the period of one year and subject to renewal as per Society terms and conditions. The position is purely temporary and co-terminus with the scheme.

| Sl. No. | Name of the Post | Remuneration / Honorarium | Vacancy |
|---|---|---|---|
| 01 | Claim Panel Doctors (Part Time) | Rs.150/-(per claim) shall be given towards the claims settled by Claim Panel Doctors, which is Rs.75/- towards approval of Pre-Auth and Rs 75/- towards claim settlement. | 10 |

Interested specialists can log on to www.nhmodisha.gov.in and www.bsky.odisha.gov.in for details of vacancy, eligibility criteria, age, selection procedure etc. Specialists fulfilling the eligibility criteria may appear for registration in between 11.00 A.M. to 01.00 PM from date 10.08.2021 to 25.08.2021(Working days) & consequently for interview if eligible only on walk-in-interview date. No application will be received after scheduled date & time of registration.

**Venue: - State Health Assurance Society, A1 Block, 2nd Floor, Toshali Bhawan, Satya Nagar, Unit-9, Bhubaneswar- 751007, District- Khordha ,Odisha.**

Sd./-
Chief Executive Officer
State Health Assurance Society, Odisha
OIPR-10001/11/0009/2122

# ତିହାର ଜେଲରେ ଗ୍ୟାଙ୍ଗଷ୍ଟର ମୃତ

**ନୂଆଦିଲ୍ଲୀ, ୪।୮:** ଗ୍ୟାଙ୍ଗଷ୍ଟର ତଥା ୮ ହତ୍ୟାକାଣ୍ଡ ଅଭିଯୁକ୍ତ ଅଙ୍କିତ ଗୁଜ୍ଜରଙ୍କ ଦିଲ୍ଲୀର ତିହାର ଜେଲରେ ବୁଧବାର ଭୋର ସମୟରେ ମୃତ୍ୟୁ ଘଟିଛି। ୟୁପି ପୋଲିସ ତାଲିକାରେ ସେ ମୋଷ୍ଟ ୱାଣ୍ଟେଡ ତାଲିକାରେ ଥିଲେ। ଦିଲ୍ଲୀ ପୋଲିସ ତାଙ୍କୁ ଗିରଫ କରିଥିଲା। ଉଚ୍ଚ ସୁରକ୍ଷା ସମ୍ପନ୍ନ ତିହାର ଜେଲରେ ସେ ଅନ୍ୟ ଜଣେ ଗ୍ୟାଙ୍ଗଷ୍ଟର ରୋହିତ ଚୌଧୁରୀଙ୍କ ସହ ମିଶି 'ଚୌଧୁରୀ ଗୁଜ୍ଜର' ଗ୍ୟାଙ୍ଗ ଗଠନ କରିଥିଲେ। ଅଙ୍କିତ ଦକ୍ଷିଣ ଦିଲ୍ଲୀରେ ତାଙ୍କ ନେଟ୍‌ୱର୍କ ବିସ୍ତାର କରିବାକୁ ଉଦ୍ୟମ ଚଳାଇଥିଲେ ବୋଲି ପୋଲିସ କହିଛି। ୟୁପିର ବାଗ୍‌ପତ ଜିଲା ଚଣ୍ଡିନଗର ଗ୍ରାମରେ ଆଞ୍ଚଳିକ ନିର୍ବାଚନବେଳେ ଜଣେ ପ୍ରାର୍ଥୀଙ୍କୁ ଅଙ୍କିତ ହତ୍ୟା କରିଥିବା ଅଭିଯୋଗ ଆସିଥିଲା। ତାଙ୍କୁ ଗିରଫ କରାଇଦେବା ପାଇଁ ୟୁପି ପୋଲିସ ୧.୨୫ ଲକ୍ଷର ପୁରସ୍କାର ରାଶି ଘୋଷଣା କରିଥିଲା।



ତୁମେ ଯାହା ଜାଣିଛ- ତାହା ହିଁ ଯେ ଏକମାତ୍ର ସତ୍ୟ- ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ- ତୁମେ ଯଦି ଏହିପରି ଭାବୁଥାଅ- ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ- ତୁମେ ତାହା ହିଁ କରୁଛ। -ଶ୍ରୀମା

# ଚିନ୍ତାର କାରଣ ଚାଇନା



ଡାନିଏଲ କେ.ଗାର୍ଡନର

ଚାଇନା ଅତୀତର ଜୀବାଶ୍ମ ଇନ୍ଧନ ଶକ୍ତି ନିର୍ଭରଶୀଳତାକୁ ଛାଡି ପାରୁନାହିଁ କି ଅକ୍ଷୟ ଶକ୍ତିସମ୍ପନ୍ନ ଭବିଷ୍ୟତକୁ ଆପଣାଇପାରୁ ନାହିଁ । ଏହି ଦୁଇ ବିକଳ୍ପ ମଧ୍ୟରେ ଏବେ ଫସିଯାଇଛି। ଚାଇନା ବିଶ୍ୱର ମୋଟ ତାପଜ ଶକ୍ତିର ୫୩% ଉତ୍ପାଦନ କରୁଛି। ସୋଲାର ପ୍ୟାନେଲ, ୱିଣ୍ଡ୍ ଟର୍ବାନ୍ ଏବଂ ବିଦ୍ୟୁତ୍‌ଚାଳିତ ଯାନ ଉତ୍ପାଦନ ଏବଂ ଏହାର ବଜାରୀକରଣରେ ଚାଇନା ବି ବିଶ୍ୱରେ ଏକ ଅଗ୍ରଣୀ ଦେଶ। ତେବେ ଅନେକ ଦଶନ୍ଧି ଧରି ତାପଜ ବିଦ୍ୟୁତ ଉତ୍ପାଦନ ସହ ଜଡ଼ିତ ଥିବା ଚାଇନା ଏଥିରୁ ବିରତ ରହି କେବଳ ତା' ଭବିଷ୍ୟତ ପରିବେଶ ପାଇଁ ନୁହେଁ, ବରଂ ବର୍ଦ୍ଧିତ ଜଳବାୟୁ ସଙ୍କଟକୁ ଦୃଷ୍ଟିରେ ରଖି ପୃଥିବୀର ଭବିଷ୍ୟତ ନିର୍ଣ୍ଣୟ କରିପାରିବ କି। ୨୦୦୦ ଦଶନ୍ଧିର ପ୍ରାରମ୍ଭରେ ଚାଇନାର ନେତୃବର୍ଗ ଏକ ପରିବର୍ତ୍ତନର ଆବଶ୍ୟକତା ରହିଥିବା ମନେ କରିଥିଲେ। ଫଳରେ ସେତେବେଳେ ତାପଜ ଇନ୍ଧନ ଦ୍ୱାରା ଆର୍ଥିକ ଅଭିବୃଦ୍ଧି କରିବାର ନୀତି ଯେଭଳି ସମୃଦ୍ଧି ଆଣିଥିଲା,ସେହିଭଳି ଦେଶର ବାୟୁ ଓ ଜଳ ପ୍ରଦୂଷଣ ଆଶାତୀତ ଭାବେ ବୃଦ୍ଧି ପାଇଥିଲା।

ପରିବେଶଗତ ସିଦ୍ଧାନ୍ତର ଆହ୍ୱାନ ହେଉଛି, ଏକ ପରିବେଶ ଉପଯୋଗୀ ସମାଜ ପ୍ରତିଷ୍ଠା କରିବା, ଯେଉଁଥିରେ ପ୍ରକୃତି ଓ ମଣିଷଙ୍କ ମଧ୍ୟରେ ଏକ ସୁସଙ୍ଗତ ସମନ୍ୱୟ ରହିବ। ୨୦୧୨ରେ ଚାଇନା ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଯେତେବେଳେ କ୍ଷମତାକୁ ଆସିଲେ ସେ ତତ୍‌କ୍ଷଣାତ୍ ଏହି ବିଷୟକୁ ଗ୍ରହଣ କଲେ। ଶୀଘ୍ର ସଫଳତା ପାଇବା ଲାଗି ଚାଇନା ସରକାର ପ୍ରଦୂଷଣ ବିରୋଧରେ ଯୁଦ୍ଧ ମଧ୍ୟ ଘୋଷଣା କଲା। ଜଳ, ବାୟୁ ଓ ପାଣି ଉପରେ ଆକ୍ସନ ପ୍ଲାନ ଆରମ୍ଭ କରି ପରିବେଶକୁ ସ୍ୱଚ୍ଛ କରିବା ଓ ତାପଜ କେନ୍ଦ୍ର ବନ୍ଦ କରିବା ପାଇଁ ୧ ଟ୍ରିଲିୟନ ଡଲାର ବ୍ୟୟ କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଥିଲା। ଏହା ସହ ପାରମ୍ପରିକ ବା ଅକ୍ଷୟ ଶକ୍ତି ବିକାଶରେ ଶହ ଶହ ବିଲିୟନ ଡଲାର ନିବେଶ କରିଥିଲା। ଘରୋଇ ଉତ୍ପାଦନ ଓ ବିଦ୍ୟୁତ୍ ଚାଳିତ ଯାନ ବିକ୍ରିକୁ ଅଗ୍ରାଧିକାର ଦେଲା ଏବଂ ପ୍ରଦୂଷଣ କମ୍ କରିବାକୁ ଦେଶବ୍ୟାପୀ କାର୍ବନ ନିର୍ଗମନ ହ୍ରାସ ପ୍ରକ୍ରିୟା ଆରମ୍ଭ କଲା। କିନ୍ତୁ ଚାଇନାର ଏହି ଅଭିଯାନ ଆଗକୁ ବଢିବା ବଦଳରେ ବିପରୀତ ହେବା ଏବେ ପୃଥିବୀ ପାଇଁ ଚିନ୍ତାର କାରଣ ହୋଇଛି। ୨୦୧୪ରୁ ୨୦୧୬ ମଧ୍ୟରେ ପ୍ରତ୍ୟେକ ବର୍ଷ କୋଇଲା ଉପଯୋଗ କମି ଥିଲା ଓ ତାହା ୨୦୧୬ରୁ ପୁଣି ଧୀରେ ଧୀରେ ବଢ଼ିଚାଲିଛି। ଏପରି କି ୨୦୨୦ରେ କୋଭିଡ୍ ମହାମାରୀ ଯୋଗୁ ଲକ୍‌ଡାଉନରେ କାର୍ବନ ଡାଇଅକ୍ସାଇଡ ନିର୍ଗମନ ମଧ୍ୟ ୧.୪ରୁ ୧.୭ % ବୃଦ୍ଧି ପାଇଛି।

ଚାଇନା କିଛି ଭଲ କରିବା ଦରକାର। ୨୦୧୯ର ୟୁନାଇଟେଡ୍ ନେଶନ୍ସ ଏମିସନ ଗ୍ୟାପ୍ ରିପୋର୍ଟର ସିଦ୍ଧାନ୍ତ ଥିଲା ଯେ, ବିଶ୍ୱରେ ୨୦୧୮ରେ କାର୍ବନ ନିର୍ଗମନ ସ୍ତର ଯାହା ଥିଲା, ତାହାକୁ ୨୦୩୦ ସୁଦ୍ଧା ୫୫% ହ୍ରାସ କରିବାକୁ ହେଲେ ବିଶ୍ୱ ତାପନ ୧.୫ ଡିଗ୍ରୀ ସେଲ୍‌ସିୟସ କମାଇବାକୁ ହେବ। କିନ୍ତୁ ଚାଇନା ୨୦୨୦ରେ ୩୮.୪ ଗିଗାୱାଟର ନୂଆ ତାପଜ ବିଦ୍ୟୁତ୍ ଶକ୍ତି କ୍ଷମତା ବୃଦ୍ଧି କଲା। ଏପରିକି ଏହି ସମୟରେ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ମୋଟ ଉତ୍ପାଦନ କ୍ଷମତାର ୧୭.୨ ଗିଗାୱାଟ କମାଇପାରିଛନ୍ତି। ଚାଇନାର ଏହି ପଦକ୍ଷେପ ଚିନ୍ତାଜନକ ଏବଂ ଏଭଳି ବୃଦ୍ଧି ତା'ର ଅୟମାରମ୍ଭ ମାତ୍ର। ଚାଇନା ସରକାର ଅତିରିକ୍ତ ୩୬.୯ ଗିଗାୱାଟ କ୍ଷମତା ବଢ଼ାଇବା ପାଇଁ ତାପଜ ବିଦ୍ୟୁତ ପ୍ଲାଣ୍ଟ ନିର୍ମାଣ କରିବାକୁ ଅନୁମୋଦନ କରିଛନ୍ତି। ଏବେ ନିର୍ମାଣାଧୀନ ପ୍ଲାଣ୍ଟର କ୍ଷମତାକୁ ନେଇ ଏହା ମୋଟରେ ୮୮ ଗିଗାୱାଟକୁ ବୃଦ୍ଧି ପାଇଛି। କେବଳ ଏତିକି ନୁହେଁ, ଆଉ ୧୫୮.୭ ଗିଗାୱାଟର ତାପଜ ବିଦ୍ୟୁତ୍ କ୍ଷମତା ବିଶିଷ୍ଟ କେନ୍ଦ୍ର ପ୍ରତିଷ୍ଠା କରାଯିବାର ଯୋଜନା ପ୍ରସ୍ତୁତ କରାଯାଇଛି। ବିଚାରାଧୀନ ଆଉ ସବୁ ନୂଆ ପ୍ଲାଣ୍ଟର କ୍ଷମତାକୁ ଏକାଠି କଲେ ତାହା ୨୪୭ ଗିଗାୱାଟରେ ପହଞ୍ଚିବ, ଯାହା ଆମେରିକାର ସବୁ ପ୍ଲାଣ୍ଟରୁ ଉତ୍ପାଦିତ ୨୩୩.୬ ଗିଗାୱାଟ୍ ତାପଜ ବିଦ୍ୟୁତ୍‌ଠାରୁ ମଧ୍ୟ ଅଧିକ ହେବ। ଚାଇନାରେ ଆହୁରି ଅଧିକ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବାର ମଧ୍ୟ ସମ୍ଭାବନା ରହିଛି। କୋଇଲା ଏବଂ ଶକ୍ତି ଶିଳ୍ପ ଗୋଷ୍ଠୀଗୁଡ଼ିକ ଆଗାମୀ ପାଞ୍ଚ ବର୍ଷରେ ଚାଇନାର ତାପଜ ଶକ୍ତି କ୍ଷମତାକୁ ବଢ଼ାଇବାକୁ ସରକାରଙ୍କୁ ଉତ୍ସାହିତ କରୁଛନ୍ତି। ଏବକାର ସମୁଦାୟ ତାପଜ ଶକ୍ତି କ୍ଷମତା ୧,୦୮୦ ଗିଗାୱାଟ୍‌ରୁ ୧,୨୦୦-୧,୩୦୦ ଗିଗାୱାଟ ପର୍ଯ୍ୟନ୍ତ ବଢ଼ାଇବା ସହ ୨୦୩୫ ସୁଦ୍ଧା ଏହାକୁ ୧,୪୦୦ ଗିଗାୱାଟ ଯାଏ ଚାହୁଁଛନ୍ତି। ଗ୍ଲୋବାଲ ଏନର୍ଜି ମନିଟର( ଜିଇଏମ୍) ରିପୋର୍ଟରୁ ଜଣାପଡିଛି ଯେ,ଯୋଜନା ମୁତାବକ ଚାଇନା ଯଦି ୨୦୩୫ ମଧ୍ୟରେ ଶକ୍ତି କ୍ଷମତା ବୃଦ୍ଧି କରେ, ତେବେ କେବଳ ଏହାର ତାପଜ ବିଦ୍ୟୁତ ଉପଯୋଗ ବୈଶ୍ୱିକ ତାପଜ ବିଦ୍ୟୁତ୍ ଉତ୍ପାଦନ ସୀମାଠାରୁ ୩ ଗୁଣ ଅଧିକ ହୋଇଯିବ। ବିଶ୍ୱ ତାପନକୁ ୨ ଡିଗ୍ରୀ ସେଲସିୟସ୍ ତଳେ ରଖିବାକୁ ଇଣ୍ଟରଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ୍ ଚେଞ୍ଜ ଏହି ସୀମା ନିର୍ଦ୍ଧାରଣ କରିଛି।

ହଂକଂର ପ୍ରତିବାଦ, ଆମେରିକା ସହ ବାଣିଜ୍ୟ ଯୁଦ୍ଧ ଏବଂ କରୋନା ମହାମାରୀ ପରିବେଶଗତ ସଂସ୍କାର ଲକ୍ଷ୍ୟରୁ ନୀତି ନିର୍ଦ୍ଧାରକଙ୍କୁ ଦୂରେଇ ଦେଇଛି। ଏହାସହ ଚାଇନାର ମୋଟ ଘରୋଇ ଉତ୍ପାଦନ ଅଭିବୃଦ୍ଧି ମଧ୍ୟ ମାନ୍ଦା ପଡ଼ିବା ସହ ବେରୋଜଗାରୀ ବୃଦ୍ଧି ପାଇଛି। ଏଣୁ ସରକାର ଷ୍ଟିଲ, ଆଇରନ ଏବଂ ସିମେଣ୍ଟ ଭଳି ଶକ୍ତି ପ୍ରଧାନ ଶିଳ୍ପଗୁଡ଼ିକ ବୃଦ୍ଧି କରିବା ଲାଗି ଅଧିକ ଆଗ୍ରହୀ ରହିଛନ୍ତି। ଆଞ୍ଚଳିକ ନେତାମାନେ ମଧ୍ୟ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରିବା ଉପରେ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ପୁନଶ୍ଚ ଏବେକାର ଆମେରିକା ଓ ଚାଇନା ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧ ଚାଇନାର ଶକ୍ତି ସୁରକ୍ଷା ସମ୍ବନ୍ଧିତ ଚିନ୍ତା ବଢ଼ାଇଦେଇଛି। ଏହା ଯୋଗୁ ଏହି ଦେଶ ତୈଳ ଆବଶ୍ୟକତାର ୭୫% ଏବଂ ଗ୍ୟାସ ଆବଶ୍ୟକତାର ୪୦% ଆମଦାନୀ କରୁଛି। ତେବେ ଚାଇନା ଅକ୍ଷୟ ଶକ୍ତି ବିଶେଷକରି ସୌର ଓ ପବନ ଶକ୍ତି ଉପରେ ଅଧିକ ପ୍ରାଧାନ୍ୟ ଦେଉଥିଲେ ମଧ୍ୟ ଆଗକୁ ଚାହିଦା ପୂରଣ କରିବାକୁ ଏହି ଉତ୍ସଗୁଡ଼ିକୁ ଶୀଘ୍ର ବୃଦ୍ଧି କରିପାରିବ ନାହିଁ। ଏଣୁ ଚାଇନା ଅପେକ୍ଷାକୃତ କମ୍ ଖର୍ଚ୍ଚରେ ଉପଲବ୍ଧ ହେଉଥିବା ପ୍ରଚୁର କୋଇଲା ଉପଯୋଗ କରି ଅତୀତର ସୁବିଧାଜନକ ଓ ଭରସାଯୋଗ୍ୟ ଶକ୍ତି ଉତ୍ସକୁ ଫେରିବାକୁ ଚାହୁଁଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଏବଂ ସି ଜିନ୍‌ପିଙ୍ଗ ୨୦୧୫ ପ୍ୟାରିସ ଜଳବାୟୁ ଚୁକ୍ତି ପାଇଁ କ୍ଷେତ୍ର ପ୍ରସ୍ତୁତ କରି ବିଶ୍ୱତାପନ ବିରୋଧରେ ସଂଗ୍ରାମ କରିବାକୁ ସାର୍ବଜନୀନ ଆଧାର ସୃଷ୍ଟି କରିଥିଲେ। କିନ୍ତୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମୟରେ ଆମେରିକା ଏହି ବିଷୟରୁ ଦୂରେଇ ଯିବା ସମ୍ଭବତଃ ଚାଇନାର ପ୍ରତିବଦ୍ଧତାକୁ ଦୁର୍ବଳ କରିଦେଲା।

ନିକଟରେ ଇଣ୍ଟରନ୍ୟାଶ୍‌ନାଲ ଏନର୍ଜି ଏଜେନ୍ସି ରିପୋର୍ଟ ସତର୍କ କରିଛି ଯେ, ବିଶ୍ୱକୁ ଯଦି ୨୦୫୦ ସୁଦ୍ଧା ସବୁଜ ଗୃହ ବାଷ୍ପ ନିର୍ଗମନ ଓ ବାୟୁମଣ୍ଡଳରୁ ଏହାର ଅପସାରଣରେ ଏକ ସମନ୍ୱୟ ସ୍ଥିତି ହାସଲ କରିବାକୁ ଅଛି , ତେବେ ଚଳିତବର୍ଷ ସମସ୍ତ ନୂଆ ଜୀବାଶ୍ମ ଇନ୍ଧନର ବିକାଶ ପ୍ରକ୍ରିୟା ବନ୍ଦ କରାଯିବା ଉଚିତ। ଯାହାଦ୍ୱାରା ବିଶ୍ୱତାପନ ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରେ ସୀମିତ ରଖାଯାଇପାରିବ। ଏହି ରିପୋର୍ଟ ଆଧାରରେ ଚାଇନାର ଏବକାର ପଦକ୍ଷେପକୁ ଲକ୍ଷ୍ୟକଲେ ବିଶ୍ୱ ଆଗକୁ କି ପ୍ରକାର ଚାଇନା ଦେଖିବାକୁ ଯାଉଛି ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ।

ସେପ୍ଟେମ୍ବର ୨୦୨୦ରେ ସି ଜିନପିଙ୍ଗ ଘୋଷଣା କରିଥିଲେ ଯେ, ୨୦୬୦ ସୁଦ୍ଧା ଚାଇନା କାର୍ବନ ନ୍ୟୁଟ୍ରାଲ (ବାୟୁମଣ୍ଡଳରେ କାର୍ବନ ନିର୍ଗମନ ଓ ଅବଶୋଷଣରେ ସନ୍ତୁଳନ ସ୍ଥିତି )ରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି। କିନ୍ତୁ ଚଳିତ ବର୍ଷ ମାର୍ଚ୍ଚରେ ପ୍ରକାଶ ପାଇଥିବା ଚାଇନାର ଚତୁର୍ଦ୍ଦଶ ପଞ୍ଚବାର୍ଷିକ ଯୋଜନା(୨୦୨୧-୨୫)ରେ କାର୍ବନ ନିର୍ଗମନ ହ୍ରାସ କରିବାରେ ସରକାରଙ୍କ ରଣନୀତିର ରୂପରେଖ ସମ୍ପୂର୍ଣ୍ଣ ନିରାଶାଜନକ । ଏପ୍ରିଲରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ଜଳବାୟୁ ସମ୍ମିଳନୀରେ ଜିନପିଙ୍ଗ୍ ଘୋଷଣା କରିଥିଲେ ଯେ ନୂଆ ପଞ୍ଚବାର୍ଷିକ ଯୋଜନାରେ ଚାଇନା ତାପଜ ବିଦ୍ୟୁତ୍ ଉପଯୋଗକୁ ଦୃଢ଼ ଭାବେ ନିୟନ୍ତ୍ରଣ କରିବ,କିନ୍ତୁ ଏହାକୁ ବଢିବାକୁ ଦେବ ଏବଂ କେବଳ ୨୦୨୬ରୁ ହିଁ ପର୍ଯ୍ୟାୟ କ୍ରମେ କମାଇବ। ଏଭଳି ନିର୍ଦ୍ଧାରିତ ସମୟ ସ୍ପଷ୍ଟ ନୁହେଁ ଓ ଏହାର ଗୁରୁତ୍ୱ ନ ଥିବା ଭଳି ମନେହୁଏ। ଜିଇଏମ୍, ଟ୍ରାଞ୍ଜିଶନ ଜିରୋର ଜଳବାୟୁ ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ, ବିଶ୍ୱତାପନ ବୃଦ୍ଧିକୁ ପ୍ରଳୟଙ୍କରୀ ୨ ଡିଗ୍ରୀ ସେଲ୍‌ସିୟସ ତଳେ ସୀମିତ ରଖିବାକୁ ଚାଇନାକୁ ୨୦୩୦ ସୁଦ୍ଧା ୧,୦୮୨ ତାପଜ କେନ୍ଦ୍ରରୁ ୬୦୦ ବନ୍ଦ କରିବାକୁ ହେବ। ଯଦି ସେମାନଙ୍କ କଥା ସତ, ତେବେ ଆରମ୍ଭରୁ ଚାଇନା ଅତ୍ୟଧିକ କାର୍ବନ ନିର୍ଗମନକାରୀ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ଅଭିଯାନରୁ ବିରତ ରହିଥିଲେ ଭଲ ହୋଇଥାଆନ୍ତା।

**କୋ- ଅର୍ଗାନାଇଜର ଅଫ୍ ଚାଇନା ଏନ୍‌ଭାଇରନ୍‌ମେଣ୍ଟାଲ ଗ୍ରୁପ୍, ହାଇ ମିଡୋସ ଏନ୍‌ଭାଇରନ୍‌ମେଣ୍ଟାଲ ଇନ୍‌ଷ୍ଟିଚ୍ୟୁଟ(ପ୍ରିନ୍ସଟନ ୟୁନିଭର୍ସିଟି)**

# ଆୟତ୍ତରେ ରହିବ ଡେଙ୍ଗୁ



ଡା. କାନ୍ତୀ ନାୟକ

ଡେଙ୍ଗୁ ଜ୍ୱରର ଲକ୍ଷଣ ମଶା କାମୁଡ଼ିବାର ୪-୭ ଦିନ ମଧ୍ୟରେ ଦେଖାଯାଏ। ବେଳେବେଳେ ୧୨-୧୪ ଦିନ ପରେ ମଧ୍ୟ ଡେଙ୍ଗୁ ଜ୍ୱରର ଲକ୍ଷଣ ପ୍ରକାଶ ପାଏ। ଜ୍ୱର ହେଲେ ଦେହ ଖୁବ୍ ତାତିଯାଏ ଓ ଦିନରେ ୪-୫ ଥର ଏହି ଜ୍ୱର ଆସେ। ଜ୍ୱର ପ୍ରଭାବିତ ମାତ୍ର ୧୦ ପ୍ରତିଶତ ଲୋକଙ୍କୁ ହିଁ ଡାକ୍ତରଖାନାରେ ରଖିବାକୁ ହୁଏ। ଡେଙ୍ଗୁର ସାଧାରଣ ଲକ୍ଷଣ ହେଉଛି ଅଧିକ ଜ୍ୱର, ଦେହହାତ ଭୀଷଣ ଘୋଳାବିନ୍ଧା, ମୁଣ୍ଡ ଓ ଆଖିବିନ୍ଧା, ଦେହସାରା ରିବିରିବି ହୋଇ ଫଳିଯିବା। କିନ୍ତୁ ବେଳେବେଳେ ଏସବୁ ଲକ୍ଷଣ ପରିପ୍ରକାଶ ହୁଏନାହିଁ। ଏସବୁ ରୋଗୀଙ୍କର ରକ୍ତ ପରୀକ୍ଷା କରିବାରେ ଡେଙ୍ଗୁ ପଜିଟିଭ ଆସେ, କିନ୍ତୁ ଏହା ବିନା ଚିକିତ୍ସାରେ ଠିକ୍ ହୋଇଯାଏ। ଦ୍ୱିତୀୟ ପ୍ରକାର ଡେଙ୍ଗୁରେ ରୋଗର ଲକ୍ଷଣ ପ୍ରକାଶପାଏ। ଏହା ତିନି ପ୍ରକାରର- କ୍ଲାସିକାଲ ଡେଙ୍ଗୁ ଫିବର, ଡେଙ୍ଗୁ ହାମ୍‌ରେଜ ଫିବର ଏବଂ ଡେଙ୍ଗୁ ସକ୍ ସିଣ୍ଡ୍ରୋମ। କ୍ଲାସିକାଲ ଡେଙ୍ଗୁ ଫିବର ସାଧାରଣ ଭାଇରସ୍‌ଜନିତ ଜ୍ୱର। ଏଥିରେ ଜ୍ୱର, ଦେହହାତ ଘୋଳାବିନ୍ଧା, ମୁଣ୍ଡବିନ୍ଧା ଏବଂ ଶରୀରରେ ରିବିରିବି ଫଳିଯିବା ଦେଖାଯାଏ। ଏହା ୫-୭ ଦିନ ସାଧାରଣ ଚିକିତ୍ସାରେ ଠିକ୍ ହୋଇଯାଏ। ଡେଙ୍ଗୁ ହାମ୍‌ରେଜ ଜ୍ୱର ଅଧିକ ବିପଜ୍ଜନକ। କାରଣ ଏଥିରେ ରକ୍ତରେ ପ୍ଲେଟେଲେଟ୍ ଓ ଲୋହିତ ରକ୍ତକଣିକା ପରିମାଣ କମ୍ ହୋଇଯାଏ। ନାକ ଏବଂ ମାଡ଼ିରୁ ରକ୍ତବୁହେ। ଝାଡ଼ା ଏବଂ ବାନ୍ତିରେ ରକ୍ତ ପଡ଼େ, ଦେହରେ ଗାଢ଼ ନୀଳ ବା ବାଇଗଣୀ ରଙ୍ଗର ଦାଗ ହୋଇଯାଏ। ଡେଙ୍ଗୁ ସକ୍ ସିଣ୍ଡ୍ରୋମ୍‌ରେ ରୋଗୀ ଧୀରେ ଧୀରେ ବେହୋସ ହୋଇଯାଏ। ତା'ର ରକ୍ତଚାପ ଏବଂ ହୃତ୍‌ସ୍ପନ୍ଦନ କମିଯାଏ। ଅଧିକ ଜ୍ୱର ସତ୍ତ୍ୱେ ଶରୀର ଥଣ୍ଡା ହୋଇଯାଏ।

ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ମଶା ଜନ୍ମ ନ ହେବା ଏବଂ ମଶା ନ କାମୁଡ଼ିବା ଉଭୟ ଜରୁରୀ। ତେଣୁ କେବେବି କୌଣସି ଖୋଲା ସ୍ଥାନରେ ପାଣି ଜମା ହେବାକୁ ଦିଅନ୍ତୁ ନାହିଁ। ଜମା ହୋଇଥିବା ସଫା ପାଣି ମଧ୍ୟ ଅପରିଷ୍କାର ପାଣି ପରି ବିପଜ୍ଜନକ। ପାଣି କୁଣ୍ଡକୁ ସଂପୂର୍ଣ୍ଣ ଭାବେ ଘୋଡ଼ାଇ ରଖନ୍ତୁ। କୁଲର, ଗାଧୁଆ ଘର, ରୋଷେଇ ଘର ଆଦିରେ ଯେଉଁଠି ପାଣି ଜମା ହୋଇ ରହୁଛି, ସେଠି ଦିନରେ ଥରେ କିରୋସିନ ପକାନ୍ତୁ। ଏହା କରିବା ଦ୍ୱାରା ମଶା ଅଣ୍ଡା ବିକଶିତ ହୋଇପାରେ ନାହିଁ। ଏସିର ପାଣି କୌଣସି ସ୍ଥାନରେ ଜମା ହେଉଥିଲେ ତା' ଉପରେ ବ୍ଲିଚିଂ ପାଉଡର ପକାନ୍ତୁ। କୁଲର ବ୍ୟବହାର କରନ୍ତୁ ନାହିଁ। ଯଦି କରିବା ନିହାତି ଜରୁରୀ, ତା'ହେଲେ ପ୍ରତିଦିନ ପାଣି ବଦଳାନ୍ତୁ ଏବଂ ଏଥିରେ ବ୍ଲିଚିଂ ପାଉଡର କିମ୍ବା ବୋରିକ୍ ଏସିଡ୍ ପକାନ୍ତୁ। ଫୁଲକୁଣ୍ଡରେ ପାଣି ଜମା ହେବାକୁ ଦିଅନ୍ତୁ ନାହିଁ। ଛାତ ଉପରେ ଅବ୍ୟବହୃତ ଡବା, ଟାୟାର, ବୋତଲ, ବାସନକୁସନ ଆଦି ରଖନ୍ତୁ ନାହିଁ। ଯଦି ରଖୁଛନ୍ତି, ତା'ହେଲେ ଓଲଟାଇ ରଖନ୍ତୁ ଯେମିତି ତା' ଭିତରେ ପାଣି ଜମିପାରିବ ନାହିଁ। ପାଣିଟାଙ୍କିକୁ ଭଲଭାବେ ବନ୍ଦ କରି ରଖନ୍ତୁ।

ଡେଙ୍ଗୁ ପାଇଁ ତିନୋଟି ମୁଖ୍ୟ ପରୀକ୍ଷା କରାଯାଏ। ଯଥା: ଆଣ୍ଟିଜେନ୍ ବ୍ଲଡ୍‌ଟେଷ୍ଟ, ଡେଙ୍ଗୁ ଆଣ୍ଟିବଡ଼ି ଏବଂ ପ୍ଲେଟେଲେଟ କାଉଣ୍ଟ। ଜ୍ୱର ହେଲେ ୪-୫ ଦିନ ପରେ ଏହି ଟେଷ୍ଟ କରାଇନେବା ଉଚିତ। ଡେଙ୍ଗୁ ଭାଇରସ୍ ମୁଖ୍ୟତଃ ଚାରି ପ୍ରକାର: ଡେନ୍-୧, ଡେନ୍-୨, ଡେନ୍-୩ ଓ ଡେନ୍-୪ ସେରୋଟାଇପ୍। ଡେନ୍-୧ ଏବଂ ଡେନ୍-୩ ସେରୋଟାଇପ୍ ଡେଙ୍ଗୁ ଡେନ୍-୨ ଓ ଡେନ୍-୪ ସେରୋଟାଇପ ତୁଳନାରେ କମ୍ ବିପଜ୍ଜନକ। ଏ ବର୍ଷ ଡେନ୍-୨ ଓ ଡେନ୍-୪ ରୋଗୀ ଅଧିକ ଦେଖିବାକୁ ମିଳୁଛି। ଡେଙ୍ଗୁ ଭାଇରସ୍ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସଂକ୍ରମିତ କରିବା କାମ ମାଈ ଏଡିଶ୍ ମଶା କରେ। ମଶାର ଏହି ପ୍ରଜାତି ଜମା ହୋଇଥିବା ସଫା ପାଣିରେ ବଂଶ ବିସ୍ତାର କରେ ଏବଂ ଦିନରେ କାମୁଡ଼େ। ୧୦୦ ଡିଗ୍ରୀ ଫାରେନ୍‌ହିଟ୍ ପର୍ଯ୍ୟନ୍ତ ଔଷଧ ଦେବା ଆବଶ୍ୟକ ନାହିଁ। ଏହାଠାରୁ ଜ୍ୱର ଅଧିକ ବଢ଼ିଲେ ଏବଂ ଦେହହାତ ଯନ୍ତ୍ରଣା ହେଲେ ପାରାସିଟାମଲ ଦେବେ। ଜ୍ୱର ୧୦୨ ଉପରକୁ ଗଲେ ମଥାରେ ପାଣିପଟି ରଖନ୍ତୁ। ଖାଇବା ବନ୍ଦ କରନ୍ତୁ ନାହିଁ, ଯେଉଁ ଖାଦ୍ୟ ପସନ୍ଦ ତାହା ଦିଅନ୍ତୁ। ଅଧିକ ପାଣି ପିଆନ୍ତୁ। ଲେମ୍ବୁ ସର୍ବତ, ଘୋଳଦହି, ଲସି, ପଇଡ଼ ପାଣି, ଜୁସ୍ ଆଦି ଦିଅନ୍ତୁ। ପ୍ରତି ଦୁଇଘଣ୍ଟାରେ କିଛି ନା କିଛି ପିଇବାକୁ ଦିଅନ୍ତୁ। ଦେହରେ ଜଳୀୟ ଅଂଶ କମିଗଲେ ଡେଙ୍ଗୁ ବିପଜ୍ଜନକ ହୋଇଯାଏ। ତିନି ଚାରି ଘଣ୍ଟାରେ ଥରେ ପରିସ୍ରା ହେଲେ ରୋଗୀ ବିପଦମୁକ୍ତ ଅଛି ବୋଲି ଜାଣିବାକୁ ହେବ। ଜ୍ୱର ଆସିଲେ ନିଃଶ୍ୱାସ ନେବାକୁ କଷ୍ଟ ହୁଏ, କିନ୍ତୁ ଜ୍ୱର ନ ଥାଇ ଯଦି ନିଃଶ୍ୱାସ ନେବାରେ କଷ୍ଟ ହେଉଛି, ତେବେ ତୁରନ୍ତ ଡାକ୍ତରଙ୍କ ପାଖକୁ ନେଇଯାଆନ୍ତୁ। ଡେଙ୍ଗୁ ଯଦି ଦ୍ୱିତୀୟଥର ହୁଏ, ତା'ହେଲେ ଅଧିକ ବିପଜ୍ଜନକ ହୋଇଯାଏ। ତେଣୁ ଯେଉଁମାନଙ୍କୁ ଆଗରୁ ଡେଙ୍ଗୁ ହୋଇସାରିଛି ସେମାନେ ସବୁବେଳେ ସତର୍କ ରୁହନ୍ତୁ।

**ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡିଏ, କଟକ**

## ଏଇ ଭାରତରେ

ବିନା ମାଟିରେ ଦିନକୁ ୫୦ କେ.ଜି. ଚାରା ଉତ୍ପାଦନ ହେଉଥିବା ପଦ୍ଧତି ବିକାଶ କରିଛନ୍ତି ଦୁଇ ଇଞ୍ଜିନିୟର ବନ୍ଧୁ। କୋଲକାତାର ଇଲେକ୍ଟ୍ରିକାଲ ଇଞ୍ଜିନିୟର ସୌର୍ଯ୍ୟଦୀପ ବସାକ ଓ ଇନ୍ଦୋରର ମେକାନିକାଲ ଇଞ୍ଜିନିୟର ଲବକେଶ ବାଲଚନ୍ଦାନିଙ୍କ ଦ୍ୱାରା ଏହା ସମ୍ଭବ ହୋଇଛି। ହାଇଡ୍ରୋଫୋନିକ ପଦ୍ଧତି ( କେବଳ ପାଣିରେ)ରେ ଚାରା ଉତ୍ପାଦନ ହେଉଛି । ପାରମ୍ପରିକ ପଦ୍ଧତିରେ ୫୦ କେ.ଜି. ଚାରା ପାଇଁ ଯେତିକି ପାଣି ଆବଶ୍ୟକ ତା'ଠାରୁ ୯୫% କମ୍ ପାଣି ଉପଯୋଗ ହେଉଛି ଏହି ଫଡର ୟୁନିଟ୍‌ରେ। ଏହା ସୌରଶକ୍ତିରେ ଚାଲୁଛି। ସୋଲାର ପ୍ୟାନେଲ ସହ କଣ୍ଟ୍ରୋଲ ସିଷ୍ଟମ୍ ଏବଂ ଅନ୍ୟ ଯନ୍ତ୍ରପାତିକୁ ନେଇ ଗୋଟିଏ ଫଡର ୟୁନିଟ୍ ଲାଗି ପାଖାପାଖି ୧୫,୦୦୦ ଟଙ୍କା ଖର୍ଚ୍ଚ ହେଉଛି। ଏଣୁ ଗ୍ରାମାଞ୍ଚଳ କୃଷକମାନଙ୍କ ପାଇଁ ଏହା ଶସ୍ତା ହେବ ଓ ଅଧିକ କାମରେ ଆସିବ ବୋଲି କହନ୍ତି ବସାକ। ମାତ୍ର ୧୫ ଦିନ ଭିତରେ ଚାରା ପ୍ରସ୍ତୁତ ହୋଇଯାଉଛି। ଫଡର ୟୁନିଟ୍‌ରେ ୧ ବର୍ଗ ମିଟର ଜାଗାରେ ୧୨ କେ.ଜି ଚାରା ଉତାରି ହେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୫ ଅଗଷ୍ଟ ୧୯୯୬

- ସାମୁଦ୍ରିକ ଆଇନ ପାଇଁ ଉଦ୍ଦିଷ୍ଟ ଆନ୍ତର୍ଜାତିକ ଟ୍ରିବ୍ୟୁନାଲର ବିଚାରପତି ଭାବେ କେନ୍ଦ୍ର ଆଇନ ସଚିବ ଡଃ ପି.ସି. ରାଓ ନିର୍ବାଚିତ।
- ଅଲମ୍ପିକ୍ କ୍ରୀଡ଼ାରେ ଭାରତ ପକ୍ଷରୁ ଡେଭିସ୍ କପ୍ ତାରକା ଲିଆଣ୍ଡର ପେସ୍‌ଙ୍କ ବ୍ରୋଞ୍ଜ ପଦକ ହାସଲ।
- ଦୂରଦର୍ଶନରେ ପ୍ରସ୍ତାବିତ ଯୁବ କାର୍ଯ୍ୟକ୍ରମରେ ବହୁ ଅସଙ୍ଗତ କାର୍ଯ୍ୟ କରାଯାଇଥିବା ଅଭିଯୋଗ କ୍ରମେ କୋର୍ଟରେ ହାଜର ହେବା ଲାଗି ଦୂରଦର୍ଶନର ୩ ଜଣ ପୂର୍ବତନ ଡିଜିଙ୍କୁ ଆଦେଶ।

# ଆନ୍ତଃରାଜ୍ୟ ତିକ୍ତତା ଦୂର ହେଉ



ପ୍ରକାଶ ତ୍ରିପାଠୀ

ଗତ ଜୁଲାଇ ୨୬ରେ ଆସାମ ଓ ମିଜୋରାମ ସୀମାରେ ଘଟିଥିବା ରକ୍ତାକ୍ତ ସଂଘର୍ଷ କୌଣସି ଏକ ସଭ୍ୟ, ଗଣତାନ୍ତ୍ରିକ ଓ ସଂଘୀୟ ବ୍ୟବସ୍ଥା ଥିବା ରାଷ୍ଟ୍ର ପାଇଁ ଆଦୌ ସ୍ପୃହଣୀୟ ନୁହେଁ। ଏହା ଦେଶର ଏକତା ଓ ଅଖଣ୍ଡତା ପ୍ରତି ନିଶ୍ଚିତ ଅଶୁଭ ସଙ୍କେତ। ପୂର୍ବୋତ୍ତର ରାଜ୍ୟଗୁଡ଼ିକରେ ଭୌଗୋଳିକ ଅସମାନତା ଓ ସାଂସ୍କୃତିକ ବିଭିନ୍ନତା ଅନେକ ରହିଛି। ବାରାକ ଘାଟି ଓ ବ୍ରହ୍ମପୁତ୍ର ଘାଟି ମଧ୍ୟରେ ବାଣ୍ଟି ହୋଇ ରହିଥିବା ଏହି ରାଜ୍ୟଗୁଡ଼ିକ ବିଭିନ୍ନ ସମୟରେ ରକ୍ତରଞ୍ଜିତ ସଂଘର୍ଷ ଯୋଗୁ ଅଶାନ୍ତ ରହିବା ସହ ଦେଶର ସୁରକ୍ଷା ପ୍ରତି ମଧ୍ୟ ବିପଦ ସୃଷ୍ଟି କରୁଛି। ରାଜ୍ୟ ରାଜ୍ୟ ମଧ୍ୟରେ ଥିବା ସୀମା ବିବାଦକୁ ରାଜନୈତିକ ଦଳଗୁଡ଼ିକ ସମାଧାନ ବଦଳରେ ଅଧିକ ଜଟିଳ କରିବାରେ ଲାଗିଛନ୍ତି। ଦୁଃଖର କଥା ହେଲା ଯେ ଉଭୟ ରାଜ୍ୟର ସୀମା ବିବାଦକୁ ନେଇ ରହିଥିବା ଅଶାନ୍ତ ବାତାବରଣକୁ ଶାନ୍ତ କରିବା ପାଇଁ ମୁତୟନ ଥିବା ପୋଲିସ ବଳ ହିଁ ନିଜ ନିଜ ମଧ୍ୟରେ ସଂଘର୍ଷ କରିଛନ୍ତି ଓ ଫଳ ସ୍ୱରୂପ ଛଅ ଜଣ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ସହ ପଚାଶରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏହା ଠାରୁ ଅଧିକ ଦୁଃଖର କଥା ହେଲା ଯେ ଏହି ସଂଘର୍ଷରେ ମୃତ ପୋଲିସ କର୍ମୀଙ୍କୁ ଆସାମ ସରକାର ଶହୀଦ ଭାବେ ବର୍ଣ୍ଣନା କରିବା। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଉତ୍ତରପୂର୍ବ ରାଜ୍ୟ ଗସ୍ତକରି ଫେରିବାର କିଛି ସମୟ ପରେ ଏହି ଅଞ୍ଚଳରେ ଏପରି ରକ୍ତରଞ୍ଜିତ ସଂଘର୍ଷ ଘଟିବା ପ୍ରମାଣ ଦିଏ ଯେ ଏହି ସବୁ ଅଞ୍ଚଳରେ ସବୁକିଛି ଠିକ୍ ନାହିଁ।

ଭାରତର ଉତ୍ତରପୂର୍ବରେ ଥିବା ରାଜ୍ୟ ଆସାମକୁ ପ୍ରଶାସନିକ ଦୃଷ୍ଟିରୁ ଭଙ୍ଗା ଯାଇ ଅନ୍ୟାନ୍ୟ ରାଜ୍ୟ ଗଠିତ ହୋଇଛି ; ଯାହାକୁ କି ସାତଭଉଣୀର ରାଜ୍ୟ କୁହାଯାଏ। ଏହି ସବୁ ରାଜ୍ୟଗୁଡ଼ିକରେ ମୁଖ୍ୟତଃ ଜନଜାତି ସମ୍ପ୍ରଦାୟର ଅଧିବାସୀ ରହୁଥିବାରୁ ସେମାନଙ୍କ ସାଂସ୍କୃତିକ ପରମ୍ପରାକୁ ନେଇ ସେମାନେ ଅଧିକ ସମ୍ବେଦନଶୀଳ ହୋଇଥାନ୍ତି। ଆସାମର ଉତ୍ତରରେ ଅରୁଣାଚଳ ପ୍ରଦେଶ, ପୂର୍ବରେ ନାଗାଲାଣ୍ଡ ଓ ମଣିପୁର, ଦକ୍ଷିଣରେ ମିଜୋରାମ ଓ ପଶ୍ଚିମରେ ପଶ୍ଚିମବଙ୍ଗ ଅବସ୍ଥିତ। ୨୦୧୯ରେ ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ହେବା ପରେ ଆଶଙ୍କା ସୃଷ୍ଟି ହୋଇଥିଲା ଯେ ଏହି ସବୁ ରାଜ୍ୟଗୁଡ଼ିକରେ ଥିବା ବିଶେଷ ଅଧିକାରକୁ ମଧ୍ୟ ଉଠାଇ ଦିଆଯାଇପାରେ, ମାତ୍ର ଏହି ଆଶଙ୍କା ଅମୂଳକ ଥିଲା ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଉ ନ ଥିବା ସ୍ପଷ୍ଟୀକରଣ ଦିଆଯାଇଥିଲା। ସମ୍ବିଧାନର ଧାରା-୨୧ ଅନୁଯାୟୀ ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଇଛି। ଆସାମଠାରୁ ଅତୀତରେ ଅଲଗା ହୋଇଥିବା ରାଜ୍ୟଗୁଡ଼ିକ ମଧ୍ୟରେ ସୀମା ବିବାଦ ଅତି ପୁରୁଣା। ଏହାକୁ ନେଇ ବିଭିନ୍ନ ସମୟରେ ଛୋଟ ବଡ଼ ସଂଘର୍ଷ ଘଟି ଆସୁଛି ; ଫଳରେ ଏହି ସବୁ ଅଞ୍ଚଳରେ ଏହା ଅନୁପ୍ରବେଶକୁ ପ୍ରଶ୍ରୟ ଦେବା ସହ ସାମ୍ପ୍ରଦାୟିକ ସମସ୍ୟା ସୃଷ୍ଟି କରୁଛି। ପ୍ରକାଶଯୋଗ୍ୟ ଯେ, ପୂର୍ବୋତ୍ତର ରାଜ୍ୟଗୁଡ଼ିକରେ ଥିବା ସୀମାବିବାଦ ସହ ଭାରତ- ବାଂଲା ଦେଶର ପ୍ରାୟ ୪ ହଜାର କିଲୋମିଟର ସୀମା ମଧ୍ୟ ଯୋଡ଼ି ହୋଇ ରହିଛି। ଆସାମ, ତ୍ରିପୁରା, ପଶ୍ଚିମବଙ୍ଗ, ମେଘାଳୟ ଓ ମିଜୋରାମ ଆଦି ରାଜ୍ୟ ସହ ବାଂଲା ଦେଶର ସୀମା ଲାଗିରହିଛି ଓ ସ୍ୱାଧୀନତା ପରଠାରୁ ତତ୍କାଳୀନ ପୂର୍ବ ପାକିସ୍ତାନ ଓ ପରବର୍ତ୍ତୀ ବାଂଲାଦେଶର ଅନୁପ୍ରବେଶ ଏହି ସୀମାରେ ଅବ୍ୟାହତ ରହିଛି। ଅନୁପ୍ରବେଶ ବୃଦ୍ଧି ଯୋଗୁ ଏହିସବୁ ସୀମାନ୍ତ ଅଞ୍ଚଳରେ ମୂଳ ଜନଜାତି ବାସିନ୍ଦାଙ୍କ ସଂଖ୍ୟା କମି କମି ଆସୁଛି ଓ ଏଥିଯୋଗୁ ବିଭିନ୍ନ ସମୟରେ ସେଠାରେ ଅଶାନ୍ତି ଲାଗି ରହୁଛି।

ଆନ୍ତଃରାଜ୍ୟ ସୀମା ବିବାଦରେ ହରିୟାଣା-ହିମାଚଳ ପ୍ରଦେଶ, ଲଦାଖ କେନ୍ଦ୍ରଶାସିତ-ହିମାଚଳ ପ୍ରଦେଶ, ମହାରାଷ୍ଟ୍ର-କର୍ନାଟକ, ଆସାମ-ଅରୁଣାଚଳ ପ୍ରଦେଶ, ଆସାମ-ନାଗାଲାଣ୍ଡ, ଆସାମ-ମେଘାଳୟ ଓ ଆସାମ-ମିଜୋରାମ ଅନ୍ତର୍ଭୁକ୍ତ। ତେବେ ଏହିସବୁ ବିବାଦ ମଧ୍ୟରେ ଆସାମ ସହ ଯୋଡ଼ିହୋଇଥିବା ସୀମା ବିବାଦ ସର୍ବଦା ଶୀର୍ଷରେ ରହିଆସିଛି। ତଥ୍ୟ କୁହେ ଆସାମ- ମିଜୋରାମ ସୀମା ବିବାଦ ଦେଢ଼ଶହ ବର୍ଷର ପୁରୁଣା। ବ୍ରିଟିଶ ଶାସନ ଦ୍ୱାରା ୧୮୭୫ ଓ ୧୯୩୩ରେ ପ୍ରକାଶିତ ଦୁଇଟି ବିଜ୍ଞପ୍ତିର ଏହା ଫଳ। ୧୮୭୫ରେ ବ୍ରିଟିଶ ଅମଳର ସୀମା ନିର୍ଦ୍ଧାରଣକୁ ଏବେ ବି ମିଜୋରାମ ମାନି ଥାଏ। ୧୯୭୨ରେ କେନ୍ଦ୍ରଶାସିତ ଅଞ୍ଚଳ ଓ ୧୯୮୭ରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବା ପରେ ମଧ୍ୟ ସ୍ୱାଧୀନତା ପୂର୍ବ ସୀମା ନିର୍ଦ୍ଧାରଣକୁ ମିଜୋରାମ ମନରୁ ଦୂରେଇପାରୁନାହିଁ। ମିଜୋରାମ ମତରେ ବେଙ୍ଗଲ ଇଷ୍ଟର୍ନ ଫ୍ରାଣ୍ଟି ରେଗୁଲେସନ ଆକ୍ଟ ଅନୁଯାୟୀ ୧୮୭୫ରେ ନିର୍ଦ୍ଧାରଣ ହୋଇଥିବା ଆଭ୍ୟନ୍ତରୀଣ ରେଖା ସର୍ବମାନ୍ୟ ହେବା ଉଚିତ। କାରଣ ୧୯୮୬ରେ ସ୍ୱାକ୍ଷରିତ ଚୁକ୍ତିନାମା ଏକତରଫା ଓ ସେତେବେଳେ ମିଜୋରାମ ସିଭିଲ ସୋସାଇଟିର ମତାମତ ନିଆଯାଇ ନ ଥିଲା। ଅନ୍ୟପକ୍ଷରେ ଏହାକୁ ଆସାମ ଗ୍ରହଣ କରିପାରୁନାହିଁ। ବ୍ରିଟିଶ ଅମଳର ସୀମା ପରିବର୍ତ୍ତେ ୧୯୮୬ରେ ହୋଇଥିବା ସୀମା ନିର୍ଦ୍ଧାରଣକୁ ଆସାମ ସମର୍ଥନ କରୁଛି। ଏଠାରେ ସୂଚାଇ ଦେବା ଉଚିତ ହେବ ଯେ ଯଦି ମିଜୋରାମର ଦାବିକୁ ଗ୍ରହଣ କରାଯିବ ତେବେ ଆସାମକୁ ତା'ର ଦକ୍ଷିଣରେ ଥିବା କେତେକ ଅଞ୍ଚଳକୁ ମିଜୋରାମକୁ ଦେବାକୁ ପଡ଼ିବ। ସେହିପରି ଯଦି ଆସାମ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଏ ତେବେ ମିଜୋରାମକୁ ସେହି ଅଞ୍ଚଳରୁ ତା'ର ଅଧିକାର ହରାଇବାକୁ ପଡ଼ିବ। ମିଜୋରାମ ତୁଳନାରେ ଆସାମରେ ଅଧିକ ସମତଳ ଅଞ୍ଚଳ, ଯାହା କି କୃଷି କାର୍ଯ୍ୟ ପାଇଁ ଅନୁକୂଳ। ସମତଳ ଅଞ୍ଚଳ ପାଇବା ପାଇଁ ମିଜୋରାମ ଦାବି କରିଆସୁଛି। ଉଭୟ ରାଜ୍ୟର ସୀମାକୁ ନୋ ମ୍ୟାନ୍ସ ଲ୍ୟାଣ୍ଡ ଘୋଷଣା ହୋଇଥିଲେ ହେଁ ଏହି ସବୁ ଅଞ୍ଚଳରେ ସର୍ବଦା ବିବାଦ ଲାଗି ରହିଛି। ଉଭୟ ରାଜ୍ୟ କେହି କାହାକୁ ଇଞ୍ଚେ ଜାଗା ଛାଡ଼ିବେ ନାହିଁ ବୋଲି ଜିଦ୍ ଧରିବା ସମ୍ପୃକ୍ତ ରାଜ୍ୟ ମଧ୍ୟରେ ସଂଘର୍ଷ ଓ ଅଶାନ୍ତ ପରିବେଶକୁ ଉଜ୍ଜୀବିତ କରି ରଖିଛି।

ଜୁଲାଇ ୨୬ରେ ଘଟିଥିବା ରକ୍ତାକ୍ତ ସଂଘର୍ଷ ପରେ ବିବାଦକୁ ନେଇ ଉଭୟ ରାଜ୍ୟର ବିବୃତି ରାଜନୈତିକ ଅପରିପକ୍ୱତାର ପରିଚୟ ଦିଏ। ସୀମା ସମସ୍ୟାକୁ ଉଜ୍ଜୀବିତ ରଖିବା ସେମାନଙ୍କର ଉଦ୍ଦେଶ୍ୟ ବୁଝାପଡ଼େ। ସୀମାକୁ ନେଇ ଦୁଇ ପଡ଼ୋଶୀ ରାଷ୍ଟ୍ର ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ଅତି ପୁରୁଣା। ସୀମାରେ ପାକିସ୍ତାନର ନିୟମିତ ଶାନ୍ତିଭଙ୍ଗକୁ ନେଇ ଭୂତପୂର୍ବ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ମନ୍ତବ୍ୟ ମନେପଡ଼େ। ହୁଏତ ଆମେ ଆମ ବନ୍ଧୁକୁ ବଦଳେଇ ପାରିବା, କିନ୍ତୁ ପଡ଼ୋଶୀଙ୍କୁ ବଦଳେଇ ପାରିବା ନାହିଁ। ତେଣୁ ଭଲ ସମ୍ପର୍କ ସ୍ଥାପନ କରି ବନ୍ଧୁ ଭାବେ ରହିବା ନଚେତ୍ ପରସ୍ପର ମଧ୍ୟରେ ଲଢ଼ି ବିଶ୍ୱ ନଜରରେ ଉପହାସର ପାତ୍ର ହେବା। ପଡ଼ୋଶୀ ପାକିସ୍ତାନ ଓ ଚାଇନା ସହ ସୀମା ବିବାଦ ବିଭିନ୍ନ ସମୟରେ ଭାରତ ପାଇଁ ମୁଣ୍ଡବ୍ୟଥାର କାରଣ ହେଉଛି। ଅତୀତରେ ଏଥିପାଇଁ ଭାରତକୁ ବହୁମୂଲ୍ୟ ବି ଦେବାକୁ ପଡ଼ିଛି। ବାଜପେୟୀଙ୍କ ମନ୍ତବ୍ୟ ପଡ଼ୋଶୀ ଦେଶ ପ୍ରତି ଥିଲା, ମାତ୍ର ଏହି ମନ୍ତବ୍ୟ ଏବେ ଆମ ଦେଶର ଦୁଇ ପ୍ରଦେଶ ପାଇଁ ମଧ୍ୟ ପ୍ରଯୁଜ୍ୟ ହେଉଛି । ଦୁଇ ରାଜ୍ୟ ମଧ୍ୟରେ ଥିବା ସୀମାକୁ ନେଇ ସଂଘର୍ଷ ଅତି ଲଜ୍ଜାଜନକ ଓ ଦେଶର ଏକତା ଏବଂ ସଂଘୀୟ ବ୍ୟବସ୍ଥା ପ୍ରତି ମଧ୍ୟ ଏକ ପ୍ରଶ୍ନବାଚୀ। ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହା ଦୀର୍ଘ ସମୟଧରି ଉଜ୍ଜୀବିତ ହୋଇ ରହିଛି। ଏବେ ଏହାକୁ ଅଧିକ ରାଜନୈତିକ ରଙ୍ଗ ଦିଆ ନ ଯାଇ ଏକ ଚିରସ୍ଥାୟୀ ସମାଧାନ କରାଯିବା ଆବଶ୍ୟକ। ଦେଶର ସୀମାନ୍ତବର୍ତ୍ତୀ ଦୁଇ ରାଜ୍ୟ ମଧ୍ୟରେ ଆନ୍ତଃସୀମାକୁ ନେଇ ଏପରି ଉତ୍ତେଜନା ଲାଗିରହିବା ଦେଶର ନିରାପତ୍ତା ପାଇଁ ବିପଦ ହୋଇପାରେ। ତେଣୁ ଆନ୍ତଃ ରାଜ୍ୟ ତିକ୍ତତା ଓ ଶତ୍ରୁତାକୁ ଭୁଲି ଏକ ସ୍ଥାୟୀ ସମାଧାନ ଦିଗରେ ଉଭୟ ରାଜ୍ୟ ସହ କେନ୍ଦ୍ର ମଧ୍ୟ ପ୍ରୟାସ କରନ୍ତୁ।

**ମୋ-୯୪୩୭୨୩୨୪୬୩**

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 9 | | | 7 |
| | | | | 1 | 8 | | | |
| 7 | 9 | | | | 4 | | | |
| 1 | | 9 | | | | | 3 | |
| 5 | | | 1 | | | | | 2 |
| | | 3 | | | | | 4 | 6 |
| | | 1 | | | | | | |
| 6 | | | | | | | 2 | 1 |
| 8 | 7 | | | 6 | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 3 | 1 | 7 | 4 | 8 | 5 | 9 |
| 5 | 7 | 4 | 8 | 2 | 9 | 6 | 1 | 3 |
| 1 | 9 | 8 | 3 | 5 | 6 | 7 | 4 | 2 |
| 7 | 1 | 2 | 4 | 3 | 8 | 9 | 6 | 5 |
| 4 | 5 | 9 | 2 | 6 | 7 | 3 | 8 | 1 |
| 8 | 3 | 6 | 5 | 9 | 1 | 4 | 2 | 7 |
| 3 | 8 | 7 | 6 | 1 | 5 | 2 | 9 | 4 |
| 2 | 4 | 5 | 9 | 8 | 3 | 1 | 7 | 6 |
| 9 | 6 | 1 | 7 | 4 | 2 | 5 | 3 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜଞ୍ଜାଳରେ ରୋଷେୟା

ମହାଶୟ,

ଚୁଲି ନିଆଁ ପାଖରେ ସିଝୁଥିବା ମଣିଷଙ୍କ ରୋଜଗାରରେ ଏବେ ନିଆଁ ଧରିଛି। ରାଜ୍ୟ ବାହାରେ ହୋଟେଲରେ କାମ କରୁଥିବା ରୋଷେୟା ଘରମୁହାଁ ହେବା ପରେ ସବୁଦିନ ଘର ପାଖରେ ରହି ଆଖପାଖ ଅଞ୍ଚଳରେ ରୋଷେୟା କାମ କରୁଥିବା ବ୍ୟକ୍ତିଙ୍କ ଉପରେ ବୋଝ ସାଜିଛନ୍ତି। ରୋଷେୟା ପାଇଁ ଯେଉଁ କାମରେ ପାଞ୍ଚ ହଜାର ଟଙ୍କା ମିଳୁଥିଲା ଏବେ ତିନି ହଜାର ଟଙ୍କାରେ ମରାମରି। ବଡ଼ ବଜେଟର ଭୋଜିଭାତ ମଧ୍ୟ ନାହିଁ। କରୋନା କାଳରେ ସରକାର ଉଠାଦୋକାନୀଙ୍କଠାରୁ ଆରମ୍ଭ କରି ନିର୍ମାଣ ଶ୍ରମିକ ଆଉ ଚାଷୀଙ୍କୁ କିଛି କିଛି ଆର୍ଥିକ ସହାୟତା ଯୋଗାଇ ଦେଇଥିବା ବେଳେ ରୋଷେୟାଙ୍କ ପ୍ରତି ସୁଦୟା ହେଉ।

-ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆବାସେ ଆବାସେ ଅଶ୍ରୁର ଅଭିଷେକ
ଆବାସେ ଆବାସେ ବ୍ୟର୍ଥତା ଲଭି ଟେକ,
ରହିଅଛି ଉଭା ବିରଚି ବିରାଟ ଭୟ
ବିଶ୍ୱର ସେ କି ଅବିନଶ୍ୱର ଜୟ! -(ଜୀବନର ସ୍ୱର୍ଣ୍ଣ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



ଭୁବନେଶ୍ୱର ୟୁନିଟ୍-୧ ସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟରେ ବୁଧବାର ଶିଳ୍ପୀ ସୁବଳ ମହାରଣାଙ୍କ ଦ୍ୱାରା ପ୍ରସ୍ତୁତ ଡେଙ୍ଗୁ ସମ୍ପର୍କିତ ସଚେତନତା ବାର୍ତ୍ତା ସମ୍ବଳିତ ବାଲୁକା କଳା।

# ଓଡ଼ିଶାରେ ୫୦ ସ୍ଫୂର୍ତ୍ତି କ୍ଲଷ୍ଟର ଖୋଲିବାକୁ ପ୍ରସ୍ତାବ

## ୩ କେନ୍ଦ୍ର ସଚିବଙ୍କୁ ଭେଟିଲେ ରାଜ୍ୟ ଏମ୍ଏସ୍ଏମ୍ଇ ସଚିବ

ଭୁବନେଶ୍ୱର,୪।୮(ବ୍ୟୁରୋ)

ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ନୂଆଦିଲ୍ଲୀଠାରେ କେନ୍ଦ୍ର ଏମ୍ଏସ୍ଏମ୍ଇ ସଚିବ ବି. ବି. ସ୍ୱାଇଁ, ଖାଦ୍ୟ ପ୍ରକ୍ରିୟାକରଣ ସଚିବ ପୁଷ୍ପା ସୁବ୍ରମଣ୍ୟମ୍ ଏବଂ ବ୍ୟାଙ୍କିଙ୍ଗ ସଚିବ ଦେବାଶିଷ ପଣ୍ଡାଙ୍କୁ ପୃଥକ୍ ପୃଥକ୍ ଭାବେ ସାକ୍ଷାତ୍ କରିଛନ୍ତି। ଓଡ଼ିଶାରେ ଆଉ ୫୦ଟି ସ୍ଫୂର୍ତ୍ତି କ୍ଲଷ୍ଟର ସ୍ଥାପନ ନିମନ୍ତେ ରହିଥିବା ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ଏହି କ୍ଲଷ୍ଟରରେ ରାଜ୍ୟର ପାରମ୍ପରିକ ଶିଳ୍ପୀ ଓ ଶିଳ୍ପର ବିକାଶ ଦିଗରେ କାର୍ଯ୍ୟ କରାଯିବ। ପ୍ରତି କ୍ଲଷ୍ଟର ୨ରୁ ୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରିବାକୁ ସେ ଏହି ପ୍ରସ୍ତାବରେ ଉଲ୍ଲେଖ କରିଛନ୍ତି। ସେହିପରି ଅନ୍ୟ ୫୦ଟି ଶିଳ୍ପାଞ୍ଚଳ ପାଇଁ ପ୍ରତ୍ୟେକକୁ ୫୦ କୋଟି ଲେଖାଏ ଅର୍ଥ ମଞ୍ଜୁର କରିବାକୁ ସେ ଅନୁରୋଧ କରିଛନ୍ତି। ସେଣ୍ଟ୍ରାଲ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର(ସିଟିଟିସି) ଭଳି ଆଉ ୫ଟି ବୈଷୟିକ କେନ୍ଦ୍ର ସ୍ଥାପନ କରିବା ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ପୂର୍ବଭାରତର ମୁଖଶାଳା ଓଡ଼ିଶାରେ ଏକ ଆଧୁନିକ ଏମ୍ଏସ୍ଏମ୍ଇ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଗଲେ ଯୁବବର୍ଗ କର୍ମସଂସ୍ଥାନ ପାଇଁ ସଶକ୍ତ ହୋଇପାରିବେ ବୋଲି ସାକ୍ଷାତ୍ ବେଳେ ଆଲୋଚନା କରିଛନ୍ତି। ଏଥିସହିତ ବ୍ୟାଙ୍କିଂ ସଚିବ ପଣ୍ଡାଙ୍କୁ ପ୍ରଧାନମନ୍ତ୍ରୀ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଯୋଜନା ଓ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି ଯୋଜନାରେ ଆର୍ଥିକ ଋଣ ଯୋଗାଇ ଦେବା ପାଇଁ ରାଜ୍ୟ ବ୍ୟାଙ୍କ ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦେବାକୁ ରାଜ୍ୟ ଏମ୍ଏସ୍ଏମ୍ଇ ସଚିବ ଅନୁରୋଧ କରିଛନ୍ତି।

# ଜିଲା ଚିକିତ୍ସାଳୟ ଅକ୍ସିଜେନ୍ ପ୍ଲାଣ୍ଟରୁ ୧୨ ନାବାଳିକା ଉଦ୍ଧାର

ରାୟଗଡ଼ା ଅଫିସ,୪।୮

ଆନ୍ଧ୍ର ପ୍ରଦେଶରେ ୬ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ପରେ ରାୟଗଡ଼ା ଜିଲା ଶ୍ରମ ବିଭାଗର ନିଦ୍ରାଭଙ୍ଗ ହୋଇଛି। ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଚାଲିଥିବା ଅକ୍ସିଜେନ୍ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟରେ ନିୟୋଜିତ ୧୨ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଏମାନେ ସମସ୍ତେ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ଉଦ୍ଧାର ନାବାଳିକାମାନେ ରାୟଗଡ଼ା ବ୍ଲକର ଖମ୍ଭେସୁ, ନିଶିଖାଲ ଓ ଲାଞ୍ଜା ଗ୍ରାମର ବୋଲି ଅତିରିକ୍ତ ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଶ୍ରମ ବିଭାଗ ଏବଂ ଚାଇଲ୍ଡଲାଇନ୍ ପକ୍ଷରୁ ବୁଧବାର ସହରର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅକ୍ସିଜେନ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟରେ କେତେଜଣ ନାବାଳିକା ନିୟୋଜିତ ଥିବା ଖବର ପାଇ ସେଠାରେ ମଧ୍ୟ ଚଢ଼ାଉ କରାଯାଇଥିଲା। ଏଠାରେ ୧୭ ଶ୍ରମିକ ନିୟୋଜିତ ଥିବାବେଳେ ସେଥିମଧ୍ୟରୁ ୧୨ ନାବାଳିକା ରହିଥିବା ଜଣାପଡ଼ିଥିଲା। ଏ ନେଇ ଶ୍ରମ ବିଭାଗ ପକ୍ଷରୁ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଉପସ୍ଥିତିରେ ଉଦ୍ଧାର ନାବାଳିକାମାନଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ରାତିରେ ସେମାନଙ୍କୁ ଚାଇଲ୍ଡଲାଇନ୍ ପକ୍ଷରୁ ସ୍ନେହା ଆଶ୍ରୟସ୍ଥଳୀରେ ରଖାଯାଇଛି। ଗୁରୁବାର କାଉନସେଲିଂ ପରେ ସିଡବ୍ଲ୍ୟୁସି ନିକଟରେ ହାଜର କରାଯାଇ ପରିବାରକୁ ହସ୍ତାନ୍ତର କରାଯିବ। ଏହାପରେ ସେମାନଙ୍କ ଉପଯୁକ୍ତ ଥଇଥାନର ବ୍ୟବସ୍ଥା ଉପରେ ବିଚାର କରାଯିବ ବୋଲି ଅତିରିକ୍ତ ଶ୍ରମ ଅଧିକାରୀ କହିଛନ୍ତି। ଉଦ୍ଧାର ନାବାଳିକାଙ୍କ ମଧ୍ୟରୁ କିଛିଜଣ ଅଧାରୁ ପାଠପଢ଼ା ବନ୍ଦ କରିଥିବା ଜଣାପଡ଼ିଛି। ତେଣୁ ସେମାନଙ୍କ ପାଠପଢ଼ା ବ୍ୟବସ୍ଥା ସହ ପରିବାରର ଆର୍ଥିକ ସ୍ଥିତିରେ ଉନ୍ନତି ନେଇ ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ଦୁର୍ଘଟଣାରେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ

କଟକ ସଦର,୪।୮(ଡି.ଏନ.ଏ.): କନ୍ଦରପୁର ଥାନା ଦାମୋଦରପୁର ଗ୍ରାମ ନିକଟରେ ଗ୍ୟାସ୍ ପାଇପ ଲାଇନ୍ ବିଛା କାର୍ଯ୍ୟରେ ନିୟୋଜିତ ଜଣେ ଘରୋଇ ସୁରକ୍ଷା କର୍ମୀଙ୍କ ମଙ୍ଗଳବାର ରାତିରେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଥାନା ଅଧୀନ ନିଜିଗାଁର ବୀରବର ସାହୁ। ଲୁହା ପାଇପ ମେଶିନ ଦ୍ୱାରା ଉଠାଇ ନିଆଯାଉଥିବାବେଳେ ହଠାତ୍ ବୀରବରଙ୍କ ଉପରେ ପଡିଯାଇଥିଲା। ଚିକିତ୍ସାଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମାତ୍ର ବୀରବରଙ୍କୁ ଷଡଯନ୍ତ୍ର କରି ମାରିଦିଆଯାଇଥିବା ତାଙ୍କ ଭାଇ କ୍ଷୀରୋଦ କୁମାର ସାହୁ କନ୍ଦରପୁର ଥାନାରେ ବୁଧବାର ଏତଲା ଦେଇଛନ୍ତି। ପୋଲିସ ମାମଲା ରୁଜୁ କରିନାହିଁ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରୁ ମେଡାଲ

## ସବୁଠୁ ଛୋଟ ରଥ ନିର୍ମାଣ କରିଥିଲେ ଶୁଭ୍ରାଂଶୁ



ଶୁଭ୍ରାଂଶୁ ନାୟକ

ନୟାଗଡ଼ ଅଫିସ,୪।୮

ଦିଆସିଲି କାଠିରେ ନିର୍ମିତ ସବୁଠାରୁ ଛୋଟ ରଥ ନିର୍ମାଣ କରି ରଣପୁର ବ୍ଲକ ରାଜସୁନାଖଳା ମଥୁରାପୁର ସାହିର ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର ଶୁଭ୍ରାଂଶୁ ନାୟକ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରୁ ମେଡାଲ ବୁଧବାର ପାଇଛନ୍ତି। ତାଙ୍କ ହାତ ତିଆରି ରଥ ଜୁଲାଇ ମାସରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ ହୋଇଥିଲା। ଶୁଭ୍ରାଂଶୁଙ୍କର ହାତ ତିଆରି ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ସହ ରଥ ରହିପାରୁଛି ଗୋଟିଏ ପ୍ଲେଟ୍‌ରେ। ଛୋଟିଆ ରଥ ହୋଇଥିଲେ ହେଁ ଏହା ଦେଖିବାକୁ ଅତ୍ୟନ୍ତ ସୁନ୍ଦର ଓ ଆକର୍ଷଣୀୟ। ଦିଆସିଲି କାଠିକୁ ଅଠା ଲଗାଯାଇ ନିର୍ମାଣ କରାଯାଇଥିଲା ୩ ରଥ। ରଥ ନିର୍ମାଣ କରିବାକୁ ଶୁଭ୍ରାଂଶୁଙ୍କୁ ୩୦ ଦିନ ଲାଗିଥିଲା। ମେ ମାସର ମଧ୍ୟଭାଗରେ ରଥ ନିର୍ମାଣ ଆରମ୍ଭ କରିଥିଲେ। ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଉଚ୍ଚତା ୨.୯ ଇଞ୍ଚ, ବଳଭଦ୍ରଙ୍କର ତାଳଧ୍ୱଜ ରଥର ଉଚ୍ଚତା ୩ ଇଞ୍ଚ, ସୁଭଦ୍ରାଙ୍କର ଦର୍ପଦଳନ ରଥର ଉଚ୍ଚତା ୨.୮ ଇଞ୍ଚ। ୯.୫ ସେମିର ଏକ ପ୍ଲେଟ୍‌ରେ ରଥ ସହ ଠାକୁର ରହି ଯାଉଛନ୍ତି। ପୂର୍ବରୁ ଶୁଭ୍ରାଂଶୁ ମହାପ୍ରଭୁଙ୍କର ସମସ୍ତ ବେଶ, ରୁକ୍ମିଣୀ ବିବାହ ଓ ନୀତିକାନ୍ତି କରି ନିଜକୁ ଜଗନ୍ନାଥଙ୍କର ଜଣେ ସେବକ ଭାବେ ପରିଚିତ କରାଇ ସାରିଛନ୍ତି।

# ୧୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ଅଧୀକ୍ଷଣ ଯନ୍ତ୍ରୀ

## ଯାଜପୁର ଡ୍ରେନେଜ୍ ସର୍କଲ

ଯାଜପୁର ଟାଉନ,(ଡି.ଏନ.ଏ.)/ କଟକ ଅଫିସ,୪।୮


ଗିରଫ ଅଧୀକ୍ଷଣ ଯନ୍ତ୍ରୀ ଚଣ୍ଡୀପ୍ରସାଦ ମହାପାତ୍ର।

ଯାଜପୁର ଟାଉନସ୍ଥିତ ଡ୍ରେନେଜ୍ ସର୍କଲ ଅଧୀକ୍ଷଣ ଯନ୍ତ୍ରୀ ଚଣ୍ଡୀପ୍ରସାଦ ମହାପାତ୍ର ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କଟକ ଭିଜିଲାନ୍ସ ବିଭାଗ ହାତରେ ଧରା ପଡ଼ିଛନ୍ତି। ସଦର ବ୍ଲକ ଅନ୍ତର୍ଗତ ଅବଦଲପୁରର ଦେବାଶିଷ ପଣ୍ଡା(ଟୁଲୁ) ତାଙ୍କର ଏକ ବୋଲେରୋ ଗାଡ଼ି ଉକ୍ତ ସର୍କଲ ଅଫିସରେ ଭଡ଼ା ସୂତ୍ରରେ ଦେଇଛନ୍ତି। ତେଣୁ ସେ ୩ ମାସର ଭଡ଼ା ବାବଦକୁ ୯୩ ହଜାର ଟଙ୍କା ଏହି କାର୍ଯ୍ୟାଳୟରୁ ପାଇବାର ଥିଲା। ଦେବାଶିଷଙ୍କ ଫାଇଲ୍‌ଟି ଜୁଲାଇ ୧୫ରୁ ଅଧୀକ୍ଷଣ ଯନ୍ତ୍ରୀ ମହାପାତ୍ରଙ୍କ ଟେବୁଲକୁ ଆସିଥିଲେ ମଧ୍ୟ ୨ ସପ୍ତାହ ହେଲା ପଡ଼ିରହିଛି। ଫାଇଲ୍ ପାସ୍ କରିବା ଲାଗି ମହାପାତ୍ର ୧୦ ହଜାର ଟଙ୍କା ଦାବି କରିଥିଲେ। ତେଣୁ ମହାପାତ୍ରଙ୍କ ଅର୍ଥ ଦାବି ସମ୍ପର୍କରେ ଦେବାଶିଷ କଟକ ସ୍ଥିତ ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ବୁଧବାର ଅପରାହ୍ଣ ପ୍ରାୟ ସାଢ଼େ ୧ଟା ବେଳେ ଦେବାଶିଷ ୧୦ ହଜାର ଟଙ୍କା ନେଇ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦେଇଥିଲେ। ଏହି ସମୟରେ ସେଠାରେ ଲୁଚି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲେ। ଜବତ ଟଙ୍କା ରାସାୟନିକ ଦ୍ରବଣରେ ବୁଡ଼ା ଯାଇଥିବାରୁ ତାହା ଧରାପଡ଼ିଥିଲା। ଫଳରେ ମହାପାତ୍ରଙ୍କୁ କଟକ ଭିଜିଲାନ୍ସ ଡିଏସ୍‌ପି ସୁରେନ୍ଦ୍ରନାଥ ରାୟଗୁରୁ, ସ୍ଥାନୀୟ ଡିଏସ୍‌ପି ସୁଶୀଲ କୁମାର ଏକ୍କା, ଇନ୍ସପେକ୍ଟର ଅନସୂୟା ସେନାପତି ଓ ଅନ୍ୟ କର୍ମଚାରୀମାନେ ନିକଟସ୍ଥ ଭିଜିଲାନ୍ସ ଅଫିସକୁ ନେଇଥିଲେ। ଅଧୀକ୍ଷଣ ଯନ୍ତ୍ରୀଙ୍କ ଚାମ୍ବରକୁ ତନଖି କରାଯିବା ସହିତ ଏକ ସମୟରେ ତାଙ୍କର ପୈତୃକ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲର ମହାପାତ୍ର ସାହି ଏବଂ ଭୁବନେଶ୍ୱର ପଟିଆ ସ୍ଥିତ ଘରେ ଚଢ଼ାଉ କରାଯାଇଛି ବୋଲି ଡିଏସ୍‌ପି ରାୟଗୁରୁ ସୂଚନା ଦେଇଛନ୍ତି। ମହାପାତ୍ରଙ୍କୁ ଭିଜିଲାନ୍ସ ଗିରଫ କରିବା ସହିତ ଦଫା ୭ପିସି ଆକ୍ଟ ଅନୁସାରେ ଏକ ମାମଲା ନଂ.୧୧/୨୧ ରୁଜୁ କରିଛି।

# ଭିଜିଲାନ୍ସରେ କୋଟିପତି ଚକ୍ଷୁ ସହାୟକ


ଚକ୍ଷୁ ସହାୟକଙ୍କ ପଦ୍ମପୁରସ୍ଥିତ ବାସଭବନରେ ଭିଜିଲାନ୍ସ ଅଧିକାରୀମାନେ କାଗଜପତ୍ର ତନଖି କରୁଛନ୍ତି।

- ୩ ସ୍ଥାନରେ ଏକକାଳୀନ ଚଢ଼ାଉ
- ୧ କୋଟି ୨୫ ଲକ୍ଷର ସମ୍ପତ୍ତି ଠାବ

ବରଗଡ଼ ଅଫିସ୍/ପଦ୍ମପୁର,୪।୮

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଚକ୍ଷୁ ସହାୟକଭାବେ କାର୍ଯ୍ୟରତ କିଶୋର ଚନ୍ଦ୍ର ପ୍ରଧାନଙ୍କ ବାସଭବନରେ ବୁଧବାର ଭିଜିଲାନ୍ସ ଚଢ଼ାଉ ହୋଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଏହି ଚଢ଼ାଉ କରିଛି। ଚକ୍ଷୁ ସହାୟକ ପ୍ରଧାନଙ୍କ ପଦ୍ମପୁର କଲେଜ ରୋଡ଼ସ୍ଥିତ ବାସଭବନ, ଉପଖଣ୍ଡ ଡାକ୍ତରଖାନା ଚାମ୍ବର ଏବଂ ମେଲଛାମୁଣ୍ଡା ଥନା ଟାଲ ଗ୍ରାମରେ ଥିବା ପୈତୃକ ଘରେ ଏହି ଚଢ଼ାଉ ହୋଇଛି। ଚଢ଼ାଉରେ ପ୍ରଧାନଙ୍କ ୧କୋଟି ୨୫ଲକ୍ଷ ଟଙ୍କାର ସ୍ଥାବର, ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ସେଥିମଧ୍ୟରେ ସୋହେଲା, ପଦ୍ମପୁରରେ ୨ଟି ଦ୍ୱିତଳ ବିଶିଷ୍ଟ କୋଠାଘର, ପୈତୃକ ଘର ଟାଲ ଏବଂ ପଦ୍ମପୁରରେ ୪ଟି ଜମିପ୍ଲଟ, ୩ଟି ଦୁଇଚକିଆ ଯାନ ଆଦି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଜଣେ ଡିଏସ୍‌ପି ଏବଂ ୩ଇନ୍ସପେକ୍ଟରଙ୍କୁ ନେଇ ଗଠିତ ପୃଥକ ୩ଟି ଟିମ୍ ଏହି ଚଢ଼ାଉ କରିଥିଲେ।


**TPWODL**

**TP WESTERN ODISHA DISTRIBUTION LIMITED**

(A Tata Power & Odisha Govt. Joint Venture)

Corporate Office, Burla, Dist.- Sambalpur (Odisha) - 768017

**Corrigendum to Notice Inviting Tender (NIT)**

1. TPWODL/NP/O/SU/022-RC for supply of GPRS-4G/LTE Compatible AMR Modem for Data Communication from Energy Meter.
2. TPWODL/NP/O/SU/025-RC for supply of Portable Three Phase Electronic Reference Standard Meter.

The Technical Specification & Tender Qualifying Criteria is amended. The time period is hereby extended for submission of tenders participation fee and authorization letter through e-mail upto **9th August (Sl. No. 1) and 13th August, 2021 (Sl. No. 2) 1500 hrs**, after which link from e-Tender system shall be shared. A Corrigendum in this effect to the above notice has been uploaded in our website **www.tpwesternodisha.com**. Prospective bidders are requested to visit the website for detailed amendment.

**Sd./- Chief Contracts & Stores**


# ୪ ଦିନରେ ୯ ହରିଣ ମୃତ

## ହରିଶଙ୍କର ଡିଅର ପାର୍କ

### ଅନୁଧ୍ୟାନ କଲେ ୪ ଜଣିଆ ଡାକ୍ତରୀ ଦଳ

ଖପ୍ରାଖୋଲ, ୪।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଥିବା ଡିଅର ପାର୍କରେ ଗତ ଚାରିଦିନ ମଧ୍ୟରେ ୯ଟି ହରିଣଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ବନବିଭାଗ ତରଫରୁ ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଅକର୍ଷଣ କରାଯାଇଥିଲା। କଟକ ଫୁଲନଖରାଠାରେ ଥିବା ପ୍ରାଣୀରୋଗ ଗବେଷଣା କେନ୍ଦ୍ରରୁ ଦୁଇଜଣ ବିଶେଷଜ୍ଞଙ୍କ ସମେତ ୪ଜଣିଆ ଡାକ୍ତରୀ ଦଳ ବୁଧବାର ହରିଶଙ୍କର ଡିଅର ପାର୍କରେ ପହଞ୍ଚିଥିଲେ। ଏହି ଅବସରରେ ଏକ ମୃତ ହରିଣକୁ ବ୍ୟବଚ୍ଛେଦ ପରେ ନମୂନା ସଂଗ୍ରହ କରାଯାଇଛି। ଡାକ୍ତରୀ ଦଳରେ କଟକ ପ୍ରାଣୀରୋଗ ଗବେଷଣା କେନ୍ଦ୍ର ବିଶେଷଜ୍ଞ ଡା. ମିହିର କୁମାର ନାଏକ, ଡା, ମୃତ୍ୟୁଞ୍ଜୟ ବେହେରା, ବଲାଙ୍ଗୀର ଏଡିଭିଓ ରୋଗ ନିୟନ୍ତ୍ରଣ ଡା. ଜ୍ଞାନରଞ୍ଜନ ପଟ୍ଟନାୟକ୍, ଖପ୍ରାଖୋଲ ବିଭିଓ ଡା. ସୁଜିତ ଶତପଥୀ ସାମିଲ ଥିଲେ।

ସୂଚନାଯୋଗ୍ୟ, ଡିଅର ପାର୍କରେ ୩୭୯ ହରିଣ ଥିବା ବେଳେ ଚାରିଦିନ ମଧ୍ୟରେ ୯ଟି ହରିଣର ମୃତ୍ୟୁ ଘଟିଛି। ଏନେଇ ହରିଶଙ୍କର ରେଞ୍ଜ ଅଧିକାରୀ ବଟଛ କୁମୁରାଙ୍କୁ ପଚାରିବାରୁ ୪ଟି ହରିଣ ନିଜ ନିଜ ଭିତରେ ଲଢି ମରିଛନ୍ତି। ଅନ୍ୟ ୫ଟିର ଅସ୍ୱାଭାବିକ ମୃତ୍ୟୁ ଘଟିଛି ବୋଲି କହିଛନ୍ତି। ବିଶେଷଜ୍ଞ ଦଳ ମୁଖ୍ୟ ଡା. ନାଏକଙ୍କୁ କହିଛନ୍ତି, ରୋଗରେ ପୀଡିତ ହରିଣମାନଙ୍କ ନମୂନା ସଂଗ୍ରହ କରାଯାଇଛି। ପରୀକ୍ଷା ପରେ ମୃତ୍ୟୁର କାରଣ ଜଣାପଡିବ। ସ୍ଥାନୀୟ ବିଶେଷଜ୍ଞଙ୍କ ମତରେ ବର୍ଷାଦିନରେ ବୟସ୍କ ହରିଣଙ୍କ ମୃତ୍ୟୁ ହେଉଥିବା ବେଳେ ନିଜ ଭିତରେ ଲଢି ଅଣ୍ଡିରା ହରିଣମାନେ ମରିଥାନ୍ତି।

# ଦ୍ୱାରଶୁଣି ଘାଟିରେ ଦୁର୍ଘଟଣା: ୨୨ରୁ ଊର୍ଦ୍ଧ୍ୱ ଆହତ

ବାଙ୍ଗିରିପୋଷି,୪।୮(ଡି.ଏନ.ଏ)


ଦୁର୍ଘଟଣା ଘଟାଇ ଓଲଟି ପଡ଼ିଥିବା ଟ୍ରକ୍।

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥର ଦ୍ୱାରଶୁଣି ଘାଟିରେ ବୁଧବାର ସିରିଜ୍ ଦୁର୍ଘଟଣା ଘଟିଛି। ଏକ ଲୁହାପଥର ବୋଝେଇ ଟ୍ରକ୍ ୮ଟି ଗାଡ଼ିକୁ ଧକ୍କା ଦେବାରୁ ୨୨ରୁ ଅଧିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଯୋଡ଼ାରୁ ଏକ ଲୁହାପଥର ବୋଝେଇ ଟ୍ରକ(ଜେଏଚ୍ ୦୫ ସିକ୍ୟୁ୨୫୨୫) ପଶ୍ଚିମବଙ୍ଗର ହଳଦିଆ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ପ୍ରଥମେ ଏକ କାର୍ ପଛରେ ଧକ୍କା ଦେଇଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ କାର୍‌କୁ ଧକ୍କା ଦେବାରୁ କାର୍‌ଟି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ପରେ ଏକ ଅଟୋ ଓ ବିଜାତଳା ସ୍ୱାସ୍ଥ୍ୟକେନ୍ଦ୍ରର ବୋଲେରୋକୁ ଧକ୍କା ଦେଇଥିଲା। ସେଠାରେ ଛିଡ଼ା ହୋଇଥିବା ଲକ୍ଷ୍ମୀନାରାୟଣ ଓ ଅପୁ ନାମକ ଦୁଇଟି ବସ୍‌କୁ ମଧ୍ୟ ଧକ୍କା ଦେଇଥିଲା। ଏହାପରେ ଜଣେ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇ ପଳାଇ ଯାଉଥିବା ବେଳେ ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ହୋଇ ଠିଆ ହୋଇଥିବା ଏକ ଟ୍ରକ୍‌ରେ ଘସି ହୋଇ ଓଲଟି ପଡ଼ିଥିଲା। ଖବର ପାଇ ବାଙ୍ଗିରିପୋଷି ଥାନା ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୁର୍ଘଟଣାରେ ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ୧୨ଜଣଙ୍କୁ ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।


**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮

ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା ୧୦୭୫୫/IND-II-PH-852 ତାରଖ ୨।୮।୨୦୨୧

No.CAD-786

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ୱେଷ୍ଟର୍ଣ୍ଣ ଇଣ୍ଟିଗ୍ରେଟେଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ଫାସିଲିଟି ପ୍ରାଇଭେଟ୍ ଲିମିଟେଡ୍, ଓଡ଼ିଶାର** ଢେଙ୍କାନାଳ ଜିଲ୍ଲା, ପରଜଙ୍ଗ ତହସିଲ ଅନ୍ତର୍ଗତ ପାଟରାପଡ଼ା ଗ୍ରାମରେ ସାଧାରଣ ବିପଜ୍ଜନକ ବର୍ଜ୍ୟବସ୍ତୁ ଚିକିତ୍ସା, ସଂରକ୍ଷଣ ଏବଂ ନିଷ୍କାସନ ସୁବିଧା (ସିଏଚ୍‌ଡବ୍ଲ୍ୟୁଟିଏସ୍‌ଡିଏଫ୍) ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୦୮।୦୯।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ ଢେଙ୍କାନାଳ ଜିଲ୍ଲା, ପରଜଙ୍ଗ ତହସିଲ ଅନ୍ତର୍ଗତ ପାଟରାପଡ଼ା** ଗ୍ରାମରେ ନିମତଇଳ କ୍ରିକେଟ ଖେଳ ପଡ଼ିଆ (ଖାତା ନଂ. ୧୦୨୩, ପ୍ଲଟ୍ ନଂ. ୪୧୭)ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଢେଙ୍କାନାଳ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଢେଙ୍କାନାଳ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଢେଙ୍କାନାଳ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଅନୁଗୁଳ** ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୁଳସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ

OIPR-08012/11/0022/2122



**ନିୟନ୍ତ୍ରିତ ବଜାର କମିଟି, ବରଗଡ଼**

**ଖରିଫ ଧାନ ସଂଗ୍ରହ ଚାଷୀ ପଞ୍ଜୀକରଣ**

**ଧାନ ସଂଗ୍ରହ ବର୍ଷ: ୨୦୨୧-୨୨**

No. H-15: ଚଳିତ ଖରିଫ ଧାନ ସଂଗ୍ରହ ବର୍ଷ: ୨୦୨୧-୨୨ରେ ଚାଷୀ ଭାଇ ଓ ଭଉଣୀମାନେ ସେମାନଙ୍କର ଉତ୍ପାଦିତ ବଜାର ବଳକା ଧାନକୁ ସରକାରୀ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ ବିକ୍ରୟ ସକାଶେ ନିଜର ନାମକୁ ନିକଟସ୍ଥ ଅନୁମୋଦିତ ପ୍ରାଥମିକ କୃଷି ସମବାୟ ସମିତି (PACS)ରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପଞ୍ଜୀକରଣ କରିବା ଅନିବାର୍ଯ୍ୟ ଅଟେ। ପଞ୍ଜୀକରଣ ଫର୍ମ ପ୍ରାଥମିକ କୃଷି ସମବାୟ ସମିତିରେ ଉପଲବ୍ଧ ଅଟେ, ଯାହାକି ବିନା ମୂଲ୍ୟରେ ପାଇପାରିବେ। ଚାଷୀ ଭାଇ-ଭଉଣୀମାନେ ନିକଟସ୍ଥ ସମିତିରୁ ଗୋଟିଏ ନୂତନ ପଞ୍ଜୀକରଣ ଫର୍ମ ସଂଗ୍ରହ କରିବେ ଓ ତାହା ପୂରଣ କରି ଜୁଲାଇ ୧୬ ତାରିଖରୁ ଅଗଷ୍ଟ ୧୬ ତାରିଖ ମଧ୍ୟରେ ସମିତି କାର୍ଯ୍ୟାଳୟରେ ଆବେଦନ କରିବେ। ନୂତନ ପଞ୍ଜୀକରଣ ସକାଶେ ୧. ବ୍ୟାଙ୍କ ପାସ୍‌ବୁକ୍‌ର ପ୍ରଥମ ପୃଷ୍ଠା, ୨. ଚାଷୀ ଜମିବାବଦରେ ପ୍ରମାଣପତ୍ର ଅର୍ଥାତ୍ ଜମି ପଟ୍ଟା (ROR) ଦଲିଲ, ୩. ଆଧାର କାର୍ଡ଼ର ନକଲ, ୪. ମୋବାଇଲ ନମ୍ବର ଏବଂ ୫. ଭାଗଚାଷୀଙ୍କ କ୍ଷେତ୍ରରେ ସମ୍ପୃକ୍ତ ଜମି ମାଲିକଙ୍କ ସହମତି ପତ୍ର ସହିତ ଆଧାର କାର୍ଡ଼ର ନକଲ ଇତ୍ୟାଦି ଆବଶ୍ୟକ ଅଟେ। ପଞ୍ଜୀକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ଅଗଷ୍ଟ ୧୬ ତାରିଖ ମଧ୍ୟରେ ଦାଖଲ କରିବେ। ମନେ ରଖନ୍ତୁ, ଅଗଷ୍ଟ ୧୬ ତାରିଖ ପଞ୍ଜୀକରଣର ଚଳିତ ବର୍ଷର ଶେଷ ତାରିଖ।

ନିବେଦକ
ଜିଲ୍ଲା ପ୍ରଶାସନ ତରଫରୁ
ନିୟନ୍ତ୍ରିତ ବଜାର କମିଟି, ବରଗଡ଼
OIPR-07041/11/0004/2122



**ତହସିଲ କାର୍ଯ୍ୟାଳୟ, ରାୟଗଡ଼**

**ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ଇସ୍ତାହାର**

ବିଜ୍ଞପ୍ତି ସଂଖ୍ୟା-୩୩୮୯/୨୦୨୧ ତାରିଖ: ୪।୦୮।୨୦୨୧

No.F-94:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ରାୟଗଡ଼ ତହସିଲର (୦୩) ତିନି ଗୋଟି ସୈରାତ ଉତ୍ସଗୁଡିକ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ ୨୦୧୬ ମୁତାବକ ପାଞ୍ଚ ବର୍ଷ ନିମନ୍ତେ (୨୦୨୧-୨୨ ଠାରୁ ୨୦୨୫-୨୬) ଦିଆଯିବ । ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା, ବିଜ୍ଞାପନ, ସର୍ତ୍ତାବଳୀ, ସୈରାତ ଉତ୍ସ ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.rayagada.nic.inରେ ଉପଲବ୍ଧ କରାଯାଇଛି। ଇଚ୍ଛୁକ ବ୍ୟକ୍ତିବିଶେଷ ବିଜ୍ଞାପନରେ ଦର୍ଶାଯାଇଥିବା Form-M ପୂରଣ କରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ଦାଖଲ କରିବେ ଅଥବା ରେଜିଷ୍ଟ୍ରି ଡାକ ଯୋଗେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ।

ନିଲାମ ସ୍ଥାନ : ତହସିଲ କାର୍ଯ୍ୟାଳୟ, ରାୟଗଡ଼
ଧାର୍ଯ୍ୟ ତାରିଖ ଏବଂ ସମୟ : ପ୍ରଥମ ପର୍ଯ୍ୟାୟ ତା୦୬।୦୯।୨୦୨୧ରିଖ ଦିବା ୧୧.୦୦ ଘଟିକା
: ଦ୍ୱିତୀୟ ପର୍ଯ୍ୟାୟ ତା୧୩।୦୯।୨୦୨୧ରିଖ ଦିବା ୧୧.୦୦ ଘଟିକା
: ତୃତୀୟ ପର୍ଯ୍ୟାୟ ତା୨୦।୦୯।୨୦୨୧ରିଖ ଦିବା ୧୧.୦୦ ଘଟିକା

ସ୍ୱା./- ତହସିଲଦାର, ରାୟଗଡ଼
OIPR-24207/11/0001/2122

**ନିଆଁଲାଗି ଜଳିଗଲା ବସ୍**

ଟିକିରି,(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁରସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ଥିବା ଏକ ଘରୋଇ ବସ୍ ପୋଡ଼ି ନଷ୍ଟ ହୋଇଛି। ସୂଚନା ଅନୁଯାୟୀ, ଭୈରବୀ ନାମକ ବସ୍(ଓଆର୍ ୧୮ ସି ୬୪୪୮)ଟି ଅଞ୍ଚଳର ଜିତୁ ପାଢ଼ୀଙ୍କ ହୋଇଥିବାବେଳେ ଲକ୍‌ଡାଉନ୍ ପରଠାରୁ ଚଳାଚଳ ବନ୍ଦ ରହିଥିଲା। ବୁଧବାର ସକାଳେ ବସ୍ ଜଳୁଥିବା ଜିତୁ ଜାଣିବାକୁ ପାଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଟାୟାର୍ ସମେତ ବସ୍‌ର ବିଭିନ୍ନ ଅଂଶ ପୋଡ଼ିଯାଇଥିବାବେଳେ ଇଞ୍ଜିନ୍‌ର କୌଣସି କ୍ଷତି ଘଟି ନ ଥିବା ଜଣାପଡ଼ିଛି। ତେବେ ଗାଡ଼ିରେ ନିଆଁ କିପରି ଲାଗିଲା ତାହା ଅସ୍ପଷ୍ଟ ରହିଛି। ଏ ନେଇ କାଶୀପୁର ଥାନାରେ ଅଭିଯୋଗ ହୋଇଥିବାବେଳେ ପୋଲିସ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

**ସଂକ୍ଷେପରେ**

## ଅଙ୍ଗନୱାଡ଼ି କେନ୍ଦ୍ରରୁ ମିଳିଲା ୨୮ବସ୍ତା ସାର



ଡାବୁଗାଁ, ୪।୮ (ଡି.ଏନ୍.ଏ.): ଡାବୁଗାଁ ମେଦନା ପଞ୍ଚାୟତ ଅଧୀନ ସିନ୍ଧିକାଗୁଡ଼ା ଗ୍ରାମସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ରରୁ ୨୮ ବସ୍ତା ୟୁରିଆ ଜବତ ହୋଇଛି। ଏଥିସହ ଘଟଣାସ୍ଥଳରୁ ୩ ବୋତଲ ଜିଙ୍କ ମଧ ଜବତ କରାଯାଇଛି। ଅଙ୍ଗନୱାଡ଼ି କେନ୍ଦ୍ରରେ ସାର ଥିବା ଡାବୁଗାଁ ତହସିଲଦାର ଖବର ପାଇଥିଲେ। ଡାବୁଗାଁ ପୋଲିସକୁ ନେଇ ମଙ୍ଗଳବାର ରାତିରେ ସେ ସେଠାରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୨୮ ବସ୍ତା ୟୁରିଆ ଓ ୩ ବୋତଲ ଜିଙ୍କ ଜବତ କରାଯାଇଥିଲା। ଗତ କିଛିଦିନ ହେବ ନବରଙ୍ଗପୁର ଜିଲାର ବିଭିନ୍ନ ଅଞ୍ଚଳରେ ଚାଷୀଙ୍କୁ ୟୁରିଆ ମିଳୁନଥିବା ଏବଂ ଏହାର କଳାବଜାର କରାଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି।

## ୧୭ ରେ ରାୟଗଡ଼ା ଆସିବେ ରେଳମନ୍ତ୍ରୀ

### ଦକ୍ଷିଣ ଓଡ଼ିଶାରେ ରେଳ ବିକାଶ ନେଇ ଆଶା

**ରାୟଗଡ଼ା ଅଫିସ,୪।୮:** ରେଳ ଅଶ୍ୱିନୀ ବୈଷ୍ଣବ ରେଳ ମନ୍ତ୍ରାଳୟ ଦାୟିତ୍ୱ ଗ୍ରହଣ ପରେ ପ୍ରଥମ ଥର ପାଇଁ ଅଗଷ୍ଟ ୧୭ରେ ରାୟଗଡ଼ା ଜିଲା ଗସ୍ତରେ ଆସିବେ ଏ ନେଇ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି। ଏହାକୁ ନେଇ ଜିଲାରେ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ସେହିପରି ଦକ୍ଷିଣ ଓଡ଼ିଶାରେ ରେଳ ବିକାଶ ନେଇ ଆଶା ବଢ଼ିଛି। ୧୭ରେ ମନ୍ତ୍ରୀ ହିରାଖଣ୍ଡ ଏକ୍ସପ୍ରେସ୍ ଯୋଗେଆସି ରାୟଗଡ଼ା ଷ୍ଟେଶନରେ ପହଞ୍ଚିବେ। ସୂଚନାଯୋଗ୍ୟ, ରାୟଗଡ଼ା ରେଳ ଡିଭିଜନ ଘୋଷଣା ପରଠାରୁ ନିର୍ମାଣ କାମରେ ଶିଥିଳତା, ପ୍ରସ୍ତାବିତ ଗୁଣପୁର-ଥେରୁବାଲି ରେଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବିଳମ୍ବ ଏବଂ ୨୦୦୯ରେ ସର୍ଭେ ହୋଇଥିବା ଦକ୍ଷିଣ ଓଡ଼ିଶାର ଶିଳ୍ପ କରିଡର କୁହାଯାଉଥିବା ରାୟଗଡା ଠାରୁ ଗୋପାଳପୁର ବନ୍ଦର ଯାଏଁ ରେଳଲାଇନ ନିର୍ମାଣ କାମ ଏବଂ ଅନୁରୂପ ଭାବେ ରାୟପୁର ଓ ବିଜୟନଗରମ ୩ୟ ଲାଇନ ନିର୍ମାଣ କାମ ମଧ ମନ୍ଥର ବେଗରେ ଚାଲିଛି। ତେବେ ମନ୍ତ୍ରୀଙ୍କ ଗସ୍ତ ପରେ ଏହି ସମସ୍ତ କାମରେ ଅଗ୍ରଗତି ଘଟିବା ନେଇ ସମ୍ଭାବନା ଦେଖାଦଇଛି। ଅନ୍ୟପକ୍ଷରେ ରେଳମନ୍ତ୍ରୀଙ୍କ ଗସ୍ତବେଳେ ରାୟଗଡ଼ା ଜିଲା ଭାଜପା କାର୍ଯ୍ୟକାରିଣୀ ସଦସ୍ୟଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଧ ଅନୁଷ୍ଠିତ ହେବ ବୋଲି ଜିଲା ଭାଜପା ପକ୍ଷରୁ ସୂଚନା ମିଳିଛି।

# ଧାରଣାରେ ବସିଲେ କ୍ଷତିଗ୍ରସ୍ତ ଚାଷୀ

ନବରଙ୍ଗପୁର,୪।୮(ବି.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ଏକ ସରକାରୀ ଜମିରେ ସାନଖଡକି ଗ୍ରାମବାସୀ କରିଥିବା ମକା ଚାଷକୁ ମୂର୍ତ୍ତମା ଗ୍ରାମବାସୀ ନଷ୍ଟ କରିଥିଲେ। କ୍ଷତିପୂରଣ ଓ ନ୍ୟାୟ ଦାବିରେ ବୁଧବାର ସାନଖଡକି ଗ୍ରାମବାସୀ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଥିଲେ। ପ୍ରଶାସନର ବୁଝାଶୁଝା କରିବା ପରେ ଏହି ଆନ୍ଦୋଳନ ହଟିଥିଲା।

ଉକ୍ତ ୫୨ ଏକରର ବିବାଦୀୟ ଜମି ନିଜ ମୌଜାରେ ଥିବା ଦାବି କରୁଛନ୍ତି ମୂର୍ତ୍ତମା ଓ ସାନଖଡ଼କି ଗ୍ରାମବାସୀ। ଏହି ଜମିର ୩୨ ଏକର ଅଞ୍ଚଳରେ ଖଡ଼କା ଗ୍ରାମବାସୀ ମକାଚାଷ କରିଥିଲେ। ମୂର୍ତ୍ତମା ବନସୁରକ୍ଷା ସମିତିର ମହିଳା ଓ ପୁରୁଷମାନେ ସୋମବାର ସେ ସବୁ ନଷ୍ଟ କରି ଦେଇଥିଲେ। କ୍ଷତିପୂରଣ ଓ ନ୍ୟାୟ ଦାବିରେ ବୁଧବାର ସାନ କଡ଼କି ଗ୍ରାମର ମହିଳା ଓ ପୁରୁଷମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ, ସହାୟକ



କ୍ଷତିଗ୍ରସ୍ତ ଚାଷୀମାନେ ଧାରଣା ଦେଉଛନ୍ତି।

ଜିଲାପାଳ ମୌସୁମୀ ନାୟକ, କମଲେଶ ମହନ୍ତ, ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦ, ଏଏସ୍‌ଆଇ ଅଶୋକ କୁମାର ଦେଓ ପ୍ରମୁଖ ସେମାନଙ୍କ ସହ ଆଲୋଚନା କରିଥିଲେ। ଉମରକୋଟ ତହସିଲଦାର ଓ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବେ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେବାପରେ ଧାରଣା ହଟିଥିଲା। ସୂଚନା ଅନୁଯାୟୀ, ୧୯୬୪ରେ କେନ୍ଦ୍ର ସରକାର

- ସରକାରୀ ଜମିରେ ମକା ଚାଷକୁ କେନ୍ଦ୍ର କରି ଦୁଇ ଗାଁ ଲୋକେ ମୁହାଁମୁହିଁ ଘଟଣା
- ପ୍ରଶାସନ ସହ ଆଲୋଚନା ପରେ ଆନ୍ଦୋଳନ ହଟିଲା

ଖଡକାରେ ଡ୍ୟାମ ତିଆରି କରିବାରୁ କେତେଜଣ ଗ୍ରାମବାସୀଙ୍କ ଜମି ନଷ୍ଟ ହୋଇଥିଲା। ସେବେଠାରୁ ସେହି ଗ୍ରାମର ଲୋକେ ଡ୍ୟାମ ନିକଟସ୍ଥ ଉଚ୍ଚ ଜମିରେ ମକା ଚାଷ କରୁଛନ୍ତି। ଜମିଟି ଆମ ମୌଜାରେ ଆସୁଛି, ତେଣୁ ଏହା ଆମର ବୋଲି ମୂର୍ତ୍ତମାବାସୀ କହିଛନ୍ତି। ତେଣୁ ଏହାକୁ ନେଇ ଉଭୟ ଗ୍ରାମ ମଧ୍ୟରେ ବିବାଦ ଲାଗି ରହିଥିଲା। ଗତ ବର୍ଷ ମଧ ମକା ଚାଷକୁ ନେଇ ବିବାଦ ଉପୁଜିଥିବାରୁ ସେଠାରେ ୧୪୪ ଧାରା ଲାଗିଥିଲା।

# ଓଏସ୍‌ଏସ୍‌ସି ଦୁର୍ନୀତିର ସିବିଆଇ ତଦନ୍ତ ଦାବି

ରାୟଗଡ଼ା ଅଫିସ/ନବରଙ୍ଗପୁର (ବି.ପ୍ର.)୪।୮

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି)ରେ ମେଧାଙ୍କ ନିଯୁକ୍ତି ବଦଳରେ ଟଙ୍କା ଦୁର୍ନୀତି ଓ ଅନିୟମିତତା ହୋଇଛି। ଏହି ଦୁର୍ନୀତିରେ ଜଣେ ତଳିଆ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ବଡ଼ବଡିଆଙ୍କୁ ଛଡା ଯାଉଛି ବୋଲି ଅଭିଯୋଗ କରିଛି ଭାଜପା। ଏହା ବିରୋଧରେ ବୁଧବାର ରାଜ୍ୟ ବ୍ୟାପି ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଘଟଣାର ସିବିଆଇ ତଦନ୍ତ କରିବାକୁ ଦଳ ଦାବି କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦଳ ଦାବି କରିଛି।

ରାୟଗଡ଼ା ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜିଲା ସଭାପତି ଦେବାଶିଷ ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ କପିଳାସ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ କାର୍ଯ୍ୟକ୍ରମରେ ଦଳର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଜିଲାର ଗୁଣପୁରଠାରେ ଜିଲା ସାଧାରଣ ସମ୍ପାଦକ ଅମର ସାହୁ, ପୃଥ୍ୱୀରାଜ ପାଢ଼ୀ ପ୍ରମୁଖଙ୍କ ନେତୃତ୍ୱରେ ଏବଂ ମୁନିଗୁଡ଼ାଠାରେ ମୁନିଗୁଡ଼ା ମଣ୍ଡଳ ସଭାପତି ଜଗା ଶବର, ବିଷମକଟକ ମଣ୍ଡଳ ସଭାପତି ରୋହିତ ଦଣ୍ଡସେନା ପମୁଖଙ୍କ ନେତୃତ୍ୱରେ ଦୁର୍ନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ଏବଂ କୁଶ ପୁତ୍ତଳିକା ଦାହ କରାଯାଇଥିଲା।

ନବରଙ୍ଗପୁରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝି, ନବରଙ୍ଗପୁର ଜିଲା ଯୁବ ମୋର୍ଚ୍ଚା ପ୍ରଭାରୀ ହିମାଂଶୁ ପଣ୍ଡା, ଜିଲା ଯୁବ ମୋର୍ଚ୍ଚା ସଭାପତି ଚନ୍ଦ୍ରଭାନୁ ନାୟକ, ଯୁବ ନେତା କାହ୍ନୁ ଦାସ, ଜିଲା ଉପସଭାପତି ସତ୍ୟବାଦୀ ଷଡ଼ଙ୍ଗୀ, ବରିଷ୍ଠ କାର୍ଯ୍ୟକର୍ତ୍ତା ଗଙ୍ଗାଧର ସାମନ୍ତରାୟ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶର୍ମିଷ୍ଠା ଦେଓ, ଓବିସି ମୋର୍ଚ୍ଚା ସଭାପତି ଦଇତାରି ମାଝି, କୃଷକ ମୋର୍ଚ୍ଚା ସଭାପତି ଅରୁଣ ପୂଜାରୀ, ନଗର ସଭାପତି ପିଣ୍ଟୁ ମିଶ୍ର, ନଗର ଯୁବ ମୋର୍ଚ୍ଚା ସଭାପତି ଭିକି ଜେନା,ଜିଲା ଯୁବ ମୋର୍ଚ୍ଚା ଉପସଭାପତି ଅନନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଜିଲାରେ ଅନ୍ୟସ୍ଥାନରେ ମଧ ଏପରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# ‘ଆଞ୍ଚଳିକବାଦ ଉପରେ ଗୁରୁତ୍ୱ ଦିଆଯାଇଛି’

## ଜାତୀୟ ଶିକ୍ଷକ ସମ୍ମାନ ଚୟନରେ ପାତରଅନ୍ତର ଅଭିଯୋଗ

ନବରଙ୍ଗପୁର,୪।୮(ବି.ପ୍ର.)

ଜାତୀୟ ଶିକ୍ଷକ ପୁରସ୍କାର ଚୟନରେ ରାଜ୍ୟ କମିଟିର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ନବରଙ୍ଗପୁର, ରାୟଗଡ଼ା ଓ କୋରାପୁଟ ଜିଲାରୁ ରାଜ୍ୟକୁ ଚୟନ ହୋଇଥିବା ଶିକ୍ଷକଙ୍କ ମଧ୍ୟରୁ କେହି ବି ଚଳିତବର୍ଷ ଜାତୀୟ ଶିକ୍ଷକ ସମ୍ମାନ ସକାଶେ ରାଜ୍ୟ କମିଟି ଦ୍ୱାରା ମନୋନୀତ ହୋଇନାହାନ୍ତି। ଏପରିକି ରାଜ୍ୟର କୌଣସି ଆଦିବାସୀ ଅଧୁଷିତ ଜିଲାରୁ ମଧ ଜଣେ ହେଲେ ବି ଯୋଗ୍ୟ ଶିକ୍ଷକ ଚୟନ ହୋଇପାରିନାହାନ୍ତି। କେବଳ ଉପକୂଳ ଅଞ୍ଚଳକୁ ପ୍ରାଧାନ୍ୟ ଦିଆଯାଇଥିବା ଆଲୋଚନା ହେଉଛି। ପ୍ରକୃତରେ ଜିଲାରୁ ଚୟନ ହୋଇଥିବା ଶିକ୍ଷକମାନେ ଯୋଗ୍ୟ ନୁହନ୍ତି ନା ଜିଲା କମିଟି ଠିକ୍ ଭାବେ ଚୟନ କରିପାରିନାହାନ୍ତି, ରାଜ୍ୟ ଚୟନ କମିଟି ଚୟନ କରିବାରେ କିଛି ତ୍ରୁଟି କରିଛି କି ସେ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲା ଚୟନ କମିଟି ରାଜ୍ୟ ଚୟନ କମିଟିକୁ ସୁପାରିସ କରିଥିବା ଯୋଗ୍ୟ ଶିକ୍ଷକଙ୍କ ଫାଇଲକୁ ରାଜ୍ୟ ଚୟନ କମିଟି ଭଲ ଭାବରେ ଅନୁଧ୍ୟାନ କରିଛନ୍ତି ନା ମୁହଁ ଦେଖାରେ ଚୟନ କରାଯାଇଛି ତା’ର ତଦନ୍ତ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ଓ ଆଦିବାସୀ ମଞ୍ଚ ପକ୍ଷରୁ ଦାବି ହୋଇଛି। କେଉଁ ପଦ୍ଧତିରେ ଚୟନ କରାଯାଇଛି, ଚୟନ ପ୍ରକ୍ରିୟାରେ କେଉଁ ଦିଗକୁ ଗୁରୁତ୍ୱ ଦିଆଯାଇଛି ଚୟନ କମିଟି ସ୍ପଷ୍ଟ କରିବା ଜରୁରୀ ବୋଲି ସେମାନେ କହିଛନ୍ତି।

ଜାତୀୟ ଶିକ୍ଷକ ପୁରସ୍କାର ସମ୍ମାନ ସକାଶେ କୋରାପୁଟରୁ ୩, ନବରଙ୍ଗପୁର ଓ ରାୟଗଡ଼ା ଜିଲାରୁ ଜଣେ ଲେଖାଏ ଶିକ୍ଷକଙ୍କ ନାମ ଜିଲା କମିଟି ବିଚାର କରି ରାଜ୍ୟ କମିଟିକୁ ପଠାଇଥିଲେ। କିନ୍ତୁ ରାଜ୍ୟ ଚୟନ କମିଟି ଅବିଭକ୍ତ କୋରାପୁଟ ଜିଲାର ଶିକ୍ଷକଙ୍କ ନାମକୁ ବିଚାରକୁ ନେଇ ନ ଥିବା ଜଣାପଡିଛି। ୬ଜଣ ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ରାଜ୍ୟ ଚୟନ କମିଟି ସୁପାରିସ କରିଛନ୍ତି। ଏଥିରେ ଅବିଭକ୍ତ କୋରାପୁଟ ଜିଲାର ଶିକ୍ଷକଙ୍କୁ ବାଦ୍ ଦିଆଯାଇଛି। ଏହାଛଡ଼ା ରାଜ୍ୟର କୌଣସି ଆଦିବାସୀ ଜିଲାର ଶିକ୍ଷକଙ୍କୁ ଚୟନ କରାଯାଇନାହିଁ। ଆଦିବାସୀ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ବହୁବିଧ ସଂସ୍କାର ମୂଳକ ପଦକ୍ଷେପ ନିଆଯାଇଛି। ଶିକ୍ଷକଙ୍କ ଉତ୍ସାହ ବୃଦ୍ଧି ସକାଶେ ପ୍ରୋତ୍ସାହନ ଦେଉଛନ୍ତି ରାଜ୍ୟ ସରକାର। ଆଦିବାସୀ ଜିଲାର ସ୍କୁଲଗୁଡିକରେ ଅନେକ ପରିବର୍ତ୍ତନ ଆଣି ଉଦାହରଣ ପାଲଟିଛନ୍ତି। କିନ୍ତୁ କମିଟି ରାଜ୍ୟର କୌଣସି ଆଦିବାସୀ ଜିଲାର ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ ସମ୍ମାନ ପାଇଁ ଚୟନ କରିନାହାନ୍ତି। ଏହାକୁ ନେଇ ଆଦିବାସୀ ଅଞ୍ଚଳରେ କାର୍ଯ୍ୟରତ ଶିକ୍ଷକଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି ହୋଇଛି। ଚୟନ ପ୍ରକ୍ରିୟାରେ ଆଞ୍ଚଳିକବାଦ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିବା ଅଭିଯୋଗ ହୋଇଛି। ବୁଦ୍ଧିଜୀବୀଙ୍କ ପକ୍ଷରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି। ଏନେଇ ଅବିଭକ୍ତ କୋରାପୁଟ ଜିଲା ମୂଳନିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ମାଝି କହିଛନ୍ତି, ଅବିଭକ୍ତ କୋରାପୁଟ ଜିଲାରେ ଅନେକ ଦକ୍ଷ ଶିକ୍ଷକ ଅଛନ୍ତି। ସେମାନଙ୍କ ନାମ ଜିଲାସ୍ତରରୁ ଯାଉଛି। ତଥାପି ଏହି ଅଞ୍ଚଳରୁ କାହାରିକୁ ବି ସମ୍ମାନିତ କରାଯାଉ ନାହିଁ। ଏଥିରେ ପାତରଅନ୍ତର କରାଯାଉଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ଓଡ଼ିଶା ଆଦିବାସୀ ମଞ୍ଚ ଆବାହିକା ବିଦ୍ୟୁଲତା ହୁଇକା, ବରିଷ୍ଠ ସାମାଜିକ କର୍ମୀ ବାଦଲ କୁମାର, ନବରଙ୍ଗପୁର ସାମାଜିକ କର୍ମୀ ବିଭୁପ୍ରସାଦ ପଣ୍ଡା, ଅବିଭକ୍ତ କୋରାପୁଟ ଜିଲାର ଶିକ୍ଷକଙ୍କୁ ସମ୍ମାନିତ କରାଯାଉ ବୋଲି ଦାବି କରିଛନ୍ତି।

## ୟୁଜର୍ସ ଫି ଆଦାୟକୁ ବିରୋଧ

ରାୟଗଡ଼ା ଅଫିସ, ୪।୮

ରାୟଗଡ଼ାର ବିଭିନ୍ନ ୱାର୍ଡ ସଫେଇ ବାବଦକୁ ପୌର ପରିଷଦ ପକ୍ଷରୁ ଘର ପିଛା ୩୦ ଟଙ୍କା ଆଦାୟ କରାଯାଉଛି। ଦେଶରେ କ୍ୟାଶ୍‌ଲେସ୍ ବ୍ୟବସ୍ଥାକୁ ସରକାର ଗୁରୁତ୍ୱ ଦେଉଥିବା ବେଳେ ପୌର ପରିଷଦର ସ୍ୱଚ୍ଛସାଥୀଙ୍କ ଦ୍ୱାରା ଲକ୍ଷଲକ୍ଷ ଟଙ୍କା ଆଦାୟ କରାଯାଉଛି। ତେବେ ଏହି ବ୍ୟବସ୍ଥାକୁ ରାୟଗଡା ଯୁବ ବିକାଶ ପରିଷଦ ବିରୋଧ କରିଛି।

ପୌରପାଳିକାର ବ୍ୟାଙ୍କ ଆକାଉଣ୍ଟକୁ ସାର୍ବଜନୀନ କରିବା ସହ ଗୁଗଲ ପେ କିମ୍ବା ଫୋନ ପେରେ ୟୁଜର୍ସ ଫି ଆଦାୟ କଲେ ସ୍ୱଚ୍ଛତା ରହିବ ବୋଲି ବିକାଶ ପରିଷଦ ପକ୍ଷରୁ କୁହାଯାଇଛି। ସେହିପରି ସହରର ନାଳନର୍ଦ୍ଦମା ସଫେଇ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଆସୁଥିବା ବେଳେ ବୈଷୟିକ ଜ୍ଞାନକୌଶଳରେ ତ୍ରୁଟି ଯୋଗୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ସେହିପରି ସହରର ଶ୍ମଶାନ ଘାଟରେ ଅନେକ ଅବ୍ୟବସ୍ଥା ଲାଗି ରହିଥିବା ବେଳେ ପୌରପାଳିକା ସେଥିପ୍ରତି ଦୃଷ୍ଟି ଦେଉନାହିଁ ବୋଲି ଯୁବ ବିକାଶ ପରିଷଦ ସଭାପତି ଶିବାଜୀ ଦାସ ଅଭିଯୋଗ କରିଛନ୍ତି। ୟୁଜର୍ସ ଫି ଆଦାୟ କରି ସହରବାସୀଙ୍କ ସମସ୍ୟା ଉପରେ ପୌରପଳିକା ଗୁରୁତ୍ୱ ନ ଦେଇ କୋଟି କୋଟି ଟଙ୍କା ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି। ପୌରପାଳିକା କର୍ତ୍ତୃପକ୍ଷ ଏ ଦିଗରେ ଗୁରୁତ୍ୱ ନ ଦେଲେ ପରିଷଦ ପକ୍ଷରୁ ଆଗାମୀ ଆନ୍ଦୋଳନକୁ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏନେଇ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ଜରିଆରେ ନଗର ଉନ୍ନୟନ ସଚିବ, ୫-ଟି ସଚିବ, ରାୟଗଡା ଜିଲାପାଳ ଓ ଏସ୍‌ପିଙ୍କୁ ପରିଷଦ ପକ୍ଷରୁ ସ୍ମାରକପତ୍ର ଦିଆଯାଇଛି।




ସ୍ମାରକପତ୍ର ଦେବାକୁ ବାହାରିଥିବା ଯୁବ ବିକାଶ ପରିଷଦ ସଦସ୍ୟମାନେ।

# ବଂଶଧାରା ଉପରମୁଣ୍ଡରେ ପ୍ରକଳ୍ପ ନିର୍ମାଣ ଦାବି



ଶୋଭାଯାତ୍ରାରେ ବାହାରିଥିବା ବରିଷ୍ଠ ନାଗରିକମାନେ।

ଗୁଣପୁର,୪।୮(ଡି.ଏନ୍.ଏ.)

## ୪ର୍ଥ ଦିନରେ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଦାବିପତ୍ର

ବଂଶଧାରା ନଦୀ ଉପର ମୁଣ୍ଡରେ ପ୍ରକଳ୍ପ ନିର୍ମାଣ ସହ ତଳ ମୁଣ୍ଡରେ ଆନ୍ଧ୍ରର ନେରେଡି ପ୍ରକଳ୍ପକୁ ବିରୋଧ କରି ବଂଶଧାରା ଅବବାହିକା ସୁରକ୍ଷା ସମିତି ପକ୍ଷରୁ ମାସେ ବ୍ୟାପି ଆନ୍ଦୋଳନ ଆରମ୍ଭ କରାଯାଇଛି। ଆନ୍ଦୋଳନର ଚତୁର୍ଥ ଦିନରେ ବୁଧବାର ବରିଷ୍ଠ ନାଗରିକ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ତୁରନ୍ତ ଉପର ମୁଣ୍ଡରେ ପ୍ରକଳ୍ପ ନିର୍ମାଣ କରନ୍ତୁ ବୋଲି ଦାବି ହୋଇଛି। ଏହି ଅବସରରେ ବରିଷ୍ଠ ନାଗରିକ କମିଟିର ସୂର୍ଯ୍ୟ ନାରାୟଣ ରଥ, ଗୋପିନାଥ ପାଢ଼ୀ, ନିଳମାଧବ ପାଢ଼ୀ, ଲଳିତ ବୈଦ୍ୟ ଭୂଷଣ, ଗୋପାଳ କୃଷ୍ଣ ପାଣିଗ୍ରାହୀ, ବି. ଲକ୍ଷ୍ମୀ ନାରାୟଣ, ଜଗଦୀଶ ସାହୁ, ରାମଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଏକ ସ୍ମାରକ ପତ୍ର ଗୁଣପୁର ଉପଜିଲାପାଳ ଜେ.ସୋନାଲଙ୍କୁ ପ୍ରଦାନ କରିଛନ୍ତି।

# ୭୦ ବିସ୍ଥାପିତଙ୍କୁ ଜମି ପଟ୍ଟା

ତେନ୍ତୁଳିଖୁଣ୍ଟି, ୪।୭(ଡି.ଏନ୍.ଏ.)



ଜିଲାପାଳ ଜଣେ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରୁଛନ୍ତି।

ନବରଙ୍ଗପୁର ଜିଲା ଇନ୍ଦ୍ରାବତୀ ପ୍ରକଳ୍ପ ପାଇଁ ବିସ୍ଥାପିତ ପରିବାର କ୍ରୟ କରିଥିବା ଜମି ମ୍ୟୁଟେଶନ ହୋଇ ନ ଥିବାରୁ ପଟ୍ଟା ପାଇବାରୁ ସେମାନେ ବଞ୍ଚିତ ଥିଲେ। ବିସ୍ଥାପନ ବେଳେ ସରକାର ମ୍ୟୁଟେଶନ ଖର୍ଚ୍ଚ ବହନ କରିବେ ବୋଲି ସର୍ତ୍ତ ଥିଲା। ଦୀର୍ଘବର୍ଷର ଦାବିର ଫଳସ୍ୱରୂପ ବୁଧବାର ୭୦ ବିସ୍ଥାପିତ ଜମି ପଟ୍ଟା ପାଇଛନ୍ତି। ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଜିଲାପାଳ ଅଜିତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବିଭୁଭୂଷଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତେନ୍ତୁଳିଖୁଣ୍ଟି ବିଡିଓ ପଦ୍ମନାଭ ତ୍ରିପାଠୀ, ତହସିଲଦାର ପ୍ରଦୀପ କୁମାର କର ଓ ବ୍ଲକ ଅଧ୍ୟକ୍ଷା ଦେବକୀ ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଗୋଡ଼ିଗାଁ, ଲକିଗୁଡ଼ା, କହ୍ନେଇମୁଣ୍ଡା, ଚାରମୁଳା ଓ ଆଉଁଲିଗୁମାରେ ଜମି କିଣିଥିବା ୭୦ ହିତାଧିକାରୀଙ୍କୁ ପଟ୍ଟା ମିଳିଛି। ବୁଡ଼ି ଅଞ୍ଚଳୀୟ ଗଣପରିଷଦର ସୁଧୀର ସୁନା, ଈଶ୍ୱର ସୁନା ତଥା ଅନ୍ୟ ଏକ ଗଣ ପରିଷଦର ମନନ୍ତ ଭୂଷଣ ଭଇଁସାଙ୍କ ନିରବଚ୍ଛିନ୍ନ ସଂଗ୍ରାମର ଏହା ଫଳ ବୋଲି ମତ ପ୍ରକାଶ ପାଇଛି। ପିସିସି ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ୨୦୧୮ରେ ବିସ୍ଥାପିତଙ୍କ ପାଇଁ ଇନ୍ଦ୍ରାବତୀରେ କରିଥିବା ଆନ୍ଦୋଳନ ପରେ ମ୍ୟୁଟେଶନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। କିନ୍ତୁ କୋଭିଡ୍ ଯୋଗୁ ଏଥିରେ ଶିଥିଳତା ଆସି ଯାଇଥିବା ଅଭିଯୋଗ ହେଉଛି।

# ନିର୍ବାଚନ ଆଗରୁ ଦଳକୁ ସୁଦୃଢ଼ କରିବାକୁ ରଣନୀତି ପ୍ରସ୍ତୁତ



ବୈଠକରେ ମନ୍ତ୍ରୀ ଜଗନ୍ନାଥ ସାରକା, ଜିଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ, ରାଜ୍ୟସଭା ସଦସ୍ୟ ଏନ୍.ଭାସ୍କର ରାଓ ଏବଂ ଅନ୍ୟମାନେ।

ରାୟଗଡ଼ା ଅଫିସ/ବିଷମକଟକ/ ମୁନିଗୁଡ଼ା,୪।୮(ଡି.ଏନ୍.ଏ.)

## ଜିଲା ବିଜେଡି ପର୍ଯ୍ୟବେକ୍ଷକଙ୍କ ରାୟଗଡ଼ା ଗସ୍ତ

ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ବିଜେଡି ରଣନୀତି ପ୍ରସ୍ତୁତି ଆରମ୍ଭ କରିଛି। ବିଜେଡି ରାୟଗଡ଼ା ଜିଲା ପର୍ଯ୍ୟବେକ୍ଷକ ତଥା ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ରାୟଗଡ଼ା ଜିଲା ଗସ୍ତରେ ଆସି ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରି ଲୋକଙ୍କ ନିକଟତର ହେବା ଉପରେ ଗୁରୁତ୍ୱ ଦେଇଛନ୍ତି। ରାୟଗଡ଼ାସ୍ଥିତ ହୋଟେଲ ଜ୍ୟୋତିମହଲ ସମ୍ମିଳନୀ କକ୍ଷରେ ଅପରାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପର୍ଯ୍ୟବେକ୍ଷକ ଅଧ୍ୟକ୍ଷତା କରି ରାୟଗଡ଼ା ଉପଖଣ୍ଡ ଅଧୀନ କାଶିପୁର, କୋଲନରା, କଲ୍ୟାଣସିଂହପୁର, ରାୟଗଡ଼ା ବ୍ଲକ ସମେତ ରାୟଗଡ଼ା ପୌରାଞ୍ଚଳରେ ଦଳର ସ୍ଥିତି ନେଇ ଆଲୋଚନା କରିଥିଲେ। ଏଥିସହ ଆଗାମୀ ଜିଲା ପରିଷଦ ନିର୍ବାଚନ, ପଞ୍ଚାୟତ ନିର୍ବାଚନ ଏବଂ ପୌର ନିର୍ବାଚନରେ ଦଳ କିପରି ବିଜୟୀ ହେବ ସେ ନେଇ ଆଲୋଚନା କରିବା ସହ ମିଳିମିଶି କାମ କରିବା ପାଇଁ ଆହ୍ୱାନ କରିଥିଲେ। ବ୍ଲକୱାରୀ ଦଳୀୟ ନେତା ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ଜିଲା ବିଜେଡି ସଭାପତି ସୁଧୀର ଦାସ, ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ, ରାଜ୍ୟ ବିଜେଡି ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ପୂର୍ବତନ ଏମ୍‌ପି ଝିନ୍ନ ହିକ୍କା ମଞ୍ଚାସୀନ ଥିଲେ।

ସେହିପରି ଜିଲାର ବିଷମକଟକସ୍ଥିତ ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ଜିଲା ପର୍ଯ୍ୟବେକ୍ଷକ କର୍ମୀଙ୍କ ସହ ଆଲୋଚନା ବେଳେ ରାଜ୍ୟ ସରକାରଙ୍କ ଜନ କଲ୍ୟାଣ ଯୋଜନାରେ କିପରି ସାଧାରଣ ଲୋକେ ଉପକୃତ ହେବେ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଉପସ୍ଥିତ ମହିଳା ସରପଞ୍ଚ ଏବଂ ସମିତି ସଭ୍ୟାଙ୍କ ଉପସ୍ଥିତି ଯୋଗୁ ସେ ଅତ୍ୟନ୍ତ ଖୁସି ବ୍ୟକ୍ତ କରି ଆଗାମୀ ନିର୍ବାଚନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଠାରେ ମନ୍ତ୍ରୀ ସାରକାଙ୍କ ସମେତ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ବିଜେଡି ସଭାପତି, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ପୃଥ୍ୱୀରାଜ ସାହୁ, ବିଜେଡି ରାଜ୍ୟ ସମ୍ପାଦକ ଜ୍ୟୋତି ପ୍ରସାଦ ସାହୁ, ଜିଲା ଯୁବ ବିଜେଡି ସମ୍ପାଦକ ଡି. ଶିବ ପ୍ରସାଦ, ବ୍ଲକ ବିଜେଡି ସଭାପତି ଦେବି ପ୍ରସାଦ ପଟ୍ଟନାୟକ, ରବୀନ୍ଦ୍ର ନାଥ ପଣ୍ଡାଙ୍କ ସମେତ ବିଷମକଟକ ପଞ୍ଚାୟତ ସମିତି ଅଧ୍ୟକ୍ଷା ବିଜୟ ଶାନ୍ତି କୁମୁରୁକା, ସରପଞ୍ଚ କମଳା ପୀଡିକାକା ଉପସ୍ଥିତ ଥିଲେ।

ମୁନିଗୁଡ଼ା କମ୍ୟୁନିଟି ହଲ୍ ପରିସରରେ ମୁନିଗୁଡ଼ା ଓ ଚନ୍ଦ୍ରପୁର ବ୍ଲକ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମୁନିଗୁଡ଼ା ବ୍ଲକ ବିଜେଡି ସଭାପତି ରତନଲାଲ ଜୈନଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼ ଓ ପୂର୍ବତନ ଏସ୍‌ଡିସି ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡ୍ରୁକା ମୁନିଗୁଡ଼ାକୁ ଏନ୍‌ଏସି ଘୋଷଣା, ମେଗା ଜଳ ପ୍ରୋଜେକ୍ଟ, କେନ୍ଦ୍ରୀୟ ବିଦ୍ୟାଳୟ, ମେଡିକାଲରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ନୂତନ କୋର୍ଟ ସ୍ଥାପନ, ବାଇପାସ୍ ରୋଡ୍ ଆଦି ଦାବି ଓ ଅନ୍ୟ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସମସ୍ତ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଶୀଘ୍ର ସମାଧାନ କରାଯିବ ବୋଲି ଜିଲା ପର୍ଯ୍ୟବେକ୍ଷକ କହିଛନ୍ତି।

## ୪୦ ହଜାର ଟଙ୍କା, ସୁନା ଅଳଙ୍କାର ଲୁଟ୍

ରାୟଗଡ଼ା ଅଫିସ,୪।୮

ରାୟଗଡ଼ା ଟାଉନ୍‌ଥାନା ଅଧୀନ ହାତୀପଥର ରୋଡ୍ ନିକଟସ୍ଥ ବିଶ୍ୱାବସୁ ରାଜଗୁରୁଙ୍କ ଘରେ ଦୁର୍ବୃତ୍ତ କଳାକନା ବୁଲାଇଛନ୍ତି। ଘରୁ ୪୦ ହଜାର ଟଙ୍କା, ସୁନା ଅଳଙ୍କାର ଓ ୪ ଦାମୀ ଘଣ୍ଟା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବିଶ୍ୱାବସୁ କୌଣସି ଜରୁରି କାମରେ ପରିବାର ସହ ରବିବାର ବ୍ରହ୍ମପୁର ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ଟଙ୍କା ଏବଂ ଅଳଙ୍କାର ଚୋରି କରି ନେଇଥିଲେ। ବ୍ରହ୍ମପୁରରୁ ଫେରିବା ପରେ ସେ ଚୋରି ହୋଇଥିବା ଜାଣି ରାୟଗଡ଼ା ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ଟାଉନ୍ ଥାନାଧିକାରୀ ଏବଂ ପୋଲିସ ସିମ୍ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରୁଛି।

# ଟଙ୍କା ଆଗରେ ଫିକା ପଡ଼ିଲା ପ୍ରେମ

ଉମରକୋଟ, ୪।୮(ସ୍ୱ.ପ୍ର.)

- ଟଙ୍କା ନ ଆଣିଲେ ଘରେ ଜାଗା ନାହିଁ ବୋଲି କହିଲେ ସ୍ୱାମୀ
- ନ୍ୟାୟ ପାଇଁ ଥାନା ଦ୍ୱାରସ୍ଥ ହୋଇଛନ୍ତି ସ୍ତ୍ରୀ

ପ୍ରେମ କରି ବିବାହ କରିଥିଲେ। ଏବେ କିନ୍ତୁ ସ୍ୱାମୀ ୫ଲକ୍ଷ ଟଙ୍କା ଆଣିବାକୁ ବାଧ କରୁଛନ୍ତି। ଟଙ୍କା ନ ଆଣିଲେ ଘରେ ପୂରାଇବେ ନାହିଁ ଓ ସ୍ତ୍ରୀର ପରିଚୟ ଦେବେନି ଧମକ ଦେଉଛନ୍ତି ବୋଲି କାନ୍ଦି କାନ୍ଦି କହୁଛନ୍ତି ପୀଡ଼ିତା। ନ୍ୟାୟ ଦାବିରେ ଗତ ମାର୍ଚ୍ଚରେ ଥାନାରେ ସ୍ୱାମୀଙ୍କ ନାମରେ ଏତଲା ଦେଇଥିଲେ। କିନ୍ତୁ ଏଯାଏ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ ବୋଲି ପୀଡ଼ିତା କହିଛନ୍ତି।

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଞ୍ଚଳର ଜଣେ ଯୁବତୀ ତାଙ୍କ ଗାଁରେ ରହୁଥିବା ବୌଦ୍ଧ ଜିଲା ଶ୍ରୀରାମପୁର ଗ୍ରାମର ଯୁଗଳ କିଶୋର ପ୍ରଧାନଙ୍କୁ ୨୦୧୪ ଏପ୍ରିଲ ୪ରେ ପ୍ରେମକରି କୋର୍ଟ ମ୍ୟାରେଜ କରିଥିଲେ। ସେମାନେ ଯୁବତୀଙ୍କ ଘରେ ରହୁଥିଲେ। ଘରକୁ ବୁଲିବାକୁ ଯାଉଛି, ସେଠାରେ ସମସ୍ତଙ୍କ ସହ କଥା ହୋଇ ତୁମକୁ ସାଙ୍ଗରେ ନେଇଯିବି ବୋଲି କହି ୨୦୨୦ରେ ଯୁଗଳ ସ୍ତ୍ରୀଙ୍କୁ ଛାଡ଼ି ବୌଦ୍ଧ ଯାଇଥିଲେ। କିନ୍ତୁ ସେ ଆଉ ଫେରି ନ ଥିଲେ। ଫୋନ କରିବାରୁ ନମ୍ବରକୁ ବ୍ଲକ କରି ଦିଅନ୍ତି। କିଛିଦିନ ପରେ ଫୋନ କରି ୫ଲକ୍ଷ ଟଙ୍କା ଦେଲେ ଘରକୁ ଆଣିବେ ବୋଲି ଯୁଗଳ କହିଥିବା ପୀଡ଼ିତା କହିଛନ୍ତି। ଯୁବତୀଙ୍କ ବାପା ନ ଥିବାରୁ ଅତି କଷ୍ଟରେ ସଞ୍ଚିଥିବା ୨ଲକ୍ଷ ଟଙ୍କା ଦେବାକୁ ତାଙ୍କ ମା’ କହିଥିଲେ। ଏଥିରେ କିନ୍ତୁ ଯୁଗଳ ରାଜି ହୋଇ ନ ଥିଲେ। ନିରାଶ ହୋଇ ମାର୍ଚ୍ଚ ୮ରେ ସ୍ୱାମୀଙ୍କ ବିରୋଧରେ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ପୀଡିତା। ୩୭/୨୧ରେ ମାମଲା ରୁଜୁ ହୋଇଛି। ଏହାପରେ କିନ୍ତୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ହାତ ବାନ୍ଧି ବସିପଡିଛି। ଝରିଗାଁ ଥାନାକୁ ୪ ଥର, ଉମରକୋଟ ଏସ୍‌ଡିପିଓଙ୍କ ନିକଟକୁ ୨-୩ ଥର ଯାଇ କେସ୍ ସମ୍ପର୍କରେ ବୁଝିବାକୁ ଚେଷ୍ଟା କରିଛି, କିନ୍ତୁ କୌଣସି ଅଧିକାରୀଙ୍କଠାରୁ ସନ୍ତୋଷଜନକ ଉତ୍ତର ମିଳି ନ ଥିବା ପୀଡ଼ିତା କହିଛନ୍ତି। କିଛିଦିନ ତଳେ ଏସ୍‌ପିଙ୍କୁ କେସ୍ ସମ୍ପର୍କରେ ଜଣାଇବାକୁ ଯାଇଥିଲି। କିନ୍ତୁ ତାଙ୍କ ସହ ସାକ୍ଷାତ ହୋଇପାରି ନ ଥିଲା ବୋଲି ପୀଡିତା କହିଛନ୍ତି। ଯୁଗଳ ଝିଅକୁ ନେଇ ଠିକ୍ ଭାବରେ ରଖନ୍ତୁ, ନଚେତ୍ ତାଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦିଆଯାଉ ବୋଲି ପୀଡ଼ିତାଙ୍କ ମା’ କହିଛନ୍ତି। ପୀଡ଼ିତାଙ୍କ ସ୍ୱାମୀଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ନ ଦେଇ ଫୋନ କାଟି ଦେଇଥିଲେ। ଉମରକୋଟ ଏସ୍‌ଡିପିଓ ଦିନେଶ କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି , ପୋଲିସ ୨ ଥର ଯୁଗଳଙ୍କୁ ଗିରଫ କରିବାକୁ ଯାଇଥିଲା। କିନ୍ତୁ ସେ ଧରାପଡ଼ି ନ ଥିଲେ। ଝରିଗାଁ ଓ ବୌଦ୍ଧ ପୋଲିସ ସହ ଯୋଗାଯୋଗ କରାଯାଇଛି, କାର୍ଯ୍ୟାନୁଷ୍ଠାନ ନିଆଯିବ।

## କହ୍ନେଇପୁଟରେ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ

କୋରାପୁଟ,(ସ୍ୱ.ପ୍ର.): କୋରାପୁଟ ସହରର କହ୍ନେଇପୁଟର ରଣାସାହିରେ ବୁଧବାର ଗୋଷ୍ଠୀ କେନ୍ଦ୍ର ଓ ମାଇକ୍ରୋ କାର୍ଯ୍ୟକଳାପ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । କୋରାପୁଟ ବିଧାୟକ ରଘୁରାମ ପଡାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ବିହନ ନିଗମ ଅଧକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହି କେନ୍ଦ୍ର ଦ୍ୱାରା ସାହିବାସୀ ବହୁ ସୁବିଧା ପାଇପାରିବେ ବୋଲି ପ୍ରକାଶ କରିଥିଲେ । ପୌରନିର୍ବାହୀ ଅଧିକାରୀଙ୍କ ତତ୍ୱାବଧାନରେ ଆୟୋଜିତ ଏଥିରେ ଜିଲା ବିଜୁ ଜନତାଦଳ ଉପସଭାପତି ଉତ୍କଳ ରଞ୍ଜନ ନାୟକ, ପୂର୍ବତନ ନଗରପାଳ ଭଗବାନ ବାହିନୀପତି, ବିଜେଡି ଜୋନ ସଭାପତି ସିମାଞ୍ଚଳ ମିଶ୍ର, ନଗର ବିଜେଡି ସଭାପତି ସୁରେଶ ପଟ୍ଟନାୟକ, ଦିଲୀପ ରଥ ଉପସ୍ଥିତ ଥିଲେ ।

### ସଂକ୍ଷେପରେ

## ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାଫଳ: ଅଙ୍କିତା ବିଦ୍ୟାଳୟ ଟପ୍ପର



ସୁନାବେଡା,୪।୮(ସ୍ୱ.ପ୍ର.): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ପ୍ରକାଶିତ ଦ୍ୱାଦଶ ବିଜ୍ଞାନ ପରୀକ୍ଷା ଫଳରେ ସୁନାବେଡା ମିଗ ନଗରୀସ୍ଥିତ ଭିଏସ୍ ବିଦ୍ୟାଳୟର ଶତ ପ୍ରତିଶତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ୫୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦ ଜଣ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଅଙ୍କିତା ପଣ୍ଡା ସର୍ବାଧିକ ୯୫.୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଅନୁପମ ଗିରି ୯୫.୨ ପ୍ରତିଶତ ରଖି ଦ୍ୱିତୀୟ ଏବଂ ସମୀକ୍ଷା ମଞ୍ଜୁଆଲ ୯୪.୪ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ଏଭଳି ସଫଳତା ପାଇଁ ଏରୋନଟିକସ ଏଜୁକେସନ ସୋସାଇଟିର ସାଧାରଣ ସମ୍ପାଦକ ସୁଦୀପ୍ତ ଚାଟାର୍ଜୀ, ଭିଏସ୍ ବିଦ୍ୟାଳୟର ସମ୍ପାଦକ ତନବିର ଆଲାମ, ବିଦ୍ୟାଳୟର ଅଧକ୍ଷ ହେମନ୍ତ କୁମାର ସେଠ, ଉପାଧକ୍ଷ ପିକେ ମିଶ୍ର ଛାତ୍ରୀଛାତ୍ର,ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଉକ୍ତ ବିଦ୍ୟାଳୟର ପାସ ହାର ମଧ ଶତପ୍ରତିଶତ ରହିଛି। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୫୧ ଜଣଙ୍କ ମଧ୍ୟରୁ ୩୨ ଜଣ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ, ୩୬ ଜଣ ୮୦ରୁ ୯୦ ପ୍ରତିଶତ,୪୧ ଜଣ ୭୦ରୁ ୮୦ ପ୍ରତିଶତ ଏବଂ ୨୫ ଜଣ ୬୦ ରୁ ୭୦ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସାଇ ସ୍ୱରୂପ ସର୍ବାଧିକ ୯୬.୨ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଥିବା ବେଳେ ସଂସ୍କାରା ଏବଂ ଶାଶ୍ୱତ ଅଙ୍କୁର ମହାରଣା ୯୫.୨ ପ୍ରତିଶତ ରଖି ଦ୍ୱିତୀୟ ସ୍ଥାନ ଏବଂ ସ୍ପନ୍ଦନ ଭରଦ୍ୱାଜ ୯୫ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ପାଇଛନ୍ତି। ଛାତ୍ରୀଛାତ୍ରୀଙ୍କ ଏଭଳି ସଫଳତା ପାଇଁ ଏଇଏସ ସାଧାରଣ ସମ୍ପାଦକ ସୁଦୀପ୍ତ ଚାଟାର୍ଜୀ ବିଦ୍ୟାଳୟ ସମ୍ପାଦକ ତନବିର ଆଲାମ, ଅଧକ୍ଷ ହେମନ୍ତ କୁମାର ସେଠ ଏବଂ ଉପାଧକ୍ଷ ପିକେ ମିଶ୍ର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଅଧ୍ୟାପକ, ପୂର୍ବତନ ସରପଞ୍ଚଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର



କୋରାପୁଟ/ଜୟପୁର,୪।୮ (ନି.ପ୍ର.): କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆସ୍ଥିତ ରାଧାକୃଷ୍ଣ କନିଷ୍ଠ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧାପକ ତ୍ରିନାଥ ପଟ୍ଟନାୟକ ପ୍ରକୃତିବନ୍ଧୁ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଜଙ୍ଗଲ ସୁରକ୍ଷା, ନୂତନ ବନୀକରଣ କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ଜିଲା ବନଖଣ୍ଡ ଅଧିକାରୀ ରିଙ୍କୁ କୁମାରୀ ଏକ କାର୍ଯ୍ୟକ୍ରମରେ ମାନପତ୍ର ସହ ସମ୍ବର୍ଦ୍ଧିତ କରି ଦଶହଜାର ଟଙ୍କାର ଏକ ଚେକ୍ ଦେଇ ପଟ୍ଟନାୟକଙ୍କୁ ସମ୍ମାନିତ କରିଛନ୍ତି। ଜିଲାର ସମସ୍ତ ଗ୍ରାମାଞ୍ଚଳରେ ପ୍ରକୃତି ଓ ପରିବେଶ ସୁରକ୍ଷା ନେଇ ନିଜ ଉଦ୍ୟମରେ ଅଧାପକ ପଟ୍ଟନାୟକ ବନୀକରଣ, ଯୁବ ଅନୁଷ୍ଠାନର ସହଯୋଗରେ ବୃକ୍ଷରୋପଣ କାର୍ଯ୍ୟ କରି ସଚେତନତା ସୃଷ୍ଟି କରିଥାନ୍ତି। ଏହି ଅବସରରେ ସେମିଳିଗୁଡ଼ାର ପୂର୍ବତନ ସରପଞ୍ଚ ପୀତବାସ କିର୍ଷାନୀ ମଧ ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ତାଙ୍କୁ ମଧ ସମ ପରିମାଣରର ଅର୍ଥ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି।

## ୧୬ ବର୍ଷର ଶିଶୁ ନିଖୋଜ

କୋରୁକୋଣ୍ଡା,୪।୮ (ଡି.ଏନ.ଏ.): ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବନ୍ଧରଗୁଡ଼ା ଗ୍ରାମର ଜଣେ ୧୬ ବର୍ଷର ଶିଶୁ ନିଖୋଜ ହୋଇଯାଇଛନ୍ତି। ଏନେଇ ମାଲକାନଗିରି ଥାନାରେ ପରିବାର ଲୋକେ ଅବଗତ କରିବା ପରେ ଏକ ମାମଲା ରୁଜୁ ହୋଇଛି। ଖବରରୁ ଜଣାପଡିଛି କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବନ୍ଧରଗୁଡ଼ା ଗ୍ରାମର ୱାଗା ପଡ଼ିଆମିଙ୍କ ପୁଅ ଟୁକୁ ପଡ଼ିଆମି ଜୁଲାଇ ୩୧ରେ ଘରୁ ବାହାରକୁ ଯାଇଥିଲେ। ଏହା ପରେ ସେ ରାତ୍ରିରେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ସେମାନଙ୍କ ବନ୍ଧୁବାନ୍ଧବଙ୍କ ଘର ସମେତ ଆଖପାଖ ଅଞ୍ଚଳରେ ଖୋଜିଥିଲେ ମଧ ତାଙ୍କ ସନ୍ଧାନ ମିଳି ନ ଥିଲା। ଏତଲାକୁ ଭିତ୍ତି କରି କେସ୍ ନଂ. ୩୦୦/୨୧ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

# ଭାଙ୍ଗିଲା ସତୀଗୁଡ଼ା ମେନ୍ କେନାଲ ବନ୍ଧ

- ରକ୍ଷଣାବେକ୍ଷଣ ଅଭାବରୁ ସୃଷ୍ଟି ହୋଇଛି ଏପରି ପରିସ୍ଥିତି
- ଶତାଧିକ ଏକର ଚାଷଜମିରେ ମାଡ଼ିଯାଇଛି ବାଲିଚର
- ବିଭାଗୀୟ ଅଧିକାରୀଙ୍କ ଦେଖାନାହିଁ



ଭାଙ୍ଗିଯାଇଥିବା ସତୀଗୁଡ଼ା ମେନ୍ କେନାଲ।

କୋରୁକୋଣ୍ଡା,୪।୮(ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ମହକୁମାସ୍ଥିତ ହାଇସ୍କୁଲଗୁଡା ନିକଟରେ ଥିବା ସତୀଗୁଡ଼ା ଡ୍ୟାମ୍‌ରୁ ଆସିଥିବା ମେନ୍ କେନାଲ ବୁଧବାର ଭାଙ୍ଗିଯାଇଛି। ଫଳରେ ଶତାଧିକ ଏକର ଚାଷଜମିରେ ବାଲିଚର ମାଡ଼ି କ୍ଷତିଗ୍ରସ୍ତ ହୋଇଛି । ବିଭାଗୀୟ ଅଧିକାରୀ ଦାୟିତ୍ୱଶୂନ୍ୟତା ଯୋଗୁ ରକ୍ଷଣାବେକ୍ଷଣ ଅଭାବରୁ କେନାଲରେ ଘାଇ ହୋଇ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଖବରରୁ ଜଣାପଡିଛି ସକାଳ ୯ଟାରେ ଏହି କେନାଲରେ ଘାଇ ସୃଷ୍ଟି ହୋଇ କେନାଲ ଦେଇ ପ୍ରବାହିତ ହୋଇଥିବା ପାଣି ଚାଷଜମିରେ ମାଡ଼ିବା ସହ ରାସ୍ତା ଉପରେ ପ୍ରାୟ ୨ ଫୁଟ ଉଚ୍ଚତାରେ ପାଣି ପ୍ରବାହିତ ହୋଇଥିଲା। ଚାଷ କ୍ଷତି ଯୋଗୁ ଚଳିତବର୍ଷ ବିଭିନ୍ନ ବ୍ୟାଙ୍କ ଓ ବିଭିନ୍ନ ସ୍ଥାନରୁ ଟଙ୍କା ଋଣ ଆଣି ବିହନ, ସାର ଆଣି ଚାଷ କରିଥିବା ଚାଷୀ ଚିନ୍ତାରେ ପଡିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତକରି ଉକ୍ତ କେନାଲ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଚାଷ ଜମିରେ ହୋଇଥିବା କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବାକୁ କ୍ଷତିଗ୍ରସ୍ତ ଚାଷୀ ଦାବି କରିଛନ୍ତି । ଅନ୍ୟପକ୍ଷରେ ବନ୍ଧ ଭାଙ୍ଗି ଯାଇଥିଲେ ସୁଦ୍ଧା ଖବର ଲେଖାହେବା ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିନାହାନ୍ତି।



ଶାବର ଶ୍ରୀକ୍ଷେତ୍ରରେ ଦର୍ଶନ ଦେଉଛନ୍ତି ତିନିଠାକୁର।

# ଦର୍ଶନ କରି ଭକ୍ତ ବିଭୋର

### ଖୋଲିଲା ଶାବର ଶ୍ରୀକ୍ଷେତ୍ର

କୋରାପୁଟ,୪।୮(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଗୁପ୍ତେଶ୍ୱର ପୀଠକୁ ଛାଡି ବୁଧବାରଠାରୁ ଜିଲାର ସମସ୍ତ ଧର୍ମାନୁଷ୍ଠାନ ଖୋଲିଛି। କାଳିଆ ଠାକୁରଙ୍କୁ ଦର୍ଶନ କରି ଭକ୍ତ ଏକପ୍ରକାର ଆତ୍ମବିଭୋର ହୋଇପଡିଥିଲେ। କୋଭିଡର ଦ୍ୱିତୀୟ ଲହରୀ ଯୋଗୁ ଦୀର୍ଘ ମାସ ଧରି ଶାବର ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଥିଲା। ଏବେ ମନ୍ଦିର ଖୋଲିବା ପରେ କୋଭିଡର ସମସ୍ତ ଗାଇଡଲାଇନ ପାଳନ ସ୍ୱରୂପ ଭକ୍ତଙ୍କ ଥର୍ମାଲ ସ୍କିନିଂ ପରେ ମନ୍ଦିର ପରିଚାଳନା କମିଟିର ପକ୍ଷରୁ ସେମାନଙ୍କୁ ଦର୍ଶନ ପାଇଁ ଛଡାଯାଇଥିଲା । ଭକ୍ତଙ୍କ ପାଇଁ ମନ୍ଦିରକୁ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ଅଲଗା ଅଲଗା ବ୍ୟବସ୍ଥା କରାଯାଇଥିଲା। ମନ୍ଦିରକୁ ପୂଜା ସାମାଗ୍ରୀ ନେବା ବାରଣ କରାଯାଇଥିଲା । ବୁଧବାର ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କୁ ଶ୍ୱେତବସ୍ତ୍ର ପିନ୍ଧା ଯାଇଥିବାବେଳେ ରୌପ୍ୟ ମୁକୁଟ ଓ ଅଳଙ୍କାରମାନ ପିନ୍ଧାଇ ସଜ୍ଜିତ କରାଯାଇଥିଲା । ସେହିପରି ବୁଧବାର କୋରାପୁଟ ସହରର ସମସ୍ତ ମନ୍ଦିର ଏବଂ ଜିଲାର ଅନ୍ୟାନ୍ୟ ଅଞ୍ଚଳରେ ଥିବା ଧର୍ମାନୁଷ୍ଠାନ କୋଭିଡ କଟକଣା ମଧ୍ୟରେ ଖୋଲିଛି।

# ପେନ୍‌ସନ, ପଙ୍ଖା ବାଣ୍ଟିଲେ ମନ୍ତ୍ରୀ



ରୋଗୀ କଲ୍ୟାଣ ସମିତି ବୈଠକରେ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କ ସମେତ ଅନ୍ୟମାନେ।

- ରୋଗୀ କଲ୍ୟାଣ ସମିତି ବୈଠକ
- ଟିକା ଦେବାକୁ ଗଲେ ଛୁରି ଧରି ଗୋଡ଼ାଉଛନ୍ତି

କୁନ୍ଦୁରା,୪।୮(ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଗସ୍ତରେ ରାଜ୍ୟ ହସ୍ତଶିଳ୍ପ, ହସ୍ତତନ୍ତ ଏବଂ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଆସି ଡଙ୍ଗରପାଉଁଶିଠାରେ ହିତାଧିକାରୀଙ୍କୁ ପେନ୍‌ସନ,ପଙ୍ଖା ବଣ୍ଟନ କରିଛନ୍ତି। ସେଠାରେ ୨୫ ଜଣ ହିତାଧିକାରୀଙ୍କୁ ପେନ୍‌ସନ ଓ ୭ ହିତାଧିକାରୀଙ୍କୁ ପଙ୍ଖା ପ୍ରଦାନ କରାଯାଇଥିଲା। ପରେ ସେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ରୋଗୀ କଲ୍ୟାଣ ସମିତି ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବ୍ଲକରେ ଥିବା ଦିଗାପୁର, ଆସନା ଏବଂ ବାଗଦେରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରୋଗୀ ଏବଂ ଗର୍ଭବତୀଙ୍କ ନିମନ୍ତେ ରହିଥିବା ଆମ୍ବୁଲାନ୍ସ ରକ୍ଷଣାବେକ୍ଷଣରେ ଅଧିକ ଅର୍ଥ ଖର୍ଚ୍ଚ ହେଉଥିବାରୁ ଏକ ନୂତନ ଆମ୍ବୁଲାନ୍ସ ଯୋଗାଇଦେବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶୁଭପ୍ରସାଦ ସାହୁ ପ୍ରସ୍ତାବ ରଖିଥିଲେ। ଆସନାଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କ୍ୱାର୍ଟର୍ସକୁ ଏକ ଏନ୍‌ଜିଓ ସଂସ୍ଥା କବ୍‌ଜା କରି ରଖିଥିବା ମନ୍ତ୍ରୀଙ୍କ ପ୍ରତିନିଧି ତଥା ଯୁବ ବିଜେଡି ସଭାପତି ରମାକାନ୍ତ ମିଶ୍ର ଅଭିଯୋଗ କରିଥିଲେ। ଏନେଇ ତହସିଲଦାରଙ୍କୁ ତଦନ୍ତକରି ରିପୋର୍ଟ ଦେବାକୁ କୁହାଯିବ ବୋଲି ବିଡିଓ ସ୍ନେହପ୍ରଭା ମାଝି କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଦ୍ୟୁତ୍ ବିଭାଗକୁ ୩ ଫେଜ୍ ବିଦ୍ୟୁତ୍ ସଂଯୋଗ ନିମନ୍ତେ କୁହାଯାଇଥିଲେ ମଧ କେହି ଶୁଣୁନାହାନ୍ତି। ଏଥିଯୋଗୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଡିଜେ ଚାର୍ଜ ନ ହୋଇ ୨ବର୍ଷ ହେଲା ପଡିରହିଛି। ଏହା ସହିତ ବାଗଦେରି,ଦିଗାପୁର ଏବଂ ଆସନାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ସମସ୍ୟା ସମ୍ପର୍କରେ ଦାୟିତ୍ୱରେ ଥିବା ଡାକ୍ତରମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସାହୁ ଟିକାକରଣ ନେଇ ସୂଚନା ଦେଇ ବ୍ଲକରେ ୫୦ ପ୍ରତିଶତ ଟିକାକରଣ ହୋଇଥିବା ପ୍ରକାଶ କରିଥିଲେ। ତେବେ କେତେକ ସ୍ଥାନରେ ଟିକା ଦେବାକୁ ଯିବା ସମୟରେ କେହି କେହି ଛୁରି ଧରି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ଗୋଡ଼ାଉଥିବା କହିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଜଳଯୋଗାଣ ନେଇ ରହିଥିବା ସମସ୍ୟା, ଆସୁଥିବା ରୋଗୀଙ୍କ ପାଇଁ ଏକ ଆଶ୍ରୟସ୍ଥଳ, ଗାଡ଼ି ରଖିବାକୁ ଏକ ଷ୍ଟାଣ୍ଡ ନିର୍ମାଣ କରିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ବୈଠକରେ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ମଲ୍ଲିକ, ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପରଜା, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀ ମିର୍ଜବାଲିଆ(କ), ଧନିରାମ ବାରିକ, ଯୁବ ବିଜେଡି ସଭାପତି ରମାକାନ୍ତ ମିଶ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ କନକଲତା ପେଣ୍ଡିଆ, ପୀତାମ୍ବର ନାୟକ, ବିକ୍ରମ ବେହେରା, ରାଧାନାଥ ଭଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ନାବାଳକ ମୃତ

ମାଲକାନଗିରି,୪।୮ (ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଧଉଡ଼ାଗୁଡ଼ା ଗ୍ରାମରେ ସାପ କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ସେହେଲେ ଗ୍ରାମର ପ୍ରତାପ ଖିଲଙ୍କ ପୁଅ ବସନ୍ତ ଖିଲ(୧୨)। ମଙ୍ଗଳବାର ରାତିରେ ପରିବାର ଲୋକେ ଶୋଇଥିବା ବେଳେ ଏକ ବିଷଧର ସାପ ବସନ୍ତଙ୍କୁ କାମୁଡ଼ି ଦେଇଥିଲା। ବସନ୍ତ ଯନ୍ତ୍ରଣାରେ ଛଟପଟ ହୋଇ ପରିବାର ଲୋକଙ୍କୁ ଡାକିଥିଲେ। ପରିବାର ଲୋକେ ସାପକୁ ଦେଖି ମାରି ଦେଇଥିଲେ। ପରେ ତାଙ୍କୁ ନେଇ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଅପରାହ୍ନରେ ବସନ୍ତଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ୯୪୨ କେଜି ଗଞ୍ଜେଇ ଜବତ : ୨ ଗିରଫ



କୋରାପୁଟ,୪।୮(ସ୍ୱ.ପ୍ର.)

କୋରାପୁଟ ଜିଲାର ପାଡୁଆ ପୋଲିସ ଦୁଇଟି ଗାଡି ସହ ୯୪୨ କେଜି ଗଞ୍ଜେଇ ଜବତ କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ଗୋଇନ୍ଦା ସୂଚନା ପାଇ ପୋଲିସ ଏହି ରାସ୍ତାରେ ପେଟ୍ରୋଲିଂକୁ କଡାକଡି କରିଥିଲା। ଗାଡିମୋଟର ଯାଞ୍ଚ ବେଳେ ଦ୍ରୁତ ଗତିରେ ଯାଉଥିବା ଏକ ପିକଅପ ଭ୍ୟାନକୁ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ୧୦ଟି ଜରି ବସ୍ତାରେ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏନେଇ ଅବକାରୀ ମାମଲା ରୁଜୁ କରାଯାଇ ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଥିଲା। ଏହାର ଅଧିକ ତଦନ୍ତ ଚାଲିଥିବା ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି କହିଛନ୍ତି। ସୂଚନାଯୋଗ୍ୟ, ଏହି କାରକୁ ଏକ ବାଇକ୍ ଆଗରେ ରାସ୍ତା କଢାଇ ନେଉଥିଲା।

## ଉକ୍ରିବେଡା ରାସ୍ତା ପ୍ରତି ପ୍ରଶାସନର ନିଘା ନାହିଁ

ଦଶମନ୍ତପୁର, ୪।୮( ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମା ପଞ୍ଚାୟତର ଉକ୍ରିବେଡ଼ା ଗ୍ରାମକୁ ସଂଯୋଗ କରିଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ପିଡବ୍ଲୁଡି ରାସ୍ତାର ମାତ୍ର ୫ କି.ମି. ଦୂରରେ ରହିଛି ଏହି ଗ୍ରାମ। ଏହି ରାସ୍ତା ଉପରେ ୩ ଖଣ୍ଡ ଗ୍ରାମର ଗ୍ରାମବାସୀ ନିର୍ଭର କରନ୍ତି। ପକ୍କାରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ପଞ୍ଚାୟତଠାରୁ ଆରମ୍ଭକରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଧିକାରୀଙ୍କୁ ବାରମ୍ବାର ଜଣାଇ ଆସୁଛନ୍ତି। ମାତ୍ର ଏଥିପ୍ରତି ପ୍ରଶାସନର ନିଘା ନାହିଁ ବୋଲି ଗ୍ରାମର ବିରଞ୍ଚି ବାଘ, ଗୌରାଙ୍ଗ ବାଘ, ଯୋହନ ଭତ୍ରା, କାର୍ତ୍ତିକ ବିଶୋୟୀ, କୈଳାସ କମାର, ପ୍ରଦୀପ ମୁଦୁଲି ପ୍ରମୁଖ ଅଭିଯୋଗ କରିଛନ୍ତି। ଭଲ ରାସ୍ତାଟିଏ ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ ସମସ୍ୟା ବଳିପଡୁଛି। ରାସ୍ତା ଭଲ ନ ଥିବାରୁ ଜରୁରୀ ସମୟରେ ଗ୍ରାମକୁ ଆମ୍ବୁଲାନ୍ସ ଆସିପାରୁନାହିଁ। ଫଳରେ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବାକୁ ହେଲେ ଗ୍ରାମଠାରୁ ୫ କି.ମି. ଗଦଲା ରାସ୍ତା ଛକ ପର୍ଯ୍ୟନ୍ତ ଭାରରେ ବୋହି ନେଇ ସେଠାରୁ ଦଶମନ୍ତପୁର ଡାକ୍ତରଖାନା ନେବାକୁ ପଡୁଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଙ୍କୁ ପଚାରିବାରୁ ସେ କହିଲେ, ଉକ୍ରିବେଡା ଗ୍ରାମକୁ ପକ୍କାରାସ୍ତା ନିର୍ମାଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦେଇଛୁ। ଟଙ୍କା ମଞ୍ଜୁର ହୋଇ ଆସିଲେ ରାସ୍ତା ତିଆରି କରାଯିବ।

## ଲାବରେଟୋରି ଟେକ୍ନିସିଆନଙ୍କ ବିଭିନ୍ନ ଦାବି ନେଇ ଆନ୍ଦୋଳନ




ଆନ୍ଦୋଳନ କରୁଥିବା ଲାବରେଟୋରି ଟେକ୍ନିସିଆନମାନେ।

ମାଲକାନଗିରି,୪।୮(ଡି.ଏନ.ଏ.)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବୁଧବାର ଲାବରେଟୋରି ଟେକ୍ନିସିଆନମାନେ କଳାବ୍ୟାଜ୍ ପରିଧାନ କରିବା ସହ ଧାରଣାରେ ବସିଛନ୍ତି। ୧ରୁ ସେମାନେ କଳାବ୍ୟାଜ ପରିଧାନ କରିଆସୁଥିଲେ। ଏପରି ପ୍ରତିବାଦ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସରକାର ସେମାନଙ୍କ ଚାକିରିରେ ପଦୋନ୍ନତି ବ୍ୟବସ୍ଥା କରିଥିଲେ ମଧ ପଦବୀ ସୃଷ୍ଟି କରୁନାହାନ୍ତି। ଜଣେ ଲାବରେଟୋରି ଟେକନିସିଆନ ଭାବେ କାମ କଲେ ମଧ ବିଭିନ୍ନ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ଦରମା ବୃଦ୍ଧି, ସିନିୟର, ଜୁନିୟର ପଦବୀ ସୃଷ୍ଟି ଭଳି କେତେକ ଦାବି ନେଇ ଜିଲାର ସମସ୍ତ ଲାବରେଟୋରି ଟେକନିସିଆନ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଉଛି।

# ଛାତ୍ରୀଛାତ୍ରଙ୍କୁ ପରେଡ୍ ମନା

କୋରାପୁଟ,୪।୮(ସ୍ୱ.ପ୍ର.)

ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଅବଦାଲ ଏମ୍. ଅଖତାର ଏଥିରେ ଅଧ୍ୟକ୍ଷତା କରିଥିଲେ। କିପରି କୋଭିଡ୍ ଗାଇଡ୍‌ଲାଇନକୁ ମାନି ସ୍ୱାଧୀନତା ଦିବସ ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା । ଚଳିତ ବର୍ଷ କୋଭିଡ୍ ପରିପେକ୍ଷୀରେ କେବଳ ପୋଲିସ ଓ ପାରା ମିଲିଟାରି ଫୋର୍ସମାନେ ଜିଲାସ୍ତରୀୟ ମୁଖ୍ୟ ସମାରୋହରେ ପରେଡ୍ ପରିବେଷଣ କରିବେ। ଛାତ୍ରୀଛାତ୍ରଙ୍କୁ ସାମିଲ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି । ଅନ୍‌ଲାଇନ ଜରିଆରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ସାମିଲ ହୋଇପାରିବେ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ଏହି ଅବସରରେ ଜିଲାର ୮ ଜଣ କୋଭିଡ୍ ଯୋଦ୍ଧା, ଚଳିତ ବର୍ଷ ଦଶମ ଓ ଯୁକ୍ତ ୨ରେ ଭଲ ମାର୍କ ରଖିଥିବା ୪ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ସେହିପରି ଭଲକାର୍ଯ୍ୟ କରିଥିବା ଜିଲାର ଶ୍ରେଷ୍ଠ ଅଙ୍ଗନୱାଡି ଓ ଆଶାକର୍ମୀଙ୍କୁ ମଧ ସମ୍ମାନିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ, କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁର, ଜୟପୁର ଉପଜିଲାପାଳ ହେମକାନ୍ତ ସାଏ, କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ପିଡି ଡିଆର୍‌ଡିଏ ପ୍ରବୀର ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ଏସ୍‌ଡିପିଓ ଗୁଣନିଧି ମଲ୍ଲିକ, ଥାନା ଅଧିକାରୀ ଧୀରେନ ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ଭବାନୀ ଶଙ୍କର କାଲୋ, ଆରଟିଓ ପ୍ରସନ୍ନ ଦାସ, ପୌର ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ, କାରୁ ସୋରେନ୍ ଉପସ୍ଥିତ ଥିଲେ।



ପଲିଥିନ ତଳେ କଳ୍ପନାଙ୍କ ପରିବାର।

## ପଲିଥିନ ତଳେ ବିତୁଛି ପରିବାରର ୬ ଜୀବନ

ଏମ୍‌ଭି ୭୯,୪।୮(ଡି.ଏନ.ଏ.)

ବର୍ଷା ହେଲେ ବାହାର ଭଳି ଘର ଭିତରେ ପାଣି। କାଦୁଅ ସନ୍ତସନ୍ତିଆ ପରିବେଶରେ ପଲିଥିନ ଟଣା ଘରେ ରହି ୬ ଝିଅପୁଅଙ୍କୁ ଧରି ରହିଆସୁଛନ୍ତି ମାଲକାନଗିରି ଜିଲା ତାଣ୍ଡବାଇ ପଞ୍ଚାୟତ ଏମ୍‌ଭି-୯୯ ଗ୍ରାମର ସ୍ୱର୍ଗତ ନିରଞ୍ଜନ ଘରାମୀଙ୍କ ସ୍ତ୍ରୀ କଳ୍ପନା ଘରାମୀ । ପରଘରେ ମୂଲ ଲାଗି ଘରେ ବିଡି ବାନ୍ଧି ପିଲାଛୁଆଙ୍କ ଗୁଜୁରାଣ ମେଣ୍ଟାଉଛନ୍ତି କଳ୍ପନା। ସ୍ୱାମୀ ଥିବା ବେଳେ ଗଢ଼ିଥିବା ମାଟି ଘରେ ସମସ୍ତେ ଚଳୁଥିଲେ। ଏବେ ଘରର କାନ୍ଥରୁ ମାଟି ଖସି ପଡ଼ିଲାଣି। ଗତ କାଳ ବୈଶାଖୀ ପ୍ରଭାବରେ ଘର ଛପର ଉଡ଼ିଯିବାରୁ ପ୍ରଶାସନ ପକ୍ଷରୁ ପଲିଥିନ ମିଳିଥିଲା ତାଙ୍କୁ ଏବେ ସେହି ପଲିଥିନ ପାଲଟିଛି ଭରସା। କଳ୍ପନା ଗତ ୪ ବର୍ଷ ହେଲା ବାସଗୃହଟିଏ ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ କିଛି ସୁଫଳ ମିଳିନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତାଙ୍କୁ ଆବାସ ଯୋଜନାରେ ବାସଗୃହଟିଏ ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

# ପାଣିରେ ପଡୁଛି ପୌର ପରିଷଦର ଅର୍ଥ




ନିର୍ମିତ ଶୌଚାଳୟ ଓ ଭେଣ୍ଡିଂ ଜୋନ ଅବସ୍ଥା।

### କାମରେ ଲାଗୁନି ଶୌଚାଳୟ, ଭେଣ୍ଡିଂ ଜୋନ୍

- ବୁଲା ଗୋରୁ,କୁକୁରଙ୍କ ଆଶ୍ରୟସ୍ଥଳ ପାଲଟିଛି
- ଦ୍ୱିପ୍ରହରରେ ଜୁଆ, ରାତିରେ ଅସାମାଜିକଙ୍କ ଆଡ୍ଡାସ୍ଥଳ
- ଚୋରି ହୋଇଗଲାଣି ଗୋଷ୍ଠୀ ଶୌଚାଳୟ ପାଣିଟାଙ୍କି

ସୁନାବେଡ଼ା,୪।୮(ସ୍ୱ.ପ୍ର.)

ସୁନାବେଡ଼ା ପୌର ପରିଷଦ ପକ୍ଷରୁ ସୁନାବେଡ଼ା ଏଇଏଫ୍ ମାର୍କେଟଠାରୁ ହାଉସିଂ ବୋର୍ଡ ଯିବା ରାସ୍ତାର ବାମ ପାର୍ଶ୍ୱରେ ନିର୍ମିତ ଶୌଚାଳୟ ଏବଂ ରାସ୍ତାର ଡାହାଣ ପାର୍ଶ୍ୱରେ ଉଠାଦୋକାନୀଙ୍କ ପାଇଁ ନିର୍ମିତ ବ୍ୟବସାୟସ୍ଥଳର ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇ ୬/ ୭ ବର୍ଷ ବିତିଗଲାଣି। ମାତ୍ର ଲୋକମାନେ ୬/୭ମାସ ପାଇଁ ମଧ ଏହାକୁ ବ୍ୟବହାର କରିନାହାନ୍ତି। ଶୌଚାଳୟ ପରିସରରେ ଅନାବନା ଗଛ ଉଠି ଜଙ୍ଗଲ ସୃଷ୍ଟି ହେଲାଣି। ପ୍ୟାନ୍‌ରେ ମାଟି ଭର୍ତ୍ତି ହୋଇ ରହିଛି। ପାଣି ବ୍ୟବହାର ଲାଗି ରହିଥିବା ୨ଟି କୁଣ୍ଡରେ ଟ୍ୟାପ୍ ଅଛି ହେଲେ ପାଣି ଆସୁନାହିଁ। କୁଣ୍ଡ ଭିତରେ ଗଛ ଉଠି କୁଣ୍ଡକୁ ଘୋଡାଇ ଦେଲାଣି। ସେହିପରି ଏଇଏଫ୍ ମାର୍କେଟ ରାସ୍ତାକଡ଼ରୁ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ଉଠାଦୋକାନୀଙ୍କ ଲାଗି ପୌର ପରିଷଦ ତିଆରି କରିଥିବା ଭେଣ୍ଡିଂ ଜୋନ୍ ଜରାଜୀର୍ଣ୍ଣ ଅବସ୍ଥାରେ ପଡିଛି। ଏହାର ପାଚେରି ଭାଙ୍ଗିଗଲାଣି। କେହି ଦୁର୍ବୃତ୍ତ ଫାଟକ ଓ ଗ୍ରୀଲ୍ ଚୋରି କରି ନେଇଯାଇଥିବା ଜଣାପଡିଛି। ରହିଥିବା ଷ୍ଟଲଗୁଡିକରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଛି। ଦ୍ୱିପ୍ରହରରେ ଏଠାରେ ଜୁଆ ଅଡ୍ଡା ଜମୁଥିବା ବେଳେ ରାତିରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସୁନାବେଡ଼ା ଏଇଏଫ୍ ମାର୍କେଟ ସହରର ଏକ ପ୍ରମୁଖ ବ୍ୟବସାୟ ସ୍ଥଳ। ସୁନାବେଡ଼ା ସହରବାସୀଙ୍କ ସହ ଆଖପାଖ ଗ୍ରାମବାସୀ ଏହା ଉପରେ ନିର୍ଭର କରିଥାନ୍ତି। ସେହିପରି ସୁନାବେଡ଼ା ୫ ନମ୍ବର ୱାର୍ଡ ଅନ୍ତର୍ଗତ ଗଞ୍ଜାମ କଲୋନିକୁ ଯିବା ରାସ୍ତା ପାର୍ଶ୍ୱରେ ପୌର ପରିଷଦ ପକ୍ଷରୁ ନିର୍ମିତ ୨ଟି ଗୋଷ୍ଠୀ ଶୌଚାଳୟ ଗତ କିଛି ବର୍ଷ ହେଲା ନିର୍ମାଣ ସରିଥିଲେ ମଧ ତାହା ଏଯାଏ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ସେଠାରେ ଘାସଲତା ଉଠି ଜଙ୍ଗଲରେ ପରିଣତ ହେଲାଣି। ଏଠାରେ ଥିବା ୨ଟି ପାଣି ଟ୍ୟାଙ୍କି ଚୋରି ହୋଇଗଲାଣି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କୁ ପଚାରିବାରୁ ସେ କହିଲେ ଯେ, ଶୌଚାଳୟ ମରାମତି କାମ ପିଏଚଡିକୁ ଦିଆଯାଇଛି। ଭେଣ୍ଡିଂ ଜୋନରେ ବସି ବ୍ୟବସାୟୀମାନଙ୍କୁ କୁହାଯାଉଥିଲେ ମଧ ସେମାନେ ସେଠିକୁ ଯାଉ ନ ଥିବା ପ୍ରକାଶ କରିଛନ୍ତି।

# ଲେଖାଲେଖି ମୋ' ପାଇଁ ଆଧ୍ୟାତ୍ମିକ ପ୍ରକ୍ରିୟା

ଆରମ୍ଭରୁ କହିରଖେ ଯେ, ଏଇ ବକ୍ତବ୍ୟରେ କିଛି ନୂଆ କଥା ଉଲ୍ଲେଖ କରୁନାହିଁ। କେତୋଟି ସାହିତ୍ୟ ଏବଂ ସମ୍ବର୍ଦ୍ଧନା ସଭାରେ ଯୋଗ ଦେବାର ସୁଯୋଗ ମିଳିଛି। ସେହି ଅବସରରେ ଜୀବନ, ପୃଥିବୀ ଓ ଈଶ୍ୱରଙ୍କ ସମ୍ପର୍କରେ କହିଥିବା କେତୋଟି ପ୍ରସଙ୍ଗର ପୁନରାବୃତ୍ତି କରୁଛି ମାତ୍ର।

ମୁଁ ସଚେତନ ଯେ ବୟସ ବଢ଼ିବା ସଙ୍ଗେ ସଙ୍ଗେ ଅଭିଜ୍ଞତାର ପରିସର ସମ୍ପ୍ରସାରିତ, ଗଭୀର ଓ ପରିପକ୍ୱ ହେଉଥାଏ। ଏହା ସମ୍ଭବ ହୁଏ ଅଗଣିତ ଉତ୍ସରୁ ନିରବଚ୍ଛିନ୍ନ ଭାବରେ ପ୍ରବାହିତ ହେଉଥିବା ଜ୍ଞାନ ଓ ଅନୁଭବର ଧାରା ଯୋଗୁ। ବଦଳୁଥାଏ ଦୃଷ୍ଟିଭଙ୍ଗୀ ଓ ବିଚାରବୋଧ। ପ୍ରଖର ପ୍ରବୃତ୍ତିର ମାନଦଣ୍ଡରେ ନୁହେଁ; ନୈତିକତା ଓ ମୂଲ୍ୟବୋଧର ତରାଜୁରେ ସମସ୍ତ ପ୍ରସଙ୍ଗର ମୂଲ୍ୟାଙ୍କନ କରିବା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଯାଏ। ମୁଁ ଆଦୌ ଦାବି କରେ ନାହିଁ ଯେ ୧୯୭୦ ମସିହାରେ ମୁଁ ଯେଉଁ ମାନସିକତା ଓ ଦୃଷ୍ଟିଭଙ୍ଗୀ ନେଇ ସୃଜନଶୀଳ ଜୀବନ ଆରମ୍ଭ କରିଥିଲି, ତାହା ଏବେ ପଚାଶ ବର୍ଷ ପରେ ଅବିକଳ ସେଇଭଳି ଅଛି।



ଅବଲୋକନ

ରାମଚନ୍ଦ୍ର ବେହେରା

ନିଜ ପ୍ରତି ପ୍ରତିବାଦ ଓ ବାହ୍ୟ ପୃଥିବୀ ବିରୋଧରେ ଅସହାୟ କ୍ରୋଧ ଏବଂ ପ୍ରତ୍ୟାଖ୍ୟାନ ଥିଲା ସେତେବେଳେ। ଗୋଟେ ଦରମଲା, କ୍ଷତବିକ୍ଷତ କଙ୍କଡ଼ର ସମୁଦ୍ର ଭିତରକୁ ଫେରିଯିବାର ଅସାମର୍ଥ୍ୟ, ପ୍ରତିଫଳନ କରେ ସେତେବେଳର ମୋ ମାନସିକତା। ଶୂନ୍ୟତା, ନିଃସଙ୍ଗତା, ବିଚ୍ଛିନ୍ନତା, ବିଫଳତା ଇତ୍ୟାଦି ପ୍ରଭାବିତ କରିଥିଲା ଦୃଷ୍ଟିଦିଗ୍‌ବଳୟକୁ। ନୀଡ଼ରୁ ଆକସ୍ମିକ ଖସି ପଡ଼ିଥିବା ଅଣ୍ଡାରୁ ବାହାରିଆସେ ଚଢ଼େଇ ଶାବକ। ଚଞ୍ଚୁ ଖୋଲେ ଭୋକର ଇସ୍ତାହାର ଭାବରେ। ବିବ୍ରତ, ଅସହାୟ ମା' ଚଢ଼େଇର ଉପାୟ ନ ଥାଏ ଛୁଆକୁ ରକ୍ଷା କରିବା ପାଇଁ। ପ୍ରକୃତି ମଧ୍ୟରେ ଥିବା ଶକ୍ତି ସହିତ ଅସଂଯତ ଖେଳ ଖେଳିଲେ ପରିଣାମ କ'ଣ ହୁଏ, ତାହାର ପ୍ରତୀକ ଗୋଟେ ବିଶାଳ ସାପ। ସାପୁଆ କେଳାର ଆସ୍ଫାଳନ ପହଞ୍ଚିଯାଏ ବ୍ୟାକୁଳ ଆତ୍ମସମର୍ପଣରେ ଯେତେବେଳେ ସେ ଅନୁଭବ କରେ ଯେ ପ୍ରତିଜ୍ଞାବଦ୍ଧ ଓ ଅନିୟନ୍ତ୍ରିତ ସାପ ତାହାର ଡାହାଣ ହାତକୁ ଗ୍ରାସ କରିବା ପ୍ରକ୍ରିୟା ଜାରି ରଖିଛି।

ମାନବେତର ଚରିତ୍ରମାନଙ୍କୁ ନେଇ ଲେଖିଥିବା ଏ ପ୍ରକାର ଅନେକ ଗଳ୍ପ ପ୍ରତୀକାତ୍ମକ ଭାବରେ ପରିବେଷଣ କରନ୍ତି ଜୀବନ ଓ ପୃଥିବୀ ସମ୍ପର୍କରେ ମୋର ଦାର୍ଶନିକ ଦୃଷ୍ଟିଭଙ୍ଗୀ ଏବଂ ଏ ଦୃଷ୍ଟିଭଙ୍ଗୀ ନକାରାତ୍ମକ, ନୈରାଶ୍ୟଜନକ; ଯଦିଓ ଏହା କେବେହେଲେ ଅପ୍ରାସଙ୍ଗିକ କିମ୍ବା ଭ୍ରମାତ୍ମକ ନୁହେଁ, ବାସ୍ତବ ଅଭିଜ୍ଞତାରୁ ଏହାର ଉଦ୍ଭବ ହୋଇଥିବାରୁ। କିଛି ସମୟ ଲାଗିଲା ଉପଲବ୍ଧି କରିବାକୁ ଯେ ଏଇ ଦୃଷ୍ଟିଭଙ୍ଗୀ ଜୀବନ-ପୃଥିବୀ ସମ୍ପର୍କରେ ସର୍ବଶେଷ ଏବଂ ଏକମାତ୍ର ବିକଳ୍ପ ନୁହେଁ।

ଜୀବନ ଶେଷହୀନ, ଶାଶ୍ୱତ, ରହସ୍ୟମୟ, ଜଟିଳ। ଅମୃତମୟ ମଧ୍ୟ। ଏହା ଅଭିଭୂତ କରେ। ସୃଜନଶୀଳ ଶିଳ୍ପୀ ପାଇଁ ଏହା ଏକ ଅସମାହିତ ଚାଲେଞ୍ଜ୍। କେଉଁ କଥା କହିବ ସେ? କିପରି? କେତେ କହି ପାରିବ ସେ? ତାହାର ଜ୍ଞାନ ଓ ଅବବୋଧକୁ ଅହରହ ସୀମିତ ଓ ଅସମାପ୍ତ ପ୍ରମାଣ କରୁଥିବା ଜୀବନକୁ ସେ କିପରି ଉପସ୍ଥାପନ କରିବ?

ସମୟକ୍ରମେ ମୋର ଆଭ୍ୟନ୍ତରୀଣ ସତ୍ତା କ୍ରମଶଃ ସ୍ଥିରତା ହାସଲ କଲା। ମୋତେ ଦହଗଞ୍ଜ କରୁଥିବା କ୍ରୋଧ ଓ ପ୍ରତିବାଦ ଧିମେଇଗଲା। ମୋର ହୃଦ୍‌ବୋଧ ହେଲା ଯେ, ସମସ୍ତ କଠୋର ଓ ସଚ୍ଚୋଟ ପରିଶ୍ରମ ବିନିମୟରେ ଯାହା ମୁଁ ହାସଲ କଲି ଏବଂ ଯାହା ମୂଳରେ ନୈତିକତା ଓ ମୂଲ୍ୟବୋଧର ସମର୍ଥନ ଅଛି, ତାହା ମୋର। ତାହା ହିଁ ନିର୍ଣ୍ଣୟ କରେ ମୋ ପରିଚିତି। ମୋର ହାତ ପାଆନ୍ତା ବାହାରେ ସବୁବେଳେ ରହିବ ଅଗଣିତ, ଶେଷହୀନ ଜିନିଷ। ସେସବୁ ମୋର ନୁହେଁ। ସେସବୁ ପାଇଁ କେବେହେଲେ ମୋଠାରେ ହାଇଁପାଇଁ ନ ରହୁ; ନାହିଁ, ବାସ୍ତବିକ।

ସମୟକ୍ରମେ ଯେଉଁ ଉପଲବ୍ଧି ବଳବତ୍ତର ଅଛି, ତାହା ହେଲା, ଲେଖାଲେଖି ଜରିଆରେ ମୁଁ ନିଜ ପରିଚିତିର ସମ୍ପ୍ରସାରଣ ପାଇଁ ବ୍ୟାକୁଳ ହେଉନି;

> "ରାମଚନ୍ଦ୍ର ବେହେରାଙ୍କ ଜନ୍ମ ୨ ନଭେମ୍ବର ୧୯୪୫ରେ, କେନ୍ଦୁଝର ଜିଲାର ବର୍ହାଟିପୁରା ଗାଁରେ। ତାଙ୍କର ପ୍ରଥମ ଗଳ୍ପ ସଂକଳନ 'ଦ୍ୱିତୀୟ ଶ୍ମଶାନ' ୧୯୭୬ରେ ପ୍ରକାଶିତ। ଅନ୍ୟ ପ୍ରକାଶିତ କୃତିଗୁଡ଼ିକ ମଧ୍ୟରୁ ପ୍ରମୁଖ କେତୋଟି ହେଲା- 'ଓଁକାର ଧ୍ୱନି', 'ଗୋପପୁର', 'ଦୁଆର ଟପିଲେ ବାଟ' ଓ 'ଅଭିନୟର ପରିଧି'। ଗତ ୨୮ ଜୁଲାଇରେ ତାଙ୍କୁ ମିଳିଛି 'ଓଡ଼ିଶା ସାହିତ୍ୟ ଏକାଡେମୀ'ର ସର୍ବୋଚ୍ଚ ସାରସ୍ୱତ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର'।

ଯଦିଓ ମନୁଷ୍ୟ ଜାଣତରେ- ଅଜାଣତରେ ନିଜ ମରଣଶୀଳତାକୁ ଅତିକ୍ରମ କରିବାକୁ ପ୍ରଲୁବ୍ଧ ହେଉଥାଏ। ଏବେ ମୁଁ ଅନୁଭବ କରେ ଯେ ଲେଖାଲେଖି ମୋ' ପାଇଁ ଆଧ୍ୟାତ୍ମିକ ପ୍ରକ୍ରିୟା। ଏହା ଜରିଆରେ ହାସଲ କରିହୁଏ ନିର୍ମଳ ଆନନ୍ଦ। ଯେଉଁ ଉତ୍ତରିତ ଚେତନା ଅନୁପ୍ରାଣିତ କରେ କାଗଜକଲମ ଧରିବା ପାଇଁ, ଯେଉଁ ଅନ୍ତର୍ଦୃଷ୍ଟି ସମର୍ଥ କରେ ସାଧାରଣ ଭିତରେ ଅସାଧାରଣ ଚିହ୍ନଟ କରିବା ପାଇଁ, ଯାହା ସହାୟତାରେ ସୃଷ୍ଟିର ଚିରନ୍ତନ ଧାରା ବୁଝି ମୁଗ୍ଧ-ବିଭୋର ହେବା ସମ୍ଭବ, ତାହା ଏକାନ୍ତ ଭାବେ ଦିବ୍ୟ ଓ ସ୍ୱର୍ଗୀୟ। ଏବେ ମୁଁ ବୁଝୁଛି, ଏଇ ଉପଲବ୍ଧି ପାଇଁ ବିଗତ ପଚାଶ ବର୍ଷର ସର୍ତ୍ତହୀନ ସାଧନା।

ଆପାତତଃ ମରିଯାଇଥିବା କଦଳୀ ଗଛ ମୂଳରୁ ମୁଣ୍ଡ ଟେକିପାରେ ପୁଆ ଗୋଟେ ସବୁଜ ମଶାଲ ଭଳି, ମୃତ୍ୟୁକୁ ଭ୍ରୂକ୍ଷେପ ନ କରି ଏବଂ ଚିରନ୍ତନ ଜୀବନ ପ୍ରବାହକୁ ପ୍ରମାଣ କରି। ଯେତେବେଳେ ଗୋଟେ ନାରୀ ଛାତିର ଲୁଗା ଅପସାରଣ କରି ସ୍ତନ ଜାକିଧରେ ସଦ୍ୟ ଜନ୍ମିତ ଶିଶୁର ଓଠରେ, ସେତେବେଳେ ତା'ର ମନେ ନ ଥାଏ ଯେ ଶିଶୁର ମା' ତା'ର ଶତ୍ରୁ ଥିଲା। ଧର୍ଷଣ ଅଭିଯୋଗ ଆସିଥିବା ପୁଅକୁ ଗିରଫ କରାଇବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ମା'କୁ ଆମେ ଅନନ୍ୟ ବିବେଚନା କରୁ। ଏୟାରପୋର୍ଟରେ କଫି ବିକୁଥିବା ଅପରିଚିତ ଝିଅକୁ ଶ୍ରଦ୍ଧାରେ ମା' ସମ୍ବୋଧନ କରିବା ମାତ୍ରେ ଏ ପୃଥିବୀ ରୁକ୍ଷତା ହରାଇ କୋମଳ ଓ ଆଶ୍ୱାସନାପୂର୍ଣ୍ଣ ହୋଇଯାଏ ତା' ପାଇଁ।

ଏଭଳି ଚରିତ୍ର ଓ ପରିସ୍ଥିତି ଆମ୍ଭମାନଙ୍କ ସାମନାରେ ସବୁଠାରେ, ସବୁବେଳେ। ଏହି ସାମର୍ଥ୍ୟ -ଅସାମର୍ଥ୍ୟ, ଆଲୋକ-ଅନ୍ଧକାର, ସ୍ୱର୍ଗ-ନରକ ବିଭୋରପଣ-ଦୀର୍ଘଶ୍ୱାସର ଚିରନ୍ତନ ବିବିଧତା ଆମ ଚାରିପାଖରେ। ହାରିଯାଉଥିବା ମଣିଷର ଯନ୍ତ୍ରଣା, ମୋର ଯନ୍ତ୍ରଣା। ବାର୍ଦ୍ଧକ୍ୟ ଭତ୍ତା ମିଳିବା ଆଶା ନେଇ ଏଠାରୁ ସେଠାକୁ ଧାଉଁଥିବା ଲୋକର ପୀଡ଼ା, ମୋର ପୀଡ଼ା। ମାଛ ଲାଞ୍ଚ ଦେଲେ ଯାଇ ମିଳିବ ପୋଷ୍ଟମର୍ଟମ୍ ରିପୋର୍ଟ। ମାଛ କିଣିବା ପାଇଁ ସେ ଲୋକ ଯେଉଁ ଆଞ୍ଜୁଳା ଆପଣଙ୍କ ଆଗରେ ପାତେ, ସୁଧୀବୃନ୍ଦ, ସେ ଆଞ୍ଜୁଳା ମୋର। ଏ ଚରିତ୍ରମାନଙ୍କ ସହିତ ମୁଁ ଛଟପଟ ହୁଏ। ସେମାନଙ୍କ ଆନନ୍ଦରେ ବିହ୍ୱଳ ବି ହୁଏ। ଏହା ସମ୍ଭବ ହୁଏ ଏଇଥିପାଇଁ ଯେ ଲେଖିବାବେଳେ ମୁଁ ନ ଥାଏ ନିଜ ପରିଚିତି ନେଇ। ମୁଁ ପରିଣତ ହୋଇଯାଏ ମୁଁ ଉପସ୍ଥାପନ କରୁଥିବା ଚରିତ୍ରରେ।

ମୋର ଲେଖାଲେଖି କରିବାର ଏହା ଆଉ ଏକ କାରଣ ବୋଲି ଭାବେ। ମୁଁ ଯାହା ନୁହେଁ, କିନ୍ତୁ ଅନ୍ୟମାନଙ୍କଠାରେ ରହିଥିବା ସେପରି ଉପାଦାନକୁ ଶ୍ରଦ୍ଧା-ସମ୍ମାନ କରେ, ତାହା ପରିସରଭୁକ୍ତ ହୁଏ ମୋ ଲେଖାରେ। ବସ୍ତୁତଃ ବରଫ ପ୍ରବାହିତ ହେଉଥିବା ସୁଅ ଭିତରକୁ ଲମ୍ଫ ପ୍ରଦାନ କରିଥିବା ସେଇ ଦୁଇଜଣ ବାଳିକା। ଉଦ୍ଦେଶ୍ୟ- ଡଙ୍ଗା ଓଲଟି ପଡ଼ିବାରୁ ଅନ୍ଧକାର ସତ୍ତ୍ୱେ ଯାତ୍ରୀମାନଙ୍କୁ ରକ୍ଷା କରିବାର ଦୁଃସାହସ। ଅନଭିଜ୍ଞତା, ଅନ୍ଧକାର ଓ ନିଃସଙ୍ଗତା ସତ୍ତ୍ୱେ, ଅସୁସ୍ଥ ପିଲାର ଚିକିତ୍ସା ପାଇଁ ନଈ ନାମକ ପ୍ରତିବନ୍ଧକକୁ ଅତିକ୍ରମ କରେ ଲୋକଜଣକ। ପୁନରାବୃତ୍ତି କରୁଛି ଯେ ସର୍ଜନଶୀଳ ଜୀବନ ହିଁ ମୋର ଆଧ୍ୟାତ୍ମିକ ଓ ଆବେଗଗତ ପରିପୂର୍ଣ୍ଣତା। ତାହା ମୋର ଦିବ୍ୟ ଅବଲମ୍ବନ।

ଆମ ଧର୍ମୀୟ, ଆଧ୍ୟାତ୍ମିକ ଜୀବନର ମହାନ ମନ୍ତ୍ର, ଅପୂର୍ବ କବିତ୍ୱ ଓ ବୌଦ୍ଧିକତାର ସମନ୍ୱୟ, ଓଡ଼ିଆ ଭାଷା ବିଭବର ଅତୁଳନୀୟ ଗନ୍ତାଘର, ଓଡ଼ିଆ ଭାଗବତକୁ ମୋର ଭୂମିଷ୍ଠ ପ୍ରଣାମ। ଭୂମିଷ୍ଠ ପ୍ରଣାମ ରଚୟିତା ସନ୍ଥ ଅତିବଡ଼ୀଙ୍କୁ। ତାଙ୍କ ନାମରେ ପ୍ରଚଳିତ ଏଇ ସମ୍ମାନ ଗ୍ରହଣ କରୁଛି ନମ୍ରତାର ସହିତ। ମହାପ୍ରଭୁ ସମସ୍ତ ସଙ୍କଟରୁ ଜଗତକୁ ଉଦ୍ଧାର କରନ୍ତୁ। ଆପଣମାନଙ୍କର ଏଇ ପ୍ରାର୍ଥନା ସହିତ ମୁଁ ନିଜକୁ ସାମିଲ କରୁଛି।

*('ଓଡ଼ିଶା ସାହିତ୍ୟ ଏକାଡେମୀ' ପକ୍ଷରୁ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ଗ୍ରହଣକାଳୀନ ବକ୍ତବ୍ୟ।)*

## ପୁସ୍ତକ ପରିଚୟ

### ପୁନଶ୍ଚ ସାଲବେଗ




**କବି:** ଡ. ହୁସେନ୍ ରବିଗାନ୍ଧୀ
**ପ୍ରକାଶକ:** ଦକ୍ଷ ବୁକ୍‌ସ, ଭୁବନେଶ୍ୱର
**ଦ୍ୱିତୀୟ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ. ୨୦୦/-

'ସାଲବେଗ'ଙ୍କୁ ନେଇ ୧୪ଟି ଓ ଅନ୍ୟ ପ୍ରସଙ୍ଗଙ୍କୁ ନେଇ ୪୫ଟି ଏପରି ମୋଟ ୫୯ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। ଗ୍ରନ୍ଥାରମ୍ଭରେ ଥିବା ଗଦ୍ୟଲେଖରେ କବି ଲେଖିଛନ୍ତି: ''ମୋ କାବ୍ୟନାୟକ ସାଲବେଗ ଏକବିଂଶରେ ପୁଣି ଧରାବତରଣ କରିଛି, କିନ୍ତୁ ଭିନ୍ନ ଅବତାର ଧାରଣ କରି। ସେ ଭିନ୍ନ ଅବତାରଟି ହେଉଛି ଜଣେ ସାଧାରଣ ମଣିଷର, ଯିଏ ଆଉ ଜଣେ ସାଧାରଣ ମଣିଷକୁ ହୃଦୟର ଅଭ୍ୟନ୍ତରରୁ ଭଲପାଉଛି। x x ତା'ର ଭକ୍ତିଭାବ ଏକ ଅଦେଖା ଈଶ୍ୱରଙ୍କଠାରୁ ଅଧିକ ପୀଡ଼ିତ ମଣିଷଙ୍କ ପାଇଁ, ସେ ଈଶ୍ୱରଙ୍କୁ ନଶ୍ୱର ଓ ପରେ ସାଧାରଣ ମଣିଷଙ୍କୁ ଅବିନଶ୍ୱର ଭାବେ ଗ୍ରହଣ କରିନେଇଛି।'' 'ସାଲବେଗ-୧'ରେ ହୁସେନ୍ କହନ୍ତି: ''ଅକ୍ଷରର ବି ଜାତି ଅଛି/ଧର୍ମ ଅଛି, ଅଛି ସମ୍ପ୍ରଦାୟ। ପତିତ ସାଲବେଗ !/ଏତେ ଧୃଷ୍ଟତା କଳାଅକ୍ଷରର/ଅଧିକାରୀମାନଙ୍କ ସହ ସମ ଆସନରେ /ଆସୀନ ହେବା ପାଇଁ?'' କେବଳ ଶ୍ରୀମନ୍ଦିର ନୁହେଁ, ସାରସ୍ୱତ-ମନ୍ଦିରକୁ ବି ପ୍ରବେଶର ଅଧିକାର ମିଳେ ନାହିଁ ସାଲବେଗର, ସାଲବେଗମାନଙ୍କର। ଏହି ରକ୍ତକ୍ଷରା ଅନୁଭୂତି 'ସାଲବେଗ'ର ୧୪ଟିଯାକ ଭାଗରେ ମୂର୍ତ୍ତିମନ୍ତ। 'ସାଲବେଗ' ବ୍ୟତିରେକ ଅନ୍ୟ କବିତାଗୁଡ଼ିକରେ ବି ଜୀବନ ଓ ସମାଜର ପ୍ରତିଛବି ଏକ ଅଭିନବ ଆବେଗମୟତାରେ ସଜଳ ହୋଇଉଠିଛି। ନିଜର ଜନ୍ମିତ ଜିଲା ଯାଜପୁରକୁ ନେଇ ଲିଖିତ 'ଯାଜପୁର' ଶୀର୍ଷକ କବିତାଟିରୁ ପଂକ୍ତିଟିଏ ଉଦ୍ଧାର କରୁଛି, ଯାହା ସାକ୍ଷୀ ସଦୃଶ କବିଙ୍କ ଅଭିନବ ଅଭିବ୍ୟକ୍ତିର: ''ଯୋଗିନୀ/ଓ ଚାମୁଣ୍ଡାମାନେ ଦୀର୍ଘଶ୍ୱାସ ନେଇ/ଅନ୍ତର୍ଦ୍ଧାନ କେଉଁ ଯୁଗରୁ/ ମନୁଷ୍ୟତା ସହ।/ଦଶାଶ୍ୱମେଧ ଘାଟ ଖାଲି/ସ୍ମୃତିଚିହ୍ନଟିଏ ବୈତରଣୀ ପାବନ ତଟରେ'' (ପୃ-୧୦୫)। ବହିଟି ପାଠକୀୟ ଆଦୃତି ପାଇବ ବୋଲି ଆଶା।

### ଭୂତି ଭକ୍ତି ବିଭୂତି




**ଲେଖକ:** ବୈଷ୍ଣବ ଚରଣ ସାମଲ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ. ୩୫୦/-

ମୋଟ ୩୨ଟି ନିବନ୍ଧରେ ଋଦ୍ଧିମନ୍ତ ଏ ବହିଟି, ଯହିଁରେ କତିପୟ ନିବନ୍ଧ ଧର୍ମ ଓ ସଂସ୍କୃତି ସମ୍ବନ୍ଧୀୟ ଏବଂ ଆଉ କେତେକ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ ସମ୍ବନ୍ଧୀୟ। ଆଧ୍ୟାତ୍ମିକତାର ପ୍ରେକ୍ଷାପଟରେ ଓଡ଼ିଆ କାବ୍ୟ ସାହିତ୍ୟ, କବିସୂର୍ଯ୍ୟଙ୍କ କବିତ୍ୱରେ ଶ୍ରୀଜଗନ୍ନାଥଙ୍କ ଗୌରବ ଓ ଗରିମା, କୃଷ୍ଣଲୀଳା, ଶ୍ରୀଚୈତନ୍ୟ ଚରିତାମୃତରେ ଶ୍ରୀଜଗନ୍ନାଥ ଓ ରଥଯାତ୍ରା, ଶ୍ରୀମଦ୍ ଭାଗବତରେ କର୍ମ, ଜ୍ଞାନ ଓ ଭକ୍ତି, ଗୀତାରେ ସ୍ୱଧର୍ମ, ଭାଗବତରେ ସାମାଜିକ ଚେତନା, 'ମଥୁରା ମଙ୍ଗଳ' କାବ୍ୟରେ ସାଧ ସାଧନାତତ୍ତ୍ୱ, ସାରଳା ମଣ୍ଡଳର ସାଂସ୍କୃତିକ ପରମ୍ପରା, ସାମାଜିକ ସାଂସ୍କୃତିକ ଓ ଧାର୍ମିକ ପରମ୍ପରାରେ ଓଡ଼ିଆ ସନ୍ଥ ସାହିତ୍ୟର ବୈପ୍ଳବିକ ଭୂମିକା, ଶ୍ରୀମଦ୍ ଭାଗବତରେ ଅକ୍ରୂର, ବାସ୍ତବତା ଓ ସାମାଜିକତା ପରିପ୍ରେକ୍ଷାରେ 'ମାଳିକା', ସାମାଜିକ ଓ ଆଧ୍ୟାତ୍ମିକ ପରିପ୍ରେକ୍ଷାରେ ଭୀମଭୋଇଙ୍କ ବ୍ୟକ୍ତିତ୍ୱ ଓ ଜଗତଦୃଷ୍ଟି ଆଦି ଆଲୋଚନା ତତ୍ତ୍ୱନିଷ୍ଠ ଓ ନାନା ଦୃଷ୍ଟିରୁ ଦିଶାଦର୍ଶୀ ହୋଇପାରିଛି। ''ବିନୀତ ନିବେଦନ'' ଶୀର୍ଷକ ଆଦ୍ୟଲେଖରେ ସାମଲ ଲେଖିଛନ୍ତି: ''ଆଧ୍ୟାତ୍ମିକତା ଓ ଭକ୍ତି ଭାବନା, ଯାହା ମାଟିର ବାସ୍ନାରେ ବାସ୍ନାୟିତ ଓ ମଣିଷର ଉତ୍ତରଣ ପ୍ରୟାସୀ, ତାହା ହିଁ ଓଡ଼ିଆ ସାହିତ୍ୟର ଆତ୍ମା। ତାହା ହିଁ ତା'ର ଭୂତି ଓ ବିଭୂତି। ତାହା ହିଁ ତା'ର ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ।'' ନିବନ୍ଧ ଗ୍ରନ୍ଥଟି ବ୍ୟକ୍ତି-ପାଠକ, ଗବେଷକ ଓ ପାଠାଗାର ପାଇଁ ଉପଯୋଗୀ ସାବ୍ୟସ୍ତ ହେବ।

## କବିତା

### ପ୍ରଦୋଷର ବର୍ଷା

ଅଚ୍ୟୁତାନନ୍ଦ ଉଦ୍‌ଗାତା

ମେଘର ପଣତ ଘୋଡ଼ି
ଆକାଶଟା ନିଶ୍ଚିନ୍ତରେ ଘୁଙ୍ଗୁଡ଼ି ମାରୁଛି
ଚାରିଦିଗେ ବିଞ୍ଚିଦେଇ କାଲୁଆ ପବନ
ଧରଣୀର ବୁକୁ ପରେ
ବିନ୍ଦୁବିନ୍ଦୁ ବରଷାର ନିକ୍ୱଣ ଝରାଇ।

ଏ ସହରର ରାସ୍ତାଟା ତ ନିହାତି ନିର୍ଲଜ
ଲଙ୍ଗଳା ହୋଇ ଶୋଇଛି ତନୁକୁ ଭିଜାଇ।
ଅନେକ ଅକୁହା କଥା ଆଖିର ଡୋଳାରେ
ଅଯଥାରେ ବାଟ ଚାହିଁଥାଏ
ତମ ଫେରିବାର ଶବ୍ଦ ଶୁଣିବାକୁ।
ନିରର୍ଥକ ସବୁ କିଛି!
ବରଷା ତ ଧୋଉଅଛି ଧୂଳିସବୁ
ପାଦପର ଗହଳ ପତ୍ରରୁ
ଅସହାୟ ପକ୍ଷୀସବୁ ଉଙ୍କିମାରୁଛନ୍ତି
ନୀଡ଼ ଉହାଡ଼ରୁ
ଦିବସଟା ବୁଢ଼ା ହୋଇ
ଅନ୍ଧାରକୁ ସାଉଁଟି ଆଣୁଛି କ୍ରମେ
ଗୋଟାପଣେ ମୋ' ମନକୁ ଗିଳିଦେଇ-
ଆସୁଅଛ ତମେ ଖାଲି ଆଖିର ଡୋଳାରେ।

ସତକି ସପନ ମୁଁ ତ ଜାଣିପାରେ ନାହିଁ
ମତେ ଲାଗେ ତମରି ପରଶ ଖେଳେ
ମୋ' ଦେହକୁ ଶିହରାଇ
ପ୍ରଦୋଷର ନିଭୃତ ବେଳାରେ।

କ୍ଲବପଡ଼ା, ବଲାଙ୍ଗୀର

### ଆସ, ହାତ ବଢ଼ାଅ !

ଡା. ମନୋରଞ୍ଜନ ଦାଶ

ସୁଖ ପାଇବାକୁ ହେଲେ ସୁଖ ବାଣ୍ଟିବାକୁ ପଡ଼େ
ଯେଉଁଠି ଦୁଃଖ, ସେଇଠି ଅଛି ସୁଖ।
ଯେଉଁଠି ପ୍ରତାରଣା, ସେଇଠି ଅଛି ପ୍ରେମ
ପାରୁଚ ତ ପ୍ରେମ ବାଣ୍ଟି ଉଣ୍ଡାଳ ଅତୀତକୁ।।

ଏଇ ଯେମିତି ପିଲାବେଳେ ଗାଁ ଦାଣ୍ଡରେ
କବାଡ଼ି ଓ ବୋହୂଚୋରି ଖେଳ,
କାଗଜଡଙ୍ଗା ଭସାଇବାର ଲଗ୍ନ
ବାପାଙ୍କଠୁଁ ଦୁଷ୍ଟାମି ପାଇଁ ଗାଳି ଫଜିତ୍।
ପିଲାବେଳେ ଗୁଣ୍ଡା କରି ବୋଉ ଭାତ ଖୋଇବା ।।

ମାନୁଚି ମୁଁ ଏସବୁ ଅତୀତ
ତଥାପି ରୋମନ୍ଥନ କରିବାକୁ ହେବ, ବାରବାର
ଆସ ବନ୍ଧୁ! ହୃଦୟକୁ ହୃଦୟ ସଙ୍ଗେ ମିଶେଇବା ।।

ହଁ ଯେଉଁଠି ଈର୍ଷା, ସେଇଠି ମଙ୍ଗଳ।
ଯେଉଁଠି ସଂଘର୍ଷ, ସେଇଠି ଜୀବନ।
ଯେଉଁଠି ପାପ, ସେଇଠି ପୁଣ୍ୟ।
ଯେଉଁଠି ହାରିବା,
ସେଇଠି ହିଁ ରହିଚି ଜିତିବାପଣ।
ଆସ ହାତ ବଢ଼ାଅ ! ଲୁହ ଓ କୋହକୁ ଚାପି
ହସିବା, ହସେଇବା ।।

ମୋ: ୯୪୩୭୩୧୭୭୨୨

### ରଙ୍ଗ ତମ ଶବ୍ଦ ହୁଏ...

ଅୟସ୍କାନ୍ତ

ବୟସର କୃଷ୍ଣଚୂଡ଼ା
ରଙ୍ଗ ତମ ଶବ୍ଦ ହୁଏ !
ହୃଦୟର ଶବ୍ଦ ସବୁ
ଅକାରଣେ ଧକ୍କା ଖାଏ।

ମାଗିଥିଲି ଫୁଲଟିଏ
ପିନ୍ଧାଅ ବଗିଚା,
ଦିଅ କହେ ରଙ୍ଗ ଟିକେ
ବୁଣ ସ୍ୱପ୍ନର ଗାଲିଚା !
ତର୍କ କରିନି ଜମା ଅର୍କ ତମେ ପିଅ,
ମଧୁପର୍କ ସମ୍ପର୍କ ତୋ ମୋ' ସଲାମ ନିଅ।

ଅନୁପମା, ପ୍ରିୟତମା, ରାଜଜେମା କହି...
ତମକୁ ତ ସାକୁଲେଇ କିଛି କହୁନାହିଁ।
ଏ' ଜନମ ପାଇଁ ତମେ ମୋ' ପ୍ରେମପକ୍ଷୀ
ମାଟି, ସୂର୍ଯ୍ୟ, ଚନ୍ଦ୍ର, ତାରା ସବୁ ପରା ସାକ୍ଷୀ।

ତମ ରୋଗ ପ୍ରିୟ ରୋଗ
ତମ ଭୋଗ ପ୍ରିୟ ଭୋଗ
ତମ ଚୁମା ମିଠା ବୋମା
ଧନ୍ୟବାଦ ନିଅ।

ଜାଣେନା ମୁଁ କାହିଁପାଇଁ
ତମଠାରେ ମରିଥାଏ
ଜିଇ ବି ଥାଏ... !
ବୟସର କୃଷ୍ଣଚୂଡ଼ା...

ମୋ: ୮୭୬୩୩୯୩୧୧୬

## ଅଣୁଗଳ୍ପ

### ସାପ

କରୁଣାକର ବେହୁରିଆ

ବହୁଲୋକ ଏକତ୍ରିତ ହୋଇ ମୁଖ୍ୟରାସ୍ତାଠୁଁ ଅଳ୍ପଦୂରରେ ଏକ ପରିତ୍ୟକ୍ତ ଘରେ ପଡ଼ିଥିବା ଝିଅଟିର ଅର୍ଦ୍ଧଉଲଗ୍ନ ଶବକୁ ଦେଖୁଥିଲେ। ଶବଟି କଳା ପଡ଼ିଆସିଥିଲା। ତା'ର ବକ୍ଷୋଜ ଓ ଯୌନାଙ୍ଗରୁ ରକ୍ତ ଝରି ଶୁଖିଯାଇଥିଲା। ତା' ମୁହଁରେ ମନ୍ଦାମନ୍ଦା ଜନ୍ଦା ପିମ୍ପୁଡ଼ି ଚାଲୁଥିଲେ। ଜଣେ ପ୍ରଭାବଶାଳୀ ଓ ପଦସ୍ଥ ସରକାରୀ କର୍ମଚାରୀଙ୍କ ଘରେ ଅଳ୍ପଦିନ ପୂର୍ବରୁ ଚାକରାଣୀ ଭାବେ କାମରେ ଯୋଗଦେଇଥିବା ନାବାଳିକା ଝିଅଟିର ଗରିବ ମା'ବାପା ବିକଳରେ ଶବ ନିକଟରେ କ୍ରନ୍ଦନ କରୁଥିଲେ। ଲୋକମାନଙ୍କର ଦାବି ''ଏହା ଏକ ହତ୍ୟାକାଣ୍ଡ, ଦୋଷୀକୁ ଧରି ଉପଯୁକ୍ତ ଦଣ୍ଡ ଦିଆଯାଉ।''

ପୋଲିସ ଗାଡ଼ି ଆସି ପହଞ୍ଚିଲା। କିଛି ପରୀକ୍ଷାନିରୀକ୍ଷା ପରେ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଗଲା ଶବଟିକୁ।

ଦିନକ ପରେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା। ଝିଅଟି ସାପକାମୁଡ଼ାରେ ମରିଛି। ସାପଟା ହୁଏତ ବହୁତ ବଡ଼ଥିଲା। କାମୁଡ଼ିବା ପୂର୍ବରୁ ତା' ଦେହରେ ଗୁଡ଼ାଇ ହୋଇ ଭିଡ଼ି ଦେଇଥିବା ହେତୁ ତା'ର ସବୁ ହାଡ଼ ଭାଙ୍ଗିଯାଇଛି। ଏଣୁ ମାଂସପେଶୀ ସ୍ଥାନେସ୍ଥାନେ ଫାଟିଯାଇ ରକ୍ତ ବାହାରିପଡ଼ିଛି।

ରିପୋର୍ଟ ପାଇଁ ଅପେକ୍ଷା କରିଥିବା ଝିଅଟିର ମା'ବାପା ନିରାଶ ହୋଇ କାନ୍ଦିକାନ୍ଦି ଫେରିଲେ। ଡାକ୍ତରବାବୁ ଓ ପୋଲିସ ପକେଟରେ ହାତମାରି ହସିହସି ନିଜନିଜ ସ୍ଥାନକୁ ଫେରିଲେ।

ମୋ: ୮୮୯୫୪୦୩୧୨୩

## କାଳକାଳକୁ

''କାହାକୁ ଉତ୍ତରଦେବା କି କାରଣ ଦର୍ଶାଇବା ଜରୁରୀ ନୁହେଁ, ଜରୁରୀ ନିଜ କାମ କରିଯିବା ଓ କରୁକରୁ ମରିଯିବା ।''
– ଲର୍ଡ ଆଲ୍‌ଫ୍ରେଡ୍ ଟେନିସନ୍



**ଲର୍ଡ ଆଲ୍‌ଫ୍ରେଡ୍ ଟେନିସନ୍‌ଙ୍କ** ଜନ୍ମ ୬ ଅଗଷ୍ଟ ୧୮୦୯ରେ ଓ ପରଲୋକ ୬ ଅକ୍ଟୋବର ୧୮୯୨ରେ। ଏହି ଲୋକପ୍ରିୟ ଇଂଲିଶ୍ କବିଙ୍କର ପ୍ରଥମ ଏକକ କବିତା ସଂକଳନ 'ପୋଏମ୍‌ସ ଚିଫ୍‌ଲି ଲିରିକାଲ୍' ପ୍ରକାଶ ପାଇଥିଲା ୧୮୩୦ରେ, ଯେଉଁଥିରେ ସ୍ଥାନିତ ତାଙ୍କର ଦୁଇଟି ପ୍ରସିଦ୍ଧ କବିତା 'କ୍ଲାରିବେଲ୍' ଓ 'ମାରିଆନା'। ୧୮୨୯ରେ ସେ ପାଇଥିଲେ କେମ୍ବ୍ରିଜର 'ଚାନ୍‌ସେଲର୍ସ ଗୋଲ୍ଡ ମେଡାଲ'। କେତେକ ସମାଲୋଚକ ତାଙ୍କ କବିତାକୁ ମାତ୍ରାଧିକ ଆବେଗପ୍ରବଣ ବୋଲି ଖୁଣିଥିଲେ ବି ସେ ଥିଲେ ତାଙ୍କ ସମୟର ଅନ୍ୟତମ ଲୋକପ୍ରିୟ କବି, ଯେ କି ନିଜ ସମକାଳ ଓ ପରବର୍ତ୍ତୀ କାଳର ବହୁ କବିଙ୍କୁ ପ୍ରଭାବିତ କରିପାରିଥିଲେ।

## ଦାମ୍ପତ୍ୟ ପ୍ରେମରେ ସୁଯୋଗ

ରାଧାଶ୍ୟାମ ରାଉଳ

ରମ୍ୟ ରଚନା

କଥା ପ୍ରସଙ୍ଗରେ ବିନ୍ଦୁବିସର୍ଗ ବାବୁ ଦ୍ୱୈତାରି ବାବୁଙ୍କୁ କହିଲେ, 'ଜାଣିଛନ୍ତି ତ ବନ୍ଧୁ, ପ୍ରେମ ଅନ୍ଧ ବୋଲି?' ସ୍ମିତ ହସି ଦ୍ୱୈତାରି ବାବୁ କହିଲେ, 'ଜାଣିଛି ଯେ, ହେଲେ ହଠାତ୍ ଏବେ ଏ ଚିନ୍ତା ଆପଣଙ୍କ ମୁଣ୍ଡକୁ ଢୁକିଲା କିଆଁ?'

କିଛି ମାତ୍ରାରେ ଗମ୍ଭୀର ହୋଇ ଯାଇ ବିନ୍ଦୁବିସର୍ଗ ବାବୁ କହିଲେ, ''ପ୍ରଥମ ଦେଖାରେ ମୌସୁମୀର ସୁନ୍ଦର ମୁହଁ, ଖିଲିଖିଲି ହସ, ମଖମଲି ଶରୀର, ମାର୍ଜିତ ବ୍ୟବହାର ଆଉ ସୁଲଳିତ କଣ୍ଠସ୍ୱରରେ ମୁଗ୍ଧ ହୋଇ ମୁଁ ତାକୁ ବାହା ହେଇଗଲି ସିନା, ହେଲେ ଏବେ ମୁଁ ଫୁଲ୍ ନାମ ନେଉଛି ଯେ! ସଦାବେଳେ ମୋ' ଉପରେ ସେ ଆହତା ସର୍ପିଣୀ ପରି ଫଁ ଫଁ ହେଉଛି! ଘାଇଲା ବାଘୁଣୀ ପରି ବି ଗର୍ଜନ ତର୍ଜନ କରୁଛି! ତା'ର ସୁନ୍ଦର ମୁହଁଟି ମୋତେ ଏବେ ଭାରି ଭୟଙ୍କର ଲାଗୁଛି। ଆଉ କ'ଣ ସେ ମୋ' ସାଥିରେ ହସୁଛି ନା ମନ ଖୋଲି ମିଶୁଛି? କେତେବେଳେ କେମିତି ହସିଲେ ସେ ହସରେ ଛଳନା ଭର୍ତ୍ତି, କେତେବେଳେ କେମିତି ମିଶିଲେ ସେ ମିଶାରେ ସୁଖ ସ୍ୱର୍ଶ ନାସ୍ତି! କୁଢ଼କୁଢ଼ ଦୁଃଖ, ଅବସୋସ ଆଉ ଯନ୍ତ୍ରଣା ଭିତରେ ଏବେ ମୋତେ ବଞ୍ଚିବାକୁ ପଡୁଛି। ତା'ର ଚାଲିଚଳନ ଆଚାର ବ୍ୟବହାର; ସବୁ ମୋତେ ଏବେ ଉଗ୍ରବାଦ ଭଳି ଲାଗୁଛି।''

ଅତ୍ୟନ୍ତ ସହଜ ଭଙ୍ଗୀରେ ଦ୍ୱୈତାରି ବାବୁ ପ୍ରଶ୍ନ କଲେ, ''ଆଚ୍ଛା, ଆପଣଙ୍କର ଦାମ୍ପତ୍ୟ ଜୀବନକୁ କେତେ ବର୍ଷ ବିତିଲା, ଶୁଣେ?''

- ମାତ୍ର ଦଶ ବର୍ଷ
- ପିଲାପିଲି?
- ଗୋଟିଏ ଝିଅ, ଗୋଟିଏ ପୁଅ।
- ଓଃ ମାଇଁ ଗଡ୍! ତେବେ ତ ଏ ଦଶା ଆପଣଙ୍କୁ ଆଉରି କୋଡ଼ିଏ ବର୍ଷ ଭୋଗିବାକୁ ଅଛି।
- କାହିଁକି?
- କାହିଁକି ନା, ଦାମ୍ପତ୍ୟ ପ୍ରେମରେ ମୁଖ୍ୟତଃ ଦୁଇଟି ସତସତିକା ସୁଯୋଗ ସୃଷ୍ଟି ହୋଇଥାଏ।

ପ୍ରଥମ ସୁଯୋଗର ଭୋଗକାଳ ଖୁବ୍ ବେଶିରେ ପାଞ୍ଚ ବର୍ଷ। ବାହାଘର ଦିନଠାରୁ ଆରମ୍ଭ ହୋଇଥାଏ ଏ ସୁଯୋଗ। ମୋଟ ଉପରେ, ଯେ ଯାଏଁ ପତିପତ୍ନୀଙ୍କୁ ପିତାମାତା ହେବାର ସୁଯୋଗ ମିଳି ନ ଥାଏ, ସେଯାଏଁ ଏ ପ୍ରଥମ ସୁଯୋଗ ବଳବତ୍ତର ରହିଥାଏ। ଆଉ ଦ୍ୱିତୀୟ ସୁଯୋଗଟି ଆରମ୍ଭ ହୁଏ ବାହାଘରର ଠିକ୍ ତିରିଶ ବର୍ଷ ପରେ। ସେଇଠୁ ଆଗକୁ ବଢ଼ି ଜୀବନଥିବା ଯାଏଁ ଏ ସୁଯୋଗ ପ୍ରାୟ ହାତଛଡ଼ା ହୁଏନାହିଁ।

ଦାମ୍ପତ୍ୟ ଜୀବନରେ ଆଉ ଯାହା ସମୟ ରହିଲା, ସେସବୁ ମିଛିମିଛିକାରେ ପୂର୍ଣ୍ଣ! କ'ଣ ମୋ' କଥା ଧରିପାରିଲେ ତ ବନ୍ଧୁ?

ଦାମ୍ପତ୍ୟ ପ୍ରେମର ଏମନ୍ତ ଗୋପନତତ୍ତ୍ୱକୁ ସହଜରେ ଭେଦ କରି ନ ପାରି, ବିନ୍ଦୁବିସର୍ଗ ବାବୁ ବୋକାଙ୍କ ପରି ଦ୍ୱୈତାରି ବାବୁଙ୍କ ମୁହଁକୁ ବଲବଲ ଅନେଇ ରହିଥିଲେ!

ମୋ: ୯୪୩୭୦୯୦୯୮୫



## ଈଶ୍ୱରଙ୍କ ଚେହେରା

ମୂଳହିନ୍ଦୀ: ବିଷ୍ଣୁ ପ୍ରଭାକର
ଅନୁସୃଜନ: ବିନୟ କୁମାର ଦାସ

ଅନୁବାଦ ଗଳ୍ପ

ପ୍ରଭା ଭଲ ଭାବରେ ଜାଣିସାରିଥିଲା ଯେ ଏ ସଂସାରରୁ ତାକୁ ଖୁବ୍‌ଶୀଘ୍ର ବିଦାୟ ନେବାକୁ ପଡ଼ିବ। ତା' ବେଳକାଳ ଯେ ସରି ଆସିଲାଣି, ସେତକ ସେ ଅନୁଭବି ପାରୁଥିଲା। ଏଥିପାଇଁ ତା' ମନରେ ଅବଶ୍ୟ ଏତେ ଟିକେ ଦୁଃଖ ନ ଥିଲା। ଦୁଃଖ ହେବ ବା କାହିଁକି? ସେ ତ ତା'ର ଅସଲ ଘର ଛାଡ଼ି ଏ ସଂସାରକୁ ଛୁଟି କାଟିବାକୁ ଆସିଥିଲା। ଏବେ ଏବେ ତା'ର ସେଇ ଛୁଟି ସରିବ ଆଉ ସେ ତା' ଘରକୁ ବାହୁଡ଼ିଯିବ। ବାସ୍...। ସେ ଯେଉଁ ରୋଗରେ ପୀଡ଼ିତ, ସେହି ରୋଗରେ ପୀଡ଼ିତା ସାବିନା ସେଇ ଏକା ୱାର୍ଡରେ ରହିଛି। କାହିଁକି କେଜାଣି ସେ ଅଧିକାଂଶ ସମୟରେ ପ୍ରଭା ପାଖକୁ ଆସୁଛି। ସୁଖଦୁଃଖ ହେଉଚି। ନୂଆନୂଆ ପୌଷ୍ଟିକ ଔଷଧ ସେବନ କରିବା ପାଇଁ ପରାମର୍ଶ ଦେଉଚି। ତଟକା ଫଳମୂଳ, ଅଣ୍ଡା, କ୍ଷୀର ଇତ୍ୟାଦି ନିୟମିତ ଖାଇବା ପାଇଁ କହୁଚି। ପ୍ରଭା ସବୁ ଶୁଣୁଚି, ହସି ଦେଉଛି। ଭାବୁଛି, ଏ ସବୁ ଖାଇଲେ କ'ଣ ସେ ମାରାତ୍ମକ ରୋଗରୁ ତ୍ରାହି ମିଳିଯିବ!

ତେବେ ପ୍ରଭା ଆଖିର ଭାଷା ବୁଝିପାରୁଚି ସାବିନା। ସେ ଜୋର୍ ଦେଇ କହୁଚି- ''ନା ଭଉଣୀ, ତୁମେ ଜମା ଭାଙ୍ଗିପଡ଼ନା। ମୁଁ ଶୁଣିଛି, ଏ ଔଷଧ ଆଉ ଫଳମୂଳ ଖାଇଲେ ତୁମେ ନିଶ୍ଚୟ ଆରୋଗ୍ୟ ହୋଇଯିବ। ତୁମର ପୂର୍ବ ସ୍ୱାସ୍ଥ୍ୟ ବି ଫେରିଆସିବ। ମୋତେ ବିଶ୍ୱାସକର ଭଉଣୀ, ଏମିତି କରି ବହୁତ ରୋଗୀ ଖୋଦାଙ୍କ ଘରୁ ବି ଫେରିଆସିଛନ୍ତି।''

- 'ତୁମେ ସତ କହୁଚ?'
- 'ହଁ ଭଉଣୀ, ଏହା ବହୁ ପରୀକ୍ଷିତ।'
- 'ତୁମେ ବି ତ ଏ ସବୁ ସେବନ କରୁଥିବ?'

ଏତକ ଶୁଣିବା ପରେ ହଠାତ୍ ସାବିନାର ମୁହଁ ଶୁଖିଗଲା। ସେ କିଛିକ୍ଷଣ ଶୂନ୍ୟକୁ ଚାହିଁ ରହିଲା। ତା'ପରେ କହିଲା- ''ଭଉଣୀ, ସେ ସବୁ ଆମ ଭାଗ୍ୟରେ କାହିଁ? ସେ ସବୁ ପରା ମହଙ୍ଗା ଚିଜ। ଆମେ ବସ୍ତିରେ ରହୁଚୁ। ନିଜର ବୋଲି ଆମର କେହି ନାହାନ୍ତି। ମୁଁ ଦେଖୁଚି, ତୁମକୁ ଦେଖିବା ପାଇଁ କେତେକେତେ ଲୋକ ଆସୁଛନ୍ତି। କେତେ ଲୋକ ତୁମକୁ ଘେରି ରହିଛନ୍ତି। ତୁମ ଭଲମନ୍ଦ କଥା ବୁଝୁଛନ୍ତି। ତା'ପରେ ତୁମର ସିଏ ତ କେତେ ଥର କାନ୍ଦୁଥିବାର ମୁଁ ଲକ୍ଷ୍ୟ କରିଚି। ତୁମେ ଭାଗ୍ୟବତୀ ଭଉଣୀ, ତୁମେ ଏ ସବୁ ଚିଜ କିଣିପାରିବ, ଖାଇପାରିବ। ଆଉ ସେତକ କଲେନା, ରୋଗ ତା' ବାଟରେ ଆପଣାଛାଏଁ ପଳାଇଯିବ। ତୁମେ ହସିହସି ଏଠାରୁ ନିଜ ଘରକୁ ଫେରିଯାଇପାରିବ।'' ସାବିନା ର କଥାକୁ ପ୍ରଭା ଯେମିତି ପିଇ ଯାଉଥିଲା । ଆଶାର କିରଣରେ ଉଦ୍‌ଭାସିତ ହୋଇ ଉଠୁଥିବା ଆଉ ନିରାଶାର କଳାବାଦଲ ତଳେ ଲୁଚି ଯାଉଥିବା ତା' ମୁହଁକୁ ବି ଲକ୍ଷ୍ୟ କରୁଥିଲା ସିଏ। ଭାବୁଥିଲା, ଯଦି ଈଶ୍ୱର ସତରେ ଥାଆନ୍ତି ଆଉ ତାଙ୍କର କିଛି ଚେହେରା ରହିଥାଏ, ତେବେ ସେଇ ଚେହେରାଟା ନିଶ୍ଚୟ ଠିକ୍ ଏଇ ସାବିନାର ମୁହଁ ପରି ହୋଇଥିବ।

ମୋ:୯୮୬୧୦୧୮୩୬୯

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

ଠାକୁରମୁଣ୍ଡା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ରେଞ୍ଜ ଅନ୍ତର୍ଗତ ମହୁଲଡ଼ିହା ପଞ୍ଚାୟତ ଗୌଡ଼ିଆବାହାଳି ଗ୍ରାମର ସାକ୍ଷୀ ମହାନ୍ତ ନାମ୍ନୀ ଜଣେ ମହିଳା ବୁଧବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସକାଳେ ଘର ବାଡ଼ି ପଛ ପଟକୁ ସାକ୍ଷୀ ଶୌଚ ପାଇଁ ଯାଇଥିବା ସମୟରେ ଦୁଇଟି ଭାଲୁ ତାଙ୍କୁ ହଠାତ୍ ଆକ୍ରମଣ କରିଥିଲେ। ସାକ୍ଷୀଙ୍କ ଚିତ୍କାର ଶୁଣି ପରିବାର ଲୋକେ ପହଞ୍ଚି ଯିବାରୁ ଭାଲୁ ଦୁଇଟି ପାଖ ଜଙ୍ଗଲ ମଧକୁ ପଳାଇ ଯାଇଥିଲେ। ଆହତ ମହିଳାଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

**ସଂକ୍ଷେପରେ**

## ହୋଟେଲରେ ପଶି ମ୍ୟାନେଜରଙ୍କୁ ହାଣିଲେ

ସଜନାଗଡ଼,୪।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ବରହମ୍ପୁର ଥାନା ଅଧୀନ ତେଲିପାଳ ପେଟ୍ରୋଲ ପମ୍ପ ନିକଟସ୍ଥ କୁଲଡ଼ିହା ହୋଟେଲ ମ୍ୟାନେଜରଙ୍କ ସମେତ ଅନ୍ୟ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ବୁଧବାର ଏକ ବାଇକ୍‌ରେ ମାସ୍କ ଓ ହେଲମେଟ୍ ପିନ୍ଧି ୩ ଯୁବକ ଆସିଥିଲେ। ସେମାନେ ହୋଟେଲରେ ପଶି ମ୍ୟାନେଜର ଧୋବଶିଳା ପଞ୍ଚାୟତ କେନ୍ଦୁଖୁଣ୍ଟା ଗ୍ରାମର ରଜନୀକାନ୍ତ ବାରିକ ଓ ହୋଟେଲକୁ ଆସିଥିବା କଳାକାଦ ଗ୍ରାମର ମୁକ୍ତିକାନ୍ତ ସ (ଜୁଲୁ)ଙ୍କୁ ଅତର୍କିତ ଆକ୍ରମଣ କରି ପଳାଇ ଯାଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନୀଳଗିରି ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ। ମୁକ୍ତିକାନ୍ତଙ୍କ ହାତରେ ଗଭୀର ଆଘାତ ଲାଗିଥିବା ବେଳେ ରଜନୀକାନ୍ତଙ୍କ ମୁଣ୍ଡ, ହାତ, କାନ୍ଧରେ ଭୁଜାଲି ଚୋଟ ବାଜିଥିବା ଜଣାପଡ଼ିଛି। ପୂର୍ବଶତ୍ରୁତାକୁ ନେଇ ଏଭଳି ଆକ୍ରମଣ କରାଯାଇଥିବା ନେଇ ରଜନୀକାନ୍ତ ବରହମ୍ପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ୍ ମେଡିକାଲ୍‌ରେ ପହଞ୍ଚି ଉଭୟଙ୍କ ବୟାନ ରେକର୍ଡ କରି ତଦନ୍ତ ଜାରି ରଖିଛି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଗ୍ରାମ୍ୟ ବ୍ୟାଙ୍କ କର୍ମଚାରୀ ଦେଲେ ୧୫ ଲକ୍ଷ

ଭୁବନେଶ୍ୱର, ୪।୮(ବ୍ୟୁରୋ): ଗ୍ରାମ୍ୟ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୫ ଲକ୍ଷ ୨୫ ହଜାର ୫ ଶହ ଟଙ୍କା ପ୍ରଦାନ କରାଯାଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଲୋକସେବା ଭବନଠାରେ ବ୍ୟାଙ୍କ ଅଧକ୍ଷ ମୋହନ ଏମ୍. ଏବଂ ଜେନେରାଲ ମ୍ୟାନେଜର ବସନ୍ତ କୁମାର ପାତ୍ରଙ୍କଠାରୁ ଏ ସମ୍ପର୍କିତ ଚେକ୍ ଗ୍ରହଣ କରିଛନ୍ତି। ଚେକ୍ ପ୍ରଦାନ ସମୟରେ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥା ନିର୍ଦ୍ଦେଶକ ପ୍ରଜ୍ଞାସ୍ମିତା ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କ ଅଧକ୍ଷ ମୋହନ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର କୋଭିଡ୍ ପରିଚାଳନା ଉଚ୍ଚସ୍ତରର ହୋଇପାରିଛି। ଓଡ଼ିଶା ଅନ୍ୟ ରାଜ୍ୟକୁ ଅମ୍ଳଜାନ ଯୋଗାଇଛି। କୋଭିଡ୍ ଲଢେଇରେ ଯୋଗଦାନ ସ୍ୱରୂପ ଗ୍ରାମ୍ୟ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀମାନେ ନିଜ ଦରମାରୁ ମିଳିତ ଭାବେ ଉକ୍ତ ଅର୍ଥ ଦାନ କରିଛନ୍ତି। ଏଥିଲାଗି ଗ୍ରାମ୍ୟବ୍ୟାଙ୍କ ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟ ଶାସନ ସଚିବ ସାଧୁବାଦ ଜଣାଇଛନ୍ତି।

## ଭାଜପାର ଅନୁସୂଚିତ ଜନଜାତି ମୋର୍ଚ୍ଚା, କାର୍ଯ୍ୟକାରିଣୀ ନୂଆ ସଦସ୍ୟ

ଭୁବନେଶ୍ୱର, ୪।୮(ବ୍ୟୁରୋ): ରାଜ୍ୟ ଭାଜପା ପକ୍ଷରୁ ଅନୁସୂଚିତ ଜନଜାତି ମୋର୍ଚ୍ଚା ପଦାଧିକାରୀ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ତାଲିକା ପ୍ରକାଶ ପାଇଛି। ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ବିଧାୟକ ନିତ୍ୟାନନ୍ଦ ଗଣ୍ଡ ବୁଧବାର ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଅନୁସୂଚିତ ଜନଜାତି ମୋର୍ଚ୍ଚାର ରାଜ୍ୟ ଉପସଭାପତି ଭାବେ ବିଧାୟିକା କୁସୁମ ଟେଟେ, ରାମଚନ୍ଦ୍ର ହାଁସଦା, ବିଜୟ ଦିଶାରୀ, ମମିତା ନାୟକ, ବିହାରୀ ମାଝିଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଗୋବର୍ଦ୍ଧନ ଭୁଏ, କୈଳାସ ନାୟକ, ରାଜ୍ୟ ସମ୍ପାଦକ ବିଦ୍ୟାଧର ଶବର, ଜଳନ୍ଧର ନାୟକ, ବସନ୍ତ ପ୍ରଧାନ, ଅନନ୍ତ ଟୁଡୁ, ସିଦ୍ଧାର୍ଥ ସିଂ, ବୀରେନ୍ଦ୍ର ପୂଜାରୀ, କୋଷାଧକ୍ଷ ଭାବେ ବିନୋଦ ହେମ୍ବ୍ରମଙ୍କୁ ଦାୟିତ୍ୱ ମିଳିଛି। ଅନୁସୂଚିତ ଜନଜାତି ମୋର୍ଚ୍ଚାର ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଏମ୍‌ପି ଜୁଏଲ ଓରାମ, ଗିରିଧର ଗମାଙ୍ଗ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ପୂର୍ବତନ ବିଧାୟକ ରବି ନାଏକ, ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ, ବିଧାୟକ ଭାସ୍କର ମଢେଇ, ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ଓ ପର୍ଶୁରାମ ମାଝି, ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କାଳିରାମ ମାଝି, ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ବିଧାୟକ ଶଙ୍କର ଓରାମ, ଖାମ ସିଂ ମାଝି, ନବଚରଣ ମାଝି, ବୁଢ଼ାନ ମୁର୍ମୁ, ଭବାନୀ ଭୋଇ, ଇ. ଗଣେଶ ରାମ ସିଂହ ଖୁଣ୍ଟିଆ, ଆଦିତ୍ୟ ମାଢ଼ୀଙ୍କୁ ଦାୟିତ୍ୱ ମିଳିଛି। ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ପୂର୍ଣ୍ଣିମା କେର୍‌କେଟା, ପୂର୍ବତନ ବିଧାୟକ କାନ୍ଧ୍ରା ସୋରେନ, କରେନ୍ଦ୍ର ମାଝି, ଭବାନୀ ଶଙ୍କର ନାୟକ, ଧନୁର୍ଜୟ ସିଦ୍ଧୁଙ୍କୁ ମନୋନୀତ ହୋଇଛନ୍ତି।

# ୨୪ ହାଇସ୍କୁଲରେ ମିଳିବ ଅତ୍ୟାଧୁନିକ ସୁବିଧା

ଭୁବନେଶ୍ୱର,(ବ୍ୟୁରୋ)/ ବଲାଙ୍ଗୀର ଅଫିସ, ୪।୮

ବଲାଙ୍ଗୀର ଜିଲାର ୨୪ ସ୍କୁଲରେ ସମସ୍ତ ପ୍ରକାର ଆଧୁନିକ ସୁବିଧା ଉପଲବ୍ଧ ହେବ। ଉନ୍ନତମାନର ସ୍ମାର୍ଟ କ୍ଲାସ୍‌ରୁମ୍, ବିଜ୍ଞାନ ପରୀକ୍ଷାଗାର, ଇ-ପାଠାଗାର ସୁବିଧା ଉପଲବ୍ଧ ହେବ। ଏହି ସ୍କୁଲଗୁଡ଼ିକୁ ୫-ଟି ଅଧୀନ ସ୍କୁଲ ଟ୍ରାନ୍ସଫର୍ମେଶନ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି। ବୁଧବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ୍‌ଙ୍କ ନେତୃତ୍ୱାଧୀନ ଏକ ଉଚ୍ଚକ୍ଷମତାପ୍ରାପ୍ତ ଟିମ୍ ବଲାଙ୍ଗୀର ଗସ୍ତ କରି ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ବିଦ୍ୟାଳୟ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଛାତ୍ରୀଛାତ୍ର, ଶିକ୍ଷକ ତଥା ପୁରାତନ ଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଟିମ୍ ସଦସ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ ଓ ଜିଲାରେ ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏହି ଟିମ୍‌ରେ ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଓ ଅନ୍ୟ ଅଧିକାରୀ ସାମିଲ ହୋଇଥିଲେ।

ଟିମ୍ ତୁଷରା ଏୟାରଷ୍ଟ୍ରିପ୍‌ରେ ପୂର୍ବାହ୍ନ ପ୍ରାୟ ୯ଟାରେ ଅବତରଣ କରିବା ପରେ ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲ ପରିଦର୍ଶନ କରିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା ସ୍କୁଲ ରୂପାନ୍ତରଣ କାମ ବୁଲି ଦେଖିଥିଲେ। ସେଠାରୁ ବଲାଙ୍ଗୀର ସହରସ୍ଥିତ ପତିତପାବନ ଏକାଡେମୀ ଯାଇଥିଲେ। ଏହାପରେ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ପରସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିବା ଅକ୍ସିଜେନ୍ ପ୍ଲାଣ୍ଟ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ସେଠାରେ ନିର୍ମାଣାଧୀନ ରୋଗୀ ପରିଜନ ଆଶ୍ରୟସ୍ଥଳୀ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନରେ ନିର୍ମିତ ଶିଶୁ କୋଭିଡ୍ ୱାର୍ଡ ପରିଦର୍ଶନ କରିଥିଲେ। ସମ୍ଭାବ୍ୟ କୋଭିଡ୍-୧୯ ତୃତୀୟ ଲହରର ମୁକାବିଲା ପାଇଁ ଜିଲାରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅଧିକାରୀମାନେ ସମୀକ୍ଷା କରିଥିଲେ। ୩୨ ଶଯ୍ୟା ବିଶିଷ୍ଟ ଆଇସିୟୁ ଓ ସେଣ୍ଟ୍ରାଲ ଅକ୍ସିଜେନ୍ ମେନିଫୋଲ୍ଡ ସିଷ୍ଟମ୍ କାମର ତଦାରଖ କରିଥିଲେ। ପ୍ରକଳ୍ପ ପରିଦର୍ଶନ କରୁଥିବା ସମୟରେ ଛଟେଇ ହୋଇଥିବା କୋଭିଡ୍ ପାରାମେଡିକାଲ ଷ୍ଟାଫ୍ ଏହି ଉଚ୍ଚକ୍ଷମତାପ୍ରାପ୍ତ ଟିମ୍‌କୁ ବିରୋଧ କରି ନାରାବାଜି ଦେଇଥିଲେ। ସେଠାରୁ ଗନ୍ଧରେଲଠାରେ ଭୀମ ଭୋଇ ମେଡିକାଲ କଲେଜ କ୍ୟାମ୍ପସକୁ ଯାଇ ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ବୁଲି ଦେଖିଥିଲେ। ସେଠାରୁ ପଥରଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନରେ ଯାଇ ସେଠାକାର ଲାଇବ୍ରେରି ଓ ବିଜ୍ଞାନ ପରୀକ୍ଷାଗାର ବୁଲି ଦେଖିଥିଲେ। କ୍ରମାଗତ ଭାବେ ଏହି ସ୍କୁଲର ଛାତ୍ରୀଛାତ୍ରମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରୁଥିବାରୁ ଏଠାକାର ଅଧକ୍ଷ ଓ ଶିକ୍ଷକଙ୍କୁ ପ୍ରଶଂସା କରିଥିଲେ।

ପରେ ଲୋୟର ସୁକ୍‌ତେଲ ପ୍ରକଳ୍ପ ପରିଦର୍ଶନରେ ଯାଇ ଉଚ୍ଚକ୍ଷମତାପ୍ରାପ୍ତ ଟିମ୍ ଡ୍ୟାମ୍ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଜୁନ୍ ୨୦୨୨ ସୁଦ୍ଧା ଏହି ପ୍ରକଳ୍ପର ସ୍ପିଲ୍‌ୱେ କାମ ସମାପ୍ତ ହେବ ବୋଲି ମୁଖ୍ୟ ଶାସନ ସଚିବ ମହାପାତ୍ର ଗଣମାଧ୍ୟମକୁ କହିଛନ୍ତି । ଏହାବ୍ୟତୀତ ବଲାଙ୍ଗୀରରେ ପ୍ରତିଷ୍ଠା ହେବାକୁ ଥିବା ସାଇନ୍ସ ପାର୍କ ଓ ପ୍ଲାନେଟୋରିୟମ୍ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବଲାଙ୍ଗୀରର ନୂତନ ବସ୍ ଟର୍ମିନାଲ, ପାଟଣାଗଡ଼ ଓ ଟିଟିଲାଗଡ଼ର ମାତୃ ଓ ଶିଶୁ ହସ୍ପିଟାଲ, ବଲାଙ୍ଗୀର ବାଇପାସ୍, ମହାରାଣୀସାଗର ପ୍ରକଳ୍ପ, ଜିଲାରେ କାର୍ଯ୍ୟକାରୀ ହେଉଥିବା ପାନୀୟ ଜଳ, ବିଦ୍ୟୁତ୍ ଓ ଜଳସେଚନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ଟିମ୍ ସଦସ୍ୟ ଭୁବନେଶ୍ୱର ଫେରିଯାଇଥିଲେ। ଗସ୍ତ ସମୟରେ ଜିଲାପାଳ ଚଞ୍ଚଳ ରାଣା ଓ ଏସ୍‌ପି ନୀତିନ କୁଶଲକର ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ୫-ଟି ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନଙ୍କ ନେତୃତ୍ୱାଧୀନ ଟିମ୍ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

**ମୁଖ୍ୟ ଶାସନ ସଚିବ, ୫-ଟି ସଚିବଙ୍କ ବଲାଙ୍ଗୀରରେ ସମୀକ୍ଷା**

- ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ, ଲୋୟର ସୁକ୍‌ତେଲ ପ୍ରକଳ୍ପ କାମ ତଦାରଖ
- ଦେଓଗାଁ ହାଇସ୍କୁଲ, ପିପି ଏକାଡେମୀ, ପଥରଚେପା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ
- ଜୁନ୍ ୨୦୨୨ ସୁଦ୍ଧା ସୁକ୍‌ତେଲ ପ୍ରକଳ୍ପ ସ୍ପିଲ୍‌ୱେ କାମ ସରିବ

## ଉପଭୋକ୍ତାଙ୍କୁ ଶୋଷଣ କରୁଛି ଟାଟା ପାୱାର: କଂଗ୍ରେସ

ଭୁବନେଶ୍ୱର, ୪।୮(ବ୍ୟୁରୋ)

ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେଇଥିବା ଟାଟା ପାୱାର କମ୍ପାନୀର ଶୋଷଣ ବଢ଼ିବାରେ ଲାଗିଛି। ଏହା ପଛରେ ରାଜ୍ୟ ସରକାରଙ୍କ ପ୍ରଚ୍ଛନ୍ନ ସମର୍ଥନ ରହିଛି ବୋଲି ଅଭିଯୋଗ କରିଛି କଂଗ୍ରେସ। କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଅମିୟ ପାଣ୍ଡବ କହିଲେ, କରୋନା ଲକ୍‌ଡାଉନ ସମୟରେ ରାଜ୍ୟ ସରକାର ତରବରିଆ ଭାବେ ଟାଟା ପାୱାର କମ୍ପାନୀ ହାତକୁ ବିଦ୍ୟୁତ୍ ସରବରାହ ଓ ବଣ୍ଟନ ବ୍ୟବସ୍ଥା ଟେକିଦେଲେ। ଗୋଟିଏ ଆର୍ଥିକ ବର୍ଷରେ ଥରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରାଯାଇପାରିବ ବୋଲି ବ୍ୟବସ୍ଥା ଥିବାବେଳେ ଏଥିରେ ବ୍ୟତିକ୍ରମ ହୋଇଛି। ଟାଟା ପାୱାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ୨ ଥରରେ ୮୦ ପଇସା ଶୁଳ୍କ ବୃଦ୍ଧି କରାଯାଇଛି। ୫୧ ପ୍ରତିଶତ ଅଂଶଧନର ମାଲିକ ହୋଇଥିବାରୁ ଟାଟା କମ୍ପାନୀ ଗ୍ରାହକଙ୍କୁ ମନଇଚ୍ଛା ଶୋଷଣ କରୁଛି। ବିନା ସୂଚନାରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ କରାଯାଉଛି। ଉପଭୋକ୍ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉନାହିଁ ବୋଲି କଂଗ୍ରେସ ମୁଖପାତ୍ର ଅମିୟ କ୍ଷୋଭବ୍ୟକ୍ତ କରି କହିଛନ୍ତି।

## ଧବଳେଶ୍ୱର ପୀଠରେ ଖୁବ୍‌ଶୀଘ୍ର ରୋପ୍‌ୱେ

ଭୁବନେଶ୍ୱର, ୪।୮(ବ୍ୟୁରୋ)

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶୈବକ୍ଷେତ୍ର ଧବଳେଶ୍ୱର ମହାଦେବଙ୍କ ପୀଠର ଭିତ୍ତିଭୂମିର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଥିବା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ବୁଧବାର ଲୋକସେବା ଭବନଠାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ କହିଲେ, ଭକ୍ତ ଏବଂ ପର୍ଯ୍ୟଟକଙ୍କ ସୁବିଧା ଲାଗି ଧବଳେଶ୍ୱର ପୀଠରେ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏହାକୁ ଶେଷ କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମହାନଦୀ ଶଯ୍ୟାରେ ଥିବା ଧବଳେଶ୍ୱର ପୀଠର ଚତୁଃପାର୍ଶ୍ୱରେ ପଥର ପ୍ୟାକିଂ କରାଯିବ। ପୀଠକୁ ସହଜରେ ପହଞ୍ଚିବା ଲାଗି ରୋପ୍‌ୱେ ଏବଂ ନୂତନ ପୋଲ ନିର୍ମାଣ କରାଯିବ। ସୌନ୍ଦର୍ଯ୍ୟକରଣ ବୃଦ୍ଧି ଲାଗି ବ୍ୟାପକ ବନୀକରଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପର୍ଯ୍ୟଟନ ଦୃଷ୍ଟିକୋଣରୁ ମଧ ଏହି ପୀଠର ଗୁରୁତ୍ୱ ରହିଛି। ଏଠାରେ ପର୍ଯ୍ୟଟନର ବିକାଶ ଲାଗି ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ହନୁମାନ ପଇସା କାରବାର: ୩ ଗିରଫ

ଦେବଗଡ଼,୪।୮(ଡି.ଏନ୍.ଏ.)

ଦେବଗଡ଼ ଓ ସମ୍ବଲପୁର ଜିଲାରେ ଚାଲିଛି ହନୁମାନ ପଇସା କାରବାର। ବେଆଇନ ହନୁମାନ ପଇସା କାରବାର କରୁଥିବା ୩ ବ୍ୟକ୍ତି ଦେବଗଡ଼ ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ ହାତରେ ଧରାପଡ଼ିଛନ୍ତି। ସେମାନେ ହେଲେ ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅନ୍ତର୍ଗତ ଭଣ୍ଡାରୀମାଲ ଗ୍ରାମର ନରହରି ରାଉତିଆ (୪୯), ରେଙ୍ଗାଲକାନୀ ଗ୍ରାମର ପ୍ୟାରୀମୋହନ ପ୍ରଧାନ (୪୩), ରିଆମାଳ ଥାନା ଅନ୍ତର୍ଗତ ଅର୍ଗାନ ଗ୍ରାମର ଉପେନ୍ଦ୍ର ମାଝି (୫୮)। ସେମାନଙ୍କ ନିକଟରୁ ୨ଟି ହନୁମାନ ପଇସା, ବାଇକ୍, ମୋବାଇଲ ଫୋନ ଓ ନଗଦ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରାଯାଇଛି। ବୁଧବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦେବଗଡ଼ ଏସ୍‌ପି ରାଜକିଶୋର ପାଇକରାୟ ଏନେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ପ୍ରଦାନ କରିଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଜିଲାରେ ବେଆଇନ ହନୁମାନ ପଇସା କାରବାର ଚାଲୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ ସଜାଗ ରହିଥିଲେ। ଗୁପ୍ତ ସୂଚନା ଆଧାରରେ ସ୍ପେଶାଲ ସ୍କ୍ୱାଡ୍ ନେତୃତ୍ୱ ନେଉଥିବା ଦେବଗଡ଼ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ର ପୂର୍ଣ୍ଣ ପ୍ରସ୍ତୁତି ସହ ହନୁମାନ ପଇସା ବେପାରୀ ନରହରି ରାଉତିଆ, ପ୍ୟାରୀମୋହନ ପ୍ରଧାନ, ଉପେନ୍ଦ୍ର ମାଝିଙ୍କ ସହ ଯୋଗାଯୋଗ କରି ଗ୍ରାହକ ବେଶରେ ଗୋହିରା ଡ୍ୟାମ ନିକଟ ରାସ୍ତାରେ ଛକି ରହିଥିଲେ। ଯୋଜନା ଅନୁଯାୟୀ ଏହି ବେପାରୀ ଉକ୍ତ ସ୍ଥାନରେ ପହଞ୍ଚି ହନୁମାନ ପଇସା ବାହାର କରି ଏହାର ବିଶେଷତ୍ୱକୁ ପରୀକ୍ଷାକରି ଦେଖାଇଥିଲେ। ଏଗୁଡ଼ିକୁ ଟଙ୍କା ବଦଳରେ ହସ୍ତାନ୍ତର କରିବା ବେଳେ ସାଦା ପୋଷାକରେ ଥିବା ଏସ୍‌ଡିପିଓ ମହାପାତ୍ରଙ୍କ ସମେତ ସ୍ପେଶାଲ ସ୍କ୍ୱାଡ୍‌ର ସଦସ୍ୟମାନେ ସେମାନଙ୍କୁ କାବୁ କରି ଦେବଗଡ଼ ଥାନାକୁ ଆଣିଥିଲେ। ସେଠାରେ ପଚରାଉଚୁରା ପରେ ଗିରଫ ସହ କୋର୍ଟ ଚାଲାଣ କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ବୋଲି ଏସ୍‌ପି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସହ ଦେବଗଡ଼ ଆଦର୍ଶ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ, ଡିଏସ୍‌ପି ପ୍ରଦୀପ କେର୍କେଟା ପ୍ରମୁଖ ଉପସ୍ଥିତ ଥିଲେ।

**ହନୁମାନ ପଇସା ସମେତ ଲକ୍ଷାଧିକ ଟଙ୍କା ଜବତ**



ହନୁମାନ ପଇସା କାରବାର କରି ପୋଲିସ ଦ୍ୱାରା ଗିରଫ ୩ ବ୍ୟକ୍ତି।

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No. CAD-797 TENDER ALERT

01)E-Tender Notice No.CPC-20/2021-22: Supply of printing items for OPTCL's Hqrs Office, Bhubaneswar as per the tender specification. Detail specification/ bidding document will be available w.e.f dated 06.08.2021
For details please visit: www.optcl.co.in & www.tenderwizard.com/OPTCL. HIPR-15/2021-22
OIPR-04011/11/0050/2122

EXTENSION OF SUBMISSION DATE / CORRIGENDUM-I

Tender No.5774/DM Date: 02.08.2021

No.G-03:- With reference to Tender Notice No.4898/ DM dt.02.07.2021 the last date of submission of bid is extended to 18.08.2021 upto 3.00 P.M. for the work "Repair/ modification of 15 numbers of existing weighbridges/ check gates along with M.S. Bunk house, high mast light, DG mounted lights, DG, computers, peripheral items, other small electrical and networking & stamping with comprehensive AMC for the Directorate of Mines, Govt. of Odisha for 01 year" which will be opened on the same day at 4.00 P.M. For details refer to our website www. odishaminerals.gov.in.

Sd./- Director of Mines, Odisha
OIPR-30004/11/0003/2122

OFFICE OF THE DISTRICT & SESSIONS JUDGE, ANGUL
RECRUITMENT YEAR 2021-22
Corrigendum Dated 03.08.2021of Advertisement No.03, Dated- 06.07.2021
For the post of Junior Clerk-cum-Copyist, Junior Typist & Stenographer Grade-III

No. W-11:- In Advertisement No.03 Dated 06.07.2021 referred above, the table in point No.1 is hereby substituted by the table given below and the rest of the advertisement shall remain unchanged.

| SL. NO. | POSTS | U.R. | S.T. | S.C. | S.E.B.C. | TOTAL POST |
|---|---|---|---|---|---|---|
| 1. | Jr. Clerk-cum Copyist Level 4 Rs.19,900/-63,200/- | 13 (W-05) | 05 (W-02) | 04 (W-01) | 01 | 23 |
| 2. | Stenographer Grade-III Level 7 Rs.25,500/- 81,100/- | 03 | 03 (W-01) | 01 (W) | 01 | 08 |
| 3. | Jr. Typist Level 4 Rs.19,900/- 63,200/- | 02 | 02 (W-01) | 01 (W) | 01 (W) | 06 |
| | Total | 18 | 10 | 06 | 03 | 37 |

*W stands for 'Woman'.

Sd.- District Judge-cum-Chairperson,
District Recruitment Committee, Angul.
OIPR-18012/11/0003/2122

GOVT. OF ODISHA, OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNDARGARH
Bid Identification No. Online-PMGSY/RWCCESNG-05 of 2021-22
No. O-505:-
Email ID: serw_sundargarh@gmail.com
Letter No. 2285 // Date: 03.08.2021

1. Name of the work :- Construction of road & CD works under PMGSY Programme.
2. Total No. of Packages :- 1 No. individual package (Road)
3. Estimated Cost of individual packages :- Rs.150.36 lakh.
4. Period of completion :- 12 calendar months for works above Rs.5.00 Cr. & 11 calendar months for works below Rs.5.00 Cr. upto Rs.3.00 Cr. and 9 calendar months for works below Rs.3.00 Cr. as specified in DTCN.
5. Other details :-

| Procurement Officer | Bid Identification No. | No. of Packages | Availability of tender On-line for bidding | | Date & Time of Technical Bid opening | Date & Time of Financial Bid opening |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | PMGSY / RWCCESNG - 05 of 2021-22 | 1 No. | 06.08.2021 at 11.00 A.M. | 19.08.2021 upto 5.00 P.M. | 23.08.2021 at 11.00 A.M. | Will be intimated separately |

Further details can be seen from the website: www.pmgsytenders.gov.in
OIPR-25133/11/0016/2122 Sd./- Chief Construction Engineer, Rural Works Circle, Sundargarh

ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

NIT No. 27/OMC/CIVIL/2021

No. CAD-793:- Tender for the following work is invited on-line through e-procurement portal of Govt. of Odisha.

| Sl. No. | Name of the work | Estimated cost (Rs. In lakhs) | Time period of the work in month | Class of Contractor | Cost of Bid document (Rs.) Online |
|---|---|---|---|---|---|
| 1. | Construction of CC approach road to Weigh Bridge, Wheel Wash system and entry road towards office at Guali Mines in the district of Keonjhar. | 62.49 | 04 (Four) | B & A | 10,000/- + 18% GST |

1. Available of Bid document in Govt. portal from dt. 10/08/2021 to 24/08/2021 up to 5.00 PM.
2. Last date of on-line submission of tender in the portal is dt. 24/08/2021 up to 5.00 PM.
3. Date of opening of Technical Bid is dt. 25/08/2021 at 11.00 AM.

All other details can be seen from DTCN available at Govt. website www.tendersorissa.gov.in.
Odisha Mining Corporation Ltd. reserves the right to reject any or all tenders without assigning any reason thereof.
OIPR-30005/11/0071/2122 CGM (Civil)

No. D-77

POLICE COMMISSIONERATE, BHUBANESWAR-CUTTACK
ODISHA SPECIAL ARMED POLICE 7TH BATTALION BHUBANESWAR

ପ୍ରାପ୍ତେଷୁ,
ଶ୍ରୀ ଅଜିତ କୁମାର ସିଂ, (ହାବିଲଦାର)
ପିତା – କିରଣ ସିଂ
ଗ୍ରାମ/ପୋ.ଅ./ଥାନା– ଘଟଗାଁ
ଜିଲ୍ଲା– କେଉଁଝର

ଆପଣ ଓ.ଏସ୍.ଏ.ପି. ୭ମ ବାଟାଲିଅନ ଭୁବନେଶ୍ୱରରୁ ତା.୨୦.୦୫.୨୦୨୦ରିଖ ଅପରାହ୍ନଠାରୁ ତା୨୯.୦୯.୨୦୨୦ରିଖ ଅପରାହ୍ନ ପର୍ଯ୍ୟନ୍ତ ଅର୍ଜିତ ଛୁଟିରେ ଥିଲେ । ଆପଣ ଆଜି ତା୦୩.୦୮.୨୦୨୧ ପର୍ଯ୍ୟନ୍ତ ବାଟାଲିଅନରେ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । କର୍ତ୍ତବ୍ୟରେ ଯୋଗ ଦେବା ନିମନ୍ତେ ଆପଣଙ୍କ ପାଖକୁ କାର୍ଯ୍ୟାଳୟ ପତ୍ରସଂଖ୍ୟା ୩୦୭୫/ଆର୍.ଓ., ତା୦୮.୧୦.୨୦୨୦ ଏବଂ ୩୦୭୬/ଆର୍.ଓ. ତା.୦୮.୧୦.୨୦୨୦ ମାଧ୍ୟମରେ ଆପଣ କାର୍ଯ୍ୟରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା, ମାତ୍ର ଏହା ସତ୍ତ୍ୱେ ଆପଣ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି ।

ଏଣୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଛି କି, ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ, ନଚେତ୍ ଆପଣଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା./- ଆରକ୍ଷୀ ଉପ-ଆୟୁକ୍ତ (ସଶସ୍ତ୍ର)
ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱର
OIPR-12015/11/0009/2122

GOVERNMENT OF ODISHA No. C-693
OFFICE OF THE SUPERINTENDING ENGINEER
PUBLIC HEALTH DIVISION, RAYAGADA
e-mail: eephd.rgda.od@nic.in
NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB) NO. SEPHRAYAGADA-16/2021-22 DT. 23.07.2021

| | | | |
|---|---|---|---|
| 01 | Name of the work | : | Supplying & installing of DG set for uninterrupted water supply to pumping station of P.H. Section, Gunupur and Gudari. |
| 02 | Number of Works | : | 1 No. |
| 03 | Estimate Cost | : | Rs.56.90 lakhs |
| 04 | Period of Completion | : | 3 (Three) Months |
| 05 | Class of Bidder | : | Manufacturer/Authorized Dealer/ Distributor |
| 06 | Date & time of availability of bid document in the portal | : | From 10.00 A.M. of Dt.03.08.2021 to 17.30 P.M. of 17.08.2021 |
| 07 | Last date/time of receipt of bids in the portal | : | 17.30 P.M. of 17.08.2021 |
| 08 | Date & time of opening of bids | : | At 11 A.M. of 19.08.2021 |
| 09 | Name and address of the Officer Inviting Bid | : | Superintending Engineer, P.H. Division, Rayagada |
| 10 | The bidders have to participate in ONLINE bidding | | |

Further details can be seen from the e-Procurement portal "https:// www.tendersorissa.gov.in".

Sd./- Superintending Engineer
P.H. Division, Rayagada
OIPR-13052/11/0003/2122

NANDANKANAN
NANDANKANAN ZOOLOGICAL PARK
SHORT TENDER NOTICE No. 06 of 2021-22 Date: 04.08.2021

No. MM-152: Deputy Director, Nandankanan Zoological Park invites sealed tender in prescribed form from interested contractors/farms/persons for supply of double galvanized Chain-link mesh to Nandankanan Zoological Park for the year, 2021-22. The last date of submission of sealed tender paper is 13.08.2021 upto 05.00 P.M. and date of opening of Technical Bid is 11.30 A.M. of 16.08.2021.
Detailed terms and conditions along with the tender papers will be available in the website of Nandankanan Zoological Park (www.nandankanan.org) from 05.08.2021 at 10.00 A.M. onwards. The tender paper cost Rs.10,000/- + GST 18% Total Rs.11,800/- in form Demand Draft from any Nationalized Bank in favour of Deputy Director, Nandankanan payable at Bhubaneswar must be accompanied with Bid document submitted.

Sd./- Deputy Director
Nandankanan Zoological Park
OIPR-08070/11/0003/2122

OFFICE OF THE MUNICIPAL COUNCIL, BELPAHAR
"e" PROCUREMENT NOTICE
BID REFERENCE NO. EO/BPHM/01/21-22
BID IDENTIFICATION NO. 2021_ORULB_70101
TENDER CALL NOTICE NO. 1898 DT.03.08.2021
No. C-689

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in.

| | | |
|---|---|---|
| Name of the Work | : | Individual Civil Construction Works |
| No. of Works | : | 13 Nos. |
| Bid Value | : | Varies from Rs.1,86,600.00 to Rs.7,53,000.00 |
| Period of Completion | : | Varies from 1 Calendar Month to 3 Calendar Months |
| Date & time of availability of the bid documents in the portal | : | From Dt.06.08.2021 at 10.00 A.M. to Dt.17.08.2021 upto 5.00 P.M. |
| Submission of original financial documents (Bid Cost & EMD) by Regd. Post/Speed Post | : | Dt.18.08.2021 to Dt.23.08.2021 during office hours on working days. |
| Bids received online shall be opened on | : | 11.00 A.M. on Dt.24.08.2021 |
| Name & address of the Officer Inviting Bid | : | Executive Officer, Belpahar Municipality |

Further the details can be seen from the procurement portal: www. tendersorissa.gov.in. If any addendum/corrigendum/cancellation of tender shall be published in the above website only.

Sd./- Executive Officer
Belpahar Municipality
OIPR-13050/11/0003/2122


ହରି

# ଧୋ ରେ ବାଇଆ ଧୋ

ହରିହର ମହାପାତ୍ର ଓରଫ ହରି ଭାଇ। ତାଙ୍କର ଆକ୍ଟିଂ କ୍ୟାରିୟରର ୧୦୦ତମ ଫିଲ୍ମକୁ ନେଇ ବେଶ୍ ଚର୍ଚ୍ଚା। ଏହି ସିନେମାର ଟାଇଟଲ ରହିଛି 'ଧୋ ରେ ବାଇଆ ଧୋ'। ଆଉ ଏବେ ଉକ୍ତ ନୂଆ ଚିତ୍ରରେ ହରି ଏକ ଚ୍ୟାଲେଞ୍ଜିଂ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି। ଏ ସମ୍ପର୍କରେ ହରି କହନ୍ତି, 'ଏହି ଫିଲ୍ମର କାହାଣୀ ନିଜେ ଲେଖିଛି। ଯେତେବେଳେ ଏ ବିଷୟରେ ଏହାର ପ୍ରଯୋଜକ ସୀତାରାମ ଅଗ୍ରୱାଲଙ୍କ ସହ ଆଲୋଚନା କଲି ସେ ଏହାକୁ ନେଇ ସିନେମା କରିବାକୁ ସଙ୍କେତ ଦେଇଥିଲେ। ଏହାର କାହାଣୀରେ କ'ଣ ଭିନ୍ନତା ରହିଛି ତାହା ଫିଲ୍ମଟି ଦେଖିଲେ ଦର୍ଶକ ଜାଣିପାରିବେ।' 'ଧୋ ରେ ବାଇଆ ଧୋ'ର ନିର୍ଦ୍ଦେଶନା ଦେଉଛନ୍ତି ହିମାଂଶୁ ପରିଜା (ଚଣ୍ଡୀ) ଏବଂ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ହରି ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିବା ସହ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ତାଙ୍କ ସହ ନାୟିକା ଭାବରେ 'ସୁନ୍ଦରଗଡ଼ର ସଲମାନ ଖାଁ' ଫେମ୍ ଦିବ୍ୟା ଦେଖାଦେବେ। ବବି ମିଶ୍ର, ପିଙ୍କି ପ୍ରଧାନ, ସାତ୍ୟକି ମିଶ୍ର, ହାଡୁ ଏବଂ ଲୀନା ମଧ ଏହି ଚିତ୍ରରେ ଅଭିନୟ କରୁଛନ୍ତି।

# ଅଭିନୟ କରି ନ ଥିଲେ..

ଯାମି ଗୌତମ ଯଦି ଅଭିନେତ୍ରୀ ହୋଇ ନ ଥାନ୍ତେ ତେବେ କ'ଣ କରିଥାଆନ୍ତେ ? ପାଠ ପଢ଼ିବା ସମୟରେ ତାଙ୍କର ଆଉ ଏକ ଆଶା ଥିଲା। ଏହାପରେ ସେ ଓକିଲାତି ପାଠ ପଢ଼ିଥାଆନ୍ତେ। ହେଲେ ତାହା ସମ୍ଭବ ହୋଇପାରିଲା ନାହିଁ। ବାସ୍ତବ ଜୀବନରେ ସେ ସିନା ଓକିଲ ହୋଇପାରିଲେ ନାହିଁ, ହେଲେ ପରଦା ଉପରେ ତାଙ୍କୁ ଏହି ସୁଯୋଗ ଯେତେବେଳେ ମିଳିଲା ତାହାକୁ ସେ ଆଦୌ ହାତଛଡ଼ା କରି ନ ଥିଲେ। 'ବତୀ ଗୁଲ୍ ମିଟର ଚାଲୁ' ଚଳଚ୍ଚିତ୍ରରେ ସେ ଓକିଲ ଚରିତ୍ରରେ ଅବତୀର୍ଣ୍ଣ ହୋଇଥିଲେ। ଏ ନେଇ ଯାମି କହନ୍ତି, 'ଯେତେବେଳେ ଏହି ଫିଲ୍ମରେ ମୋତେ ମୋ ଭୂମିକା (ଓକିଲ) ସମ୍ପର୍କରେ କୁହାଗଲା ମୁଁ ଏତେ ଖୁସି ହୋଇଯାଇଥିଲି ଯେ, ମୋ ଆଖିରୁ ଦୁଇ ଟୋପା ଲୁହ ଝରି ପଡିଥିଲା। ପରଦା ଉପରେ ମୋର ଏହି ଆଶା ପୂରଣ ହୋଇଛି।' ସେ ହିନ୍ଦୀ ସିନେମା ବ୍ୟତୀତ କନ୍ନଡ, ତେଲୁଗୁ, ତାମିଲ, ପଞ୍ଜାବୀ, ମାଲାୟାଲମ ଆଦି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଅବସର ମିଳିଲେ ଘର ସଜାଇବା, ଗୀତ ଶୁଣିବାରେ ନିଜକୁ ନିୟୋଜିତ ରଖିଥାଆନ୍ତି ଯାମି।


ଯାମି

# ଡବଲ ଅବତାର

ତମନ୍ନା ଭାଟିଆ ଖୁବ୍‌ଶୀଘ୍ର ୱେବ୍ ଦୁନିଆରେ ପାଦ ଦେବାକୁ ଯାଉଛନ୍ତି। ମ୍ୟାକଡ ଫିଲ୍ମସ ସହାୟତାରେ ସେ ଏବେ ଏକ ୱେବ ସିରିଜର ପ୍ରଯୋଜନା କରିବେ। କେବଳ ସେତିକି ନୁହେଁ, ଏହାର ମୁଖ୍ୟ ଭୂମିକାରେ ମଧ ତାଙ୍କୁ ଦେଖିବାକୁ ମିଳିବ। ଏପରି ଡବଲ ଅବତାର ବିଷୟରେ ସେ କହନ୍ତି, 'ବର୍ତ୍ତମାନ ସୋସିଆଲ ମିଡିଆର ଚାହିଦା ବେଶି। ତା'ସହ ୱେବ ସିରିଜର ଡିମାଣ୍ଡ ଦିନକୁ ଦିନ ବଢ଼ି ଚାଲିଛି। ତେଣୁ ଏବେ ଏକ ୱେବ ସିରିଜ ନିର୍ମାଣ କରିବାକୁ ଯୋଜନା କରିଛି। ଏହାର ପ୍ରାରମ୍ଭିକ କାମ ପୂରା ଦମରେ ଚାଲିଛି। ଚଳିତ ମାସ ଶେଷ ସପ୍ତାହରେ ଉକ୍ତ ସିରିଜର ଶୁଟିଂ ବମ୍ବେରେ ଆରମ୍ଭ ହେବ। ଜଣେ ନାରୀର ସଂଘର୍ଷମୟ ଜୀବନ ବିଷୟରେ ଏଥିରେ ଅବତାରଣା କରାଯିବ। ଏପରି ଏକ କାହାଣୀ ଚୟନ ପାଇଁ ମୋତେ ପାଖାପାଖି ଛଅ ମାସ ପରିଶ୍ରମ କରିବାକୁ ପଡିଛି। ଆଶା ରଖିଛି ଏହି ସିରିଜକୁ ଦର୍ଶକ ଗ୍ରହଣ କରିବେ। ଏହାପରେ ଆଉ କେତୋଟି ୱେବ୍ ସିରିଜ ନିର୍ମାଣ କରିବାର ଯୋଜନା ରହିଛି।' ତେବେ ୱେବ୍ ଦୁନିଆରେ ତମନ୍ନା କେତେ ସଫଳ ହେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।


ତମନ୍ନା

# ଅତୀତକୁ

➤ପୁଷ୍ପାଞ୍ଜଳି ପିକ୍ଚର୍ସ, ବ୍ରହ୍ମପୁର ବ୍ୟାନରରେ ନିର୍ମିତ ହୋଇଥିଲା ଓଡ଼ିଆ ସିନେମା 'ଅନୁରାଧା'। ରଘୁନାଥ ମିଶ୍ରଙ୍କ ପ୍ରଯୋଜନାରେ ଉକ୍ତ ଚିତ୍ରର ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବାସୁଦେବ ରଥ। ରୋଜାରମଣି, ହୃଦୟାନନ୍ଦ, ଜୟୀ, ନମ୍ରତା ଦାସ, ଜୟା ଏବଂ ପୀର ମିଶ୍ର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

➤ପ୍ରସନ୍ନ ମିଶ୍ର, ଅକ୍ଷୟ ମହାନ୍ତି (କାଶ୍ୟପ), ଜୟା, କାଶୀ ରଥଙ୍କୁ ନେଇ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚିତ୍ର 'ଜୟ ମା ମଙ୍ଗଳା'। ଜଟାଧାରୀ ମିଶ୍ରଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)।

–ଓଡ଼ିଆ ସିନେମା 'ତପସ୍ୟା'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନୀତା ଦାସ, ଉତ୍ତମ ମହାନ୍ତି ଏବଂ ଦୀପା ସାହୁ।

➤ଆରତୀ ଦାସଙ୍କ ପ୍ରଯୋଜିତ 'ଅପରିଚିତା'ର ନାୟକ ସାଜିଥିଲେ ଉତ୍ତମ ମହାନ୍ତି ଏବଂ ତାଙ୍କର ନାୟିକା ଭୂମିକାରେ ଦେଖିବାକୁ ମିଳିଥିଲା ମହାଶ୍ୱେତା ରାୟଙ୍କୁ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ଅନ୍ୟତମ ପ୍ରଖ୍ୟାତ ନିର୍ଦ୍ଦେଶକ ସାଧୁ ମେହେର।

# ଆଶାବାଦୀ ନିଶି


ନିଶି

କେବଳ ଅଭିନୟ ନୁହେଁ, ନିର୍ଦ୍ଦେଶନା କ୍ଷେତ୍ରରେ ନିଜର ଦକ୍ଷତା ଦେଖାଇ ସାରିଛନ୍ତି ନିଶି କର। ସଂସ୍କାର, ଗାୟତ୍ରୀ, ବଡ଼ ଘର ବଡ଼ ଗୁମର କଥା, ଦାସୀ, ଉତ୍ତରଦାୟୀ ଆଦି ଧାରାବାହିକ, ଶତାଧିକ ଆଲବମ୍‌ରେ ଅଭିନୟ କରିବା ସହ ଦୁଇଟି ସିଡୀ ଚଳଚ୍ଚିତ୍ର ଏବଂ ୪୦୦ରୁ ଅଧିକ ଆଲବମ୍‌ର ନିର୍ଦ୍ଦେଶନା ଦେଇଛନ୍ତି। କେବଳ ସେତିକି ନୁହେଁ, ଓଡ଼ିଆ ସିନେମା 'ମନ ଖୋଜେ ମନଟିଏ', 'ମନ ମୋର ଯାଯାବର' ଏବଂ 'ଭକ୍ତ ଓ ଭଗବାନ'ରେ ଭିନ୍ନ ଭିନ୍ନ ଚରିତ୍ରରେ ଆକ୍ଟିଂ କରିସାରିଛନ୍ତି। ନିକଟରେ ତାଙ୍କ ନିର୍ଦ୍ଦେଶିତ ଏବଂ ଅଭିନୀତ ଆଲବମ୍ 'କରୋନା ଚାଳିଶା' ବେଶ୍ ଭାଇରାଲ ହୋଇଥିଲା। ଏ ସମ୍ପର୍କରେ ନିଶି କହନ୍ତି, 'ନିର୍ଦ୍ଦେଶନା ସମୟରେ ମୁଁ କାହାଣୀ ଏବଂ ଉପସ୍ଥାପନା ସହ ସଙ୍ଗୀତକୁ ସମାନ ଗୁରୁତ୍ୱ ଦେଇଥାଏ। ଭବିଷ୍ୟତରେ ଭଲ କାହାଣୀକୁ ନେଇ ସିନେମାଟିଏ ନିର୍ଦ୍ଦେଶନା ଦେବାର ଆଶା ରଖିଛି।'

# ଦିଶାଙ୍କ ଫିଟ୍‌ନେସ ଟିପ୍ସ

ବସିବାଠାରୁ କାଶିବା ଭଲ। ଯଦି ଶୁଟିଂ ନାହିଁ ତେବେ ଘରେ ରହି ଅନ୍ୟକାମ ତ ଚାଲିଛି। ତା'ସହ ଆଉ ଏକ ଜିନିଷରେ ନିଜକୁ ନିୟୋଜିତ ରଖିଛନ୍ତି ଦିଶା। କଥା କ'ଣ କି ଦିଶା ଏବେ ଫିଟ୍‌ନେସ୍ ମନ୍ତ୍ର ବାଣ୍ଟିବାରେ ବ୍ୟସ୍ତ ଅଛନ୍ତି। ଏ ନେଇ ଦିଶା କହନ୍ତି, 'ଥରେ ମୋତେ କେତେଜଣ ସାଙ୍ଗ 'କିପରି ଫିଟ୍ ରହିବୁ' ବୋଲି ପଚାରିଥିଲେ। ତାଙ୍କୁ ଏ ସମ୍ପର୍କରେ କିଛି ଟିପ୍ସ ଦେବା ପରେ ମୋର ଆଉ କେତେକ ସାଙ୍ଗ ବର୍ତ୍ତମାନ ମୋ ପିଛା ଛାଡୁନାହାନ୍ତି। ସେମାନଙ୍କୁ ଫିଟ୍‌ନେସ ବିଷୟରେ ଟିପ୍ସ ଦେଉଛି।' ଦିଶା ଏବଂ ଟାଇଗର ଶ୍ରଫ ଓଡ଼ିଆ ଫିଟ୍‌ନେସ ଟ୍ରେନସର ବିକ୍ରମ ସ୍ୱାଇଁଙ୍କ ନିକଟରୁ ଟ୍ରେନିଂ ନେଇଛନ୍ତି। ନିଜର ଫିଟ୍‌ନେସକୁ ନେଇ ସବୁବେଳେ ସଚେତନ ଥାଆନ୍ତି ସେ। ତାଙ୍କର ଅଭିନୟ ଜୀବନ ବିଷୟରେ ଏକ ରୋଚକ କଥା ରହିଛି। 'ବାଗୀ' ସିନେମାରେ ସେ ଟାଇଗରଙ୍କ ନାୟିକା ସାଜିଥାଆନ୍ତେ। ହେଲେ ରାତାରାତି ଚକ ଏମିତି ଓଲଟିଗଲା ଯେ, ଏହି ଭୂମିକା ପାଇଁ ଶ୍ରଦ୍ଧା କପୁରଙ୍କ ସାଇନ୍ କରାଯାଇଥିଲା। ଦିଶାଙ୍କର ମନ ପସନ୍ଦର ଅଭିନେତା କିଏ ଜାଣନ୍ତି ? ରଣବୀର କପୁର। ତା'ସହ ପ୍ରିୟଙ୍କା ଚୋପ୍ରା ହେଉଛନ୍ତି ତାଙ୍କର ରୋଲ୍ ମଡେଲ୍।


ଦିଶା

ରିଲିଜ ଅପେକ୍ଷାରେ

# ଦିଲ୍ ମୋର ମାନେନା

ଦିଲ୍ ବା ହୃଦୟ କେତେବେଳେ କାହା ହୃଦୟରେ ବସା ବାନ୍ଧେ ତାହା ଆକଳନ କରିବା କଷ୍ଟକର। ସେମିତି ଏକ ଜର୍ନି ସମୟରେ ଜଣେ ଯୁବକ ଜଣେ ସୁନ୍ଦରୀ ପ୍ରେମରେ ପଡ଼ିଯାଇଛି। ହେଲେ ପ୍ରେମର ଉତ୍ଥାନ ପତନ ରାସ୍ତାକୁ ସେ କେମିତି ଅତିକ୍ରମ କରୁଛି ଆଉ ନିଜ ଲକ୍ଷ୍ୟ ହାସଲ କରିପାରୁଛି କି ନାହିଁ ତାହାକୁ ନେଇ କାହାଣୀ ଗତିଶୀଳ। ଆଉ ଏପରି ଏକ ଭିନ୍ନ ଧରଣର ବିଷୟକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଦିଲ୍ ମୋର ମାନେନା'। ମା' ତାରିଣୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ବାପୁନୀ କୁମାର ଏବଂ ଆର.ଆର୍. ସି. ବ୍ୟାନରରେ ଛବିତା ମାର୍ଥାଙ୍କ ଦ୍ୱାରା ମିଳିତ ପ୍ରଯୋଜନାରେ ଏହାର ସମସ୍ତ କାମ ଶେଷ ହୋଇଛି। ଏହାର ମେଲ୍ ଲିଡ୍‌ରେ ସ୍ୱରାଜ ଅଭିନୟ କରିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ବୁଲବୁଲି ଶିବାନୀ। ଏଥିରେ ଖଳନାୟକ ଭୂମିକାରେ ଅଭିନୟ କରିଛନ୍ତି ପ୍ରଯୋଜକ ଶ୍ରୀଧର ମାର୍ଥା। ଚିତ୍ରରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ । ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ହିମାଂଶୁ (ଚଣ୍ଡୀ)।


'ଦିଲ୍ ମୋର ମାନେନା' ଚଳଚ୍ଚିତ୍ରରେ ଶିବାନୀ–ସ୍ୱରାଜ

ଅପେରା ହାଲ୍‌ଚାଲ୍

# ଅଲରାଉଣ୍ଡର ଟିଂକିନା

ପ୍ରଥମେ କମେଡି ତା'ପରେ ମୁଖ୍ୟ ଭୂମିକା। ନିଜ ଦାୟିତ୍ୱକୁ ବେଶ୍ ସୁଚାରୁ ରୂପରେ ତୁଲାଇ ଜଲିଉଡ୍‌ରେ ନିଜକୁ ଜଣେ ଆଗଧାଡ଼ିର ଅଲରାଉଣ୍ଡର ନାୟିକା ଭାବରେ ପରିଚିତ କରାଇପାରିଛନ୍ତି ଟିଂକିନା। ଏବେ ନବଗଠିତ ହାଇ–ବଜେଟ ଯାତ୍ରା ଅନୁଷ୍ଠାନ 'ଯାତ୍ରା କଳାମନ୍ଦିର'ରେ ଆକ୍ଟିଂ ଜାରି ରଖିଛନ୍ତି ଏହି ଲୋକପ୍ରିୟ ଅଭିନେତ୍ରୀ। ଯାତ୍ରା କଳାମନ୍ଦିର ପକ୍ଷରୁ ଚଳିତବର୍ଷ ଯାତ୍ରା ସିଜନ୍‌ରେ ପରିବେଷିତ ହେବାକୁ ଥିବା ନାଟକଗୁଡ଼ିକର ରିହରସାଲ ଆରମ୍ଭ ହୋଇଯାଇଛି। ଏହି ନୂଆ ନାଟକଗୁଡ଼ିକ ମଧ୍ୟରେ 'ମୁଁ ତମର ତମେ କାହାର' (ରଚନା–ନିର୍ଦ୍ଦେଶନା : ପ୍ରଦୀପ ବେହେରା)ରେ ତାଙ୍କୁ ମିଳିଛି ଏକ ଦମଦାର ଭୂମିକା (ଆରତୀ)। ଏହାବ୍ୟତୀତ ଉକ୍ତ ପାର୍ଟିର ନୂଆ ନାଟକ 'ଆଖି କଥା ଆଉ ମାନୁନି ଲୁହ' (ରଚନା–ଡ. ସୁଧାଂଶୁ ନାୟକ, ନିର୍ଦ୍ଦେଶନା–ଗୁରୁ ପ୍ରସାଦ ମିଶ୍ର), 'ମନ ବୃନ୍ଦାବନ ମିଛ ବନ୍ଧନ' (ରଚନା–ଇଂ. ଆଶୁତୋଷ ମହାପାତ୍ର, ନିର୍ଦ୍ଦେଶନା–କିଶୋର ଖଣ୍ଡୁଆଳ) ଏବଂ ଦୀପକ ଜେନାଙ୍କ ରଚିତ ଓ ଲିଟିଲ ମାଷ୍ଟର ବିନୋଦ ରାଉତଙ୍କ ନିର୍ଦ୍ଦେଶନାରେ 'କେତେ କାନ୍ଦିବୁରେ କଳା କହ୍ନେଇ'ର ରିହରସାଲ ଖୁବ୍ ଶୀଘ୍ର ଆରମ୍ଭ ହେବ। ଏଥର ଏହି ପାର୍ଟିରେ ଗୌର ଦାସ, ଜିତୁ, ଶୁଭେନ୍ଦୁ, ସତ୍ୟ, ବୈକୁଣ୍ଠ ବାରେକ, ଜୟନ୍ତ, ନରି ପଣ୍ଡା, ମାନସ, ପ୍ରତାପ, ବାସନ୍ତୀ ବାରେକ, ମଞ୍ଜୁ, କୁନୁ, ମାମା, ପୂଜା ଆଦି କଳାକାର ଏବଂ ଉପସ୍ଥାପକ ଉମାକାନ୍ତଙ୍କୁ ଦେଖିବାକୁ ମିଳିବ।


ଟିଂକିନା

**୨୦୨୩ ସୁଦ୍ଧା ଖୋଲିବ ଅଯୋଧ୍ୟା ରାମମନ୍ଦିର**

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଅଯୋଧ୍ୟା ରାମମନ୍ଦିର ଭକ୍ତମାନଙ୍କ ପାଇଁ ଖୋଲିବାକୁ ଭାଜପା ଲକ୍ଷ୍ୟ ରଖିଛି। ୨୦୨୩ ଡିସେମ୍ବର ସୁଦ୍ଧା ଗର୍ଭଗୃହ କାର୍ଯ୍ୟ ଶେଷ ହୋଇ ରାମ, ସୀତା ଓ ଲକ୍ଷ୍ମଣଙ୍କ ବିଗ୍ରହକୁ ଅସ୍ଥାୟୀ ମନ୍ଦିରରୁ ସେଠାକୁ ସ୍ଥାନାନ୍ତର କରାଯିବ। ଏହା ପରେ ଭକ୍ତମାନଙ୍କ ଦର୍ଶନ ଲାଗି ମନ୍ଦିର ଖୋଲାଯିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ତେବେ ୨୦୨୫ ବେଳକୁ ସମ୍ପୂର୍ଣ୍ଣ ମନ୍ଦିର କମ୍ପ୍ଲେକ୍ସ କାର୍ଯ୍ୟ ଶେଷ ହେବା ଆଶା କରାଯାଉଛି।



## ସଂକ୍ଷେପରେ

### ରାଜ୍ୟ ସଭାରୁ ୬ ଟିଏମ୍‌ସି ନେତା ନିଲମ୍ବିତ

ନୂଆଦିଲ୍ଲୀ, ୪।୮: ପେଗାସସ୍ ବିବାଦକୁ ନେଇ ବୁଧବାର ସକାଳେ ରାଜ୍ୟ ସଭାରେ ହଟ୍ଟଗୋଳ କରିବାରୁ ୬ ଟିଏମ୍‌ସି ଏମ୍‌ପିଙ୍କୁ ଗୃହରୁ ନିଲମ୍ବନ କରାଯାଇଥିଲା। ସେମାନେ ହେଲେ ଡୋଲା ସେନ୍, ନଦିମୁଲ ହକ୍, ଅବିର ରଞ୍ଜନ ବିଶ୍ୱାସ, ଶାନ୍ତା ଛେତ୍ରୀ, ଅର୍ପିତା ଘୋଷ, ମୌସମ ନୂର। ଏହି ଟିଏମ୍‌ସି ଏମ୍‌ପିମାନେ ପାର୍ଲାମେଣ୍ଟର ଉଚ୍ଚ ସଦନରେ ପ୍ରବେଶ କରି ପ୍ଲାକାର୍ଡ ପ୍ରଦର୍ଶନ କରିବା ସହ ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ଅବମାନନା କରିଥିବା ନୋଟିସରେ କୁହାଯାଇଥିଲା। ଏହାଦ୍ୱାରା ଦିନ ସାରା ସେମାନଙ୍କ ଗୃହରେ ପ୍ରବେଶ ଉପରେ କଟକଣା ଲାଗିଥିଲା।

### ଅବଦୁଲ୍ କାୟୁମ୍ ନିଆଜି ପିଓକେ ପ୍ରଧାନମନ୍ତ୍ରୀ



ଇସ୍‌ଲାମାବାଦ, ୪।୮: ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ ଦଳର ଅବଦୁଲ କାୟୁମ୍ ନିଆଜି ପାକ୍ ଅଧିକୃତ କଶ୍ମୀର (ପିଓକେ)ର ୧୩ତମ ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଛନ୍ତି। ବୁଧବାର ପିଓକେ ବିଧାନସଭାର ନବନିର୍ବାଚିତ ବିଧାୟକମାନଙ୍କ ବୈଠକ ବସି ତାଙ୍କୁ ନେତା ନିର୍ବାଚନ କରାଯାଇଥିଲା। ନିଆଜିଙ୍କ ସପକ୍ଷରେ ୩୩ ଭୋଟ ଯାଇଥିବାବେଳେ ମିଳିତ ବିରୋଧୀ ଦଳ ପ୍ରାର୍ଥୀ ଚୌଧରୀ ଲତିଫ୍ ଆକବରଙ୍କୁ ୧୫ ଖଣ୍ଡ ଭୋଟ ମିଳିଥିଲା। ପିଏମ୍‌ଏଲ୍-ଏନ୍‌ର ରାଜା ଫାରୁକ୍ ହାଇଦରଙ୍କ ଉତ୍ତରାଧିକାରୀ ଭାବେ ନିଆଜି ପିଓକେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ।

### ଆଫଗାନ ପ୍ରତିରକ୍ଷାମନ୍ତ୍ରୀଙ୍କ ଘର ନିକଟରେ ବିସ୍ଫୋରଣ

କାବୁଲ, ୪।୮: ଆଫଗାନିସ୍ତାନର କାର୍ଯ୍ୟକାରୀ ପ୍ରତିରକ୍ଷା ମନ୍ତ୍ରୀ ବିସ୍‌ମିଲ୍ଲା ମହମ୍ମଦିଙ୍କୁ ଟାର୍ଗେଟ କରି ତାଙ୍କ ବାସଭବନ ନିକଟରେ ମଙ୍ଗଳବାର ରାତିରେ ଏକ ବିସ୍ଫୋରକଭର୍ତ୍ତି କାର୍‌କୁ ବିସ୍ଫୋରଣ କରାଯାଇଛି। ବିସ୍ଫୋରଣ ବେଳେ ମହମ୍ମଦି ଘରେ ନ ଥିଲେ। ବିସ୍ଫୋରଣରେ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ ଜଣ ଆହତ ହୋଇଛନ୍ତି। ବିସ୍ଫୋରଣ ପରେ ବନ୍ଧୁକଧାରୀମାନେ ମନ୍ତ୍ରୀଙ୍କ ବାସଭବନରେ ପ୍ରବେଶ କରିବାରୁ ସୁରକ୍ଷା କର୍ମୀଙ୍କ ସହ ଗୁଳି ବିନିମୟ ହୋଇଥିଲା। ଏଥିରେ କେତେଜଣ ସୁରକ୍ଷା କର୍ମୀ ଆହତ ହୋଇଥିବା ଜଣାପଡ଼ିଛି।

### ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର କୋର୍ଟ ରହିବ

**କ୍ୟାବିନେଟ ମଞ୍ଜୁରୀ**

ନୂଆଦିଲ୍ଲୀ, ୪।୮ (ପି.ଟି.): ଦେଶରେ ୩୮୯ଟି ବିଶେଷ ପୋକ୍‌ସୋ କୋର୍ଟ ସମେତ ୧,୦୨୩ ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ କେନ୍ଦ୍ରୀୟ ଯୋଜନାରେ ଆଉ ଦୁଇବର୍ଷ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ର କ୍ୟାବିନେଟ ବୁଧବାର ଏହାକୁ ଅନୁମୋଦନ କରିଛି। ୩୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ୨୮ଟିରେ ଏହି ଯୋଜନା ଆରମ୍ଭ ହୋଇଥିବା କ୍ୟାବିନେଟ ବୈଠକ ଶେଷରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଗଣମାଧ୍ୟମକୁ କହିଛନ୍ତି। ପଶ୍ଚିମବଙ୍ଗ ସରକାର ଏହି ଯୋଜନାକୁ ତାଙ୍କ ରାଜ୍ୟରେ କାର୍ଯ୍ୟକାରୀ କରିନାହାନ୍ତି। ଉକ୍ତ ଯୋଜନା ୨୦୨୧ ଏପ୍ରିଲ୍ ୧ରୁ ୨୦୨୩ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏଥିପାଇଁ ୧୫୭୨.୮୬ କୋଟି ଟଙ୍କା ବ୍ୟୟ ହେବ। ସେଥିରେ କେନ୍ଦ୍ର ସରକାରଙ୍କ ଭାଗ ୯୭୧.୭୦ କୋଟି ହୋଇଥିବାବେଳେ ରାଜ୍ୟଗୁଡ଼ିକ ୬୦୧.୧୬ କୋଟି ଟଙ୍କା ଯୋଗାଇଦେବେ। କେନ୍ଦ୍ରର ଭାଗ ନିର୍ଭୟା ପାଣ୍ଠିରୁ ଯୋଗାଇଦିଆଯିବ।

## ୩୭୦ ଉଚ୍ଛେଦକୁ ୨ ବର୍ଷ

# କେମିତି ଅଛି କଶ୍ମୀର ସ୍ଥିତି



**୩୭୦ ଉଚ୍ଛେଦକୁ ଗୁରୁବାର ୨ ବର୍ଷ ପୂରିଛି। ଯେଉଁ ଉଦ୍ଦେଶ୍ୟ ନେଇ ଏହି ସାମ୍ବିଧାନିକ ପଦକ୍ଷେପ ନିଆଯାଇଥିଲା ତାହା କେତେ ସାଧିତ ହୋଇଛି? ଜମ୍ମୁ-କଶ୍ମୀରରୁ ଆତଙ୍କବାଦର ମୂଳପୋଛ କରାଯାଇପାରିଛି କି? କେନ୍ଦ୍ରୀୟ ଶାସନ ଚାଲିଥିବା କେନ୍ଦ୍ରଶାସିତ ଅଞ୍ଚଳରେ ସାଧାରଣ ଜନତାଙ୍କ ଆଶା ଆକାଂକ୍ଷା ପୂରଣ ହୋଇଛି ନା କେବଳ ପ୍ରଶାସନିକ ସ୍ତରରେ ସୀମିତ ରହିଛି ତମାମ ପ୍ରତିଶ୍ରୁତି? ଆଜି ଏସବୁ ପ୍ରଶ୍ନ ଅଧିକାଂଶ ଦେଶବାସୀଙ୍କ ମନରେ ଉଙ୍କି ମାରୁଛି।**

ନୂଆଦିଲ୍ଲୀ/ଶ୍ରୀନଗର,୪।୮

୨୦୧୯ ମସିହା ଅଗଷ୍ଟ ୫ ତାରିଖରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ଉଚ୍ଛେଦ କରିଦେଇଥିଲେ। କେନ୍ଦ୍ରର ଏହି ପଦକ୍ଷେପ ଫଳରେ ଜମ୍ମୁ-କଶ୍ମୀର ପାଇଁ ଥିବା ସ୍ୱତନ୍ତ୍ର ସମ୍ବିଧାନ ଏବଂ ଅନୁଚ୍ଛେଦ ୩୫-ଏ ସମେତ ଅନ୍ୟ ସମସ୍ତ ନିୟମ ସ୍ୱତଃ ଉଚ୍ଛେଦ ହୋଇଯାଇଥିଲା। ସେହିପରି ଜମ୍ମୁ-କଶ୍ମୀରଠାରୁ ଲଦାଖକୁ ଅଲଗା କରି ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ପ୍ରତିଷ୍ଠା କରାଯାଇଥିଲା। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ପାର୍ଲାମେଣ୍ଟରେ ଆଗତ କରିଥିବା ପ୍ରସ୍ତାବ ଗୃହୀତ ହୋଇଥିଲା। ଭାଜପା ଏହାକୁ ମୋଦି ସରକାରଙ୍କ ଦ୍ୱିତୀୟ ପାଳି ଶାସନରେ ସବୁଠୁ ଦୁଃସାହସିକ ତଥା ଐତିହାସିକ ପଦକ୍ଷେପ ଭାବେ ଅଭିହିତ କରିଥିବାବେଳେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ନିନ୍ଦା କରିଥିଲେ। ୩୭୦କୁ ହଟାଇବାର ସପ୍ତାହେ ପୂର୍ବରୁ ଉପତ୍ୟକାକୁ ପ୍ରାୟ ୪୦ ହଜାର ସୈନ୍ୟ ପଠାଯାଇଥିଲା। ସେତେବେଳେ ମୋବାଇଲ୍, ଇଣ୍ଟରନେଟ ଉପରେ କଟକଣା ଲଗାଇବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା, ଓମାର ଅବ୍‌ଦୁଲ୍ଲା ଏବଂ ମେହବୁବା ମୁଫ୍‌ତିଙ୍କ ସମେତ ଅନେକ ନେତାଙ୍କୁ ଗୃହବନ୍ଦୀ କରାଯାଇଥିଲା। ଦୀର୍ଘ କାଳ ଗୃହବନ୍ଦୀ ରହିବା ପରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ କ୍ରମେ ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ମୁକ୍ତ ହୋଇଥିଲେ। କେନ୍ଦ୍ରର ଏହି ଆଇନକୁ ନେଇ କେବଳ ଭାରତରେ ନୁହେଁ, ବରଂ ବିଦେଶରେ ମଧ୍ୟ ଜୋର୍ ଧରିଥିଲା ବିବାଦ ଓ ବିତର୍କ।

### ଆତଙ୍କବାଦ ଏବେ ବି ଚ୍ୟାଲେଞ୍ଜ

୩୭୦ ଉଚ୍ଛେଦକୁ ଗୁରୁବାର ୨ ବର୍ଷ ପୂରଣ ହେଉଥିବାବେଳେ ସୁରକ୍ଷା ଦୃଷ୍ଟିରୁ ଜମ୍ମୁ, ଶ୍ରୀନଗର ସମେତ କେତେକ ସ୍ଥାନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। କାରଣ ଉପତ୍ୟକାରେ ଏବେ ମଧ୍ୟ ଆତଙ୍କବାଦ ଏକ ବଡ଼ ଚ୍ୟାଲେଞ୍ଜ ହୋଇ ରହିଛି। ନିୟନ୍ତ୍ରଣରେଖା (ଏଲ୍‌ଓସି) ଦେଇ ଆତଙ୍କବାଦୀଙ୍କ ଅନୁପ୍ରବେଶ କିଛି ମାତ୍ରାରେ କମିଥିଲେ ହେଁ ସ୍ଥାନୀୟ ଆତଙ୍କବାଦୀଙ୍କ ଦୌରାତ୍ମ୍ୟ ଜାରି ରହିଛି। ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟାନୁସାରେ ୨୦୨୦ରେ ୧୬୩ କଶ୍ମୀରୀ ଯୁବକ ଜେହାଦୀ ସାଜିଥିଲେ। ୨୦୧୯ ଅଗଷ୍ଟରୁ ୨୦୨୧ ଜୁଲାଇ ମଧ୍ୟରେ ଆତଙ୍କବାଦୀଙ୍କ ଆକ୍ରମଣରେ ୭୨ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଚଳିତ ବର୍ଷ ୯୦ ଆତଙ୍କବାଦୀଙ୍କୁ ସୁରକ୍ଷା ବଳ ନିପାତ କରିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଲଶ୍କର-ଇ-ତୋଇବା (ଏଲ୍‌ଇଟି) ସଦସ୍ୟ। ଅବଶିଷ୍ଟ ହେଲେ ହିଜ୍‌ବୁଲ ମୁଜାହିଦ୍ଦିନ, ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଏବଂ ସ୍ଥାନୀୟ ଆତଙ୍କବାଦୀ। ଏସବୁକୁ ଦୃଷ୍ଟିରେ ରଖି ଜମ୍ମୁ-କଶ୍ମୀର ପୋଲିସ ମଙ୍ଗଳବାର ଟପ୍ ଟେନ୍ ଆତଙ୍କବାଦୀଙ୍କ ତାଲିକା ଜାରି କରିଥିଲା।

### 'ନୂଆ କଶ୍ମୀର' ଏକ ଉପହାସ: ଗୁପ୍‌କାର ମେଣ୍ଟ

୩୭୦ ଉଚ୍ଛେଦ ପରେ ଏକ ନୂଆ କଶ୍ମୀର ପ୍ରତିଷ୍ଠା ହୋଇଛି ବୋଲି କେନ୍ଦ୍ରରେ କ୍ଷମତାସୀନ ଭାଜପା ଦାବି କରୁଛି, ଯାହାକି ଉପତ୍ୟକାବାସୀଙ୍କ ପାଇଁ ଏକ ଉପହାସ ବୋଲି ପିପୁଲ୍ସ ଆଲାଏନ୍ସ ଫର୍ ଗୁପ୍‌କାର ଡିକ୍ଲାରେଶନ୍ (ପିଏଜିଡି) ପକ୍ଷରୁ ବୁଧବାର ସମାଲୋଚନା କରାଯାଇଛି। ୨୦୧୯ ଅଗଷ୍ଟରେ ନିଆଯାଇଥିବା ପଦକ୍ଷେପରୁ କ'ଣ ମିଳିଛି ବୋଲି ଲୋକେ ପ୍ରଶ୍ନ କରିବା ଆରମ୍ଭ କଲେଣି। ତେଣୁ ଶାନ୍ତିପୂର୍ଣ୍ଣ ଓ ଆଇନଗତ ଉପାୟରେ ଅଧିକାରଗୁଡ଼ିକର ସୁରକ୍ଷା ପାଇଁ ଲଢ଼େଇ କରିବାକୁ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ନେତୃତ୍ୱାଧୀନ ମେଣ୍ଟ ଆହ୍ୱାନ ଦେଇଛି। କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରର ସମ୍ବିଧାନକୁ ଉଚ୍ଛେଦ କରି ସାମ୍ବିଧାନିକତାର ସବୁ ସୀମା ଅତିକ୍ରମ କରିଛନ୍ତି। ଏହି ପଦକ୍ଷେପ ଫଳରେ ଭାରତ ସରକାର ସହ ଆମର ସବୁ ସମ୍ପର୍କ ଖରାପ ହୋଇଯାଇଛି ବୋଲି ପିଏଜିଡି ମୁଖପାତ୍ର ତଥା ସିପିଆଇଏମ୍ ନେତା ଏମ୍.ୱାଇ. ତାରିଗାମୀ ସମାଲୋଚନା କରିଛନ୍ତି। ପ୍ରକାଶ ଯେ, ୩୭୦ ଫେରାଇ ଆଣିବା ପାଇଁ ଫାରୁକଙ୍କ ଏନ୍‌ସି ଏବଂ ମେହବୁବା ମୁଫ୍‌ତିଙ୍କ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ସମେତ କଶ୍ମୀରୀ ଦଳଗୁଡ଼ିକ ଏହି ମେଣ୍ଟ ଗଠନ କରିଛନ୍ତି।

### ଗୃହବନ୍ଦୀ କଥା ସ୍ମରଣ କଲେ ଓମାର

୩୭୦ ଉଚ୍ଛେଦର ଦ୍ୱିତୀୟ ବର୍ଷପୂର୍ତ୍ତି ଅବସରରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା ୭ ମାସ ଅବଧିର ଗୃହବନ୍ଦୀ ସ୍ମୃତିକୁ ସ୍ମରଣ କରିଛନ୍ତି। କେନ୍ଦ୍ରର ଏହି ପଦକ୍ଷେପକୁ ସେ ଅଚାନକ, ଅପ୍ରତ୍ୟାଶିତ ଓ ଅସାମ୍ବିଧାନିକ ଝଟ୍‌କା ବୋଲି ଅଭିହିତ କରିଛନ୍ତି। ଏହାସହ ଦିନେ ନା ଦିନେ ଜମ୍ମୁ-କଶ୍ମୀରବାସୀଙ୍କୁ ନ୍ୟାୟ ମିଳିବ ବୋଲି ଆଶାବାଦୀ ଥିବା ଓମାର କହିଛନ୍ତି। ଜୁନ୍ ୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଶ୍ମୀରର ମୁଖ୍ୟସ୍ରୋତର ଦଳଗୁଡ଼ିକର ନେତାମାନେ ଆଲୋଚନା କରିଥିବାବେଳେ ଓମାର କହିଥିଲେ, ଉପଯୁକ୍ତ ପରିଣାମ ପାଇଁ ତୃଣମୂଳ ସ୍ତରରେ ପଦକ୍ଷେପ ନିଆଯିବା ଆବଶ୍ୟକ। ବିକାଶ ପାଇଁ ବହୁତ କଥା କୁହାଯାଉଛି। ସେସବୁର ସୁବିଧା ଲୋକେ ପାଇବା ଉଚିତ।



### '୩୭୦ ପାଇଁ ଲଢ଼େଇ ଜାରି ରହିବ'

ଅନୁଚ୍ଛେଦ ୩୭୦କୁ ପୁନଃ ଅବସ୍ଥାପିତ ସହ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଫେରସ୍ତ କରିବା ଲାଗି ସୁପ୍ରିମକୋର୍ଟ ପଦକ୍ଷେପ ନେବେ ବୋଲି ବିଶ୍ୱାସ। ସର୍ବୋଚ୍ଚ ଅଦାଲତ ଏହାର ସମାଧାନ ନ କଲେ ଆମ ଅଧିକାର ପାଇଁ ଶାନ୍ତିପୂର୍ଣ୍ଣ ଭାବେ ସଂଗ୍ରାମ ଜାରି ରଖିବୁ ବୋଲି ଜମ୍ମୁ-କଶ୍ମୀର ଅପ୍‌ନୀ ପାର୍ଟି ମୁଖ୍ୟ ଅଲ୍‌ତାଫ ବୁଖାରି ଚେତାବନୀ ଦେଇଛନ୍ତି।



ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା (ମଝି)ଙ୍କ ସହ ଗୁପ୍‌କାର ମେଣ୍ଟର ନେତାମାନେ।

### ୯ରେ ଶ୍ରୀନଗର ଯିବେ ରାହୁଲ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଗଷ୍ଟ ୯ରେ ଶ୍ରୀନଗର ଗସ୍ତ କରିବେ। ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀର ରାଜଧାନୀକୁ ଏହା ହେବ ତାଙ୍କର ପ୍ରଥମ ଗସ୍ତ। ଶ୍ରୀନଗରରେ ସେ ଦଳୀୟ ନେତା ଓ କର୍ମୀମାନଙ୍କ ସହ ସାମ୍ପ୍ରତିକ ସ୍ଥିତି ଓ ଅନ୍ୟ ପ୍ରସଙ୍ଗରେ ଆଲୋଚନା କରିବେ। ପ୍ରକାଶ ଯେ, ୨୦୧୯ ଅଗଷ୍ଟ ପରେ ଉପତ୍ୟକାକୁ ବିରୋଧୀ ଦଳର ନେତାମାନଙ୍କୁ ଯିବାକୁ ଦିଆଯାଇ ନ ଥିଲା।

### ଅଗଷ୍ଟ ୫ ନିରସ୍ତ୍ରୀକରଣ ଦିବସ

ଦୁଇବର୍ଷ ତଳେ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରର ସ୍ପେଶାଲ ଷ୍ଟାଟସ୍ ସହ ଲୋକଙ୍କ ଅଧିକାର ଛଡ଼ାଇ ନିଆଯାଇଥିଲା। ତେଣୁ ଏହା ନିରସ୍ତ୍ରୀକରଣ ଦିବସ ଭାବେ କଶ୍ମୀରବାସୀ ମନେରଖିବେ। ଉପତ୍ୟକାର ଇତିହାସରେ ଏହା ଏକ କଳାଦିବସ ବୋଲି ସଜାଦ୍ ଲୋନ୍‌ଙ୍କ ନେତୃତ୍ୱାଧୀନ ପିପୁଲ୍ସ କନ୍‌ଫରେନ୍ସ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।



୩୭୦ ଉଚ୍ଛେଦର ୨ ବର୍ଷ ପୂର୍ତ୍ତି ଅବ୍ୟବହିତ ପୂର୍ବରୁ ବୁଧବାର ଜମ୍ମୁ-କଶ୍ମୀର ଜାତୀୟ ରାଜପଥରେ ମୁତୟନ ସିଆର୍‌ପିଏଫ୍ ଯବାନ।

## ସରକାରୀ ବିଦ୍ୟାଳୟରେ ରହିବ ପ୍ଲେ ସ୍କୁଲ

ନୂଆଦିଲ୍ଲୀ, ୪।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଶିକ୍ଷା ଯୋଜନା ୨.୦ ଲାଗୁ ନିଷ୍ପତ୍ତିକୁ ମଞ୍ଜୁରୀ ମିଳିଛି। ୧ ଏପ୍ରିଲ ୨୦୨୧ରୁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ୨ ଲକ୍ଷ ୯୪ ହଜାର ୨୮୩ କୋଟି ଟଙ୍କାର ଏହି ଯୋଜନାରେ କେନ୍ଦ୍ରର ଅଂଶ ୧ ଲକ୍ଷ ୮୫ ହଜାର ୩୯୮ କୋଟି ରହିବ। ପ୍ରି ସ୍କୁଲରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଏହି ଯୋଜନା କାର୍ଯ୍ୟକାରୀ ହେବ।

ଏହାବାଦ୍ ସରକାରୀ ସ୍କୁଲରେ ପ୍ଲେ ସ୍କୁଲ ଆରମ୍ଭ କରାଯିବା ସହ ବିବିଧ ଭାଷା ଓ ଦକ୍ଷତାବୃଦ୍ଧି ଭିତ୍ତିକ ପାଠ୍ୟକ୍ରମ ରହିବ। ଧନ୍ଦାମୂଳକ ଶିକ୍ଷା ଓ କ୍ରୀଡ଼ାକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ସରକାରୀ ସ୍କୁଲରେ ପ୍ରି-ପ୍ରାଇମେରୀ ପିଲାଙ୍କୁ ମୁଣ୍ଡପିଛା ୫ ଶହ ଟଙ୍କା ବ୍ୟୟରେ ପାଠ୍ୟୋପକରଣ ଯୋଗାଣ, ପ୍ରତି ଶିକ୍ଷକଙ୍କ ପାଇଁ ୧୫୦ ଟଙ୍କାର ଟିଚର ମାନୁଆଲ ଯୋଗାଯିବ। ମାଧ୍ୟମିକ ଶିକ୍ଷା ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଯାତାୟାତ ପାଇଁ ବାର୍ଷିକ ୬ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯିବ। ସ୍କୁଲ ବାହାରେ ଥିବା ୬ରୁ ୧୯ ବର୍ଷୀୟ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଛାତ୍ରୀନିବାସଗୁଡ଼ିକ ପାଇଁ ଆର୍ଥିକ ବ୍ୟବସ୍ଥା, ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ବାବଦରେ ଛାତ୍ରୀଙ୍କ ବାବଦ ଖର୍ଚ୍ଚ ୩ରୁ ୫ ହଜାରକୁ ବୃଦ୍ଧି କରାଯାଇଛି।




କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନୁରାଗ ଠାକୁର କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଉଛନ୍ତି।

- ସମଗ୍ର ଶିକ୍ଷା ଯୋଜନା ୨.୦କୁ ମୋହର
- ଦକ୍ଷତା ବୃଦ୍ଧି, ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ

## ବୋମାଇ କ୍ୟାବିନେଟରେ ୨୯ ମନ୍ତ୍ରୀ ଶପଥ ନେଲେ

ବେଙ୍ଗାଲୁରୁ, ୪।୮

କର୍ନାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ବୁଧବାର ତାଙ୍କ କ୍ୟାବିନେଟରେ ୨୯ ଜଣ ମନ୍ତ୍ରୀଙ୍କୁ ସାମିଲ କରିଛନ୍ତି। ସେଥିରେ ବି.ଏସ୍. ୟେଦୁରପ୍ପାଙ୍କ ମନ୍ତ୍ରିମଣ୍ଡଳର ଅଧିକାଂଶ ମନ୍ତ୍ରୀ ସ୍ଥାନ ପାଇଛନ୍ତି। ବେଙ୍ଗାଲୁରୁସ୍ଥିତ ରାଜଭବନ ପରିସରରେ ରାଜ୍ୟପାଳ ଥାୱରଚନ୍ଦ ଗେହଲଟ ନୂଆ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ତେବେ କାହାକୁ ଉପମୁଖ୍ୟମନ୍ତ୍ରୀ କରାଯାଇନାହିଁ। ୟେଦୁରପ୍ପାଙ୍କ ସାନପୁଅ ତଥା ରାଜ୍ୟ ଭାଜପା ଉପାଧ୍ୟକ୍ଷ ବି.ୱାଇ. ବିଜୟେନ୍ଦ୍ରଙ୍କୁ ମଧ୍ୟ ମନ୍ତ୍ରିମଣ୍ଡଳରେ ନିଆଯାଇନାହିଁ। ୟେଦୁରପ୍ପାଙ୍କ ଇସ୍ତଫା ପରେ ଗତ ସପ୍ତାହରେ ବୋମାଇଙ୍କୁ କର୍ନାଟକ ମୁଖ୍ୟମନ୍ତ୍ରୀ ନିର୍ବାଚିତ କରାଯାଇଥିଲା।

## ବାହାଘରକୁ ଯିବାବେଳେ ବଜ୍ରପାତ: ୧୭ ମୃତ

ଢାକା, ୪।୮

ବରପକ୍ଷ ଲୋକେ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଉଥିବାବେଳେ ବାଂଲାଦେଶର ଚପାଇନୱାଗଞ୍ଜ ଜିଲାର ପଦ୍ମା ନଦୀକୂଳରେ ବୁଧବାର ଦୁଃଖଦ ଘଟଣା ଘଟିଛି। ନଦୀ ପାର ହୋଇ ଯିବାକୁ ପ୍ରସ୍ତୁତ ହେଉଥିବାବେଳେ ଘଡ଼ଘଡ଼ି ସହ ବର୍ଷା ହେବାରୁ ଏଥିରେ ୧୭ ଜଣଙ୍କ ମୃତ୍ୟୁ ହୋଇଛି। ପ୍ରକାଶ ଯେ, ୪୦ ବରଯାତ୍ରୀ ବିବାହରେ ଯୋଗଦେବାକୁ ଏକ ଡଙ୍ଗାରେ ନଦୀ ପାର ହୋଇ ଯିବାକୁ ବାହାରିଥିଲେ। ଏହି ସମୟରେ ବର୍ଷା ସହ ଘଡ଼ଘଡ଼ି ମାରିବାରୁ ସେଠାରେ ଥିବା ଏକ ଟିଣ ଛପର ତଳେ ସେମାନେ ଆଶ୍ରୟ ନେଇଥିଲେ। ତେବେ ବଜ୍ରପାତ ହେବାରୁ ସେମାନଙ୍କ ମଧ୍ୟରୁ ୧୭ ଜଣଙ୍କ ମୃତ୍ୟୁ ଘଟିଛି। ବରଙ୍କ ସମେତ ଆହୁରି ୧୫ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୨ ପୁରୁଷ ଓ ୫ ମହିଳା ରହିଛନ୍ତି।

## ସିବିଆଇ ହାତରେ ଜଜ୍ ମୃତ୍ୟୁ ମାମଲା

ନୂଆଦିଲ୍ଲୀ, ୪।୮ (ପି.ଟି.)

ଝାଡ଼ଖଣ୍ଡର ଧାନବାଦ ଜିଲା ଅତିରିକ୍ତ ବିଚାରପତି ଉତ୍ତମ ଆନନ୍ଦଙ୍କୁ ଅଟୋ ମଡ଼ାଇ ହତ୍ୟା ଘଟଣାର ତଦନ୍ତ ଦାୟିତ୍ୱ ବୁଧବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନେଇଛି। ତଦନ୍ତ ପାଇଁ ସିବିଆଇ ଏକ ୨୦ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛି। ଏସ୍‌ଆଇଟି ସହ ଦିଲ୍ଲୀରୁ କେନ୍ଦ୍ରୀୟ ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରି (ସିଏଫ୍‌ଏସ୍‌ଏଲ୍) ବିଶେଷଜ୍ଞମାନେ ଧାନବାଦ ଯାଇଛନ୍ତି।

## ଆଇଏନ୍‌ଏସ୍ ବିକ୍ରାନ୍ତର ସି-ଟ୍ରାଏଲ ଆରମ୍ଭ

ନୂଆଦିଲ୍ଲୀ, ୪।୮

ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତର ପ୍ରଥମ ଯୁଦ୍ଧବିମାନବାହୀ ରଣତରୀ (ଆଇଏସି)ର ବହୁପ୍ରତୀକ୍ଷିତ ସାମୁଦ୍ରିକ ପରୀକ୍ଷଣ ବୁଧବାର ଆରମ୍ଭ ହୋଇଛି। ଆସନ୍ତାବର୍ଷ ଅଗଷ୍ଟରେ ଏହା ନୌସେନାରେ ସାମିଲ ହେବା ପରେ ଆଇଏନ୍‌ଏସ୍ ବିକ୍ରାନ୍ତ ଭାବେ ନାମିତ ହେବ। ୪୦,୦୦୦ ଟନ୍‌ର ଏହି ଯୁଦ୍ଧଜାହାଜର ସାମୁଦ୍ରିକ ପରୀକ୍ଷା ଆରମ୍ଭ ହୋଇଥିବା ଏହା ଏକ ଐତିହାସିକ ଦିନ ଏବଂ ଏଭଳି ନୌବହର ନିର୍ମାଣ କରିବାରେ ଅଳ୍ପ କେତୋଟି ରାଷ୍ଟ୍ର ସହ ଭାରତ ସାମିଲ ହୋଇପାରିଛି। କୋଚି ଶିପ୍‌ୟାର୍ଡରେ ୨୩,୦୦୦ କୋଟି ଟଙ୍କାରେ ନିର୍ମିତ ଆଇଏସି ଉପରେ ମିଗ୍-୨୯କେ ସୁପରସୋନିକ୍ ଲଢୁଆ ଜେଟ୍, ଏମ୍‌ଏଚ୍-୬୦ଆର୍ ମଲ୍ଟିରୋଲ୍ ହେଲିକପ୍ଟର ଏବଂ ସ୍ୱଦେଶୀ ଏଏଲ୍‌ଏଚ୍ (ଅତ୍ୟାଧୁନିକ ହାଲୁକା ହେଲିକପ୍ଟର) ଉଡ଼ାଣ ଓ ଅବତରଣ କରିବା ପରେ ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଏହା ନୌସେନାରେ ସାମିଲ ହେବା ପରେ ଗଭୀର ସମୁଦ୍ରରେ ଭାରତର ଶକ୍ତି ବୃଦ୍ଧି ହେବ। ୧୯୬୧ରେ ଭାରତ ବ୍ରିଟେନ୍‌ଠାରୁ କିଣିଥିବା ଦେଶର ପ୍ରଥମ ଯୁଦ୍ଧବିମାନବାହୀ ରଣତରୀ ଆଇଏନ୍‌ଏସ୍ ବିକ୍ରାନ୍ତକୁ ୧୯୯୭ରେ ସେବାମୁକ୍ତ କରାଯାଇଥିଲା।



**ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରଥମ ଯୁଦ୍ଧବିମାନବାହୀ ରଣତରୀ**

## ଭାଜପାକୁ ମିଳିଛି ୭୮୫.୭୭ କୋଟି

ନୂଆଦିଲ୍ଲୀ, ୪।୮ (ପି.ଟି.)

ଭାଜପା ୨୦୧୯-୨୦ ବର୍ଷରେ ସଂଗ୍ରହ କରିଥିବା ଚାନ୍ଦା ସମ୍ପର୍କରେ ଘୋଷଣା କରିଛି। କଂଗ୍ରେସ, ଟିଏମ୍‌ସି, ଏନ୍‌ସିପି, ସିପିଆଇ ଏବଂ ସିପିଏମ୍ ପାଇଥିବା ମୋଟ ଚାନ୍ଦା ତୁଳନାରେ ଭାଜପାର ଚାନ୍ଦା ପରିମାଣର ୩ ଗୁଣରୁ ଅଧିକ ବୋଲି ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ (ଏଡିଆର୍) ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଉପରୋକ୍ତ ୫ଟି ଦଳ ମୋଟ ୨୨୮.୦୩୫ କୋଟି ଟଙ୍କା ପାଇଥିବା ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ଭାଜପା ଏହି ସମୟ ମଧ୍ୟରେ ଏକାକୀ ୭୮୫.୭୭ କୋଟି ଟଙ୍କା ଚାନ୍ଦା ସଂଗ୍ରହ କରିଛି।

**ଏଡିଆର୍ ରିପୋର୍ଟ**

୨୦୧୯-୨୦ ଆର୍ଥିକ ବର୍ଷରେ ଜାତୀୟ ରାଜନୈତିକ ଦଳଗୁଡ଼ିକ ସଂଗ୍ରହ କରିଥିବା ୨୦,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ ଚାନ୍ଦା ସମ୍ପର୍କିତ ରିପୋର୍ଟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିଥିଲେ। ଏହାକୁ ଆଧାର କରି ଏଡିଆର୍ ରିପୋର୍ଟ ପ୍ରସ୍ତୁତ କରିଛି। ଉକ୍ତ ରିପୋର୍ଟ ଅନୁଯାୟୀ ଭାଜପା ଅମରାବତୀ ମ୍ୟୁନିସିପାଲ କର୍ପୋରେଶନରୁ ୪.୮୦ ଲକ୍ଷ ଟଙ୍କା ଚାନ୍ଦା ପାଇଥିବା ଘୋଷଣା କରିଛି। ତେବେ ଚାନ୍ଦା ଦେଇଥିବା ଲୋକଙ୍କ ସବିଶେଷ ଠିକଣା, ବ୍ୟାଙ୍କ ନାମ, ପ୍ୟାନ୍ ଆଦି ଦଳ ପକ୍ଷରୁ ଦିଆଯାଇନାହିଁ। ମ୍ୟୁନିସିପାଲ କର୍ପୋରେଶନ ଏକ ସରକାରୀ ସଂସ୍ଥା ହୋଇଥିବାବେଳେ ଏହା ନିର୍ଦ୍ଦିଷ୍ଟ ଦଳକୁ ଚାନ୍ଦା ଦେବାର ବୈଧତାକୁ ନେଇ ପ୍ରଶ୍ନ ଉଠିଛି।

ଘୋଷଣା ଅନୁଯାୟୀ ଭାଜପା ୫୭୦ ଚାନ୍ଦାରୁ ୧୪୯.୮୭୫ କୋଟି ପାଇଥିବାବେଳେ ତୃଣମୂଳ କଂଗ୍ରେସ ୫୨ ଜଣଙ୍କଠାରୁ ୭.୧୦୩୫ କୋଟି, କଂଗ୍ରେସ ୨୫ ଚାନ୍ଦାରୁ ୨.୬୮୭୫ କୋଟି, ଏନ୍‌ସିପି ଦୁଇଟି ଚାନ୍ଦାରୁ ୩.୦୦୫ କୋଟି ଟଙ୍କା ପାଇଛି। ତେବେ କୌଣସି ଦଳ ଚେକ୍ ନମ୍ବର, କେବେ ମିଳିଥିଲା ଓ କେବେ ଉଠାଯାଇଥିଲା ତାହାର ସବିଶେଷ ବ୍ୟାଙ୍କ ବିବରଣୀ ଦେଇନାହାନ୍ତି। ଭାଜପା ୩ ଜଣଙ୍କଠାରୁ ୧.୫୧୬ କୋଟି ଟଙ୍କାର ଜମି ପାଇଛି। ସିପିଏମ୍ ୩୯ ଜଣଙ୍କଠାରୁ ୧.୦୭୮୬ କୋଟି ଏବଂ ସିପିଆଇ ୨୯ ଜଣଙ୍କଠାରୁ ୫୨.୧୭ ଲକ୍ଷ ଟଙ୍କା ପାଇଥିବା ଦର୍ଶାଇଛନ୍ତି। ଦୁଇ ବାମଦଳ ମଧ୍ୟ ପାଇଥିବା ଚାନ୍ଦାର ଚେକ୍ ଏବଂ ଡିମାଣ୍ଡ ଡ୍ରାଫ୍ଟ ନମ୍ବର ପ୍ରକାଶ କରିନାହାନ୍ତି।

**୫ ଦଳ ପାଇଥିବା ମୋଟ ଚାନ୍ଦାର ୩ ଗୁଣ**

**ଏୟାର ଇଣ୍ଡିଆର କ୍ଷତି ୭୦,୮୦୦ କୋଟି**

୨୦୦୭ରେ ଇଣ୍ଡିଆନ ଏୟାର ଲାଇନ୍ସ ସହ ମିଶ୍ରଣ ପରେ ଏୟାର ଇଣ୍ଡିଆର କ୍ଷତି ବଢ଼ିଚାଲିଛି। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା କମ୍ପାନୀ ୭୦,୮୦୦ କୋଟି ଟଙ୍କା କ୍ଷତି ସହିଥିବା ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଭି.କେ.ସିଂ କହିଛନ୍ତି। ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ଏହି କମ୍ପାନୀର ଘରୋଇକରଣ ଲାଗି ଆଗ୍ରହୀ ସଂସ୍ଥାଙ୍କଠାରୁ ଫାଇନାନ୍ସିଆଲ ବିଡ୍ ଗ୍ରହଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। କରୋନା ପାଇଁ ଏ ସଂକ୍ରାନ୍ତ କାର୍ଯ୍ୟକ୍ରମ ଆଗକୁ ବଢ଼ିବାରେ ଅସୁବିଧା ଉପୁଜୁଛି ବୋଲି ସିଂ ରାଜ୍ୟ ସଭାକୁ ସ୍ପଷ୍ଟ କରିଛନ୍ତି।

## ସଂକ୍ଷେପରେ

### ଆର୍‌ବିଆଇ ଏମ୍‌ପିସି ବୈଠକ ଆରମ୍ଭ

**ମୁମ୍ବାଇ, ୪।୮:** ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ର ମୁଦ୍ରା ନୀତି କମିଟି(ଏମ୍‌ପିସି) ବୈଠକ ବୁଧବାରଠାରୁ ଆରମ୍ଭ ହୋଇଛି। ଏହା ୩ ଦିନବ୍ୟାପୀ ଚାଲିବ। ଲଗାତର ସପ୍ତମ ଥର ଲାଗି ଏହା ରେପୋକୁ ଅପରିବର୍ତ୍ତିତ ରଖିପାରେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ଏହାର ନିଷ୍ପତ୍ତି ୬ ତାରିଖ (ଶୁକ୍ରବାର) ଘୋଷଣା କରିବ। ଅର୍ଥନୈତିକ ସୁଧାରକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ କିଛି ନଗଦ ସହାୟତା ସଂକ୍ରାନ୍ତ ପଦକ୍ଷେପ ନେଇ ପାରେ ବୋଲି ଆଶା କରାଯାଉଛି।

### ବୋର୍ଡ଼ ଛାଡ଼ିବେ ଆଦି ଗୋଦ୍‌ରେଜ

**ମୁମ୍ବାଇ, ୪।୮:** ଗୋଦ୍‌ରେଜ ଗ୍ରୁପ୍‌ର ଅଧ୍ୟକ୍ଷ ତଥା ଜଣାଶୁଣା ଉଦ୍ୟୋଗପତି ଆଦି ଗୋଦ୍‌ରେଜ ଆସନ୍ତା ମାସ ଗୋଦ୍‌ରେଜ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ(ସିଜିପିଏଲ୍)ର ବୋର୍ଡ଼ ଛାଡ଼ିବେ ବୋଲି ଜଣାପଡିଛି। ଏହା ପରେ ସେ ସେବା ନିବୃତ୍ତ ଅଧ୍ୟକ୍ଷ ଭାବେ କାମ କରିବେ। ସେ ୨୦୧୭ରେ ତାଙ୍କ ସାନ ଝିଅ ନିସାବା ଗୋଦ୍‌ରେଜଙ୍କୁ ସିଜିପିଏଲ୍‌ର ଦାୟିତ୍ୱ ଭାର ପ୍ରଦାନ କରିଥିବା ଜଣାପଡ଼ିଛି।

### ଅଭନ୍ତା ଗ୍ରୁପ୍ ପ୍ରମୋଟର ଗୌତମ ଥାପର ଗିରଫ

**ନୂଆଦିଲ୍ଲୀ,୪।୮:** ଅଭନ୍ତା ଗ୍ରୁପ୍‌ର ପ୍ରମୋଟର ଗୌତମ ଥାପରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମଙ୍ଗଳବାର ଗିରଫ କରିଛି। ଏହି ଗ୍ରୁପ୍ ବିରୋଧରେ ବେଆଇନ ଅର୍ଥ କାରବାର ମାମଲାର ତଦନ୍ତ ବର୍ତ୍ତମାନ ହେଉଛି। ମୁମ୍ବାଇ, ଦିଲ୍ଲୀ ସମେତ ୧୪ ସ୍ଥାନରେ ଚଢାଉ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି ବୋଲି ଇଡି ପକ୍ଷରୁ ସୂଚନା ମିଳିଛି। ଅଭନ୍ତା ରିୟଲିଟି ଏବଂ ୟେସ୍ ବ୍ୟାଙ୍କ ସହ ପ୍ରତିଷ୍ଠାତା ରାଣା କପୁରଙ୍କ ସ୍ତ୍ରୀଙ୍କ ପ୍ରପର୍ଟି ନେଣଦେଣକୁ ନେଇ ଏଜେନ୍ସି ପଚରାଉଚୁରା କରୁଛି। ୟେସ୍ ବ୍ୟାଙ୍କକୁ ୪୬୭ କୋଟି ଟଙ୍କା କ୍ଷତି ଅଭିଯୋଗ ଆସିବା ପରେ ଥାପରଙ୍କ ବିରୋଧରେ ଇଡି ଏକ ମାମଲା ରୁଜୁ କରିଥିଲା।

# ୫୪ ହଜାର ପଏଣ୍ଟ ଟପିଲା ସେନ୍‌ସେକ୍ସ

**ମୁମ୍ବାଇ, ୪।୮**



ବୁଧବାର ଲଗାତର ଦ୍ୱିତୀୟ ଦିନ ଲାଗି ଭାରତୀୟ ପୁଞ୍ଜିବଜାରରେ କାରବାର ଉନ୍ନତ ରହିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ପ୍ରଥମ ଥର ଲାଗି ୫୪ ହଜାର ପଏଣ୍ଟ ସ୍ତର ଟପିଛି। ବ୍ୟାଙ୍କିଙ୍ଗ୍ ଏବଂ ଫାଇନାନ୍ସିଆଲ ଷ୍ଟକ୍ କାରବାର ବଢ଼ିବା ଯୋଗୁ ସୂଚକାଙ୍କରେ ବୃଦ୍ଧି ଧାରା ଜାରି ରହିଛି। ଲଗାତର ତୃତୀୟ ସେସନ ହେବ ସୂଚକାଙ୍କ ବୃଦ୍ଧି ପାଇଛି। ବୁଧବାର ସେନ୍‌ସେକ୍ସ ୫୪୬ ପଏଣ୍ଟ(୧.୦୨%) ବୃଦ୍ଧି ହେବା ଯୋଗୁ ୫୪,୩୭୦ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ନିଫ୍ଟି କାରବାର ୧୨୮ ପଏଣ୍ଟ (୦.୭୯%) ଉର୍ଦ୍ଧ୍ୱରେ ରହିବା ଯୋଗୁ ୧୬,୨୫୮ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି।

ସେନ୍‌ସେକ୍ସରେ ଭଲ କାରବାର ହାସଲ କରିଥିବା କମ୍ପାନୀ ମଧ୍ୟରେ ଏଚ୍‌ଡିଏଫ୍‌ସି, କୋଟାକ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ ରହିଛି। ଏମାନଙ୍କ ଶେୟାର କାରବାର ପ୍ରାୟ ୪.୭୭% ବଢ଼ିଛି। ସେହିଭଳି ଟାଇଟାନ, ନେସ୍‌ଲେ ଇଣ୍ଡିଆ, ଅଲ୍ଟ୍ରା କେମ୍‌କୋ, ସନ୍ ଫାର୍ମା, ମାରୁତି, ଭାରତୀ ଏୟାରଟେଲ ଭଳି କମ୍ପାନୀଗୁଡିକର ଶେୟାର ୨.୧୪% ନିମ୍ନରେ ରହିଛି।

ନିଫ୍ଟିର ବ୍ୟାଙ୍କ ଏବଂ ଫାଇନାନ୍ସ ଷ୍ଟକଗୁଡିକର ପ୍ରଦର୍ଶନ ବେଶ୍ ଭଲ ରହିଛି। ଏହା ଯଥାକ୍ରମେ ୨.୩୩% ଏବଂ ୨.୫୯% ବଢ଼ିଛି। ସେହିଭଳି କମ୍ପାନୀଗୁଡିକର ତ୍ରୈମାସିକ ଫଳାଫଳ ଉନ୍ନତ ହେବାରୁ ଏହା ବଜାର ଉପରେ ଭଲ ପ୍ରଭାବ ପକାଇଛି। ବିଶ୍ୱ ବଜାରର ସ୍ଥିତିରେ ସୁଧାର, ଘରୋଇ ବଜାରର ସ୍ୱାଭାବିକ ସ୍ଥିତିକୁ ଫେରିବା ଏବଂ ଆର୍‌ବିଆଇ ପଦକ୍ଷେପ ଆଶାରେ ପୁଞ୍ଜି ବଜାର କାରବାର ବେଶ୍ ଉନ୍ନତ ରହିଥିବା ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

# ଅଧ୍ୟକ୍ଷ ପଦବୀରୁ ଓହରିଲେ ବିର୍ଲା

**କୋଲକାତା, ୪।୮**



କୁମାର ମଙ୍ଗଳମ ବିର୍ଲା

ଭୋଡାଫୋନ ଆଇଡିଆ କମ୍ପାନୀର ଅଣକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ଅଣକାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପଦବୀରୁ କୁମାର ମଙ୍ଗଳମ ବିର୍ଲା ଓହରିଯାଇଛନ୍ତି। ବିର୍ଲା ଏ ନେଇ କମ୍ପାନୀର ବୋର୍ଡକୁ ପ୍ରସ୍ତାବ ଦେଇଥିଲେ। ବୋର୍ଡ ତାଙ୍କ ପ୍ରସ୍ତାବକୁ ଗ୍ରହଣ କରିଥିବା ଭୋଡାଫୋନ ଆଇଡିଆ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି।

କମ୍ପାନୀର ଅଣକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ହିମାଂଶୁ କପାନିଆ ବର୍ତ୍ତମାନ ନୂଆ ଅଣକାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ଅବସ୍ଥାପିତ ହୋଇଛନ୍ତି। କପାନିଆ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ନୋମିନି ହୋଇଥିବା ବେଳେ ଟେଲିକମ୍ ଶିଳ୍ପରେ ତାଙ୍କର ଦୀର୍ଘ ୨୫ ବର୍ଷର ଅଭିଜ୍ଞତା ରହିଛି। ଗ୍ଲୋବାଲ ଜିଏସ୍‌ଏମ୍‌ଏ ବୋର୍ଡ ଏବଂ ସେଲ୍ୟୁଲାର ଅପରେଟର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ(ସିଓଏଆଇ)ର ଅଧ୍ୟକ୍ଷ ଭାବେ ମଧ୍ୟ ସେ କାମ କରିଛନ୍ତି। ସେ ଫିକିର ଟେଲିକମ୍, ଇଲେକ୍‌ଟ୍ରୋନିକ୍ସ ଏବଂ ଡିଜିଟାଲ ଇକୋନୋମି ପରିଷଦର ମଧ୍ୟ ସେ ବର୍ତ୍ତମାନ ଅଧ୍ୟକ୍ଷ ଭାବେ କାମ କରୁଛନ୍ତି। ସେହିଭଳି ଅତିରିକ୍ତ ନିର୍ଦ୍ଦେଶକ ଭାବେ ସୁଶୀଲ ଅଗ୍ରୱାଲଙ୍କୁ ମଧ୍ୟ ବୋର୍ଡ ନିଯୁକ୍ତି ପ୍ରଦାନ କରିଛି।

କମ୍ପାନୀକୁ ବଞ୍ଚାଇବା ଲାଗି ନିଜ ଅଂଶଧନକୁ ସରକାରଙ୍କୁ ହସ୍ତାନ୍ତର କରିବା ଲାଗି ବିର୍ଲା ନିକଟରେ ପ୍ରସ୍ତାବ ଦେଇଥିଲେ। କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କୁ ସେ ଚିଠି ଲେଖିଥିଲେ। ସୂଚନା ମୁତାବକ, ଆଡଜଷ୍ଟେଡ ଗ୍ରସ୍ ରେଭେନ୍ୟୁ (ଏଜିଆର୍) ବାବଦ ଭୋଡାଫୋନ ଆଇଡିଆ ଉପରେ ୫୮,୨୫୪ କୋଟି ଟଙ୍କା ଦେବାକୁ ରହିଛି। ଏହା ମଧ୍ୟରୁ କମ୍ପାନୀ ମାତ୍ର ୭୮୫୪ କୋଟି ଟଙ୍କା ପ୍ରଦାନ କରିଛି। ୫୦,୩୯୯ କୋଟି ଟଙ୍କା କମ୍ପାନୀ ସରକାରଙ୍କୁ ଏହି ବାବଦକୁ ପ୍ରଦାନ କରିବ। ଏଜିଆର୍ ବାବଦ ମାମଲା ଉପରେ ପୁଣି ଥରେ ବିଚାର କରିବାକୁ ଉଭୟ ଭୋଡାଫୋନ-ଆଇଡିଆ ଓ ଭାରତୀ ଏୟାରଟେଲ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଥିଲେ। ଏହି ଆବେଦନ ଖାରଜ ହୋଇଯାଇଛି। ସରକାର କମ୍ପାନୀକୁ ଯଦି ସହାୟତା ନ ଦିଅନ୍ତି ତେବେ ଏହାର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବ ବୋଲି ବିର୍ଲା ଚିଠିରେ ଉଲ୍ଲେଖ କରିଥିଲେ। ବିର୍ଲାଙ୍କ ପ୍ରସ୍ତାବ ପରେ କମ୍ପାନୀର ଶେୟାର କାରବାର ଗଭୀର ଭାବେ ପ୍ରଭାବିତ ହୋଇଥିବା ଦେଖାଯାଇଛି।

# ରାଷ୍ଟ୍ରାୟତ୍ତ ବୀମା କମ୍ପାନୀ ଘରୋଇକରଣକୁ ବିରୋଧ




**ଭୁବନେଶ୍ୱର,୪।୮**

ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀ ଘରୋଇକରଣ ନେଇ ସରକାରଙ୍କ ନିଷ୍ପତ୍ତିକୁ ଦେଶର ବିଭିନ୍ନ ପ୍ରାନ୍ତରେ ବିରୋଧ ପ୍ରଦର୍ଶନ କରାଯାଇଛି। ଏହି ଶିଳ୍ପରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ମିଳିତ ମଞ୍ଚ ଅଧୀନରେ ୧୮ରୁ ଉର୍ଦ୍ଧ୍ୱ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଶ୍ରୀରାମ ମନ୍ଦିର ନିକଟସ୍ଥ ଓସିଏଚ୍‌ସି ବିଲ୍‌ଡିଙ୍ଗ୍ ସମ୍ମୁଖରେ ବୁଧବାର ଦିନିକିଆ ଧର୍ମଘଟ କରାଯାଇଛି। ବିଭିନ୍ନ ରାଜ୍ୟରେ ଥିବା କର୍ମଚାରୀ ଓ ଅଧିକାରୀମାନେ ଦେଶବ୍ୟାପି ଦିନିକିଆ କାର୍ଯ୍ୟରତ ଆନ୍ଦୋଳନ କରିଥିଲେ। କେନ୍ଦ୍ର ସରକାରଙ୍କ ଏକଚାଟିଆ ଘରୋଇକରଣ ନୀତିର ଦୃଢ଼ ବିରୋଧ, ସାଧାରଣ ବୀମା ଶିଳ୍ପ ଜାତୀୟକରଣ ଅଧିନିୟମ ୧୯୭୨ରେ ସଂଶୋଧନ ପାଇଁ କେନ୍ଦ୍ର ସରକାରଙ୍କ ମନମୁଖୀ ନିଷ୍ପତ୍ତି ବିରୁଦ୍ଧରେ ଦୃଢ଼ ପ୍ରତିବାଦ, ବିଗତ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବକେୟା ଥିବା ମଜୁରୀ ସଂଶୋଧନ, ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ୧୯୯୫ ଯୋଜନାରେ ପେନସନ ପ୍ରଦାନ ଓ ଏନପିଏସ୍‌ର ଉଚ୍ଛେଦ, ପାରିବାରିକ ପେନସନ ୩୦%କୁ ବୃଦ୍ଧି ଭଳି ପ୍ରମୁଖ ଦାବି ସଂଘ ପକ୍ଷରୁ ରଖାଯାଇଛି। ଧର୍ମଘଟରେ କବିଚନ୍ଦ୍ର ଦାସ, ନୀରଦକାନ୍ତି ଦୀକ୍ଷିତ, ସୁରେନ୍ଦ୍ର କୁମାର ମାଝୀ, ମନୋଜ କୁମାର ରଥ, ରବି ନାରାୟଣ ବାରିକ, ଦୁଷ୍ମନ୍ତ କୁମାର ଦାସ, ଦୁର୍ଗାମାଧବ ସାହୁ, ବାମଦେବ ମିଶ୍ର, ନୃସିଂହ ଚରଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ଓ ପୁଞ୍ଜିବାଦି ଆଭିମୁଖ୍ୟ ବିରୋଧରେ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରିବା ପାଇଁ କର୍ମଚାରୀମାନଙ୍କୁ କର୍ମକର୍ତ୍ତାମାନେ ଆହ୍ୱାନ ଦେଇଥିଲେ।

# ପୁରୁଣା କଏନ୍ ବିକ୍ରି ପ୍ରସ୍ତାବକୁ ସାବଧାନ

**ନୂଆଦିଲ୍ଲୀ, ୪।୮**

ପୁରୁଣା କଏନ୍ ଏବଂ ନୋଟ୍ କ୍ରୟ ଏବଂ ବିକ୍ରି କରିବା ନେଇ ଅନ୍‌ଲାଇନରେ ପ୍ରସ୍ତାବ ଆସୁଥିଲେ ସାବଧାନ। ଏ ନେଇ ରିଜର୍ଭ ବ୍ୟାଙ୍କ ଲୋକଙ୍କୁ ସତର୍କ କରାଇଛି। ଏଭଳି ପ୍ରସ୍ତାବ ଆସୁଥିଲେ ଏହାଠାରୁ ବଞ୍ଚିବାକୁ ଲୋକଙ୍କୁ ସତର୍କ କରାଯାଇଛି। କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଆର୍‌ବିଆଇର ନାମ ଏବଂ ଲୋଗୋ ବ୍ୟବହାର ସହ ଅନୁବନ୍ଧିତ ସଂସ୍ଥା ବୋଲି କହି ଲୋକଙ୍କୁ ଠକୁଥିବା ନଜରକୁ ଆସିଛି। ପୁରୁଣା ନୋଟ୍ କ୍ରୟ ବିକ୍ରୟ ବେଳେ ଲୋକଙ୍କୁ କମିଶନ ମଗାଯାଉଛି। ଏଭଳି କୌଣସି କାମ ଲାଗି ଆର୍‌ବିଆଇ ଅନୁମତି ଦେଇ ନ ଥିବା କହିଛି। ଲୋକଙ୍କଠାରୁ କୌଣସି କମିଶନ କିମ୍ବା ଟିକସ ଆଦାୟ କରିବାକୁ ନିୟମ ଲାଗୁ ହୋଇନାହିଁ। କୌଣସି ସଂସ୍ଥାକୁ ମଧ୍ୟ ଏ ନେଇ ଅଧିକୃତ କରାଯାଇନାହିଁ। ଏଭଳି ଠକେଇଠାରୁ ବଞ୍ଚିବାକୁ କେନ୍ଦ୍ରୀୟ ବ୍ୟାଙ୍କ ସତର୍କ କରାଇଛି।

# ଏସ୍‌ବିଆଇର ନେଟ୍ ଲାଭ ୬୫୦୪ କୋଟି

**ମୁମ୍ବାଇ, ୪।୮**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ବ୍ୟାଙ୍କ ଏହି ଅବଧିରେ ୬୫୦୪ କୋଟି ଟଙ୍କାର ନେଟ୍ ଲାଭ ହାସଲ କରିବାକୁ ସକ୍ଷମ ହୋଇଛି। ନେଟ୍ ଲାଭରେ ୫୫.୨୫% ଅଭିବୃଦ୍ଧି ହୋଇଛି। ପରିଚାଳନାଗତ ଲାଭ ୫.୦୬% ୧୮,୯୭୫ କୋଟି ଟଙ୍କା ରହିଛି। ନେଟ୍ ସୁଧ ଜନିତ ଆୟ ୩.୭୪% ବୃଦ୍ଧି ପାଇଛି। ଘରୋଇ ବଜାରର ନିମ୍ନ ୩.୧୫%, ଅଣ ସୁଧଜନିତ ଆୟ ୨୪.୨୮% ବଢି ୧୧,୮୦୩ କୋଟି ଟଙ୍କା ଛୁଇଁଛି। ବ୍ୟାଙ୍କର ମୋଟ ଜମା ୮.୮୨% ବୃଦ୍ଧି ପାଇଛି। କରେଣ୍ଟ ଆକାଉଣ୍ଟ ଜମା ୧୧.୭୫%, ସେଭିଂ ବ୍ୟାଙ୍କ ଜମା ୧୦.୫୫% ବଢିଛି। ଋଣ ଅଭିବୃଦ୍ଧି ୫.୬୪% ସ୍ତରରେ ଥିବା ବେଳେ ରିଟେଲ କ୍ଷେତ୍ରରେ ୧୬.୪୭%, କୃଷି ଅଗ୍ରିମ ୨.୪୮% ଏବଂ କ୍ଷୁଦ୍ର ମଧ୍ୟମ ବାଣିଜ୍ୟ କ୍ଷେତ୍ରରେ ଏହା ୨.୦୧% ସ୍ତରରେ ରହିଛି। ଗୃହ ଋଣ ପ୍ରଦାନ ୧୦.୯୮% ବଢିଛି। ନେଟ୍ ଏନ୍‌ପିଏ ଅନୁପାତ ୧.୭୭% ଏବଂ ମୋଟ ଏନ୍‌ପିଏ ୫.୩୨% ସ୍ତରରେ ରହିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି।

## ଫୁର୍‌ସତ୍

# ବର୍ଷକରେ ଦୁଇଥର ପ୍ରସବ



**ଲଣ୍ଡନ:** ବର୍ଷକ ଭିତରେ ଦୁଇଥର ପ୍ରସବ ଏବଂ ୪ ସନ୍ତାନ। କଥାଟା ଶୁଣିବାକୁ ନିହାତି ଭାବେ ଆଶ୍ଚର୍ଯ୍ୟ ଲାଗୁଥାଇପାରେ। ହେଲେ ବ୍ରିଟେନର ଶିକ୍ଷୟିତ୍ରୀ ଜେସିକା ପ୍ରିଚାର୍ଡଙ୍କ କ୍ଷେତ୍ରରେ ଏହା ସତ୍ୟ ପ୍ରମାଣିତ ହୋଇଛି। ଜେସିକା ୨୦୨୦ରେ କନ୍ୟାସନ୍ତାନ ମିୟାଙ୍କୁ ଜନ୍ମ ଦେଇଥିଲେ। ଏହାର ୧୧ ମାସ ପରେ ଏକାସଙ୍ଗରେ ୩ ଯାଆଁଳା ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ସମସ୍ତ ୪ ଶିଶୁ ସୁସ୍ଥ ଅଛନ୍ତି। ମୋଟ ୫ ସନ୍ତାନଙ୍କୁ ନେଇ ଜେସିକା ଏବଂ ତାଙ୍କ ପାର୍ଟନର ହ୍ୟାରି ୱିଲିୟମ୍ସ ବେଶ୍ ଖୁସି। ୩୧ ବର୍ଷୀୟା ଜେସିକା କୁହନ୍ତି, ତାଙ୍କର ପ୍ରଥମ ସନ୍ତାନ ମୁଲିଙ୍କୁ ୮ବର୍ଷ। ସବୁଠାରୁ ବଡ଼ କଥା ହେଉଛି, ୩ ଯମଜ ସନ୍ତାନଙ୍କୁ ଏକାସଙ୍ଗରେ ଭୋକ ଲାଗୁଛି। ସେମାନଙ୍କୁ ଏକାଥରକେ ସ୍ତନ୍ୟପାନ କରାଇବାକୁ ପଡୁଛି।

CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NURSING
ADMISSION OPEN
For Session 2021-22
Courses Offered
B.Sc. Nursing (4 yrs.)
(Approved by ONMRC, BBSR, and Affiliated by Utkal University, BBSR.
GNM (3 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
ANM (2 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
DMLT (2 yrs.)
(Approved by DMLT / RT Council BBSR)
PALLI CHANDAN GROUP OF INSTITUTION
Women's College Road, Nimapada, Puri-752106
Ph.- 9437282699 / 9658570761
Email- kamal2007@pcgi.co.in

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରନ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
Baba Rejvan Khan
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9650844651

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦକ୍ଷିଣ ଏସିଆର ଧନୀ ଗାଁ

**ଗାନ୍ଧୀନଗର:** ମାଧପୁର। ଗୁଜରାଟର ଏହି ଗାଁକୁ ମିଳିଛି ଦକ୍ଷିଣ ଏସିଆର ସବୁଠାରୁ ଧନୀ ଗ୍ରାମର ମାନ୍ୟତା। ଗ୍ରାମର ଅଧିକାଂଶ ଶିକ୍ଷିତ ଯୁବତୀଯୁବକ ବିଦେଶରେ ଚାକିରି କରୁଥିବାବେଳେ ସେଠାରେ ମୋଟାଅଙ୍କର ବୈଦେଶିକ ମୁଦ୍ରା ଆସିଥାଏ। ଅପରପକ୍ଷେ ଗ୍ରାମର କୃଷିକ୍ଷେତ୍ରରୁ ହେଉଥିବା ପର୍ଯ୍ୟାପ୍ତ ଉତ୍ପାଦନ ଆର୍ଥିକ ସମୃଦ୍ଧି ପାଇଁ ବାଟ ଫିଟାଇଛି।

ମାଧପୁରର ମୋଟ ଘରସଂଖ୍ୟା ୭,୬୦୦। ସବୁ ଘର ଦେଖିବାକୁ ଏକା ଭଳି। ଗ୍ରାମର ଅଧିକାଂଶ ଯୁବତୀଯୁବକ ଲଣ୍ଡନ ସମେତ ୟୁରୋପୀୟ ରାଷ୍ଟ୍ରରେ ଦୀର୍ଘଦିନ ହେଲା ରହି ଆସୁଛନ୍ତି। ଏଠାକାର ବ୍ୟାଙ୍କରେ ଦୈନିକ ବିପୁଳ ପରିମାଣର ଆର୍ଥିକ ନେଣଦେଣ ହୁଏ। ତେଣୁ ଗ୍ରାମରେ ୧୭ଟି ବ୍ୟାଙ୍କ କାର୍ଯ୍ୟକ୍ଷମ। ଏସବୁ ଶାଖାରେ ୫୦୦୦ କୋଟି ଟଙ୍କାର ଜମା ରାଶି ରହିଛି।



ସେହିପରି ପୋଷ୍ଟ ଅଫିସରେ ୨୦୦ କୋଟି ଟଙ୍କାର ସ୍ଥାୟୀ ଜମାରାଶି ରହିଛି।

୧୯୬୮ରେ ଲଣ୍ଡନରେ ମାଧପୁର ଭିଲେଜ ଆସୋସିଏଶନ ନାମକ ଏକ ସଙ୍ଗଠନ ପ୍ରତିଷ୍ଠିତ ହୋଇଛି। ବିଦେଶରେ ଗଢ଼ି ଉଠିଥିବା ଏହି କ୍ଲବ ସାମାଜିକ, ସାଂସ୍କୃତିକ କ୍ଷେତ୍ରରେ ଲୋକଙ୍କୁ ଯୋଡ଼ିବାରେ ସହାୟକ ହୋଇପାରିଛି। ଅନୁରୂପ ଭାବେ ଗାଁରେ ମଧ୍ୟ ଏଭଳି ଏକ କ୍ଲବ ଖୋଲିଛି। ଫଳରେ ଲଣ୍ଡନ ସହିତ ସିଧାସଳଖ ସମ୍ପର୍କ ସମ୍ଭବ ହୋଇପାରୁଛି। ଏକ ତଥ୍ୟ ଅନୁଯାୟୀ ଗୋଟିଏ ପରିବାର ଅନ୍ୟୂନ ୨ ଜଣ ବିଦେଶରେ ରହୁଛନ୍ତି। ଲଣ୍ଡନ, କାନାଡ଼ା, ଆମେରିକା, କେନିଆ, ଉଗାଣ୍ଡା, ମୋଜାମ୍ବିକ୍, ଦକ୍ଷିଣ ଆଫ୍ରିକା, ତାଞ୍ଜାନିଆରେ ମାଧାପୁର ଲୋକଙ୍କୁ ନେଇ ଜନବସତି ଗଢ଼ି ଉଠିଛି।

**୭,୬୦୦ ଘର, ୫,୦୦୦ କୋଟି ଡିପୋଜିଟ୍**

ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ ସତ୍ତ୍ୱେ, ଗାଁ ଲୋକେ କୃଷିରୁ ଦୂରେଇ ଯାଇନାହାନ୍ତି। ବର୍ଷତମାମ ଚାଷ ଲାଗି ଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇଛି। ଏହାକୁ ବାଦ୍‌ଦେଲେ ଅତ୍ୟାଧୁନିକ ଗୋଶାଳା, କମ୍ୟୁନିଟି ସେଣ୍ଟର, ସୁଇମିଂ ପୁଲ୍, ମଲ୍ ଭଳି ସମସ୍ତ ସହରୀ ସୁଖ ସୁବିଧା ଗାଁରେ ଉପଲବ୍ଧ। ଏଭଳି ଏକ ସମୃଦ୍ଧଶାଳୀ ଗ୍ରାମ ଏବେ ପର୍ଯ୍ୟଟକଙ୍କୁ ମଧ୍ୟ ଆକୃଷ୍ଟ କରୁଛି।

# କ୍ଷୀର ବିକାଳିଙ୍କ ଝିଅ ପାଇଲେ ଆଇଏସ୍‌ଏସ୍



**ଫରିଦାବାଦ:** କେନ୍ଦ୍ର ଲୋକ ସେବା ଆୟୋଗ (ୟୁପିଏସ୍‌ସି)ର ଭାରତୀୟ ପରିସଂଖ୍ୟାନ ସେବା (ଆଇଏସ୍‌ଏସ୍) ପରୀକ୍ଷାରେ ହରିୟାଣାର କଳ୍ପନା ଦେଶରେ ୧୨ତମ ର୍‍ୟାଙ୍କ ହାସଲ କରିଛନ୍ତି। ବିନା କୋଚିଂରେ ସେ ଏହି ସଫଳତା ହାସଲ କରିଥିବାରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ମା' ରାଜବାଳା କ୍ଷୀର ବିକି ପରିବାର ଚଳାନ୍ତି। ଅର୍ଥ ଅଭାବରୁ ସେ କୋଚିଂ ନେଇପାରି ନ ଥିଲେ ବୋଲି କଳ୍ପନା କହିଛନ୍ତି। କଠିନ ପରିଶ୍ରମ ଯୋଗୁ ସେ ଏହି ସଫଳତା ହାସଲ କରିପାରିଥିବା ପ୍ରକାଶ କରିଛନ୍ତି।

# ଜଣେ ଝିଅ ପାଇଁ ଅଭିନେତା ସାଜିଥିଲେ କପିଲ ଶର୍ମା



**ମୁମ୍ବାଇ:** କମେଡି କିଙ୍ଗ୍ କପିଲ ଶର୍ମାଙ୍କ ଲୋକପ୍ରିୟ ଶୋ 'ଦି କପିଲ ଶର୍ମା ଶୋ' ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଷ୍ଟାଣ୍ଡଅପ୍ କମେଡିଆନ ସହ କପିଲ ଆଜି ଜଣେ ସଫଳ ଅଭିନେତା। ତାଙ୍କ ସଫଳତା ପଛରେ କଠିନ ପରିଶ୍ରମ ଏବଂ ପ୍ରତିଭା ଅଛି। ଏହାବାଦ ସେ ଅଭିନୟ ଦୁନିଆକୁ ଆସିବା ପଛରେ ଜଣେ ଯୁବତୀଙ୍କ ମଧ୍ୟ ହାତ ଅଛି। ପ୍ରତ୍ୟେକ ସଫଳ ପୁରୁଷଙ୍କ ପଛରେ ଜଣେ ମହିଳାଙ୍କ ହାତ ରହିଥାଏ ବୋଲି କୁହାଯାଏ। କପିଲ ଶର୍ମାଙ୍କ ଜୀବନରେ ମଧ୍ୟ ଏପରି କିଛି ଘଟିଥିବା ସେ ନିଜେ ସ୍ୱୀକାର କରିଛନ୍ତି। କପିଲ ପିଲାଦିନରୁ ଗୀତ ଗାଇବାକୁ ଭଲ ପାଉଥିଲେ, କିନ୍ତୁ ମଞ୍ଚ ଅଭିନୟଠାରୁ ଦୂରରେ ଥିଲେ। ଏକ ସାକ୍ଷାତକାରରେ ସେ କହିଥିଲେ ଯେ, ପିଲାଦିନରୁ ଗୀତ ଗାଇବା ତାଙ୍କର ଏକ ହବି ଥିଲା। କିନ୍ତୁ ସେ ଭାବି ନ ଥିଲେ ଯେ ଦିନେ ଅଭିନୟ ଦୁନିଆକୁ ଆସିବେ। ଯେତେବେଳେ ସେ କଲେଜକୁ ଆସିଲେ, ସେଠାରେ ୟୁଥ୍ ଫେଷ୍ଟିଭାଲ ଆୟୋଜନ ହେଉଥିଲା। ତାଙ୍କର ଜଣେ ବନ୍ଧୁ ନାଟକରେ କାମ କରୁଥିଲେ। ସେହି ନାଟକରେ ଜଣେ ଝିଅ ମଧ୍ୟ ଥିଲେ, ଯାହାଙ୍କୁ ସେ ପସନ୍ଦ କରୁଥିଲେ। ତାଙ୍କ ସହ ଅଭିନୟ କଲେ ଉଭୟେ ଏକାଠି ମିଳାମିଶା କରିହେବ ବୋଲି ସେ ଭାବିଥିଲେ। ଏହା ପରେ ଅଭିନୟ ଆରମ୍ଭ ହୋଇଥିଲା। ପ୍ରାୟ ୮-୧୦ ବର୍ଷ ପର୍ଯ୍ୟନ୍ତ ଥିଏଟରରେ ନାଟକ କରିଥିଲେ ବୋଲି କପିଲ କହିଥିଲେ। ଆସନ୍ତା ୨୧ ରୁ 'କପିଲ ଶର୍ମା ଶୋ' ଆରମ୍ଭ ହେବାକୁ ଯାଉଛି। କପିଲ ଶୋ'ର ଏକ ପ୍ରୋମୋ ଭିଡିଓ ତାଙ୍କ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଅଭିନେତା ଅକ୍ଷୟ କୁମାରଙ୍କୁ ପ୍ରଥମ ଏପିସୋଡ୍‌ରେ ଅତିଥି ଭାବେ ଦେଖିବାକୁ ମିଳିବ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**✓ କରାଡି ରାମଚନ୍ଦ୍ର ପାତ୍ର**
ପୂର୍ବତନ ସଭାପତି, ଋଷିକୂଲ୍ୟା ଅଞ୍ଚଳ
ପୂର୍ବତନ ସଂପାଦକ, କଳିଙ୍ଗ ବୈଶ୍ୟ ମହାସଂଘ
ପ୍ରଥମ ଶ୍ରାଦ୍ଧବାର୍ଷିକୀ : ୫-୮-୨୦୨୧

ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି କଳିଙ୍ଗ ବୈଶ୍ୟ ସଂଘର ଇଷ୍ଟଦେବୀ ମା' କନ୍ୟକା ପରମେଶ୍ୱରୀଙ୍କ ପାଦପଦ୍ମରେ ଶତକୋଟି ପ୍ରଣତି ଜଣାଉଛୁ।

ସଭାପତି, ସଂପାଦକ, କର୍ମକର୍ତ୍ତା ଓ ସଦସ୍ୟ ବୃନ୍ଦ
କଳିଙ୍ଗ ବୈଶ୍ୟ ସଂଘ, ଋଷିକୂଲ୍ୟା ଅଞ୍ଚଳ

ଧ-୨୧୨୬୬



**✓ ପରେଶ ନାଥ ନାୟକ**
ଆବିର୍ଭାବ-୨୫.୦୫.୧୯୫୯
ତିରୋଧାନ-୨୬.୦୭.୨୦୨୧

ଚାହୁଁ ଚାହୁଁ ଏଗାର ଦିନ ବିତିଗଲା, ଏମିତି କଣ ସତରେ କିଏ ଚାଲି ଯାଆନ୍ତି ? ହସ ଖୁସିର ସଂସାରର ଚକ ଗଡ଼ି ଚାଲିଥିଲା ବେଳେ ହଠାତ୍ ଆମ ମାନଙ୍କୁ ଶୋକ ସାଗରରେ ଭସାଇ ଦେଇ, ଅଜଣା ପଥର ପଥିକ ହୋଇଗଲ। ପ୍ରତିଟି ମୁହୂର୍ତ୍ତରେ ତୁମେ ଆମ ସ୍ମୃତିରେ, ସ୍ୱପ୍ନରେ, ହୃଦୟରେ ଘୁରି ବୁଲୁଛ। ତୁମର ସ୍ନେହ, ଶ୍ରଦ୍ଧା, ସରଳତା, ସଚ୍ଚୋଟତା ଏବଂ ପରୋପକାରିତା ଅବିସ୍ମରଣୀୟ! ତୁମର ଅବର୍ତ୍ତମାନରେ କାଳିଆ ଠାକୁର ପାଖରେ ଏତିକି ବିନତି, ତୁମର ମହାନ ଆତ୍ମା ପରମାତ୍ମାରେ ଲୀନ ହେଉ।

ଶୋକସନ୍ତପ୍ତ
ସୌମ୍ୟକାନ୍ତ ନାୟକ(ରୁମ୍ପୁ), ଲକ୍ଷ୍ମୀକାନ୍ତ ନାୟକ(ଲିପୁ), ସୂର୍ଯ୍ୟକାନ୍ତ ନାୟକ(ସିପୁ)ଓ ପରିବାରବର୍ଗ।

ଧ-୨୧୨୬୫



କାଜାଖସ୍ତାନର ନୁରିସ୍ଲାମ ସାନାୟେଭ (ତଳ) ଓ ଭାରତର ରବି କୁମାର ଦହିୟାଙ୍କ ମଧ୍ୟରେ ବୁଧବାର ୫୭ କେଜି ଫ୍ରିଷ୍ଟାଇଲ୍ କୁସ୍ତି ସେମିଫାଇନାଲ ଲଢ଼େଇ।

# ଦହିୟାଙ୍କ ଗ୍ରାମ ଉତ୍ସବମୁଖର

**ସୋନେପତ, ୪।୮ (ପି.ଟି.):** ଟୋକିଓ ଅଲିମ୍ପିକ୍ସ ଫାଇନାଲରେ ପହଞ୍ଚିବା ପରେ ରେସ୍‌ଲର ରବି କୁମାର ଦହିୟାଙ୍କ ଗ୍ରାମ ଉତ୍ସବ ମୁଖରିତ ହୋଇଉଠିଛି। ଦହିୟା ଦ୍ୱିତୀୟ ଭାରତୀୟ ଭାବେ ଅଲିମ୍ପିକ ଗେମ୍ସ ଟାଇଟଲ ମୁକାବିଲା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏଥିସହିତ ସେ ଅତିକମ୍‌ରେ ରୌପ୍ୟ ପଦକ ପକ୍କା କରିଛନ୍ତି। ବୁଧବାର ସେ ୫୭କେଜି ସେମିଫାଇନାଲରେ କାଜାଖସ୍ତାନର ନୁରିସ୍ଲାମ ସାନାୟେଭଙ୍କୁ ହରାଇ ଦେଇଛନ୍ତି। ଖବର ପହଞ୍ଚିବା ମାତ୍ରେ 'ନାହ୍ରି' ଗ୍ରାମ୍‌ରେ ଖୁସିର ଲହରି ଖେଳି ଯାଇଥିଲା। ଲୋକେ ଦହିୟାଙ୍କର ଖେଳ ପ୍ରତି ଆଗ୍ରହ ଓ ଉଚ୍ଚସ୍ତରରେ ସଫଳତା ହାସଲ କରିବାକୁ କିପରି ଦୃଢ ସଂକଳ୍ପ ତାହାକୁ ମନେ ପକାଇଥିଲେ। ଦହିୟାଙ୍କ ପିତା ରାକେଶ ଆନନ୍ଦରେ ବିଭୋର ଥିଲେ। ରବି ନିଶ୍ଚୟ ସ୍ୱର୍ଣ୍ଣ ଜିତିବ ଆଶା ପ୍ରକାଶ କରି କହିଥିଲେ। ପୁଅ ସେମିଫାଇନାଲ ଜିତିବା ପରେ ସେ ଏତେ ଖୁସି ଯେ, ତାହା ବର୍ଣ୍ଣନା କରିପାରିବେ ନାହିଁ ବୋଲି ସେ କହିଥିଲେ। ଏହାପୂର୍ବରୁ ସୁଶୀଲ କୁମାର ୨୦୧୨ ଲଣ୍ଡନ ଗେମ୍ସରେ ସ୍ୱର୍ଣ୍ଣ ପଦକ ମୁକାବିଲାକୁ ଉନ୍ନୀତ ହୋଇଥିଲେ। ତାଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ରାକେଶ କହିଛନ୍ତି, ଅଲିମ୍ପିକ ସ୍ତରରେ ସଫଳତା ହାସଲ ପାଇଁ ରବି ବର୍ଷ ବର୍ଷ ଧରି କଠିନ ପରିଶ୍ରମ କରି ଆସୁଥିଲେ। ସେ ଦୈନିକ ୮ଘଣ୍ଟା ଅଭ୍ୟାସ କରୁଥିଲେ। ଟୋକିଓ ଗସ୍ତ ପୂର୍ବରୁ ରବି ଅଲିମ୍ପିକ ସ୍ୱର୍ଣ୍ଣ ସହ ଫେରିବେ ବୋଲି ଘରେ ପ୍ରତିଶ୍ରୁତି ଦେଇ ଯାଇଛନ୍ତି। ରାକେଶ କହିଛନ୍ତି ରବି ମାତ୍ର ୬ ବର୍ଷ ବୟସରୁ ଗ୍ରାମରେ ରହିଥିବା ଏକ ଆଖଡ଼ାରେ ରେସ୍‌ଲିଂ ଶିକ୍ଷା ଆରମ୍ଭ କରିଥିଲେ। ପରେ ସେ ଦିଲ୍ଲୀ ସ୍ଥିତ ଛତ୍ରସାଲ ଷ୍ଟାଡିୟମକୁ ଯାଇ ସେଠାରେ ଅଭ୍ୟାସ କରିଥିଲେ। ତାଙ୍କ ପୁଅ ଯେପରି ସୁଷମ ଖାଦ୍ୟ ପାଇବ ସେଥିଲାଗି ଗ୍ରାମରୁ ଦୈନିକ ଛେନା ଓ ଲହୁଣି ନେଇ ୧ ଘଣ୍ଟାର ବାଟ ଯାତ୍ରା କରିବାକୁ ପଡ଼େ। ଦହିୟାଙ୍କ ଜେଜେମା' ସାବିତ୍ରୀ କହିଛନ୍ତି, ଏହି ସଫଳତାକୁ ନେଇ ମୁଁ ଖୁବ୍ ଆନନ୍ଦିତ। ଟୋକିଓ ଯିବା ପୂର୍ବରୁ ସେ ସ୍ୱର୍ଣ୍ଣ ପଦକ ନେଇ ଫେରିବ ବୋଲି ମୋତେ କହିଥିଲା। ସ୍ୱର୍ଣ୍ଣଠାରୁ ସେ ଆଉ ଗୋଟିଏ ପାଦ ପଛରେ ରହିଛନ୍ତି। 'ନାହ୍ରି' ଗ୍ରାମର ଲୋକସଂଖ୍ୟା ହେଉଛି ୧୫,୦୦୦। ଜଣେ କୃଷକର ପୁତ୍ରସନ୍ତାନ ଦହିୟା ହେଉଛନ୍ତି ଏହି ଗ୍ରାମର ତୃତୀୟ ଅଲିମ୍ପିଆନ୍। ଅନ୍ୟ ଦୁଇଜଣ ହେଲେ ମହାବୀର ସିଂ (୧୯୮୦ ମସ୍କୋ, ୧୯୮୪ ଲସ୍‌ଆଞ୍ଜେଲ୍ସ) ଓ ଅମିତ ଦହିୟା (୨୦୧୨ ଲଣ୍ଡନ)।

# ଲଢ଼େଇ କରି ହାରିଲା ଭାରତ

**ଟୋକିଓ,୪।୮:** ଅଲିମ୍ପିକ୍ସ ହକିରେ ସେମିଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିବାର ପରେ ଭାରତୀୟ ମହିଳା ଫାଇନାଲକୁ ଉଠିବାର ବିଫଳ ହୋଇଛି। ବୁଧବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଭାରତ ୧-୨ ଗୋଲରେ ବିଶ୍ୱର ୨ ନମ୍ବର ଦଳ ଆର୍ଜେଣ୍ଟିନାଠାରୁ ପରାସ୍ତ ହୋଇଛି। ଭାରତ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ଆର୍ଜେଣ୍ଟିନକୁ ହରାଇ ପାରିନାହିଁ। ଫଳରେ ଭାରତୀୟ ପ୍ରଶଂସକ ନିରାଶ ହୋଇଛନ୍ତି। ତେବେ ଭାରତକୁ ବ୍ରୋଞ୍ଜ ପଦକ ହାସଲ କରିବା ପାଇଁ ଏବେ ମଧ୍ୟ ସୁଯୋଗ ରହିଛି। ଶୁକ୍ରବାର ବ୍ରୋଞ୍ଜ ପଦକ ପାଇଁ ଭାରତ ତୃତୀୟ- ଚତୁର୍ଥ ସ୍ଥାନ ପ୍ଲେ-ଅଫ୍ ମ୍ୟାଚ୍‌ରେ ଗ୍ରେଟ ବ୍ରିଟେନକୁ ଭେଟିବ। ଅନ୍ୟପଟେ ସ୍ୱର୍ଣ୍ଣ ପଦକ ପାଇଁ ନେଦରଲାଣ୍ଡ୍ସ ଓ ଆର୍ଜେଣ୍ଟିନା ଶୁକ୍ରବାର ମୁହାଁମୁହିଁ ହେବେ। ଅନ୍ୟଏକ ସେମିଫାଇନାଲରେ ବ୍ରିଟେନକୁ ୫-୧ ଗୋଲରେ ପରାସ୍ତ କରି ନେଦରଲାଣ୍ଡ୍ସ ଫାଇନାଲରେ ପ୍ରବେଶ କରିଛି।

## ଅଲିମ୍ପିକ୍ସ ମହିଳା ହକି





ପରାଜୟ ପରେ ଦୁଃଖାଭିଭୂତ ଅଧିନାୟିକା ରାଣୀ ରାମପାଲ ଓ ଶର୍ମିଳା ଦେବୀ।

ଭାରତୀୟ ଖେଳାଳିମାନେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ ଓ ଶେଷ ପର୍ଯ୍ୟନ୍ତ ଲଢେଇ ଜାରି ରଖିଥିଲେ। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ଭାରତ ଅଗ୍ରଣୀ ହାସଲ କରିଥିଲା। ଡ୍ରାଗ୍‌ଫ୍ଲିକର ଗୁରଜିତ କୌର ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ। ଭାରତୀୟ ଖେଳାଳିମାନେ ଆର୍ଜେଣ୍ଟିନା ସର୍କଲରେ ପ୍ରଥମଥର ପ୍ରବେଶ କରି ଏହି ଗୋଲ ସ୍କୋର କରିଥିଲେ। ଗୁରଜିତ ନିଜର ଶକ୍ତିଶାଳୀ ଡ୍ରାଗ୍ ଫ୍ଲିକ୍ ଜରିଆରେ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ।

କିନ୍ତୁ ଏହାପରେ ଆର୍ଜେଣ୍ଟିନା ପ୍ରତ୍ୟାବର୍ତ୍ତନ କରିଥିଲା ଭାରତୀୟ ଡିଫେନ୍ସ ଉପରେ ଚାପ ପ୍ରୟୋଗ କରିବା ସହ ଘନଘନ ଆକ୍ରମଣ କରିଥିଲା। କିନ୍ତୁ ଭାରତୀୟ ଖେଳାଳିମାନେ ନେଟ୍‌ଠାରୁ ବଲକୁ ଦୂରେଇ ରଖିବାକୁ ସକ୍ଷମ ହୋଇଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭ ହେବାର କିଛି ମିନିଟ ମଧ୍ୟରେ ଆର୍ଜେଣ୍ଟିନା ଦୁଇଟି ପେନାଲ୍ଟି କର୍ନର ପାଇଥିଲା। ଦ୍ୱିତୀୟ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ ୩୭ ବର୍ଷୀୟା ଅଧିନାୟିକା ମାରିଆ ନୋଏଲ ବାରିଓନୁଏଭୋ। ଫଳରେ ୧-୧ ବରାବର ସ୍ଥିତିକୁ ଆସିଥିଲା। ବାରିଓନୁଏଭୋ ଅଭିଜ୍ଞତାର ଫାଇଦା ଉଠାଇ ୧୮ ଓ ୩୬ତମ ମିନିଟ୍‌ରେ ପେନାଲ୍ଟି କର୍ନର ମାଧ୍ୟମରେ ଦୁଇଟି ଗୋଲ ସ୍କୋର କରି ଦଳକୁ ଜିତାଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ଏକାଧିକ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଏହାର ଫାଇଦା ଉଠାଇପାରି ନ ଥିଲା। ମିଡ୍‌ଫିଲ୍ଡରେ ଦୁଇ ଦଳ ମଧ୍ୟରେ ପାର୍ଥକ୍ୟ ଦେଖିବାକୁ ମିଳିଥିଲା ଓ ଆର୍ଜେଣ୍ଟିନା ଦୁଇପାଦ ଆଗରେ ରହିଥିଲା। ଫଳରେ ଏକଦା ଅଗ୍ରଣୀ ହାସଲ କରିଥିଲେ ଭାରତ ଏହାର ଫାଇଦା ଉଠାଇପାରି ନ ଥିଲା। ଚତୁର୍ଥ କ୍ୱାର୍ଟରରେ ଅବଶ୍ୟ ଲଢୁଆ ଖେଳ ପ୍ରଦର୍ଶନ କରିଥିଲା ଓ ଗୋଲ ପରିଶୋଧ କରିବାକୁ ପ୍ରୟାସ କରିଥିଲା। ଶେଷ ୧୫ ମିନିଟ୍‌ରେ ଭାରତ ଚାପ ପ୍ରୟୋଗ କରିବାରେ ସଫଳ ହୋଇଥିଲା ଓ ୫୧ତମ ମିନିଟ୍‌ରେ ଶେଷ ପେନାଲ୍ଟି କର୍ନର ପାଇଥିଲା। କିନ୍ତୁ ଅଭିଜ୍ଞ ଆର୍ଜେଣ୍ଟିନା ଗୋଲ କିପର ମାରିଆ ସୁକ୍କି ଗୁରଜିତଙ୍କ ପ୍ରୟାସକୁ ବିଫଳ କରାଇଥିଲେ। ମ୍ୟାଚ୍ ଶେଷ ହୋବାର ୧୭ ସେକେଣ୍ଡ ପୂର୍ବରୁ ନବନୀତ କୌରଙ୍କ ସୁନ୍ଦର ଶଟ୍‌କୁ ସୁକ୍କି ଅଟକାଇବାରେ ସଫଳ ହୋଇଥିଲେ। ବିପଜ୍ଜନକ ବଲ ପାଇଁ ଭାରତ ରେଫରାଲ ପାଇଁ ଅପିଲ କରିଥିଲେ ମଧ୍ୟ ଟିଭି ଅମ୍ପାୟର ଏହାକୁ ପ୍ରତ୍ୟାଖାନ କରିଥିଲେ।

୧୯୮୦ ମସ୍କୋ ଅଲିମ୍ପିକ୍ସରେ ଭାରତୀୟ ମହିଳା ଶ୍ରେଷ୍ଠ ପ୍ରଦର୍ଶନ କରି ଚତୁର୍ଥ ସ୍ଥାନରେ ରହିଥିଲା। ଅଲିମ୍ପିକ୍ସର ଏହି ସଂସ୍କରଣରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଅଲିମ୍ପିକ୍ସରେ ଭାରତୀୟ ମହିଳା ଦଳ ପଦାର୍ପଣ ମଧ୍ୟ କରିଥିଲା। ଏଥିରେ ମ୍ୟାଚ୍‌ଗୁଡିକ ରାଉଣ୍ଡ ରବିନ୍ ଫର୍ମାଟରେ ଖେଳାଯାଇଥିଲା ଓ ଶ୍ରେଷ୍ଠ ଦୁଇଟି ଦଳ ଫାଇନାଲରେ ପ୍ରବେଶ କରିଥିଲେ।

# ଲଭଲିନାଙ୍କୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

**ନୂଆଦିଲ୍ଲୀ, ୪।୮:** ଅଲିମ୍ପିକ୍ସରେ ବକ୍ସିଂରେ ବ୍ରୋଞ୍ଜ ପଦକ ହାସଲ କରିଥିବା ମହିଳା ବକ୍ସର ଲଭଲିନା ବୋରଗୋହେନ୍‌ଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୂୟସୀ ପ୍ରଶଂସା କରିଛନ୍ତି। ଲଭଲିନା ଦେଶ ପାଇଁ ଗୌରବ ଆଣିଦେଇଛନ୍ତି। ନିଜର କଠିନ ପରିଶ୍ରମ, ଅଧ୍ୟବସାୟ ବଳରେ ସେ ଅଲିମ୍ପିକ୍ସ ବକ୍ସିଂରେ ବ୍ରୋଞ୍ଜ ପଦକ ହାସଲ କରି ଦେଶକୁ ଗର୍ବିତ କରିଛନ୍ତି। ତାଙ୍କର ଏହି ସଫଳତା ଆଗାମୀ ପିଢିକୁ ପ୍ରେରଣା ଦେବ। ଖାସ୍ କରି ଯୁବ ମହିଳା ତାଙ୍କର ଏହି ସଫଳତାରେ ଅନୁପ୍ରାଣିତ ହୋଇ ବିଭିନ୍ନ ସମସ୍ୟା ତଥା ଚ୍ୟାଲେଞ୍ଜକୁ ସଫଳତାର ସାମ୍ନା କରିବା ସହ ନିଜର ସ୍ୱପ୍ନ ପୂରଣ କରିବେ ବୋଲି ରାଷ୍ଟ୍ରପତି ତାଙ୍କ ଟୁଇଟର ହ୍ୟାଣ୍ଡେଲରେ ଉଲ୍ଲେଖ କରିଛନ୍ତି। ଲଭଲିନା ଭଲ ଲଢେଇ କରିଛନ୍ତି। ତାଙ୍କର ଏହି ସଫଳତା କୋଟି କୋଟି ଭାରତୀୟଙ୍କୁ ଉତ୍ସାହିତ କରିବ। ତାଙ୍କର ଦୃଢ ଇଚ୍ଛାଶକ୍ତି ପ୍ରଶଂସନୀୟ। ବ୍ରୋଞ୍ଜ ପଦକ ଜିତିଥିବାରୁ ତାଙ୍କୁ ବହୁତ ବହୁତ ଅଭିନନ୍ଦନ। ଆଗାମୀ ପ୍ରତିଯୋଗିତାଗୁଡିକ ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି।

## ଗୁରୁବାର ଭାରତର କାର୍ଯ୍ୟସୂଚୀ (ଭାରତୀୟ ସମୟ ଅନୁସାରେ)

**ଆଥଲେଟିକ୍ସ:**
- ପୁରୁଷ ୨୦ କିଲୋମିଟର ଚାଲି-କେ.ଟି. ଇର୍ଫାନ, ରାହୁଲ ରୋହିଲା ଓ ସନ୍ଦୀପ କୁମାର, ସମୟ: ଅପରାହ୍ନ ୧ଟା

**ଗଲ୍ଫ:**
- ମହିଳା ବ୍ୟକ୍ତିଗତ ଷ୍ଟ୍ରୋକ୍ ପ୍ଲେ ରାଉଣ୍ଡ ୨- ଆଦିତୀ ଅଶୋକ ଓ ଦୀକ୍ଷା ଡାଗର, ସମୟ: ପ୍ରତ୍ୟୁଷ ୪ଟା।

**ହକି:**
- ପୁରୁଷ ବ୍ରୋଞ୍ଜ ପଦକ ମ୍ୟାଚ୍-ଭାରତ ବନାମ ଜର୍ମାନୀ, ସମୟ: ସକାଳ ୭ଟା।

**ରେସ୍‌ଲିଂ:**
- ମହିଳା ଫ୍ରିଷ୍ଟାଇଲ ୫୩ କେଜି-ଭିନେଶ ଫୋଗତ ବନାମ ସୋଫିଆ ମାଗ୍‌ଦାଲେନା ମ୍ୟାଟ୍‌ସନ (ସ୍ୱିଡେନ), ସମୟ: ସକାଳ ୮ଟା।
- ମହିଳା ଫ୍ରିଷ୍ଟାଇଲ୍ ୫୭କେଜି ରିପିଚେଜ୍ ରାଉଣ୍ଡ; ଦ୍ୱିତୀୟ ବାଉଟ୍-ଅଂଶୁମଲିକ ବନାମ ଭାଲେରିଆ କୋବ୍‌ଲୋଭା (ଆର୍‌ଓସି) ସକାଳ ୭ଟା ୩୦ ପରେ ଆରମ୍ଭ।
- ପୁରୁଷ ଫ୍ରିଷ୍ଟାଇଲ ୫୭ କେଜି ଫାଇନାଲ; ୯ମ ବାଉଟ ପରେ-ରବି ଦହିୟା ବନାମ ଜାଭୁର ଉଗୁଏଭ୍ (ରଷିଆନ ଅଲିମ୍ପିକ କମିଟି), ସମୟ: ଅପରାହ୍ନ ୨ଟା ୪୫ ମିନିଟ୍ ପରେ ଆରମ୍ଭ
- ପୁରୁଷ ଫ୍ରିଷ୍ଟାଇଲ ବ୍ରୋଞ୍ଜ ପଦକ ମ୍ୟାଚ; ୧୧ତମ ବାଉଟ୍ ପରେ, ଦୀପକ ପୁନିଆ, ସମୟ ଅପରାହ୍ନ ୨ଟା ୪୫ପରେ ଆରମ୍ଭ।

# ମହିଳା ବକ୍ସିଂ: ଲଭଲିନାଙ୍କୁ ବ୍ରୋଞ୍ଜ

**ଟୋକିଓ, ୪।୮ (ପି.ଟି.):** ନିଜ ପ୍ରଥମ ଅଲିମ୍ପିକ୍ସରେ ଭାରତୀୟ ମହିଳା ବକ୍ସର ଲଭଲିନା ବୋରଗୋହେନ ବ୍ରୋଞ୍ଜ ପଦକ ଜିତିଛନ୍ତି। ବୁଧବାର ଅନୁଷ୍ଠିତ ୬୯ କେଜି ବିଭାଗ ସେମିଫାଇନାଲରେ ସେ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ବୁସେନାଜ ସୁର୍ମେନେଲିଙ୍କଠାରୁ ୦-୫ରେ ପରାଜିତ ହୋଇଛନ୍ତି। ଏଥିସହ ଚଳିତ ଅଲିମ୍ପିକ୍ସରେ ଭାରତର ବକ୍ସିଂ ଅଭିଯାନ ଶେଷ ହୋଇଛି। ସ୍ୱର୍ଣ୍ଣ ପଦକ ପାଇଁ ଦାବିଦାର ତୁର୍କୀର ସୁର୍ମେନେଲିଙ୍କ ସମକକ୍ଷ ଲଢ଼େଇ କରିପାରି ନ ଥିଲେ ଲଭଲିନା। ତିନୋଟି ଯାକ ରାଉଣ୍ଡରେ ତୁର୍କୀ ବକ୍ସର ପ୍ରାଧାନ୍ୟ ବିସ୍ତାର କରିଥିଲେ। ଆସାମର ବୋରଗୋହେନ ଦ୍ୱିତୀୟ ରାଉଣ୍ଡରେ ରେଫରିଙ୍କ ଏକାଧିକ ଚେତାବନୀ ସତ୍ତ୍ୱେ ଏଥିପ୍ରତି ଧ୍ୟାନ ଦେଇ ନ ଥିବାରୁ ଏକ ପଏଣ୍ଟ ହରାଇଥିଲେ। ''ମୁଁ ଯୋଜନା ଅନୁସାରେ ଲଢ଼େଇ କରିପାରି ନ ଥିଲି। ମୁଁ ଏହାଠାରୁ ଭଲ ପ୍ରଦର୍ଶନ କରି ପାରିଥାନ୍ତି'' ବୋଲି ନିଜ ପ୍ରତିକ୍ରିୟାରେ ସେ ପ୍ରକାଶ କରିଛନ୍ତି। ୨୩ ବର୍ଷୀୟ ସୁର୍ମେନେଲି ଚଳିତ ବର୍ଷ ଅନ୍ତର୍ଜାତୀୟ ସ୍ତରରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭାରତର ତୃତୀୟ ତଥା ଦ୍ୱିତୀୟ ମହିଳା ବକ୍ସରଭାବେ ଲଭଲିନା ଅଲିମ୍ପିକ୍ସରେ ପୋଡିୟମ ଫିନିଶ୍ କରିଛନ୍ତି। ପୂର୍ବରୁ ବିଜେନ୍ଦର ସିଂ ୨୦୦୮ ଓ ଏମ୍.ସି. ମେରିକମ୍ ୨୦୧୨ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ପାଇଥିଲେ। ୯ ବର୍ଷ ବ୍ୟବଧାନରେ ଭାରତ ପାଇଁ ବକ୍ସିଂ ଇଭେଣ୍ଟରୁ ପଦକ ଆଣିଛନ୍ତି ଲଭଲିନା।

ଚଳିତ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ଦଳର ଅଭିଯାନ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ଶେଷ ହୋଇ ଯାଇଥିଲା। ସତୀଶ କୁମାର (୯୧ କେଜିରୁ ଉର୍ଦ୍ଧ୍ୱ) ବିଶ୍ୱ ଚାମ୍ପିୟନ ବାକୋହୋଦିର ଜାଲୋଲୋଭଙ୍କଠାରୁ କ୍ୱାର୍ଟର ଫାଇନାଲରେ ହାରି ଥିବାବେଳେ ଅନ୍ୟ ୪ ବକ୍ସର ପ୍ରଥମ ରାଉଣ୍ଡରୁ ହିଁ ବିଦାୟ ନେଇଥିଲେ। ମହିଳାଙ୍କ ମଧ୍ୟରେ ୬ ଥର ବିଶ୍ୱ ଚାମ୍ପିୟନ ଏମ.ସି. ମେରୀକମ୍ (୫୧ କେଜି) ପ୍ରି-କ୍ୱାର୍ଟର ଫାଇନାଲରେ ଏବଂ ପୂଜା ରାଣୀ (୭୫ କେଜି) କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଥିଲେ।





ମହିଳା ବକ୍ସିଂ ସେମିଫାଇନାଲ ଅବସରରେ ଭାରତର ଲଭଲିନା ବୋରଗୋହେନ (ଡାହାଣ)।





## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୩୨ | ୨୨ | ୧୬ | ୭୦ |
| ଆମେରିକା | ୨୫ | ୩୧ | ୨୩ | ୭୯ |
| ଜାପାନ | ୨୧ | ୭ | ୧୨ | ୪୦ |
| ଗ୍ରେଟ ବ୍ରିଟେନ | ୧୫ | ୧୮ | ୧୫ | ୪୮ |
| ଅଷ୍ଟ୍ରେଲିଆ | ୧୫ | ୪ | ୧୭ | ୩୬ |
| ଆରଓସି | ୧୪ | ୨୧ | ୧୮ | ୫୩ |
| ଜର୍ମାନୀ | ୮ | ୮ | ୧୬ | ୩୨ |
| ଫ୍ରାନ୍ସ | ୬ | ୧୦ | ୯ | ୨୫ |
| ଇଟାଲୀ | ୬ | ୯ | ୧୫ | ୩୦ |
| ନେଦରଲାଣ୍ଡ୍ସ | ୬ | ୮ | ୯ | ୨୩ |
| ଦକ୍ଷିଣ କୋରିଆ | ୬ | ୪ | ୯ | ୧୯ |
| ନ୍ୟୁଜିଲାଣ୍ଡ | ୬ | ୪ | ୫ | ୧୫ |
| କ୍ୟୁବା | ୫ | ୩ | ୪ | ୧୨ |
| ହଙ୍ଗେରି | ୪ | ୫ | ୩ | ୧୨ |
| କାନାଡ଼ା | ୪ | ୪ | ୭ | ୧୫ |
| ବ୍ରାଜିଲ | ୪ | ୩ | ୮ | ୧୫ |
| ଚେକ୍ ରିପବ୍ଲିକ୍ | ୪ | ୩ | ୧ | ୮ |
| ସୁଇଜରଲାଣ୍ଡ | ୩ | ୪ | ୫ | ୧୨ |
| ପୋଲାଣ୍ଡ | ୩ | ୩ | ୪ | ୧୦ |
| କ୍ରୋଏସିଆ | ୩ | ୩ | ୨ | ୮ |
| ସୁଇଡେନ | ୨ | ୫ | ୦ | ୭ |
| ଚାଇନିଜ୍ ତାଇପେ | ୨ | ୪ | ୫ | ୧୧ |
| ଜର୍ଜିଆ | ୨ | ୪ | ୧ | ୭ |
| ଡେନମାର୍କ | ୨ | ୨ | ୩ | ୭ |
| ନରୱେ | ୨ | ୨ | ୧ | ୫ |
| ଜାମାଇକା | ୨ | ୧ | ୨ | ୫ |
| ଇରାନ | ୨ | ୧ | ୧ | ୪ |
| ସ୍ଲୋଭେନିଆ | ୨ | ୧ | ୧ | ୪ |
| ଇକ୍ୱେଡର | ୨ | ୧ | ୦ | ୩ |
| ଗ୍ରୀସ୍ | ୨ | ୦ | ୧ | ୩ |
| ଉଜ୍‌ବେକିସ୍ତାନ | ୨ | ୦ | ୧ | ୩ |
| କୋସୋଭୋ | ୨ | ୦ | ୦ | ୨ |
| କାତାର | ୨ | ୦ | ୦ | ୨ |
| ସ୍ପେନ | ୧ | ୪ | ୫ | ୧୦ |
| ରୋମାନିଆ | ୧ | ୩ | ୦ | ୪ |
| ଭେନଜୁଏଲା | ୧ | ୩ | ୦ | ୪ |
| ୟୁକ୍ରେନ | ୧ | ୨ | ୮ | ୧୧ |
| କେନିୟା | ୧ | ୨ | ୨ | ୫ |
| ହଂକଂ | ୧ | ୨ | ୦ | ୩ |
| ଦକ୍ଷିଣ ଆଫ୍ରିକା | ୧ | ୨ | ୦ | ୩ |
| ସ୍ଲୋଭାକିଆ | ୧ | ୨ | ୦ | ୩ |
| ସର୍ବିଆ | ୧ | ୧ | ୪ | ୬ |
| ଅଷ୍ଟ୍ରିଆ | ୧ | ୧ | ୩ | ୫ |
| ଇଣ୍ଡୋନେସିଆ | ୧ | ୧ | ୩ | ୫ |
| ବେଲଜିୟମ | ୧ | ୧ | ୧ | ୩ |
| ଇଥିଓପିଆ | ୧ | ୧ | ୧ | ୩ |
| ଉଗାଣ୍ଡା | ୧ | ୧ | ୧ | ୩ |
| ଫିଲିପାଇନ୍ସ | ୧ | ୧ | ୦ | ୨ |
| ଟ୍ୟୁନିସିଆ | ୧ | ୧ | ୦ | ୨ |
| ତୁର୍କୀ | ୧ | ୦ | ୫ | ୬ |
| ଆୟର୍ଲାଣ୍ଡ | ୧ | ୦ | ୨ | ୩ |
| ଇସ୍ରାଏଲ | ୧ | ୦ | ୨ | ୩ |
| ବେଲାରୁଷ | ୧ | ୦ | ୧ | ୨ |
| ଇସ୍ତୋନିଆ | ୧ | ୦ | ୧ | ୨ |
| ଫିଜି | ୧ | ୦ | ୧ | ୨ |
| ଲାଟିଭିଆ | ୧ | ୦ | ୧ | ୨ |
| ବର୍ମୁଡା | ୧ | ୦ | ୦ | ୧ |
| ମରକ୍କୋ | ୧ | ୦ | ୦ | ୧ |
| ପୁଏର୍ତୋ ରିକୋ | ୧ | ୦ | ୦ | ୧ |
| ଥାଇଲାଣ୍ଡ | ୧ | ୦ | ୦ | ୧ |
| ଆର୍ମେନିଆ | ୦ | ୨ | ୧ | ୩ |
| କଲମ୍ବିଆ | ୦ | ୨ | ୧ | ୩ |
| ଡୋମିନିକାନ ରିପବ୍ଲିକ | ୦ | ୨ | ୧ | ୩ |
| କିର୍ଗିଜସ୍ତାନ | ୦ | ୨ | ୧ | ୩ |
| **ଭାରତ** | **୦** | **୧** | **୨** | **୩** |
| ମଙ୍ଗୋଲିଆ | ୦ | ୧ | ୨ | ୩ |
| ପର୍ତ୍ତୁଗାଲ | ୦ | ୧ | ୨ | ୩ |
| ବୁଲଗେରିଆ | ୦ | ୧ | ୧ | ୨ |
| ନାଇଜେରିଆ | ୦ | ୧ | ୧ | ୨ |
| ସାନ୍ ମାରିନୋ | ୦ | ୧ | ୧ | ୨ |
| ଜୋର୍ଡାନ | ୦ | ୧ | ୦ | ୧ |
| ନର୍ଥ ମାସେଡୋନିଆ | ୦ | ୧ | ୦ | ୧ |
| ନାମ୍ବିଆ | ୦ | ୧ | ୦ | ୧ |
| ତୁର୍କମେନିସ୍ତାନ | ୦ | ୧ | ୦ | ୧ |
| କାଜାଖସ୍ତାନ | ୦ | ୦ | ୪ | ୪ |
| ଆଜରବୈଜାନ | ୦ | ୦ | ୩ | ୩ |
| ଇଜିପ୍ଟ | ୦ | ୦ | ୩ | ୩ |
| ମେକ୍ସିକୋ | ୦ | ୦ | ୩ | ୩ |
| ଆର୍ଜେଣ୍ଟିନା | ୦ | ୦ | ୧ | ୧ |
| ଆଇଭରି କୋଷ୍ଟ | ୦ | ୦ | ୧ | ୧ |
| ଫିନ୍‌ଲାଣ୍ଡ | ୦ | ୦ | ୧ | ୧ |
| ଘାନା | ୦ | ୦ | ୧ | ୧ |
| କୁଏତ | ୦ | ୦ | ୧ | ୧ |
| ମାଲେସିଆ | ୦ | ୦ | ୧ | ୧ |
| ସିରିୟା | ୦ | ୦ | ୧ | ୧ |

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଗୁରୁବାର, ଅଗଷ୍ଟ ୫/୨୦୨୧ Rayagada, Thursday, August 5/ 2021

# ଜାଭେଲିନ ଥ୍ରୋ ଫାଇନାଲରେ ନୀରଜ

**ଟୋକିଓ, ୪।୮ (ପି.ଟି.)**

ଭାରତର ନୀରଜ ଚୋପ୍ରା ଟୋକିଓ ଅଲିମ୍ପିକ୍ସ ପୁରୁଷ ଜାଭେଲିନ୍ ଥ୍ରୋ ଫାଇନାଲ୍ସରେ ପ୍ରବେଶ କରିଛନ୍ତି। ପଦକ ଦାବିଦାର ନୀରଜ ମଙ୍ଗଳବାର ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ଉଦ୍ୟମରେ ୮୬.୬୫ ମିଟର ଥ୍ରୋ କରି ଫାଇନାଲ୍ସ ପାଇଁ ସ୍ଥାନ ପକ୍କା କରି ନେଇଥିଲେ। ଭାରତର ପ୍ରଥମ ଜାଭେଲିନ ଥ୍ରୋୟର ଭାବେ ସେ ଏହି ସଫଳତା ପାଇଛନ୍ତି। ଫାଇନାଲ୍ସରେ ପ୍ରବେଶ ପାଇଁ ୮୩.୫୦ ମିଟର ଥ୍ରୋକୁ ମାପଦଣ୍ଡଭାବେ ଧରା ଯାଇଥିଲା। ୨୩ ବର୍ଷୀୟ ନୀରଜ ଏହାକୁ ପ୍ରଥମ ଉଦ୍ୟମରେ ହିଁ ପାର କରି ଦେଇଥିଲେ। ନୀରଜଙ୍କ ଗ୍ରୁପ୍ 'ଏ'ରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଜର୍ମାନୀର ଜୋହାନ୍ସ ଭେଟେର ୮୫.୬୪

**ଟୋକିଓ ଅଲିମ୍ପିକ୍ସ**

ଏବଂ ଫିନ୍‌ଲାଣ୍ଡର ଲାସି ଇଟେଲାଟାଲୋ ୮୪.୫୦ ମିଟର ଥ୍ରୋ କରି ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିବା ସହ ଫାଇନାଲ୍ସରେ ପହଞ୍ଚିଛନ୍ତି। ଯୋଗ୍ୟତା ପର୍ଯ୍ୟାୟର ଗ୍ରୁପ୍ 'ବି'ରେ ପାକିସ୍ତାନର ନଦୀମ ଅର୍ଶାଦ ୮୫.୧୬, ଚେକ୍ ରିପବ୍ଲିକର ଜାକୁବ ଭାଡଲେଚ୍ ୮୪.୯୩ ଓ ଜର୍ମାନୀର ଜୁଲିଆନ ୱେବର ୮୪.୪୧ ମିଟର ଥ୍ରୋ କରି ପ୍ରଥମ ୩ ସ୍ଥାନରେ ରହିବା ସହ ସିଧାସଳଖ ଯୋଗ୍ୟତା ପାଇଥିଲେ। ଏହି ଗ୍ରୁପ୍‌ରେ ଭାଗ୍ୟ ପରୀକ୍ଷା କରିଥିବା ଭାରତର ଶିବପାଲ ସିଂ କିନ୍ତୁ ଫାଇନାଲ୍ସ ପ୍ରବେଶରେ ବିଫଳ ହୋଇଥିଲେ। ସେ ୭୬.୪୦ ମିଟର ଥ୍ରୋ କରି ୧୬ ପ୍ରତିଯୋଗୀଙ୍କ ମଧ୍ୟରେ ୧୨ତମ ସ୍ଥାନରେ ରହିଥିଲେ।

ଜାଭେଲିନ ଥ୍ରୋ ଯୋଗ୍ୟତା ପର୍ଯ୍ୟାୟ ଆରମ୍ଭର ଅଳ୍ପ କିଛି ସମୟ ମଧ୍ୟରେ ନୀରଜ ଫାଇନାଲ୍ସରେ ପ୍ରବେଶ ସ୍ପଷ୍ଟ କରି ନେଇଥିଲେ। ସେ କେବଳ ନିଜ ଗ୍ରୁପରେ ନୁହେଁ ଯୋଗ୍ୟତା ଅର୍ଜନ କରିଥିବା ସବୁ ପ୍ରତିଯୋଗୀଙ୍କ ମଧ୍ୟରେ ଶୀର୍ଷରେ ରହିଥିଲେ। ହରିୟାଣାର ପାନିପଥ ନିକଟ ଖଣ୍ଡ୍ରା ଗ୍ରାମର ଜଣେ କୃଷକଙ୍କ ପୁତ୍ର ନୀରଜ ଏବେ ଭାରତ ପାଇଁ ଅଲିମ୍ପିକ୍ସରେ ଇତିହାସ ରଚିବାର ଦ୍ୱାରରେ ପହଞ୍ଚି ଯାଇଛନ୍ତି। ''ଏହା ମୋର ପ୍ରଥମ ଅଲିମ୍ପିକ୍ସ ହୋଇଥିବାରୁ ବହୁତ ଖୁସି ଲାଗୁଛି। ମୋର ୱାର୍ମଅପ୍ ଭଲ ନ ଥିଲା। ମାତ୍ର ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ମୋର ପ୍ରଥମ ଥ୍ରୋ ପରଫେକ୍ଟ ଥିଲା'' ବୋଲି ନୀରଜ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଫାଇନାଲ୍ସ ଭିନ୍ନ ଧରଣର ପ୍ରତିଦ୍ୱନ୍ଦ୍ୱିତା। ମୁଁ ଆଗାମୀ ବଡ଼ ମୁକାବିଲା ଉପରେ ଫୋକସ କରୁଛି। ସେଠାରେ ଏହି ପ୍ରଦର୍ଶନକୁ ଦୋହରାଇବାକୁ ଚେଷ୍ଟା କରିବି ବୋଲି ଏହି ଯୁବ ଆଥ୍‌ଲେଟ କହିଛନ୍ତି। ଚଳିତ ବର୍ଷ ୮୮.୦୭ ମିଟର ଥ୍ରୋ କରି ସେ ଅଲିମ୍ପିକ୍ସ ଯୋଗ୍ୟତା ପାଇଥିଲେ। ଯୋଗ୍ୟତା ପର୍ଯ୍ୟାୟରେ ନୀରଜ ୨୦୧୭ ବିଶ୍ୱ ଚାମ୍ପିୟନ ତଥା ଗୋଲ୍ଡ ମେଡାଲ ଫେଭରାଇଟ ଜର୍ମାନୀର ଜୋହନ୍ସ ଭେଟେରଙ୍କୁ ପଛରେ ପକାଇ ଦେଇଥିଲେ। ଅଲିମ୍ପିକ୍ସରେ ନୀରଜଙ୍କ ସହ ମୁକାବିଲା ସହଜ ହେବନି ବୋଲି ଭେଟେର ପୂର୍ବାନୁମାନ କରିଥିଲେ। ସେ ପ୍ରଥମ ଦୁଇ ଉଦ୍ୟମରେ ସଂଘର୍ଷ କରିଥିବାବେଳେ ତୃତୀୟ ଉଦ୍ୟମରେ ଫାଇନାଲ୍ସ ଯୋଗ୍ୟତା ମାର୍କ ଅତିକ୍ରମ କରିଥିଲେ। ୨୮ ବର୍ଷୀୟ ଏହି ଜର୍ମାନୀ ଆଥ୍‌ଲେଟ ଗତ ଏପ୍ରିଲରୁ ଜୁନ୍ ମଧ୍ୟରେ ୭ ଥର ୯୦ ମିଟରରୁ ଊର୍ଦ୍ଧ୍ୱ ଥ୍ରୋ କରି ସାରିଛନ୍ତି। ୨୦୧୮ ଏସିଆନ ଗେମ୍ସରେ ନୀରଜ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ବ୍ରୋଞ୍ଜ ବିଜେତା ପାକିସ୍ତାନର ଅର୍ଶଦ ନଦୀମ (୮୫.୧୬ ମିଟର) ଗ୍ରୁପ୍ 'ବି'ରେ ଶୀର୍ଷସ୍ଥାନ ଅଧିକାର କରି ଫାଇନାଲ୍ସରେ ପ୍ରବେଶ କରିଛନ୍ତି। ସେ ଓଭରଅଲ୍ ନୀରଜ ଓ ଭେଟେରଙ୍କ ପଛକୁ ତୃତୀୟ ସ୍ଥାନରେ ଅଛନ୍ତି।

ନିୟମ ଅନୁସାରେ ୧୨ ଜଣ ପ୍ରତିଯୋଗୀ ଫାଇନାଲ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ତେଣୁ ସିଧାସଳଖ ଯୋଗ୍ୟତା ମାନଦଣ୍ଡ (୮୩.୫୦ ମିଟର) ସ୍ପର୍ଶ କରିଥିବା ୬ ଥ୍ରୋୟରଙ୍କ ପରେ ଅବଶିଷ୍ଟ ଶ୍ରେଷ୍ଠ ୬ ପ୍ରଦର୍ଶନକାରୀ ଫାଇନାଲ୍ସରେ ଅବତୀର୍ଣ୍ଣ ହେବେ। ବିଶ୍ୱର କେତେଜଣ ଶ୍ରେଷ୍ଠ ଜାଭେଲିନ ଥ୍ରୋୟର ଏଥର ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଛନ୍ତି। ସେମାନେ ହେଲେ ପୋଲାଣ୍ଡର ମାର୍ସିନ କ୍ରୁକୋୱସ୍କି, ୨୦୧୨ ଅଲିମ୍ପିକ୍ସ ଚାମ୍ପିୟନ ଏବଂ ରିଓ ଗେମ୍ସ ବ୍ରୋଞ୍ଜ ମେଡାଲିଷ୍ଟ ତ୍ରିନିଦାଦ ଆଣ୍ଡ ଟବାଗୋର କେଶୋର୍ନ ୱାଲକଟ, ଲାଟିଭିଆର ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ଗାଟିସ କାକ୍ସ ଏବଂ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଗ୍ରେନାଡାର ଆଣ୍ଡରସନ ପିଟର୍ସ।

୮୬.୬୫ ମିଟର ନୀରଜଙ୍କ ୭ମ ଏବଂ ଚଳିତ ସିଜନର ୩ୟ ଶ୍ରେଷ୍ଠ ପ୍ରଦର୍ଶନ। ପୂର୍ବରୁ ତାଙ୍କର ଶ୍ରେଷ୍ଠ ୬ ଥ୍ରୋ ହେଲା ୮୮.୦୭(୨୦୨୧ ମାର୍ଚ୍ଚ, ଇଣ୍ଡିଆନ ଗ୍ରାଁ ପ୍ରି-୩), ୮୮.୦୬ (୨୦୧୮ ଏସିଆନ ଗେମ୍ସ), ୮୭.୮୭ (ଜାନୁୟାରୀ ୨୦୨୦ରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଏସିଏନ୍‌ଡବ୍ଲ୍ୟୁ ମିଟ୍), ୮୭.୮୦(ମାର୍ଚ୍ଚ ୨୦୨୧ ଫେଡେରେଶନ କପ୍), ୮୭.୪୩(ମେ ୨୦୧୮ ଡୋହା ଡାଇମଣ୍ଡ ଲିଗ୍) ଏବଂ ୮୬.୭୯ ମିଟର(ଜୁନ ୨୦୨୧ କୌର୍ତାନେ ଗେମ୍ସ, ଫିନ୍‌ଲାଣ୍ଡ)। ୨୬ ବର୍ଷୀୟ ଶିବପାଲଙ୍କର ସିଜନ ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ୮୧.୬୩ ମିଟର ଏବଂ ବ୍ୟକ୍ତିଗତ ଶ୍ରେଷ୍ଠ ୮୬.୨୩ ମିଟର(୨୦୧୯)। ମାତ୍ର ଏଠାରେ ସେ ୩ ଉଦ୍ୟମରେ ଯଥାକ୍ରମେ ୭୬.୪୦, ୭୪.୮୦ ଓ ୭୪.୮୧ ମିଟର ଥ୍ରୋ କରି ପାରିଥିଲେ।



ବୁଧବାର ଜାଭେଲିନ୍ ଥ୍ରୋ ଅବସରରେ ଭାରତର ନୀରଜ ଚୋପ୍ରା।



ସିଡ୍‌ନୀ ମ୍ୟାକ୍‌ଲାଫଲିନ୍

## ମ୍ୟାକ୍‌ଲାଫଲିନ୍‌ଙ୍କ ବିଶ୍ୱ ରେକର୍ଡ

**ଟୋକିଓ, ୪।୮ (ଏପି):** ଆମେରିକାର ସିଡ୍‌ନୀ ମ୍ୟାକ୍‌ଲାଫଲିନ୍ ୫୧.୪୬ ସେକେଣ୍ଡ ଟାଇମିଂ ସହ ଅଲିମ୍ପିକ ମହିଳା ୪୦୦ ମିଟର ହର୍ଡଲ୍ସ ଜିତି ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବ ବିଶ୍ୱ ରେକର୍ଡ ମଧ୍ୟ ମ୍ୟାକ୍‌ଲାଫଲିନ୍‌ଙ୍କ ନାମରେ ରହିଥିଲା। ଗତ ଜୁନ୍‌ରେ ୫୧.୯୦ ସେକେଣ୍ଡ ଟାଇମିଂରେ ସେ ଏହି ସଫଳତା ହାସଲ କରିଥିଲେ। ଆମେରିକାର ଅନ୍ୟ ଜଣେ ଦାଲିଲା ମହମ୍ମଦ (୫୧.୫୮)ରୌପ୍ୟ ପଦକ ଲାଭ କରିଛନ୍ତି। ମହମ୍ମଦ ୨୦୧୯ରେ ଦୁଇଥର ବିଶ୍ୱରେକର୍ଡ ପ୍ରତିଷ୍ଠା କରିଥିଲେ। ସେହିବର୍ଷ ସେ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପାଇଥିଲେ। ନେଦରଲାଣ୍ଡ୍ସର ଫେମ୍‌କି ବୋଲ୍ (୫୨.୦୩) ବ୍ରୋଞ୍ଜ ହାସଲ କରିଥିଲେ।






ଟୋକିଓ ଅଲିମ୍ପିକ୍ସର ସନ୍ତରଣ ଡୁଏଟ ଫ୍ରି ରୁଟିନ ଫାଇନାଲ ଅବସରରେ ରୁଷିଆ ଅଲିମ୍ପିକ୍ କମିଟିର ସ୍ୱେତଲାନା କୋଲେସନିଚେଙ୍କୋ ଓ ସ୍ୱେତଲାନା ରୋମାଶିନା।

## ବ୍ରୋଞ୍ଜ ପାଇଁ ଲଢ଼ିବେ ଦୀପକ

**ଚିବା (ଜାପାନ), ୪।୮(ପି.ଟି.)**

ଭାରତୀୟ ରେସଲର ଦୀପକ ପୁନିଆ ଟୋକିଓ ଅଲିମ୍ପିକ୍ସର ୮୬ କେଜି ସେମିଫାଇନାଲରେ ଆମେରିକାର ଡେଭିଡ ମୋରିସ ଟେଲରଙ୍କଠାରୁ ହାରି ଯାଇଛନ୍ତି। ଫଳରେ ସେ ବ୍ରୋଞ୍ଜ ପଦକ ପାଇଁ ଲଢ଼ିବେ। ୨୦୧୮ ବିଶ୍ୱ ଚାମ୍ପିୟନ ଏବଂ ବର୍ତ୍ତମାନର ପାନ୍-ଆମେରିକାନ ଚାମ୍ପିୟନ ଆମେରିକୀୟ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଲଢ଼େଇ କରିଥିଲେ ହେଁ ଦୀପକ ହାରି ଯାଇଥିଲେ। ଦୀପକ କାଉଣ୍ଟର ଆଟାକ୍ ପାଇଁ ବହୁ ଉଦ୍ୟମ କରିଥିଲେ ହେଁ ଟେଲର ସୁଯୋଗ ଦେଇ ନ ଥିଲେ। ୨୨ ବର୍ଷୀୟ ଦୀପକ ପୂର୍ବରୁ ଆଫ୍ରିକାନ୍ ଚାମ୍ପିୟନଶିପ୍ ବ୍ରୋଞ୍ଜ ମେଡାଲିଷ୍ଟ ନାଇଜେରିଆର ଏକେରେକେମେ ଆଗିଓମୋର ଏବଂ କ୍ୱାର୍ଟର ଫାଇନାଲରେ ଚାଇନାର ଜୁଶେନ ଲିନ୍‌ଙ୍କୁ ପରାସ୍ତ କରିଥିଲେ।

**ରିପଚେଜ୍ ରାଉଣ୍ଡରେ ଅନୁ**

ଭାରତୀୟ ମହିଳା ରେସଲର ଅନୁ ମଲିକ ୫୭ କେଜି ଫ୍ରିଷ୍ଟାଇଲ ବିଭାଗର ପ୍ରଥମ ମ୍ୟାଚରେ ୟୁରୋପିଆନ ଚାମ୍ପିୟନ ବେଲାରୁଷର ଇରିନା କୁରାଚିକିନାଙ୍କଠାରୁ ହାରି ଯାଇଥିଲେ। ତେବେ ଇରିନା ଫାଇନାଲରେ ପ୍ରବେଶ କରିଯାଇଥିବାରୁ ୧୯ ବର୍ଷୀୟ ଭାରତୀୟ ରେସଲରଙ୍କ ପାଇଁ ପଦକ ଆଶା ଉଜ୍ଜୀବିତ ରହିଛି। ଗୁରୁବାର ସେ ରିପଚେଜ୍ ରାଉଣ୍ଡରେ ରୁଷିଆ ଅଲିମ୍ପିକ୍ କମିଟି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଭାଲେରିଆ କୋବଲୋଭାଙ୍କ ସହ ଲଢ଼ିବେ। ଏଥିରେ ବିଜୟୀ ହେଲେ ବ୍ରୋଞ୍ଜ ପଦକ ପାଇଁ ଲଢ଼େଇ କରିପାରିବେ।

## ଭାରୋତ୍ତୋଳନରେ ତାଲାଖାଜେଙ୍କ ୩ ବିଶ୍ୱରେକର୍ଡ

**ଟୋକିଓ, ୪।୮(ଏପି):** ଟୋକିଓ ଅଲିମ୍ପିକ୍ସର ବୁଧବାର ଅନୁଷ୍ଠିତ ଭାରୋତ୍ତୋଳନ ଇଭେଣ୍ଟରେ ଜର୍ଜିଆର ଲାଶା ତାଲାକାଜେ ୩ ବିଶ୍ୱରେକର୍ଡର ଅଧିକାରୀ ହୋଇଛନ୍ତି। ସେ ସ୍ନାଚ୍‌ରେ ୨୨୩, କ୍ଲିନ ଆଣ୍ଡ ଜର୍କରେ ୨୬୫ ଏହିପରି ମୋଟ ୪୮୮ କେଜି ଭାରୋତ୍ତୋଳନ କରିଥିଲେ। ପୁରୁଷ ୧୦୯ କେଜିରୁ ଊର୍ଦ୍ଧ୍ୱ ବିଭାଗରେ ଏହି ତିନୋଟି ଯାକ ଓଜନ ବିଶ୍ୱରେକର୍ଡ।

## ଭାରତ-ପାକିସ୍ତାନ ମ୍ୟାଚ ଅକ୍ଟୋବର ୨୪ରେ

**ନୂଆଦିଲ୍ଲୀ, ୪।୮ (ପି.ଟି.):** ଆସନ୍ତା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହାଇପ୍ରୋଫାଇଲ ମ୍ୟାଚ ଅକ୍ଟୋବର ୨୪ ରବିବାର ଖେଳାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆସନ୍ତା କିଛି ଦିନ ମଧ୍ୟରେ ବିଧିବଦ୍ଧ କାର୍ଯ୍ୟସୂଚୀ ପ୍ରକାଶ କରିବ। ଖବର ଅନୁସାରେ କ୍ୱାଲିଫାଇଂ ମ୍ୟାଚଗୁଡ଼ିକ ଅକ୍ଟୋବର ୧୭ରୁ ଓମାନର ମସ୍କଟରେ ହେବ। ଭାରତ ଓ ପାକିସ୍ତାନ ଗ୍ରୁପ୍ ୨ରେ ସ୍ଥାନ ପାଇଛନ୍ତି। ଏହି ଗ୍ରୁପ୍‌ରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ବିଜେତା ନ୍ୟୁଜିଲାଣ୍ଡ ଓ ଆଫଗାନିସ୍ତାନ ମଧ୍ୟ ରହିଛନ୍ତି। ଗ୍ରୁପ୍ ୧ରେ ଗତଥରର ଚାମ୍ପିୟନ ୱେଷ୍ଟଇଣ୍ଡିଜ, ପୂର୍ବତନ ବିଜେତା ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ରହିଛନ୍ତି। ୨୦୨୧ ମାର୍ଚ୍ଚ ୨୦ ସୁଦ୍ଧା ଟିମ୍ ର୍ୟାଙ୍କିଙ୍ଗକୁ ଭିତ୍ତି କରି ସୁପର ୧୨ ପାଇଁ ଏହି ଗ୍ରୁପ ପ୍ରସ୍ତୁତ କରାଯାଇଛି। ବିଶ୍ୱକପ୍ ଦୁଇ ରାଉଣ୍ଡ ବିଶିଷ୍ଟ ହେବ। ପ୍ରଥମ ରାଉଣ୍ଡ ୮ ନିମ୍ନ ର୍ୟାଙ୍କିଙ୍ଗପ୍ରାପ୍ତ ଦଳକୁ ନେଇ ହେବ। ଏହି ୮ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି।

# ଇଂଲଣ୍ଡ ୧୮୩ରେ ଅଲଆଉଟ



ଉଇକେଟ ନେବା ପରେ ଯଶପ୍ରୀତ୍ ବୁମ୍‌ରା।

**ନଟିଂହାମ,୪।୮**

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଓ ଘରୋଇ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ବୁଧବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ଟ୍ରେଣ୍ଟ ବ୍ରିଜ୍ ଗ୍ରାଉଣ୍ଡରେ ଟସ୍ ଜିତି ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ତାଙ୍କର ଏହି ନିଷ୍ପତ୍ତି ଫଳପ୍ରଦ ହୋଇପାରି ନ ଥିଲା। ଭାରତୀୟ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ଇଂଲଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ୬୫.୪ ଓଭରରେ ୧୮୩ ରନ କରି ଅଲ୍‌ଆଉଟ ହୋଇଥିଲା।

**ପ୍ରଥମ ଟେଷ୍ଟ**

ଇଂଲଣ୍ଡ ବିନା ସ୍କୋରରେ ଓପନର ରୋରି ବର୍ନ୍ସଙ୍କୁ ହରାଇଥିଲା। ଖାତା ଖୋଲିବା ପୂର୍ବରୁ ବର୍ନ୍ସ ଯଶପ୍ରୀତ ବୁମ୍‌ରାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ୪ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲିପାରି ନ ଥିଲେ। ବର୍ନ୍ସଙ୍କ ସମେତ ଡାନ ଲରେନ୍ସ, ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋଶ ବଟଲର, ଓଲି ରବିନସନ ବିନା ସ୍କୋରରେ ଆଉଟ ହୋଇଥିଲେ। ଅଧିନାୟକ ଜୋ ରୁଟ୍ ସର୍ବାଧିକ ୬୪ ରନକରି ଶାର୍ଦ୍ଦୁଳ ଠାକୁରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନି ବେୟାରଷ୍ଟୋ ୨୯, ଜ୍ୟାକ କ୍ରଲି ୨୭, ଓପନର ଡମ ସିବ୍‌ଲି ୧୮, ଷ୍ଟୁଆର୍ଟ ବ୍ରଡ ୪ ରନକରି ଆଉଟ ହୋଇଥିବାବେଳେ ସାମ କୁରାନ ୨୭ ରନ କରି ଅପରାଜିତ ରହିଥିଲେ। ଚତୁର୍ଥ ଉଇକେଟରେ ବେୟାରଷ୍ଟୋ ଓ ରୁଟ୍‌ଙ୍କ ମଧ୍ୟରେ ୭୨ ରନର ପାର୍ଟନରଶିପ୍ ହୋଇଥିଲା। ବୋଲିଂରେ ଭାରତ ତରଫରୁ ବୁମ୍‌ରା ସର୍ବାଧିକ ୪, ସାମି ୩, ଠାକୁର ୨ ଓ ସିରାଜ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

ଭାରତ ୪ଜଣ ଦ୍ରୁତ ବୋଲରଙ୍କୁ ନେଇ ପଡିଆକୁ ଓହ୍ଲାଇଥିଲା। ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି ଓ ମହମ୍ମଦ ସିରାଜଙ୍କ ଭଳି ପେସର ଅନ୍ତିମ ଏକାଦଶରେ ସ୍ଥାନ ପାଇଛନ୍ତି। ସ୍ପିନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି। ଅନ୍ୟତମ ସ୍ପିନ ଅଲରାଉଣ୍ଡର ରବୀଚନ୍ଦ୍ରନ ଅଶ୍ୱିନ ଓ ଈଶାନ୍ତ ଶର୍ମା ଏହି ମ୍ୟାଚ୍‌ରେ ସାମିଲ ହୋଇନାହାନ୍ତି। ଇଞ୍ଜୁରି କାରଣରୁ ମୟଙ୍କ ଅଗ୍ରୱାଲ ଖେଳୁ ନ ଥିବାରୁ ରୋହିତ ଶର୍ମା ଓ ଲୋକେଶ ରାହୁଲ ଓପନିଂ କରିବେ ବୋଲି ଆଶା କରାଯାଉଛି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୬୫.୪ ଓଭରରେ ୧୮୩ ଅଲଆଉଟ୍ (ଜୋ ରୁଟ- ୬୪, ଜନି ବେୟାଷ୍ଟୋ- ୨୯, ଜ୍ୟାକ କ୍ରଲି- ୨୭, ଡମ୍ ସିବ୍‌ଲି- ୧୮, ସାମ କୁରାନ-୨୭* , ଯଶପ୍ରୀତ ବୁମ୍‌ରା- ୪/ ୪୬, ମହମ୍ମଦ ସାମି- ୩/ ୨୮, ଶାର୍ଦ୍ଦୁଳ ଠାକୁର- ୨/୪୧, ମହମ୍ମଦ ସିରାଜ- ୧/୪୮)।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ